DHARITRI
ବାଲେଶ୍ୱର, ଶନିବାର, ନଭେମ୍ବର ୯/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Balasore, Saturday, November 9/2019 | ★★★★
୪୫ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ଚିଙ୍କିଙ୍କୁ ଅଲିମ୍ପିକ ଯୋଗ୍ୟତା**

ଚିଙ୍କି ଯାଦବ ଭାରତର ୧୧ତମ ଶୁଟର ଭାବେ ମହିଳା ୨୫ ମିଟର ପିସ୍ତଲ ବିଭାଗରେ ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିଛନ୍ତି।

୧୫

୦୨

**ପ୍ରଥମ ବିବାହ ବାର୍ଷିକୀ ପାଇଁ ନିକ୍‌ଙ୍କ ସ୍ପେଶାଲ୍ ପ୍ଲାନ୍**


ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ନିକ୍ ଜୋନାସ୍ ଆସନ୍ତା ଡିସେମ୍ବରରେ ସେଲିବ୍ରେଟ୍ କରିବେ ପ୍ରଥମ ବିବାହ ବାର୍ଷିକୀ। ଏଥିପାଇଁ ଏକ ସ୍ପେଶାଲ୍ ପ୍ଲାନ୍ କରିଛନ୍ତି ନିକ୍।




# ବୁଲ୍‌ବୁଲ୍: ଛାରଖାର ହେବ ସୁନ୍ଦରବନ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ବୁଲବୁଲ୍' ଉଗ୍ରରୂପ ଧାରଣ କରିଛି। ଏହା ଅଧିକରୁ ଅଧିକ ବଳ ଗୋଟାଇ ଉତ୍ତର ଦିଗକୁ ମାଡ଼ି ଚାଲିଛି। ଘଣ୍ଟା ପ୍ରତି ଏହା ୧୭ କିମି ବେଗରେ ଗତି କରୁଛି। ଶନିବାର ମଧ୍ୟରାତ୍ରରେ ବୁଲ୍‌ବୁଲ୍ ପଶ୍ଚିମବଙ୍ଗର ସାଗରଦ୍ୱୀପ ଏବଂ ବାଂଲାଦେଶର ଖେପୁପଡ଼ା ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ସୁନ୍ଦରବନ ଉପର ଦେଇ ଯାଉଥିବାରୁ ଏହାକୁ ଛାରଖାର କରିଦେବ ବୋଲି ଆଶଙ୍କା କରାଯାଉଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବୁଲୁବୁଲ୍ ଦକ୍ଷିଣ-ଦକ୍ଷିଣ ପୂର୍ବ ପାରାଦୀପଠାରୁ ୨୬୦ କି.ମି. ଏବଂ ପଶ୍ଚିମବଙ୍ଗର ଦକ୍ଷିଣ-ଦକ୍ଷିଣ ପଶ୍ଚିମ ସାଗରଦ୍ୱୀପଠାରୁ ୫୧୦ କି.ମି. ଦୂରରେ ରହିଛି। ଏହା ଶନିବାର ସକାଳ ଯାଏ ଉତ୍ତର ଦିଗ ଦେଇ ଗତି କରିବ। ଏହାପରେ ଦିଗ ବଦଳାଇ ଉତ୍ତର ପୂର୍ବକୁ ଭୟଙ୍କର ବେଗରେ ଅତିକ୍ରମ କରିବ। ସ୍ଥଳଭାଗ ଛୁଇଁବା ବେଳେ ବାତ୍ୟାର



ବେଗ ଘଣ୍ଟା ପ୍ରତି ୧୪୦ରୁ ୧୫୦ କିଲୋମିଟର ଏବଂ ବେଳେ ବେଳେ ଏହା ୧୬୦ କି.ମି. ବେଗରେ ଝଟକା ଦେବ ବୋଲି ଅନୁମାନ କରାଯାଇଛି।

ଓଡ଼ିଶା ନିକଟ ଦେଇ ଗତି କରୁଥିବାରୁ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ୬୦ରୁ ୭୦ କିମି, ବେଳେବେଳେ ୯୦ କିମି ପର୍ଯ୍ୟନ୍ତ ପବନ ବହିବା ସମ୍ଭାବନା ରହିଛି। ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡୁ ନ ଥିଲେ ମଧ ୮ ତାରିଖ ରାତ୍ରିରୁ ୧୦ ତାରିଖ ସକାଳ ଯାଏ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଏନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ପବନ ମାଡ଼ରେ ଗଛ ଉପୁଡ଼ିବା, ଚାଳଘର ଭାଙ୍ଗିବା ସହ ବିଦ୍ୟୁତ୍, ଟେଲିଫୋନ ସେବା ପ୍ରଭାବିତ ହେବା ଆଶଙ୍କା ରହିଛି। ରାଜ୍ୟ ସରକାର ଉପକୂଳବର୍ତ୍ତୀ ଜିଲାର ଜିଲାପାଳମାନଙ୍କୁ ସମସ୍ତ ପ୍ରକାର ଆଗୁଆ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲୁଆ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ସହ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି।

- ଘଣ୍ଟାକୁ ୧୫୦ କି.ମି. ବେଗରେ ମାଡ଼ ହେବ
- ଶନିବାର ମଧ୍ୟରାତ୍ରରେ ସ୍ଥଳଭାଗ ଛୁଇଁବ
- ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା
- ଚାଳଘର, ଗଛ, ବିଦ୍ୟୁତ୍, ଟେଲିଫୋନ ସେବା ପ୍ରଭାବିତ ହେବା ଆଶଙ୍କା
- ୬ ଜିଲାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବାହିନୀ ମୁତୟନ
- ପ୍ରସ୍ତୁତି ନେଇ କ୍ୟାବିନେଟ୍ ସଚିବଙ୍କ ସହ ଏସ୍‌ଆର୍‌ସିଙ୍କ ଆଲୋଚନା

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ଜିଲାପାଳଙ୍କ ସହିତ ☞ପୃଷ୍ଠା-୪

# ଭାସି ଆସିଥିବା ୩୬ ବୋଟ ଧାମରା ମୁହାଣରେ ଲାଗିଲା

**ଅଶାନ୍ତ ସମୁଦ୍ର**

ଚାନ୍ଦବାଲି/ଭଦ୍ରକ ଅଫିସ,୮।୧୧(ଡି.ଏନ.ଏ.)

ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍ ଉଗ୍ରରୂପ ଧାରଣ କରିବା ପରେ ବାତ୍ୟା 'ବୁଲ୍‌ବୁଲ୍'ର ଗତି ବଢ଼ୁଥିବାରୁ ସମୁଦ୍ର ଅଶାନ୍ତ ରହିଛି। ଏଭଳି ସ୍ଥିତିରେ ସମୁଦ୍ରରେ ଦିଗହରା ହୋଇ ପଶ୍ଚିମବଙ୍ଗର ୩୬ଟି ମାଛଧରା ବୋଟ୍ ଶୁକ୍ରବାର ଅପରାହ୍ନରେ ଭଦ୍ରକ ଜିଲା ଧାମରା ମୁହାଣ ଅଞ୍ଚଳରେ ଲାଗିଛି। ସେଥିମଧ୍ୟରୁ ଧାମରା ମାଛଧରା ଜେଟିରେ ୧୧, ଚନ୍ଦନିପାଳରେ ୧୨, କାଳିନାଳିରେ ୬ ଓ ଧାମରା ବନ୍ଦର ପାଖରେ ୭ଟି ବୋଟ୍ ଲାଗିଛି। ଏଥିରେ ଥିବା ମତ୍ସ୍ୟଜୀବୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ବିଭିନ୍ନ ସ୍ଥାନରେ ଆଶ୍ରୟ ସ୍ଥଳୀରେ ରଖାଯାଇଛି। ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି ଓ ରାତି ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ଅପରାହ୍ନ ୫ଟା ସୁଦ୍ଧା ଏହିସବୁ ବୋଟ



ଧାମରାରେ ଲାଗିଥିବା ବୋଟ।

ମୁହାଣ ନିକଟରେ ପହଞ୍ଚିଥିଲା। ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଧାମରାର ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ ତହସିଲଦାର, ରାଜସ୍ୱ ସୁପରଭାଇଜର, ମେରାଇନ ଥାନା କର୍ମଚାରୀମାନେ ସ୍ଥଳଭାଗରେ ବିଭିନ୍ନ ଜେଟିରେ ପହଞ୍ଚି ମତ୍ସ୍ୟଜୀବୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ସେମାନେ ପଶ୍ଚିମବଙ୍ଗର ମେଦିନାପୁର କଣ୍ଟାଇରୁ ମାଛ ଧରିବା ପାଇଁ ବାହାରିଥିଲେ। ସାମୁଦ୍ରିକ ପବନ ପ୍ରଭାବରେ ବୋଟଗୁଡ଼ିକ ଧାମରା ମୁହାଣ ଆଡ଼କୁ ଭାସି ଆସିଥିଲା। ଏହି ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଓଡ଼ିଶା ସରକାରଙ୍କ ସହାୟତା ଲୋଡ଼ିଥିଲେ। ସାମୁଦ୍ରିକ ଝଡ଼ 'ବୁଲବୁଲ' ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ଏହି ବୋଟ୍‌ଗୁଡ଼ିକ କଣ୍ଟାଇ ଉପକୂଳକୁ ଫେରିବା ବିପଜ୍ଜନକ ହୋଇଥିବାରୁ ମତ୍ସ୍ୟଜୀବୀଙ୍କୁ ଓଡ଼ିଶା ଉପକୂଳ ଧାମରାରେ ଆଶ୍ରୟ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି।

**୮,୩୦୦ କୋଟିର ଅତିରିକ୍ତ ଚିଠା ବଜେଟକୁ ଅନୁମୋଦନ**

୩

# ଆଇଏସ୍‌ଆଇ ହନିଟ୍ରାପ୍‌ରେ ଓଡ଼ିଆ ଯବାନ

ନୂଆଦିଲ୍ଲୀ,୮।୧୧

ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ହନିଟ୍ରାପ୍‌ରେ ଫସିଛନ୍ତି ଜଣେ ଓଡ଼ିଆ ଯୁବକ। ସେ ହେଲେ ଗଞ୍ଜାମ ଜିଲାର ବିଚିତ୍ର ବେହେରା। ସିପାହି ବିଚିତ୍ରଙ୍କ ସହ ମଧ୍ୟପ୍ରଦେଶର ଲାନ୍ସ ନାୟକ ରବି ବର୍ମା ମଧ ଏହି ଜାଲରେ ଛନ୍ଦିହୋଇ ଗିରଫ ହୋଇଛନ୍ତି। ରାଜସ୍ଥାନ କ୍ରାଇମ୍‌ବ୍ରାଞ୍ଚ ମଙ୍ଗଳବାର ଯୋଧପୁର ରେଳଷ୍ଟେଶନରୁ ଉଭୟଙ୍କୁ ଧରି ହାଜତକୁ ନେଇଥିଲା। ପୋଲିସ ଶୁକ୍ରବାର ବିଚିତ୍ରଙ୍କୁ ଜୟପୁରର ଏକ କୋର୍ଟରେ ହାଜର କରି ୫ ଦିନିଆ ରିମାଣ୍ଡରେ ନେଇଛି।

ବିଚିତ୍ର ଓ ରବି ରାଜସ୍ଥାନର ଜୈସାଲମେରରେ ମୁତୟନ ହୋଇଥିବାବେଳେ ଆଇଏସ୍‌ଆଇ ଫେସ୍‌ବୁକ୍‌ରେ 'ସିରାତ୍' ନାମରେ ଏକ ଆକାଉଣ୍ଟ ଖୋଲି ଦୁହିଙ୍କୁ ଜାଲରେ ଫସାଇଥିଲା। ସୋସିଆଲ ମିଡିଆରେ ଦୁଇ ଯବାନ ଜଣେ ଏଜେଣ୍ଟଙ୍କୁ ସମ୍ବେଦନଶୀଳ ତଥ୍ୟ ପ୍ରଦାନ କରିଥିଲେ। ତେବେ ଉଭୟେ ନିର୍ଦ୍ଦିଷ୍ଟ ଭାବେ କେଉଁ ତଥ୍ୟ ପ୍ରଘଟ କରିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ରବି ତଦନ୍ତରେ ସହଯୋଗ କରୁଥିବାବେଳେ ବିଚିତ୍ରଙ୍କୁ ୫ ଦିନିଆ ରିମାଣ୍ଡରେ ନିଆଯାଇଛି। ରାଜ୍ୟ ସ୍ପେଶାଲ ବ୍ରାଞ୍ଚ (ଗୋଇନ୍ଦା) ପକ୍ଷରୁ ଜୈସାଲମେରରେ ସରକାରୀ ଗୋପନୀୟ ଆଇନ, ୧୯୨୩ର ଧାରା ୩ (ଗୁପ୍ତଚରଗିରି) ବଳରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଏନେଇ ସେନା ଅଧିକାରୀମାନଙ୍କୁ ଅବଗତ କରାଯାଇଛି ବୋଲି ରାଜସ୍ଥାନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଉମେଶ ମିଶ୍ର ସ୍ପଷ୍ଟ କରିଛନ୍ତି। ସେହିପରି ସେନା ପକ୍ଷରୁ କୁହାଯାଇଛି ଯେ, ଯେଉଁ ଫେସ୍‌ବୁକ୍ ୟୁଜରଙ୍କ ସହ ଦୁଇ ଯବାନ ଯୋଗସୂତ୍ରରେ ଥିଲେ ତାଙ୍କ ନାମ 'ସିରାତ୍'। ତେବେ ସେ ଜଣେ ପୁରୁଷ କି ମହିଳା ତାହା ଜଣାପଡ଼ିନାହିଁ। ସମ୍ପୃକ୍ତ ୟୁଜରଙ୍କୁ ଲିଙ୍କ୍ କରାଯାଇଥିବା ତଥ୍ୟ ସମ୍ପର୍କରେ ଯାଞ୍ଚ କରାଯାଉଛି। ରାଜସ୍ଥାନ ପୋଲିସଠାରୁ ଦୁଇ ଯବାନଙ୍କୁ ରିମାଣ୍ଡରେ ନେବା ପାଇଁ ସେନା ମଧ ଉଦ୍ୟମ କରୁଛି। ଦୋଷ ପ୍ରମାଣିତ ହେଲେ ଦୁହିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆଦିଲ୍ଲୀରେ ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ପାକିସ୍ତାନ ୫୦ଟି ଫେକ୍ ଆକାଉଣ୍ଟ ଖୋଲି ଭାରତୀୟ ଯବାନମାନଙ୍କୁ ଫସାଇବା ପାଇଁ ଉଦ୍ୟମ ଚଳାଇଥିବାରୁ ଏଥିରେ ନ ପଡ଼ିବାକୁ ସେନା ପକ୍ଷରୁ ପୂର୍ବରୁ ଆଡ୍‌ଭାଇଜରି ଜରିଆରେ ସତର୍କ କରିଦିଆଯାଇଥିଲା। ଅନ୍ୟପକ୍ଷରେ ବିଚିତ୍ର ଗତ ୨ ବର୍ଷ ଧରି ସମ୍ପୃକ୍ତ ମହିଳାଙ୍କ ସହ ଯୋଗାଯୋଗରେ ଥିଲେ। ସେ ଏକ୍ସରସାଇଜ୍ ସିନ୍ଧୁ ସୁଦର୍ଶନ ପ୍ରୋଜେକ୍ଟ ନେଇ ତାଙ୍କୁ ତଥ୍ୟ ପ୍ରଦାନ କରିଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ଏଭଳି ଅଭିଯୋଗକୁ ବିଚିତ୍ରଙ୍କ ପରିବାର ଲୋକେ ଖଣ୍ଡନ କରିଛନ୍ତି। ତାଙ୍କ ଭାଇ କାଳିଆ କହିଛନ୍ତି, ବିଚିତ୍ର କେବେ ହେଲେ ଏପରି କାମ କରିପାରିବେ ନାହିଁ।

- ପାକିସ୍ତାନକୁ ସମ୍ବେଦନଶୀଳ ତଥ୍ୟ ପ୍ରଘଟ ଅଭିଯୋଗ
- ୫ ଦିନିଆ ରିମାଣ୍ଡରେ ନେଲା ରାଜସ୍ଥାନ ପୋଲିସ



ବିଚିତ୍ର ବେହେରା

# ଇସ୍ତଫା ଦେଲେ ଫଡ଼୍‌ନବିସ

ମୁମ୍ବାଇ,୮।୧୧(ପି.ଟି.)

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୫ ବର୍ଷ ପରେ ଶୁକ୍ରବାର ଦେବେନ୍ଦ୍ର ଫଡ଼୍‌ନବିସ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଇସ୍ତଫାପତ୍ର ପ୍ରଦାନ କରିବା ସହ ରାଜ୍ୟରେ ନୂଆ ସରକାର ଗଠନରେ ଅଚଳାବସ୍ଥା ପାଇଁ ଶିବସେନାର ଅସହଯୋଗକୁ ଦାୟୀ କରି ପଦ ଛାଡ଼ିଥିବା କହିଛନ୍ତି। ମହାରାଷ୍ଟ୍ରର ଭାଜପା ବିଧାୟକ ଦଳ ନେତା ୪୯ ବର୍ଷୀୟ ଫଡ଼୍‌ନବିସ ଶୁକ୍ରବାର ଅପରାହ୍ନରେ ମୁମ୍ବାଇସ୍ଥିତ ରାଜଭବନକୁ ଯାଇ ରାଜ୍ୟପାଳ କୋଶିୟାରୀଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ବିକଳ୍ପ ବ୍ୟବସ୍ଥା ହେବା ଯାଏ କାମଚଳା ମୁଖ୍ୟମନ୍ତ୍ରୀ ଭାବେ ରହିବାକୁ ରାଜ୍ୟପାଳ ତାଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟପାଳଙ୍କ ସହ ସାକ୍ଷାତ ପରେ ଫଡ଼୍‌ନବିସ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ନୂଆ ସରକାର ହେଉ କି ରାଷ୍ଟ୍ରପତି ଶାସନ ଜାରି ହେଉ ବିକଳ୍ପ ବ୍ୟବସ୍ଥା କିଛି ବି ହୋଇପାରେ।

**'ଭାଜପାକୁ ଛାଡ଼ି କଂଗ୍ରେସ-ଏନ୍‌ସିପି ସହ ଆଲୋଚନା କରିଛି ଶିବସେନା'**



ରାଜ୍ୟପାଳଙ୍କୁ ଇସ୍ତଫାପତ୍ର ଦେଉଛନ୍ତି ଦେବେନ୍ଦ୍ର ଫଡ଼୍‌ନବିସ

ରାଜ୍ୟପାଳ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ଗତ ୫ ବର୍ଷ ଧରି ଲୋକଙ୍କ ସେବା କରିବା ସୁଯୋଗ ଦେଇଥିବାରୁ ମହାରାଷ୍ଟ୍ରବାସୀଙ୍କୁ ଫଡ଼୍‌ନବିସ ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଡେପୁଟେଶନକୁ ନା

**ଆଜିର ମନ୍ତବ୍ୟ**

"ଶିବସେନାକୁ ଭାଜପାର ମିଥ୍ୟା ପ୍ରତିଶ୍ରୁତି ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟର କାରଣ।

-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟରେ ଦେଶରୁ ପ୍ଲାଷ୍ଟିକ ରପ୍ତାନି ୫.୯% ହ୍ରାସ ଘଟି ୪.୩୨ ବିଲିୟନ ଡଲାର ରହିଛି।

- ପ୍ଲାଷ୍ଟିକ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍

Taste the difference! Vencobb FRESH CHICKEN

08.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Issued in the Interest of Consumers

**■ ଗହଣା ଦୋକାନ ଲୁଟ୍ ଉଦ୍ୟମ**

# ବାପାଙ୍କୁ ଗୁଳି, ପୁଅଙ୍କୁ ଏସିଡ୍ ମାଡ଼

ବାରିପଦା ଅଫିସ/ବୈଶିଙ୍ଗା/ବେତନଟୀ, ୮।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲାରେ କିଛିଦିନ ହେବ ବଢ଼ି ଚାଲିଛି ଚୋରି, ଡକାୟତି ଓ ଲୁଟ୍‌ତରାଜ। ଲୁଟେରାମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଛନ୍ତି। ଶୁକ୍ରବାର ସ୍ପଷ୍ଟ ଦିବାଲୋକରେ ବୈଶିଙ୍ଗା ଥାନା ନିକଟସ୍ଥ ବିଶ୍ୱକର୍ମା ଜୁଏଲେରୀରେ ହୋଇଥିବା ଲୁଟ ଉଦ୍ୟମ ଘଟଣା ଏହା ପ୍ରମାଣିତ କରୁଛି। ପୋଲିସର ଅପାରଗତା ପ୍ରତିବାଦରେ ଘଟଣାସ୍ଥଳ ପରିଦର୍ଶନରେ ଆସିଥିବା ମୟୂରଭଞ୍ଜ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସଙ୍କୁ ଲୋକେ କିଛି ସମୟ ପାଇଁ ଘେରାଉ କରିଥିଲେ। ପରେ ଏସ୍‌ପି ଲୋକମାନଙ୍କୁ ବୁଝାଶୁଝା କରି ସେଠାରୁ ଫେରିଥିଲେ।


ସୂଚନା ଅନୁଯାୟୀ, ସମୟ ଦିନ ପ୍ରାୟ ୧ ଟା ୩୦। ବୈଶିଙ୍ଗା ଥାନା ନିକଟସ୍ଥ ବିଶ୍ୱକର୍ମା ଜୁଏଲେରୀର ମାଲିକ ଧ୍ରୁବଚରଣ ମହାରଣା ଓ ତାଙ୍କ ପୁଅ ଲିଟୁ ଦୋକାନ ବନ୍ଦ କରି ଘରକୁ ଖାଇବା ପାଇଁ ଯିବାକୁ ପ୍ରସ୍ତୁତ ହେଉଥିଲେ। ହଠାତ୍ ଦୁଇଟି ବାଇକରେ ୬ ଜଣ ଯୁବକ ଦୋକାନ ସମ୍ମୁଖକୁ ଆସି ଧ୍ରୁବଙ୍କୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ଧ୍ରୁବଙ୍କ ଗୋଡରେ ଗୁଳି ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ଏଥିରେ ଭୟଭୀତ ହୋଇ ପୁଅ ଲିଟୁ ତୁରନ୍ତ ଦୋକାନର ଶଟର ବନ୍ଦ କରିବାକୁ ଉଦ୍ୟମ କରୁଥିବା ବେଳେ ଲୁଟେରାମାନେ ତାଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ଫଳରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ି ଯାଇଥିଲା। ବାପ ପୁଅଙ୍କ ଚିତ୍କାର ଓ ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାକୁ ଦୌଡ଼ି ଆସିଥିଲେ। ଲୋକମାନଙ୍କୁ ଦେଖି ଲୁଟେରାମାନେ ଫେରାର ହୋଇଯାଉଥିବା ବେଳେ ଗୋଟିଏ ମୋଟର ସାଇକେଲରେ ଥିବା ୩ ଲୁଟେରାଙ୍କୁ ଲୋକେ କାବୁ କରି ମାଡ଼ ମାରିଥିଲେ। ପରେ ପୋଲିସ ଘଟଣାସ୍ଥଳକୁ ଆସି ଲୁଟେରାମାନଙ୍କୁ ହେପାଜତକୁ ନେଇଥିଲା। ଆହତ ଧ୍ରୁବଙ୍କୁ ବାଲେଶ୍ୱର ଓ ଲିଟୁଙ୍କୁ କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ଏସ୍‌ପି ପୁରୁଷୋତ୍ତମ ଦାସ ଘଟଣାସ୍ଥଳକୁ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ☞ପୃଷ୍ଠା-୪



ଧରାପଡ଼ିଥିବା ଅଭିଯୁକ୍ତ।

- ୩ ଅଭିଯୁକ୍ତ ଧରାପଡ଼ିଲେ, ୩ ଫେରାର
- ଏସପିଙ୍କୁ ଘେରିଲେ ସ୍ଥାନୀୟ ଲୋକେ

# ଏୟାର ଇଣ୍ଡିଆ ବିମାନରେ ନିଆଁ



ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏହିଘଟଣା ଜଣାପଡ଼ିବାରୁ ବିମାନକୁ ରାୟପୁର ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ଫଳରେ ସମସ୍ତ ୮୯ ଜଣ ଯାତ୍ରୀ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଅପରାହ୍ନ ୫.୦୭ରେ ଏଆଇସି ଏୟାର ଇଣ୍ଡିଆ ବିମାନ ଏ ୩୨୧ ମୁମ୍ବାଇ ଅଭିମୁଖେ ଉଡ଼ାଣ କରୁଥିଲା। ଅପରାହ୍ନ ୫.୨୦ରେ ବିଶ୍ୱଜିତ୍ ବେହେରା ନାମକ ଯାତ୍ରୀ ୱାଶ୍‌ରୁମ୍ ଯିବାବେଳେ ବିମାନର ବାମପଟେ ନାଲି ରଙ୍ଗ ବ୍ଲିଙ୍କ୍ କରୁଥିବା ଦେଖିଥିଲେ। ଏହି ଖବର ସେ କର୍ମଚାରୀଙ୍କୁ ଦେବା ପରେ ଇଞ୍ଜିନରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ସଙ୍ଗେସଙ୍ଗେ ବିମାନକୁ ରାୟପୁର ଏୟାରପୋର୍ଟରେ ଜରୁରୀ ଅବତରଣ କରାଯିବା ସହ ଯାତ୍ରୀମାନଙ୍କୁ ବାହାରକୁ ଅଣାଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ପକ୍ଷୀ ଆଘାତ କିମ୍ବା ଇନ୍ଧନ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ବିମାନରେ ଅଧିକାଂଶ ଯାତ୍ରୀ ଓଡ଼ିଆ ଥିଲେ। ଏହି ବିମାନରେ ଯାତ୍ରା କରୁଥିବା ଓଡ଼ିଆ ଅଭିନେତା ଦେବାଶିଷ ପାତ୍ର ଗଣମାଧ୍ୟମକୁ କହିଛନ୍ତି, ଅଗ୍ନିକାଣ୍ଡ ସମ୍ପର୍କରେ ଶୁଣି ଆମେ ସମସ୍ତେ ଖୁବ୍ ଆତଙ୍କିତ ହୋଇପଡ଼ିଥିଲୁ। ବିମାନ କର୍ମଚାରୀ ଆମମାନଙ୍କୁ ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଥିଲେ। ପାଇଲଟ୍‌ଙ୍କ ଉପରେ ଭରସା ରଖନ୍ତୁ, ଖୁବ୍‌ଶୀଘ୍ର ଆମେ ରାୟପୁର ଏୟାରପୋର୍ଟରେ ଅବତରଣ କରିବାକୁ ଯାଉଛେ ବୋଲି ☞ପୃଷ୍ଠା-୪

- ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିଲା
- ରାୟପୁରରେ ଜରୁରୀ ଅବତରଣ
- ସମସ୍ତ ୮୯ ଯାତ୍ରୀ ସୁରକ୍ଷିତ




ମୋ ପ୍ରଥମ ସ୍ତ୍ରୀ ଅମ୍ରିତା ମୋତେ କାମ କରିବାର ଶୈଳୀ ଶିଖାଇଛନ୍ତି।
-ସୈଫ୍ ଅଲି ଖାନ୍, ବଲିଉଡ୍ ଅଭିନେତା

# ଅସହାୟଙ୍କୁ ଆଇନ ସେବା ସୁନିଶ୍ଚିତ ଲକ୍ଷ୍ୟ


## ଜାତୀୟ ଆଇନ ସେବା ଦିବସ

ଭାରତରେ ସବୁ ନାଗରିକଙ୍କୁ ଯେପରି ଭାବେ ନିରପେକ୍ଷ ଆଇନ ସେବା ମିଳିପାରିବ ତାକୁ ସୁନିଶ୍ଚିତ କରିବା ସହ ଏହା ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୯କୁ ‘ ଜାତୀୟ ଆଇନ ସେବା ଦିବସ’ ଭାବେ ପାଳନ କରାଯାଉଛି। ଗରିବ ତଥା ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଆଇନଗତ ସହାୟତା ଓ ସମର୍ଥନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ୧୯୯୫ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଆଇନ ସେବା ପ୍ରାଧିକରଣ ଅଧିନିୟମ,୧୯୮୭ ଅନୁସାରେ ଜାତୀୟ ଆଇନ ସେବା ପ୍ରାଧିକରଣ ଗଠନ କରାଯାଇଛି। ସମାଜର ଦୁର୍ବଳ ଓ ଅସହାୟ ଶ୍ରେଣୀର ଲୋକମାନଙ୍କୁ ନିଃଶୁଳ୍କ ଆଇନ ସେବା ପ୍ରଦାନ କରିବା ତଥା ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବା ପାଇଁ ଲୋକ ଅଦାଲତ ଆୟୋଜନ କରିବା ଏହାର ମୂଳ ଉଦ୍ଦେଶ୍ୟ। ଭାରତର ପ୍ରଧାନ ବିଚାରପତି ଏହାର ମୁଖ୍ୟ ସଂରକ୍ଷକ ଓ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱିତୀୟ ବରିଷ୍ଠ ନ୍ୟାୟାଧୀଶ ଏହି ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଟନ୍ତି। ସମ୍ବିଧାନର ଧାରା ୩୯-କ ଆଧାରରେ ସମାଜରେ ଆଇନଗତ ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ବିନା ଦେୟରେ ଆଇନ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ ରଖାଯାଇଛି। ସେହିପରି ଧାରା ୧୪ ଓ ୨୨(କ)ରେ ଆଇନର ସମାନତା ସୁନିଶ୍ଚିତ କରିବା ପାଇଁ ରାଜ୍ୟଗୁଡ଼ିକୁ ଏହା ବାଧ୍ୟ କରିଥାଏ। ଜାତୀୟ ଆଇନ ସେବା ପ୍ରାଧିକରଣ ଦେଶରେ ଆଇନ ସହାୟତା କାର୍ଯ୍ୟକ୍ରମ ଓ ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ଆଇନ ସେବା ପ୍ରାଧିକରଣ(ଏସ୍ଏଲ୍ଏସ୍ଏ)କୁ ନିର୍ଦ୍ଦେଶ ଦେଇଥାନ୍ତି। ମୁଖ୍ୟତଃ ଏସ୍ଏଲ୍ଏସ୍ଏ, ଜିଲା ଆଇନ ସେବା ପ୍ରାଧିକରଣ, ତହସିଲସ୍ତରରେ ଆଇନ ସହାୟତା ସମିତିକୁ ନ୍ୟାୟିକ ଆଧାରରେ ଯୋଗ୍ୟ ଲୋକଙ୍କୁ ମାଗଣାରେ ଆଇନ ସହାୟତା ପ୍ରଦାନ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାବାଦ୍ ବିବାଦଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବା ଲାଗି ଏହିସବୁ ବ୍ୟବସ୍ଥା ଲୋକ ଅଦାଲତ ମାଧ୍ୟମରେ ସଞ୍ଚାଳନ କରିଥାନ୍ତି। ଜାତୀୟ ଆଇନ ସେବା ଦିବସରେ ଏହା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ନ୍ୟାୟ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ସଚେତନ କରାଯାଇଥାଏ। କୋର୍ଟରେ ମାମଲା ଲଢ଼ିବା ପାଇଁ ଓକିଲ ଉପଲବ୍ଧ କରାଇବା, କୋର୍ଟ ଫିସ୍ ଓ ଅନ୍ୟ ସବୁ ପ୍ରକାର ସୁବିଧା ଯୋଗାଇଦେବା, କୋର୍ଟ ଅର୍ଡର ଆଦିର ନକଲ ଲୋକମାନଙ୍କୁ ପ୍ରାପ୍ତ କରାଇବା ତଥା ମାମଲାରେ ନଥିପତ୍ରର ଅନୁବାଦ ଓ ତାହାକୁ ଛପାଇ ପେପର ବୁକ ପ୍ରସ୍ତୁତ କରିବା ଆଦି ଯୋଗାଇଦେବାରେ ଗୁରୁତ୍ୱ ଦିଆଯାଇଥାଏ। ମହିଳା ଓ ଶିଶୁ, ଅନୁସୂଚିତ ଜାତି ଓ ଜନଜାତିର ଲୋକ, ଔଦ୍ୟୋଗିକ ଶ୍ରମିକ, ପ୍ରାକୃତିକ ବିପର୍ଯ୍ୟୟ ତଥା ଔଦ୍ୟୋଗିକ ବିପର୍ଯ୍ୟୟର ଶିକାର ହୋଇଥିବା ବ୍ୟକ୍ତି, ଦିବ୍ୟାଙ୍ଗ, କରାଗାରରେ ରଖାଯାଇଥିବା ଗରିବ ଲୋକ, ଯେଉଁମାନଙ୍କ ବାର୍ଷିକ ଆୟ ୧ଲକ୍ଷରୁ କମ୍, ଦାଦନ କିମ୍ବା ମାନବ ଚାଲାଣର ଶିକାର ହୋଇଥିବା ଲୋକମାନେ ଆଇନ ସହାୟତା ପାଇବା ପାଇଁ ଯୋଗ୍ୟ ହୋଇଥାନ୍ତି। ଜାତୀୟ ସ୍ତରରୁ ଜିଲା ପର୍ଯ୍ୟନ୍ତ ଗଠନ କରାଯାଇଥିବା ଆଇନ ସେବା ପ୍ରାଧିକରଣ ତଥା ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସେବା ପ୍ରାଧିକରଣ ଓ ଉଚ୍ଚ ନ୍ୟାୟାଳୟ ଆଇନ ସେବା ପ୍ରାଧିକରଣ ଲୋକମାନଙ୍କୁ ଆଇନ ସେବା ଯୋଗାଇଦେବା ପାଇଁ ଗଠନ କରାଯାଇଛି। ଆଜି ବି ଭାରତରେ ଅନେକେ ଖାଦ୍ୟ, ପାନୀୟ, ବାସସ୍ଥାନ, ଶିକ୍ଷା, ପୋଷାକ ଓ ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଇନ ସେବା ସହାୟତା ସେହିମାନଙ୍କୁ ଏହିସବୁ ସର୍ବନିମ୍ନ ଆବଶ୍ୟକତା ପାଇବା ପାଇଁ ସକ୍ଷମ କରିପାରିବ।




# ପ୍ରଥମ ବିବାହ ବାର୍ଷିକୀ ପାଇଁ ନିକ୍ଙ୍କ ସ୍ପେଶାଲ୍ ପ୍ଲାନ୍

**ମୁମ୍ବାଇ:** ବଲିଉଡ୍ ଦେଶୀ ଗାର୍ଲ ପ୍ରିୟଙ୍କା ଚୋପ୍ରା ଓ ନିକ୍ ଜୋନସ୍ଙ୍କ ବିବାହକୁ ପୂରିବ ବର୍ଷେ। ୨୦୧୮ ଡିସେମ୍ବର ୨ରେ ଯୋଧପୁରସ୍ଥିତ ଉମ୍ମେଦ୍ ଭବନରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତେବେ ଆସନ୍ତା ଡିସେମ୍ବରରେ ଉଭୟ ସେଲିବ୍ରେଟ୍ କରିବେ ନିଜର ପ୍ରଥମ ବିବାହ ବାର୍ଷିକୀ। ପ୍ରିୟଙ୍କାଙ୍କ ସହ ବିବାହର ପ୍ରଥମ ବର୍ଷ ବେଶ୍ ହସଖୁସିରେ କାଟିଥିବାବେଳେ ନିକ୍ ଏବେ ବିବାହ ବାର୍ଷିକୀ ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ଏଥିପାଇଁ ସେ ଏକ ସ୍ପେଶାଲ୍ ପ୍ଲାନ୍ କରୁଥିବା ଜଣାପଡ଼ିଛି। ଏକ ସାକ୍ଷାତ୍କାରରେ ନିକ୍ ଏନେଇ ଇସାରା ଦେଇଥିଲେ ମଧ୍ୟ କିଛି ସ୍ପଷ୍ଟ କହି ନ ଥିଲେ। ସେ ବିବାହ ବାର୍ଷିକୀ ପାଇଁ ଖୁବ୍ ଉତ୍ସାହିତ ଥିଲେ ମଧ୍ୟ ବେଶି କିଛି ଖୁଲାସା କରିବେ ନାହିଁ ବୋଲି କହିଥିଲେ। ତେବେ ଆଗକୁ ପ୍ରିୟଙ୍କାଙ୍କ ସହ ଅଧିକରୁ ଅଧିକ ସମୟ ବିତାଇବେ ବୋଲି ନିକ୍ ଇସାରା ଦେଇ କହିଛନ୍ତି। ୨୦୧୯ ନିକ୍ଙ୍କ ଜୀବନର ସବୁଠାରୁ ଖୁସି ଓ ସଫଳତାର ସହ କଟିଥିବା ବର୍ଷ ବୋଲି ସେ କହିଛନ୍ତି। ଡିସେମ୍ବର ୨-୩ ପ୍ରିୟଙ୍କା-ନିକ୍ଙ୍କ ପ୍ରଥମ ବିବାହ ବାର୍ଷିକୀ। ଉଭୟ ଗତବର୍ଷ ଡିସେମ୍ବର ୨ରେ ହିନ୍ଦୁ ରୀତିନୀତିରେ ବିବାହ ବନ୍ଧନରେ ବାନ୍ଧି ହୋଇଥିବାବେଳ ୩ରେ ଖ୍ରୀଷ୍ଟିଆନ୍ ରୀତିନୀତିରେ ବିବାହ କରିଥିଲେ। ସୋସିଆଲ ମିଡିଆରେ ପ୍ରିୟଙ୍କା-ନିକ୍ଙ୍କ ବିବାହ ଫଟୋ ଟ୍ରେଣ୍ଡ କରୁଥିଲା। ଅନ୍ୟପକ୍ଷରେ ପ୍ରିୟଙ୍କା ନିକଟରେ ଫରହାନ୍ ଅଖତର୍ଙ୍କ ଅପୋଜିଟ୍‌ରେ ‘ଦି ସ୍କାଇ ଇଜ୍ ପିଙ୍କ୍’ରେ ନଜରକୁ ଆସିଥିଲେ। ଆଗକୁ ତାଙ୍କୁ ହଲିଉଡ୍ ଫିଲ୍ମ ‘ୱି କ୍ୟାନ୍ ବି ହିରୋଜ୍’ରେ ଦେଖିବାକୁ ମିଳିବ। ସେହିପରି ନିକ୍ ‘ଜୁମାଞ୍ଜି ଦି ନେକ୍ସ୍ଟ ଲେଭଲ୍’ରେ ନଜରକୁ ଆସିବେ, ଯାହା ଡିସେମ୍ବର ୧୩ରେ ରିଲିଜ୍ ହେବ।



# ବଲିଉଡ୍‌ରେ ବିଗ୍ ବି’ଙ୍କ ୫୦ ବର୍ଷ



**ନୂଆଦିଲ୍ଲୀ:** ମହାନାୟକ ଅମିତାଭ୍ ବଚ୍ଚନ ବା ବିଗ୍ ବି’ଙ୍କର ବଲିଉଡ୍ ଇଣ୍ଡଷ୍ଟ୍ରିରେ ୫୦ ବର୍ଷ ପୂରା ହୋଇଛି। ଠିକ୍ ୫୦ବର୍ଷ ପୂର୍ବେ ଅର୍ଥାତ୍ ୧୯୬୯ ନଭେମ୍ବର ୭ରେ ‘ସାତ୍ ହିନ୍ଦୁସ୍ତାନୀ’ ଚଳଚ୍ଚିତ୍ର ଜରିଆରେ ସେ ବଲିଉଡ୍‌ରେ ପାଦ ଥାପିଥିଲେ। ଏହାପରେ ସେ ବହୁ ଦମ୍‌ଦାର ଫିଲ୍ମରେ ଅଭିନୟ କରିବା ସହ ସାଜିଯାଇଥିଲେ ବଲିଉଡ୍‌ର ମହାନାୟକ। ବିଗ୍ ବିଙ୍କ ଏହି ୫୦ ବର୍ଷ ପୂର୍ତ୍ତିକୁ ନେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଅଭିଷେକ ବଚ୍ଚନ। ଅଭିଷେକ୍ ନିଜ ଇନ୍‌ଷ୍ଟାଗ୍ରାମରେ ଲେଖିଛନ୍ତି, ଫିଲ୍ମ ଇଣ୍ଡଷ୍ଟ୍ରିରେ ୫୦ ବର୍ଷର ସଫଳ ଯାତ୍ରା ପାଇଁ ଅନେକ ଶୁଭେଚ୍ଛା। ଆଗାମୀ ୫୦ ବର୍ଷକୁ ଅପେକ୍ଷା ରହିବ। ଏବଂ ଆପଣଙ୍କଠାରୁ ଆହୁରି ବହୁତ କିଛି ଶିଖିବାର ଅଛି ବୋଲି ଅଭିଷେକ ଲେଖିଛନ୍ତି। ଏଥିସହ ଇଣ୍ଡଷ୍ଟ୍ରିର ଅନ୍ୟ କେତେଜଣ ଅମିତାଭ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଫିଲ୍ମ ସମ୍ପର୍କରେ ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶକରେ ଜଞ୍ଜିର, ସୋଲେ, ଦିୱାର, ମୁକଦ୍ଦର କା ସିକନ୍ଦର, ଅମର ଆକବର ଆନ୍ଥୋନୀ ଆଦି ଫିଲ୍ମରେ ଅମିତାଭ୍ ବଚ୍ଚନଙ୍କ ଦମ୍‌ଦାର ଅଭିନୟ ସିନେପ୍ରେମୀଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଏଥିସହିତ ଫିଲ୍ମ ପାଇଁ ସେ ୩୩୫ରୁ ଊର୍ଦ୍ଧ୍ୱ ଆୱାର୍ଡ ଜିତିଥିବା ବେଳେ ଫିଲ୍ମ ଫେୟାର ଲାଗି ୪୧ ଥର ତାଙ୍କ ନାମ ନୋମିନେଶନ ହୋଇଛି। ୧୯୭୩ରୁ ୧୯୮୪ ପର୍ଯ୍ୟନ୍ତ ପ୍ରତିବର୍ଷ ବିଗ୍ ବିଙ୍କ ଗୋଟିଏ ଲେଖାଏ ସୁପରହିଟ୍ ମୁଭି ରିଲିଜ୍ ହୋଇଥିଲା। ଏବେ ଏକ ଘରୋଇ ଟିଭି ଚ୍ୟାନେଲ୍‌ରେ ପ୍ରସାରିତ କେବିସି (କୋନ୍ ବନେଗା କରୋଡ଼ପତି) ଶୋ’ ଅମିତାଭ ପରିଚାଳନା କରୁଛନ୍ତି। ଏଥିସହିତ ଗତ କିଛିଦିନ ହେବ ଆୟୁଷ୍ମାନ ଖୁରାନାଙ୍କ ସହ ତାଙ୍କ ଫିଲ୍ମ ‘ଗୁଲାବୋ ସିତାବୋ’ର ଶୁଟିଂ ଶେଷ ହୋଇଛି। ଏହା ଆସନ୍ତା ବର୍ଷ ସେପ୍ଟେମ୍ବରରେ ରିଲିଜ୍ ହେବ।

# ବଲିଉଡ୍ ଷ୍ଟାର୍ ଏବେ ପାଗଳଖାନାରେ



**ମୁମ୍ବାଇ:** ଦିନେ ବଲିଉଡ୍‌ରେ ଆଗଧାଡ଼ିର ଷ୍ଟାର୍ ଥିବା ରାଜ କିରନ୍‌ଙ୍କ ଜୀବନ ଏବେ ପାଗଳଖାନାରେ ବିତୁଛି। ରାଜ କିରନ୍‌ଙ୍କ ପୂରା ନାମ ରାଜ କିରନ୍ ମହାତାନି। ବଲିଉଡ୍‌ରେ ସେ ୩୬ରୁ ଅଧିକ ଫିଲ୍ମରେ ଅଭିୟନ କରି ବିଶେଷ ଖ୍ୟାତି ହାସଲ କରିଥିଲେ। ସେ ରୁପା ମହାତାନୀଙ୍କୁ ବିବାହ କରିଥିଲେ। ଏହା ପରେ ତାଙ୍କ ଝିଅ ରିଶିକା ମହତାନି ଜନ୍ମ ହୋଇଥିଲେ। ତେବେ ସ୍ତ୍ରୀ ତାଙ୍କୁ ପ୍ରତାରିତ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ଦୁଃଖରେ ରାଜ୍ କିରନ୍ ଆମେରିକା ପଳାଇଥିଲେ। ଏବେ ସେ ଆଟ୍‌ଲାଣ୍ଟାର ଏକ ପାଗଳ ଖାନାରେ ଥିବା ତାଙ୍କ ଭାଇ ଗୋବିନ୍ଦ ମହାତାନି ଏକ ସାକ୍ଷାତ୍କାରରେ ସୂଚନା ଦେଇଥିଲେ। ସେ ହିନ୍ଦୀ ଫିଲ୍ମ ‘କର୍ଜ’ରେ ଉଲ୍ଲେଖନୀୟ ଅଭିନୟ କରିଥିଲେ।

# ରେଲୱେ ଟ୍ରାକ୍‌ରୁ ଉଠାଇ ନେଉଛନ୍ତି ‘ଯମରାଜ’

**ମୁମ୍ବାଇ:** ପାଦରେ ଚାଲିଚାଲି ରେଳଧାରଣା ପାର୍ ହେଉଛନ୍ତି କି? ସାବଧାନ ହୋଇଯାଆନ୍ତୁ, କାରଣ ଆପଣଙ୍କୁ ଉଠାଇ ନେଇଯିବେ ‘ଯମରାଜ’। ଆମେ ଏଠି ପୌରାଣିକ ଚରିତ୍ର ଯମରାଜଙ୍କ କଥା କହୁନୁ, ଆମେ କହୁଛୁ ମଣିଷ ବେଶଧାରୀ ଯମରାଜଙ୍କ କଥା। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ପଶ୍ଚିମତଟ ରେଳପଥ ଅଧୀନ ବ୍ୟସ୍ତବହୁଳ ଅନ୍ଧେରି ଏବଂ ମାଲାଡ ରେଳଷ୍ଟେଶନରେ। ଜନସାଧାରଣଙ୍କୁ ସଚେତନ କରିବାକୁ ରେଲୱେ ବିଭାଗ ଏବଂ ଆର୍‌ପିଏଫ୍ ପକ୍ଷରୁ ଏପରି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି, ଯାହାକୁ ପ୍ରଥମ ଦିନରୁ ଭଲ ରେସ୍‌ପନ୍ସ ମଧ୍ୟ ମିଳିଛି। ରେଲୱେ ମନ୍ତ୍ରଣାଳୟର ଚେତାବନୀ, ସଚେତନତା କାର୍ଯ୍ୟକ୍ରମ ଯାତ୍ରୀଙ୍କୁ କାବୁ କରୁନି। ଅଧିକାଂଶ ଯାତ୍ରୀ ଗୋଟିଏ ପ୍ଲାଟଫର୍ମରୁ ଆଉ ଗୋଟିଏ ପ୍ଲାଟଫର୍ମକୁ ଯିବାକୁ ଫୁଟ୍ ଓଭର ବ୍ରିଜ୍ ବ୍ୟବହାର କରିବା ପରିବର୍ତ୍ତେ ବିପଜ୍ଜନକ ଭାବେ ରେଳଧାରଣା ପାର ହୋଇ ଯାଉଛନ୍ତି। ଏପରି କରିବା ଦ୍ୱାରା ସେମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। କ୍ଷଣିକ ମଧ୍ୟରେ ସବୁକିଛି ଓଲଟପାଲଟ ହୋଇଯାଉଛି। ନିରୀହ ଯାତ୍ରୀଙ୍କ ଜୀବନ ବଞ୍ଚାଇବା, ସେମାନଙ୍କୁ ଅଧିକରୁ ଅଧିକ ସଚେତନ କରିବା ଉଦ୍ଦେଶ୍ୟରେ ପଶ୍ଚିମତଟ ରେଲୱେ ଏବଂ ଆର୍‌ପିଏଫ୍ ପକ୍ଷରୁ ମିଳିତ ଭାବେ ଏପରି ଅଭିଯାନ ଆରମ୍ଭ ହୋଇଛି। ଯାତ୍ରୀମାନେ ଟ୍ରାକ୍‌ରେ ଚାଲୁଥିଲେ କିମ୍ବା ବିପଦସଙ୍କୁଳ ଭାବେ ରେଳରେ ଯାତ୍ରା କରୁଥିଲେ ସେମାନଙ୍କୁ ବେଶଧାରୀ ଯମରାଜ କାନ୍ଧରେ ଉଠାଇ ନେଉଛନ୍ତି। ଆବଶ୍ୟକସ୍ଥଳରେ ଶାସ୍ତି ବି ଦେଉଛନ୍ତି। ରେଲୱେ ମନ୍ତ୍ରଣାଳୟ ନିଜର ଟୁଇଟର ହ୍ୟାଣ୍ଡେଲରେ ଅଭିଯାନର ଦୃଶ୍ୟ ଏବଂ ଫଟୋ ଶେୟାର କରିଛି। ବେଶଧାରୀଙ୍କ ମଧ୍ୟରେ ସ୍ୱେଚ୍ଛାସେବୀଙ୍କ ସମେତ କେତେଜଣ ଜିଆର୍‌ପି ପୋଲିସ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ ମଣିଷ ଜୀବନର ମୂଲ୍ୟ, ଦୁର୍ଘଟଣାର ଭୟାବହତା ସମ୍ପର୍କରେ ଲୋକଙ୍କୁ ଚେତାଉଛନ୍ତି। ଆବଶ୍ୟକସ୍ଥଳେ ନିୟମ ଭଙ୍ଗ କରୁଥିବା ଯାତ୍ରୀଙ୍କଠାରୁ ମୋଟା ଅଙ୍କର ଚାଲାଣ ମଧ୍ୟ କଟାଯାଉଛି। ପ୍ରଥମ ପର୍ଯ୍ୟାୟରେ ମୁମ୍ବାଇର ଅନ୍ଧେରି ଏବଂ ମାଲାଡ ଷ୍ଟେଶନରେ ଏପରି ଅଭିଯାନ ଆରମ୍ଭ କରାଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ଅନ୍ୟ ସ୍ଥାନରେ ମଧ୍ୟ ଲାଗୁ କରାଯିବ ବୋଲି ଜଣାପଡ଼ିଛି। ଏକ ତଥ୍ୟ ଅନୁଯାୟୀ, ଅସାବଧାନତା ରେଳଯାତ୍ରା ଯୋଗୁ ଦୈନିକ ୭ଜଣ ଯାତ୍ରୀଙ୍କ ଜୀବନ ଯାଉଛି। ଗତବର୍ଷ ରେଳଧାରଣା ପାର ହେଉଥିବାବେଳେ ୧୪୭୬ ଏବଂ ଟ୍ରେନ୍‌ରୁ ଖସିପଡ଼ି ୬୫୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦିନକୁ ଦିନ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ବଢୁଥିବାବେଳେ ଏପରି ଅଭିଯାନ ଲୋକଙ୍କୁ ସଚେତନ କରିବାରେ ସହାୟକ ହେବ ବୋଲି କୁହାଯାଉଛି।




# ସନ୍ତାନ ପ୍ରସବ ହେଲେ କାନ୍ଦନ୍ତି ଜନଜାତି

**ନୂଆଦିଲ୍ଲୀ:** ସାନ୍ତାଳ ଜନଜାତି ପୃଥିବୀରେ ବାସ କରୁଥିବା ସବୁଠୁ ପ୍ରାଚୀନତମ ଜନଜାତି। ଏମାନେ ମୁଖ୍ୟତଃ ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶରେ ବାସ କରିଥାନ୍ତି। ଘନ ଜଙ୍ଗଲ ଭିତରେ ଥାଏ ଏମାନଙ୍କର ବସ୍ତି। ଏହି ଜନଜାତିର ପରମ୍ପରା ଅନ୍ୟ ଜନଜାତିଙ୍କ ପରମ୍ପରାଠାରୁ ଭିନ୍ନ। ସାଧାରଣତଃ ଘରେ ସନ୍ତାନ ଜନ୍ମହେଲେ ଖୁସିର ବାତାବରଣ ସୃଷ୍ଟିହୋଇଥାଏ। ହେଲେ ସାନ୍ତାଳମାନେ ଶିଶୁଟିଏ ଜନ୍ମହେଲେ ମିଳିତ ଭାବେ କାନ୍ଦିଥାନ୍ତି। ଏମାନଙ୍କ ମତରେ ଜନ୍ମ ହେଲେ ମୃତ୍ୟୁ ହିଁ ସୁନିଶ୍ଚିତ। ଜନ୍ମ ନେଇଥିବା ସନ୍ତାନର ଭବିଷ୍ୟତରେ ନିଶ୍ଚିତ ମୃତ୍ୟୁ ହେବ, ତେଣୁ ଏଭଳି ଦୁନିଆକୁ ସେ କାହିଁକି ଆସିଲା ବୋଲି ଚିନ୍ତା କରି ସେମାନେ କାନ୍ଦିଥାନ୍ତି। ଏହି ଜନଜାତିର ଲୋକମାନେ ବିବାହ ଉତ୍ସବକୁ ଖୁବ୍ ଆନନ୍ଦର ସହ ପାଳନ କରନ୍ତି। ସଭିଏଁ ମିଳିମିଶି ଭୋଜିଭାତ ଓ ମହୁଲି ପିଇ ନାଚଗୀତରେ ମତୁଆଲା ହୋଇଉଠନ୍ତି।

# ଯୁବକଙ୍କ କାନରୁ ବାହାରିଲେ ୧୦ ଅସରପା

**ନୂଆଦିଲ୍ଲୀ:** ଚାଇନାରେ ଜଣେ ଲୋକଙ୍କ କାନରୁ ବାହାରିଛି ୧୦ ଅସରପା। ଯୁବକଙ୍କ କାନରେ ପ୍ରବଳ କଷ୍ଟ ଅନୁଭବ ହେବାରୁ ସେ ଡାକ୍ତରଙ୍କ ପାଖକୁ ଯାଇ ଦେଖାଇଥିଲେ। ସେ ଭୟଭୀତ ହୋଇପଡ଼ିଥିବାବେଳେ ଡାକ୍ତର ମଧ୍ୟ ଦେଖିବା ପରେ ଚକିତ ହୋଇଯାଇଥିଲେ। ଯୁବକଙ୍କ କାନରେ ଅସରପା ଥିବା ଜଣାପଡ଼ିଥିଲା। ତାହା ପୁଣି ଗୋଟିଏ କି ଦୁଇଟି ନୁହଁ ୧୦ଟି ଅସରପା (ମା’ ଓ ଛୁଆ) ଡାକ୍ତର କାନରୁ ବାହାର କରିଥିଲେ। ଚାଇନାର ଲଭ୍ ନାମକ ଜଣେ ଯୁବକଙ୍କ ସହ ଏହି ଘଟଣା ଘଟିଛି। ଏଥିପୂର୍ବରୁ ମଧ୍ୟ ତାଙ୍କ କାନରେ କଷ୍ଟ ହେବା ସହ କିଛି ଚାଲିଲା ଭଳି ଅନୁଭବ ହେଉଥିଲା। ହେଲେ ସେ ତାହାର କାରଣ ଜାଣିପାରୁ ନ ଥିଲେ। ଅସରପା ପରିବାର ଯୁବକଙ୍କ କାନ ମଧ୍ୟରେ ଘର କରି ରହିବା ସହ କ୍ଷତ ସୃଷ୍ଟି କରିଥିଲେ। ମାତ୍ର କାନଭିତରେ ସେଗୁଡ଼ିକ କେମିତି ରହିଲେ, ତାହା ଡାକ୍ତର ମଧ୍ୟ ବୁଝିପାରି ନ ଥଲେ। ତେବେ ନିଜ ବେଡ୍‌ରେ ଖାଇବା ଜିନିଷ ପକାଇବା ଏବଂ ସେଗୁଡ଼ିକୁ ସଫା ନ କରି ଶୋଇପଡ଼ିବା ଅଭ୍ୟାସ ଯୋଗୁ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ଚାଇନାର ଏକ ହସ୍ପିଟାଲ୍‌ର ବିଶେଷଜ୍ଞ ଡାକ୍ତର ପ୍ରକାଶ କରିଛନ୍ତି।



# ବିଶ୍ୱର ସବୁଠାରୁ ହାଲୁକା ମିଠା

**ଲଣ୍ଡନ:** ମିଠା ଖାଇବାକୁ କାହାକୁ ବା ଭଲ ନ ଲାଗେ। ଛୁଆଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମିଠା ଖାଇବାକୁ ପସନ୍ଦ କରନ୍ତି। ବିଶ୍ୱରେ ଅନେକ ପ୍ରକାରର ମିଠା ମିଳିଥାଏ। ଭାରତରେ ତ ଏହାର ସଂଖ୍ୟା ଅନେକ। ହେଲେ ଏମିତି ଏକ ମିଠା ବିଷୟରେ ଆମେ ଜାଣିବା ଯାହା ସବୁଠାରୁ ଭିନ୍ନ। କେହି କେବେହେଲେ ଏମିତି ମିଠା ବିଷୟରେ କେବେ କଳ୍ପନା ମଧ୍ୟ କରି ନ ଥିବେ। ବ୍ରିଟେନ୍‌ର ଜଣେ ମିଠା ଦୋକାନୀ ବିଶ୍ୱର ସବୁଠାରୁ ହାଲ୍‌କା ମିଠା ତିଆରି କରିଛନ୍ତି। ଏହାର ବିଶେଷତ୍ୱ ହେଉଛି, ଏହି ମିଠାକୁ ତିଆରି କରିବା ପାଇଁ ବୈଜ୍ଞାନିକଙ୍କ ସହାୟତା ନିଆଯାଇଛି। ଏହି ମିଠାର ଓଜନ ମାତ୍ର ୧ ଗ୍ରାମ୍। ଏଥିରେ ୯୬% ବାୟୁ ରହିଥିବା ବେଳେ ମାତ୍ର ୪% ମିଠା ରହିଛି। ଏହି ମିଠାକୁ ଲଣ୍ଡନରେ ଥିବା ଡିଜାଇନର ଷ୍ଟୁଡିଓ ବୋମପାସ ଆଣ୍ଡ ପାର କାରିଗରମାନେ ଏରୋଜେଲେକ୍ସ ଲାବୋରେଟରୀର ବୈଜ୍ଞାନିକଙ୍କ ସହ ମିଶି ତିଆରି କରିଛନ୍ତି। ଏହାକୁ ଜର୍ମାନର ହେମ୍‌ବର୍ଗରେ ତିଆରି କରାଯାଇଛି। ଏହି ମିଠାକୁ ତିଆରି କରିବା ପାଇଁ ବୈଜ୍ଞାନିକମାନେ ସର୍ବପ୍ରଥମେ ବିଶ୍ୱର ସବୁଠାରୁ ହାଲୁକା ସଲିଡ୍ ପଦାର୍ଥକୁ ଖାଇବାଯୋଗ୍ୟ କରିଥିଲେ। ପରେ ସେଥିରେ ମିଠା ତିଆରି କଲେ। ଏହି ମିଠାକୁ ଆରୋଜେଲ୍‌ରୁ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଆରୋଜେଲ ବିଶ୍ୱର ସବୁଠାରୁ ହାଲୁକା ପଦାର୍ଥ। ତେବେ ଏହି ମିଠାର ସ୍ୱାଦ କିପରି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।



## ସଂକ୍ଷେପରେ

### ୧୭ରେ ଓଡ଼ିଶା ଆସିବେ ଗିରୀଶ ମୁର୍ମୁ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):** ଜମ୍ମୁ-କଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ନରଭାବେ ଦାୟିତ୍ୱ ନେବା ପରେ ଗିରୀଶ ଚନ୍ଦ୍ର ମୁର୍ମୁ ଆସନ୍ତା ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ନିଜ ମା'ଙ୍କୁ ଭେଟିବାକୁ ଆସୁଥିବା ଗିରୀଶ ଗସ୍ତ ଅବସରରେ ମୟୂରଭଞ୍ଜ ଜିଲା ବେତନଟୀସ୍ଥିତ ନିଜ ପୈତୃକ ଘରକୁ ଯିବେ ବୋଲି ଜଣାପଡ଼ିଛି। ଜମ୍ମୁ-କଶ୍ମୀରର ଗଭର୍ନରଭାବେ ଦାୟିତ୍ୱ ନେବାପରେ ଏହା ହେଉଛି ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ଗିରୀଶଙ୍କୁ ଏଭଳି ଗୁରୁଦାୟିତ୍ୱ ମିଳିଥିବା ଖବର ପାଇବା ପରେ ତାଙ୍କ ମା' ପାର୍ବତୀ ମୁର୍ମୁ ନିଜ ଖୁସିବ୍ୟକ୍ତ କରିବା ସହ ପୁଅ ଜମ୍ମୁ-କଶ୍ମୀର ସହ ସମଗ୍ର ଦେଶବାସୀଙ୍କ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବ ବୋଲି କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଗିରୀଶ ୧୯୮୫ ବ୍ୟାଚ୍ ଗୁଜରାଟ କ୍ୟାଡର୍ ଆଇଏଏସ୍ ଅଫିସର। ଗୁଜରାଟ ସହ କେନ୍ଦ୍ର ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେ କାର୍ଯ୍ୟ କରସାରିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇବାରେ ଗିରୀଶ ହେଉଛନ୍ତି ଓଡ଼ିଶାର ଦ୍ୱିତୀୟ ଜନଜାତି। ତାଙ୍କ ପୂର୍ବରୁ ମୟୂରଭଞ୍ଜ ଜିଲାର ଦ୍ରୌପଦୀ ମୁର୍ମୁ ୨୦୧୫ରେ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ଦାୟିତ୍ୱ ନେଇଥିଲେ।

### ଆନ୍ଧ୍ରପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ
### ତୈଳ ଓ ଗ୍ୟାସ ପ୍ରକଳ୍ପରେ କରାଯିବ ବିପୁଳ ପୁଞ୍ଜିନିବେଶ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଆନ୍ଧ୍ରପ୍ରଦେଶରେ ଆଗାମୀ ୫ବର୍ଷରେ ବିଭିନ୍ନ ପ୍ରକଳ୍ପ ପାଇଁ ବିପୁଳ ପୁଞ୍ଜିନିବେଶ କରିବାର ଯୋଜନା ରଖିଛି। ଶୁକ୍ରବାର ଆନ୍ଧ୍ରପ୍ରଦେଶର ବିଜୟୱାଡା ଠାରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍ ଜଗନମୋହନ ରେଡ୍ଡିଙ୍କୁ ଭେଟି ସେଠାରେ ନିଆଯାଇଥିବା ବିଭିନ୍ନ ତୈଳ, ଗ୍ୟାସ ଓ ଇସ୍ପାତ୍ ପ୍ରକଳ୍ପର ସମୀକ୍ଷା କରିବାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ରାଜସ୍ୱ ବୃଦ୍ଧି ହେବାସହ ଯୁବକଙ୍କ ପାଇଁ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ। ଏହି ଅବସରରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏହି ସବୁ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମର୍ଥନ ଓ ସହଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହିସବୁ ତୈଳ ଓ ଗ୍ୟାସ୍ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଆନ୍ଧ୍ରପ୍ରଦେଶରେ ଏକ ଅଟନୋମସ୍ ପେଟ୍ରୋଲିୟମ ଇନ୍‌ଷ୍ଟିଚ୍ୟୁସନ୍ ସ୍ଥାପନା କରାଯିବ। ଯାହା ଦେଶର ତୈଳ ଏବଂ ଗ୍ୟାସ କ୍ଷେତ୍ରରେ କୁଶଳ କ୍ଷମତା ବିଶିଷ୍ଟ କାର୍ଯ୍ୟବଳୀ ତିଆରି କରିବାରେ ସହଯୋଗ କରିବ। ଏହି ଗସ୍ତ ଅବସରରେ ଧର୍ମେନ୍ଦ୍ର ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ତଥା ଓଡିଶାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମଧ ତାଙ୍କ ବାସଭବନରେ ଭେଟିଛନ୍ତି। ରାଜ୍ୟପାଳଙ୍କ ସହ ଏଠାରେ ନିଆଯାଇଥିବା ବିଭିନ୍ନ ତୈଳ ଓ ଗ୍ୟାସ ପ୍ରକଳ୍ପ ଉପରେ ସୂଚିତ କରିଛନ୍ତି। ବିଶେଷଭାବେ କ୍ରୀଷ୍ଣା-ଗୋଦାବରୀ ବେସିନ, ଯାହା ଭବିଷ୍ୟତରେ ଭାରତର ଗ୍ୟାସ ଚାହିଦାକୁ ପୂରଣ କରିବାର ବଡ କ୍ଷମତା ରଖିଛି ଏ ସମ୍ପର୍କରେ ମଧ ଅବଗତ କରାଇଛନ୍ତି।

## ବର୍ତ୍ତମାନ ଭାରତରେ




# ନକଲି ସୋରିଷ ତେଲ କାରଖାନା ଠାବ

- ମାଲିକଙ୍କ ସମେତ ମହିଳା କର୍ମଚାରୀ ଅଟକ
- ୫ ହଜାର ଲିଟର ନକଲି ତେଲ ଜବତ

**ଉଦଳା, ୮।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଚାଲିଥିବା ଏକ ନକଲି ସୋରିଷ ତେଲ କାରଖାନା ଠାବ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୋଲିସ ଚଢାଉ କରି ୫ ହଜାର ଲିଟର ନକଲି ତେଲ ଜବତ କରିବା ସହ ଏହି କାରଖାନାକୁ ସିଲ୍ କରିଛି। ଉଦଳା ଏନ୍ଏସି ଅଧୀନ ୧୨ ନଂ. ୱାର୍ଡରେ ଚାଲିଥିଲା ଏହି ନକଲି ସୋରିଷ ତେଲ କାରଖାନା। ଏହି ଘଟଣାରେ କାରଖାନାର ମାଲିକ ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଜଣେ ମହିଳାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ,ବାଲେଶ୍ୱର ଜିଲା ଶେରଗଡରୁ ରାଇସ୍ ଅଏଲ ଆଣି ତାହାକୁ ରାଇସ ବ୍ରାଣ୍ଡ ତେଲରେ ପ୍ୟାକିଂ କରି ବିକ୍ରି କରିବାକୁ ତାଙ୍କୁ ଅନୁମତି ମିଳିଥିବା କାରଖାନା ମାଲିକ କହୁଛନ୍ତି। ହେଲେ କାରଖାନା ମାଲିକ ଗୌରାଙ୍ଗ ରାଇସ୍ ଅଏଲକୁ ଆଣି ସେଥିରେ ଅପମିଶ୍ରଣ କରି ସୋରିଷ ତେଲ ତିଆରି କରୁଥିଲେ। ବଂଶୀ ଲାଲ ବ୍ରାଣ୍ଡରେ ସୋରିଷ ତେଲ ପ୍ରସ୍ତୁତ କରି ବଜାରକୁ ଛାଡ଼ିଥିଲେ। ଏହି ସୋରିଷ ତେଲକୁ ରଙ୍ଗ କରିବା ନିମନ୍ତେ ଏକ ବିଶେଷ ସାମଗ୍ରୀର ବ୍ୟବହାର କରାଯାଉଥିଲା, ଯାହାକି ତେଲର ରଙ୍ଗକୁ ଅଧିକ ଲାଲ କରୁଥିଲା। ଚଢାଉ ସମୟରେ ପୋଲିସ୍ ପ୍ରାୟ ୫ ହଜାର ଲିଟର ତେଲ ଜବତ କରିବା ସହିତ ପ୍ୟାକିଂ ହୋଇ ବିକ୍ରିନିମନ୍ତେ ଥିବା ତେଲକୁ ଜବତ କରିଛି। ଏହି ନକଲି ତେଲକୁ ବିକ୍ରି ନିମନ୍ତେ କାରଖାନା ମାଲିକ ଉଦଳା ବଜାରରେ ଛାଡିବା ପରିବର୍ତ୍ତେ ଉପାନ୍ତ ଅଞ୍ଚଳକୁ ପଠାଇଥିବା ପୋଲିସ କହିଛି। ବିଶେଷକରି ଶରତ ଏବଂ ବାଲେଶ୍ୱର ଜିଲା ସଜନାଗଡ ଅଞ୍ଚଳକୁ ଏହି ତେଲ ବିକ୍ରି ନିମନ୍ତେ ପଠାଯାଇଥିବା ଜଣାପଡ଼ିଛି। ଚଢାଉ ସମୟରେ ତେଲ ସମେତ ଖାଲି ବୋତଲ, ଠିପି, ତେଲରେ ମିଶୁଥିବା ସାମଗ୍ରୀକୁ ପୋଲିସ୍ ଜବତ କରିଛି। ତେବେ ଥାନାଠାରୁ ମାତ୍ର ଦେଢ କି.ମି. ଦୂରରେ ଆଜକୁ ୪ ମାସ ହେବ ଏହି ନକଲି କାରଖାନା ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପୋଲିସ୍ କିମ୍ବା ଖାଉଟି ବିଭାଗ କିପରି ଏହାର ଟେର୍ ପାଇ ପାରି ନ ଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



ଜବତ ହୋଇଥିବା ନକଲି ସୋରିଷ ତେଲ।

# ମୁଖ୍ୟମନ୍ତ୍ରୀଙ୍କ ୪ଦିନିଆ ଦିଲ୍ଲୀ ଗସ୍ତ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାରଠାରୁ ୪ ଦିନ ପାଇଁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଶନିବାର ଓଡ଼ିଶା ଭବନରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ପ୍ରକଳ୍ପ ଏବଂ ଅନୁଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିବେ। ରବିବାର ଛୁଟିଦିବସ ଥିବାରୁ କୌଣସି ସରକାରୀ କାର୍ଯ୍ୟ ରଖାଯାଇନାହିଁ। ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି ବୋଲି ଜଣାପଡିଛି। ସେହିଦିନ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ବିମାନ ଯୋଗେ ଭୁବନେଶ୍ୱର ଫେରିଆସିବେ ବୋଲି ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବର ୧୮ରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଭବନରେ କେନ୍ଦ୍ରୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ରାଜ୍ୟରେ ବିଭିନ୍ନ ରେଳ ପ୍ରକଳ୍ପ ସମ୍ପର୍କିତ କାର୍ଯ୍ୟର ତ୍ୱରାନ୍ୱିତ କରିବା ନେଇ ମୁଖ୍ୟମନ୍ତ୍ରୀ ସେ ସମୟରେ ନିର୍ଦ୍ଦେଶ ଦେଇଥିଲେ। ତେଣୁ ପୂର୍ବ ବୈଠକ ପରେ କେଉଁ କାର୍ଯ୍ୟ କେତେମାତ୍ରାରେ ଅଗ୍ରଗତି ହୋଇଛି, ସେ ନେଇ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଆବାସିକ କମିଶନର ତଥ୍ୟ ରଖିପାରନ୍ତି ବୋଲି କୁହାଯାଉଛି।

# ୮,୩୦୦ କୋଟିର ଅତିରିକ୍ତ ଚିଠା ବଜେଟକୁ ଅନୁମୋଦନ

**ମନ୍ତ୍ରୀ ପରିଷଦ ବୈଠକ**

**ଭୁବନେଶ୍ୱର, ୮।୧୧ (ବ୍ୟୁରୋ):** ଆସନ୍ତା ୧୩ ତାରିଖରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ ହେବ। ଏହା ଆଗତ ହେବା ପୂର୍ବରୁ ଶୁକ୍ରବାର ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଚିଠା ବଜେଟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଅତିରିକ୍ତ ବ୍ୟୟଭାର ତୁଲାଇବା ପାଇଁ ୮ହଜାର ୩ଶହ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ବିଧାନସଭା ଅଧିବେଶନର ପ୍ରଥମ ଦିବସରେ ଏହି ବଜେଟକୁ ଆଗତ କରାଯିବ।

ଚିଠା ବଜେଟ ପ୍ରସ୍ତାବକୁ ମଞ୍ଜୁରୀ ଦେବାଲାଗି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେଇ ଚିଠା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। କେବଳ ଅତିରିକ୍ତ ବଜେଟକୁ ଅନୁମୋଦନ କରିବା ଲାଗି ଏହି ବୈଠକ ଡକାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ନଭେମ୍ବର ୨୫ ତାରିଖରେ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଅନୁମୋଦନ ହେବ। ଆସନ୍ତା ଡିସେମ୍ବର ୧୯ ତାରିଖରେ ଶୀତକାଳୀନ ଅଧିବେଶନ ଶେଷ ହେବ।

# ଲୁହାପଥର ଗୁଣ୍ଡ ଷ୍ଟକ୍‌ୟାର୍ଡରୁ ଅଚିହ୍ନା ମୃତଦେହ ଉଦ୍ଧାର

**ଯୋଡ଼ା,୮।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ଅଧୀନ ଦେଓଝରଠାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ (ଜେଏସପିଏଲ) କାରଖାନାର ଲୁହାପଥର ଗୁଣ୍ଡ ଷ୍ଟକୟାର୍ଡରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟା ସମୟରେ କାରଖାନାର ୨ନଂ ଲୁହାପଥର ଗୁଣ୍ଡ ଷ୍ଟକ୍‌ୟାର୍ଡରୁ ପେ-ଲୋଡର ମେଶିନ୍ ସାହାଯ୍ୟରେ ଲୁହାପଥର ଗୁଣ୍ଡ ଉଠାଯିବା ବେଳେ ଏହି ମୃତଦେହ ସେଥିରେ ପୋତି ହୋଇରହିଥିବା ମେଶିନ୍ ଅପରେଟର ଦେଖିବାକୁ ପାଇଥିଲେ। ଲୁହାପଥର ଗୁଣ୍ଡରେ ମୃତଦେହର ମୁଣ୍ଡ ସମ୍ପୂର୍ଣ୍ଣ ପୋତି ହୋଇ ରହିଥିଲା। କେବଳ ଆଣ୍ଠୁରୁ ଗୋଡ ଯାଏଁ ଆଂଶିକ ଦେଖାଯାଉଥିଲା। ମେଶିନ୍ ଅପରେଟର ଏ ସମ୍ପର୍କରେ କମ୍ପାନୀ ଅଧିକାରୀଙ୍କୁ ଜଣାଇବାରୁ ସ୍ଥାନୀୟ ବିଲେଇପଦା ଫାଣ୍ଡିକୁ ସୂଚନା ଦିଆଯାଇଥିଲା। ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ଓ ଯୋଡା ଥାନା ସବ୍‌ଇନ୍‌ସପେକ୍ଟର ଅନିଲ କୁମାର ସାମଲ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୫ଟା ସମୟରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରାଯିବା ବେଳେ ତାଙ୍କ ମୁହଁକୁ ଏକ ଗାମୁଛାରେ ବନ୍ଧାଯିବା ସହ ହାତ ଓ ଗୋଡକୁ ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ମୃତଦେହର କୌଣସି ପରିଚୟ ମିଳିପାରି ନାହିଁ ବୋଲି ଘଟଣାର ତଦନ୍ତ କରୁଥିବା ସବଇନ୍‌ସପେକ୍ଟର ସାମଲ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ କମ୍ପାନୀର ମାନବ ସମ୍ବଳ ଉପମୁଖ୍ୟ ଶଶାଙ୍କ ଶେଖର ପଟ୍ଟନାୟକ କହିଛନ୍ତି, ବିଭିନ୍ନ ଖଣିରୁ ଲୁହାପଥର ଗୁଣ୍ଡ ଟ୍ରକରେ ପରିବହନ ହୋଇ କାରଖାନାକୁ ଆସି ଷ୍ଟକୟାର୍ଡରେ ଗଚ୍ଛିତ ରହିଥାଏ। ପରିବହନ ସମୟରେ କୌଣସି ଏକ ଟ୍ରକରେ ମୃତଦେହ ବୋଝେଇ ହୋଇ ବାହାର ଅଞ୍ଚଳରୁ ଏଠାକୁ ଆସି ଥାଇପାରେ। ତଦନ୍ତ ପରେ ଘଟଣା ପଦାକୁ ଆସିବ।

### ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ସମ୍ମିଳନୀ

# ରାଜସ୍ୱ ନିରୀକ୍ଷକସ୍ତରୀୟ କାର୍ଯ୍ୟଧାରାରେ ସୁଧାର ଆବଶ୍ୟକ: ମନ୍ତ୍ରୀ

**ଭୁବନେଶ୍ୱର,୬।୧୧(ବ୍ୟୁରୋ):** ରାଜସ୍ୱ ବିଭାଗକୁ ସରକାରଙ୍କ ମୁଖ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ସମ୍ମିଳନୀରେ ରାଜସ୍ୱ ଅଧିକାରୀଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ମାରାଣ୍ଡି କହିଛନ୍ତି, ରାଜନୈତିକ ବ୍ୟକ୍ତି ନିର୍ବାଚିତ ହୋଇ ନେତାଭାବେ ବିବେଚିତ ହେଉଛନ୍ତି। ମାତ୍ର ରାଜସ୍ୱ ଅଧିକାରୀମାନେ ହେଉଛନ୍ତି ପ୍ରକୃତ ନେତା। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଚଳିତ ୫-ଟି ଆଧାରରେ ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ହେଉଛି ରାଜସ୍ୱ ଅଧିକାରୀଙ୍କ ଦାୟିତ୍ୱ। ଖଣିଜ, ବାଲି, ପଥର ଆଦି ସମ୍ବଳର ଉପଯୋଗ ମାଧ୍ୟମରେ ସରକାର ଅଧିକ ରାଜଭାଗ ଅର୍ଜନ କରିପାରନ୍ତେ। ନିକଟରେ ବିଭିନ୍ନ ଜିଲା, ଉପଖଣ୍ଡ, ତହସିଲ୍‌ଗୁଡ଼ିକୁ ଗସ୍ତ ସମୟରେ ଦାଖଲଖାରଜ, କିସମ ପରିବର୍ତ୍ତନ ଆଦି ମାମଲାରେ ବିଳମ୍ବ ପାଇଁ ରାଜସ୍ୱ ନିରୀକ୍ଷକସ୍ତରର କାର୍ଯ୍ୟଧାରାରେ ସୁଧାର ଆବଶ୍ୟକ ବୋଲି ମନ୍ତ୍ରୀ ମାରାଣ୍ଡି କହିଛନ୍ତି।

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, ରାଜସ୍ୱ ଅଧିକାରୀମାନେ ସରକାରଙ୍କ ସର୍ବ ପ୍ରଧାନ ସେବାର ଅଧିକାରୀ। ଜିଲାସ୍ତରରେ ଏହି ଅଧିକାରୀମାନେ ନେତୃତ୍ୱ ନେଉଥିବାରୁ ସେମାନେ ସ୍ଥୂଳ ଦୃଷ୍ଟିସମ୍ପନ୍ନ ହେବା ଆବଶ୍ୟକ। ଜିଲାସ୍ତରରେ ସୂଚନା ପ୍ରଯୁକ୍ତି ଶିଳ୍ପାୟନର ବୃଦ୍ଧି, ରିଲିଫ୍ ଓ ପୁନଃବସତି କାର୍ଯ୍ୟକ୍ରମ ନିମନ୍ତେ ରାଜସ୍ୱ ଅଧିକାରୀମାନେ ସକ୍ରିୟଭାବେ କାର୍ଯ୍ୟକରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ତାମିଲନାଡୁ ମାଲେସିଆରୁ ବାଲି ଆମଦାନୀ କରୁଥିଲାବେଳେ ଏହା ଓଡ଼ିଶାର ଏକ ବୃହତ୍ ସମ୍ବଳ ଅଟେ। ଏହାର ସଠିକ୍ ଆଇନଗତ ଉତ୍ତୋଳନ କରାଗଲେ ରାଜସ୍ୱ ବୃଦ୍ଧିରେ ସହାୟକ ହେବ ବୋଲି ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ଅନ୍ତର୍ଗତ ସ୍ୱଚ୍ଛତା, ସମାନୁବର୍ତ୍ତିତା, ସହଭାଗିତା ଓ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ପୂର୍ବକ ଜନସାଧାରଣଙ୍କ ସମୃଦ୍ଧି ନିମନ୍ତେ କାର୍ଯ୍ୟକରିବା ପାଇଁ ପ୍ରବର୍ତ୍ତାଇ ଥିବାବେଳେ ଦୁର୍ନୀତି ବିରୋଧରେ ସରକାରଙ୍କ 'ଜିରୋ ଟଲେରାନ୍ସ' ନୀତି ବାବଦରେ ମୁଖ୍ୟ ଶାସନ ସଚିବ ଚେତେଇ ଦେଇଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ନମନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

## ବୁଲ୍‌ବୁଲ୍: ଛାରଖାର...

ବାତ୍ୟା ପ୍ରସ୍ତୁତି ନେଇ ନିୟମିତ ଯୋଗାଯୋଗ କରୁଛନ୍ତି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବୁଲ୍‌ବୁଲ୍‌ର ଗତିବିଧି ଉପରେ କେନ୍ଦ୍ର ସରକାରଙ୍କର ମଧ୍ୟ ନଜର ରହିଛି। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, କେନ୍ଦ୍ର କ୍ୟାବିନେଟ ସଚିବ ରାଜ୍ୟ ସରକାରଙ୍କ ସହିତ ନିୟମିତ ବ୍ୟବଧାନରେ ବାତ୍ୟା ପ୍ରସ୍ତୁତି ନେଇ ସମୀକ୍ଷା କରୁଛନ୍ତି। ଶୁକ୍ରବାର ପୂର୍ବାହ୍ଣରେ ନୂଆଦିଲ୍ଲୀଠାରେ କେନ୍ଦ୍ର କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ଆପତ୍ ପରିଚାଳନା କମିଟି(ଏନ୍‌ସିଏମ୍‌ସି) ବୈଠକରେ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏଥିସହିତ କ୍ୟାବିନେଟ ସଚିବ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆର୍‌ସି କହିଛନ୍ତି ଯେ, ବୁଲ୍‌ବୁଲର ପ୍ରଭାବ ଓଡ଼ିଶା ଉପରେ ଅଧିକ ନ ଥିଲେ ମଧ୍ୟ ଉପକୂଳବର୍ତ୍ତୀ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ସହ ଘଣ୍ଟା ପ୍ରତି ୬୦ରୁ ୯୦ କିମି ବେଗରେ ପବନ ବହିବ। ରାଜ୍ୟର ସମସ୍ତ ମତ୍ସ୍ୟଜୀବୀ ସୁରକ୍ଷିତ ସ୍ଥାନରେ ରହିଛନ୍ତି। ତେବେ ପଶ୍ଚିମବଙ୍ଗର ୫୦ ଜଣ ମତ୍ସ୍ୟଜୀବୀ ଧାମରା ପହଞ୍ଚିବେ ବୋଲି ପଶ୍ଚିମବଙ୍ଗ ସରକାର ଜଣାଇଛନ୍ତି। ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ଏସ୍‌ଆର୍‌ସି କହିଛନ୍ତି। ବାଲେଶ୍ୱର ତଳସାରୀ ସମୁଦ୍ର କୂଳକୁ ପର୍ଯ୍ୟଟକ ଯେପରି ନ ଯିବେ ସେ ନେଇ ପଦକ୍ଷେପ ଗ୍ରହଣ କରିବା ଲାଗି ଜିଲାପାଳଙ୍କୁ କୁହାଯାଇଛି। ପ୍ରଭାବିତ ଆଶଙ୍କା ଥିବା ୬ ଜିଲାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଟିମ୍ ଏବଂ ଅଗ୍ନିଶମ ବାହିନୀକୁ ମୁତୟନ କରାଯାଇଛି। ବାତ୍ୟା ପ୍ରସ୍ତୁତି ସମ୍ପର୍କରେ କ୍ୟାବିନେଟ ସଚିବଙ୍କୁ ଅବଗତ କରାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଟେଲି ଯୋଗାଯୋଗ ସେବା ପ୍ରଭାବିତ ହେଲେ ଟେଲିଫୋନ୍ କମ୍ପାନୀଗୁଡିକୁ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବାକୁ କ୍ୟାବିନେଟ ସଚିବ ପ୍ରତିଶ୍ରୁତି କହିଛନ୍ତି। ବାତ୍ୟା ପ୍ରଭାବରେ ଶୁକ୍ରବାର ଦିନତମାମ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ଜିଲାରେ ହାଲକା ପବନ ସହିତ ବର୍ଷା ଲାଗି ରହିଛି। ସମୁଦ୍ର କୂଳରେ ପବନର ବେଗ ୩୦ରୁ ୪୦ କି.ମି. ରହିଥିବାବେଳେ କେତେକ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଥିବା ସୂଚନା ମିଳିଛି। ବାତ୍ୟା ପାଇଁ ରାଜ୍ୟ ସରକାର ପୂରା ପ୍ରସ୍ତୁତ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

## ଇସ୍ତଫା ଦେଲେ...

ସରକାର ଗଠନ ନେଇ ଚାଲିଥିବା ଅଚଳାବସ୍ଥା ପାଇଁ ଶିବସେନାକୁ ଦୋଷ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦ ଶିବସେନା ସହ ଅଢ଼େଇ ବର୍ଷ ଧରି ପାଳିକରି ଭାଗ କରିବା ନେଇ ପୂର୍ବରୁ ନିଷ୍ପତ୍ତି ହୋଇ ନ ଥିଲା। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କିମ୍ବା ବରିଷ୍ଠ ନେତା ନୀତିନ ଗଡ଼କରୀ ମଧ୍ୟ ଏ ସମ୍ପର୍କରେ କେବେ ନିଷ୍ପତ୍ତି ନେଇ ନ ଥିଲେ। ଅଚଳାବସ୍ଥା ଦୂର କରିବା ଲାଗି ସେ ବ୍ୟକ୍ତିଗତ ଭାବେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କୁ ଫୋନ୍ କରିଥିଲେ। କିନ୍ତୁ ଉଦ୍ଧବ ଫୋନ୍ ଧରି ନ ଥିଲେ। ସହଯୋଗୀ ଦଳ ଭାଜପାକୁ ଛାଡ଼ି କଂଗ୍ରେସ ଓ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସହ ଆଲୋଚନା କରିଛି। ନିର୍ବାଚନ ଫଳାଫଳ ଆସିବା ଦିନ ସରକାର ଗଠନ ପାଇଁ ସବୁ ବିକଳ୍ପ ଖୋଲା ଅଛି ବୋଲି ଉଦ୍ଧବ କହିଥିଲେ, ଯାହାକି ଆମକୁ ଓ ଲୋକଙ୍କୁ ଚକିତ କରିଥିଲା। ଉଦ୍ଧବ ଏପରି କାହିଁକି କହିଥିଲେ ବୋଲି ଫଡ଼ନବିସ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା। ଏହାର ଫଳାଫଳ ୨୪ ତାରିଖରେ ପ୍ରକାଶ ପାଇଥିଲେ ହେଁ ସରକାର ଗଠନ ପାଇଁ ଅଦ୍ୟାବଧି କୌଣସି ଦଳ କିମ୍ବା ମେଣ୍ଟ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇନାହିଁ। ପ୍ରଥମ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନିଜ ପାଖରେ ରଖିବାକୁ ଶିବସେନା ଚାହୁଁଛି, ଯାହାକୁ ଭାଜପା ପୂର୍ବରୁ ପ୍ରତ୍ୟାଖ୍ୟାନ କରିସାରିଛି। ଭାଜପାକୁ ୧୦୫ ଓ ଶିବସେନାକୁ ୫୬ ଆସନରେ ସଫଳତା ମିଳିଥିବାବେଳେ ଏନ୍‌ସିପି ୫୪ ଏବଂ କଂଗ୍ରେସ ପ୍ରାର୍ଥୀ ୪୪ ଆସନରେ ବିଜୟୀ ହୋଇଛନ୍ତି। ବିଧାନସଭା କାର୍ଯ୍ୟକାଳ ଶୁକ୍ରବାର ରାତିରେ ଶେଷ ହେବାକୁ ଥିବାବେଳେ ଗୁରୁବାରଠାରୁ ବାନ୍ଦ୍ରାର ଏକ ହୋଟେଲରେ ଶିବସେନାର ସମସ୍ତ ବିଧାୟକଙ୍କୁ ରଖାଯାଇଛି। ଏପରି ସ୍ଥଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ସରକାର ଗଠନ ହୋଇ ନ ପାରିବା ଯୋଗୁ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଦିବ୍ୟା ଦେବଂଶୀ ପାତ୍ର



ମିଥିଲେଶ କୁମାର ମଣ୍ଡଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ବାପାଙ୍କୁ ଗୁଳି, ପୁଅଙ୍କୁ ...

ଘେରିଯାଇ ବୈଶିଙ୍ଗା ପୋଲିସର ଅପାରଗତା ଯୋଗୁ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ। ଏସ୍‌ପି ଲୋକମାନଙ୍କୁ ବୁଝାଶୁଝା କରି ୩ ଲୁଟେରାଙ୍କୁ ଚିକିତ୍ସା ପାଇଁ ବେତନଟୀ ଚିକିତ୍ସାଳୟକୁ ପଠାଇଥିଲେ। ଫେରାର ହୋଇଯାଇଥିବା ଅନ୍ୟ ୩ ଲୁଟେରାଙ୍କୁ ଧରିବା ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ସୀମାବର୍ତ୍ତୀ ଅଞ୍ଚଳରେ ଖୋଦ ଏସ୍‌ପି ଦାସ ଡିଭିଏଫ ଟିମ୍ ସହିତ ଚଢ଼ାଉରେ ସାମିଲ ହୋଇଥିବା ବେତନଟୀ ଏସଡିପିଓ ଏଲ.କେ. ପଟ୍ଟନାୟକ କହିଛନ୍ତି। ଧରାପଡ଼ିଥିବା ଲୁଟେରାମାନେ ହେଲେ ଗଞ୍ଜାମ ଜିଲା ରାମପୁଡି ଅଞ୍ଚଳର ମିଥୁନ ନାହାକ, ପଶ୍ଚିମବଙ୍ଗ ୨୪ ପ୍ରଗଣାର କୁନାଲ ବାରିକ ଏବଂ କଟକ ଜିଲା ଆଠଗଡ଼ ଅଞ୍ଚଳର ବସନ୍ତ ବିଶ୍ୱାଳ। ସେମାନଙ୍କଠାରୁ ଏକ ମୋଟରସାଇକଲ, ଗୋଟିଏ ମାଉଜର ଓ ଛୁରି ଜବତ ହୋଇଥିବା ଏସଡିପିଓ କହିଛନ୍ତି। ଦୋକାନରୁ ଲୁଟ ହୋଇଛି କି ନାହିଁ ପୋଲିସ ସ୍ପଷ୍ଟ କରିନାହିଁ।

## ଏୟାର ଇଣ୍ଡିଆ ...

କର୍ମଚାରୀମାନେ କହିଥିଲେ। ଅନ୍ୟପକ୍ଷରେ ପୂର୍ବରୁ ରାୟପୁର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ସବୁ ପ୍ରସ୍ତୁତ ରଖାଯାଇଥିଲା। ବିମାନ ଅବତରଣ କରିବା ମାତ୍ରେ ଏମର୍ଜେନ୍ସି ଦରଜା ଦେଇ ଯାତ୍ରୀମାନଙ୍କୁ ବାହାରକୁ ଅଣାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି, ବିମାନ ବାମପଟ ଇଞ୍ଜିନରେ ନିଆଁ ଲାଗିଯିବାରୁ ସନ୍ଧ୍ୟା ୫.୫୭ରେ ରାୟପୁର ଏୟାର ପୋର୍ଟରେ ବିମାନକୁ ଜରୁରୀ ଅବତରଣ କରାଯାଇଥିଲା। ସେଥିରେ ଯାତ୍ରା କରୁଥିବା ସମସ୍ତ ୮୯ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି।

## ଜଷ୍ଟିସ୍ ଅକ୍ଷୟ ରଥଙ୍କୁ ବିଦାୟ ସମ୍ବର୍ଦ୍ଧନା

କଟକ ଅଫିସ, ୮।୧୧

ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଡ. ଅକ୍ଷୟ ରଥଙ୍କୁ ଶୁକ୍ରବାର ଫୁଲ୍ କୋର୍ଟ ରେଫରେନ୍‌ସରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ହାଇକୋର୍ଟରେ ଅପରାହ୍ନ ୩ଟା ୧୫ ମିନିଟ୍‌ରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବିଚାରପତିଙ୍କ ସମେତ ହାଇକୋର୍ଟର ସମସ୍ତ ବିଚାରପତି, ବରିଷ୍ଠ ଆଇନଜୀବୀ ଯୋଗଦେଇ ରଥଙ୍କ ସୁସ୍ଥଜୀବନ କାମନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କାମରେ ସଫଳତା, ବନ୍ଧୁଙ୍କ ସହୃଦୟତା ଓ ପାରିବାରିକ ସ୍ଥିରତାରୁ ମାନସିକ ଶାନ୍ତି ପାଇବେ। ବନ୍ଧୁଙ୍କ ସହ ସାୟଂକାଳୀନ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସନୀୟ କାମ କରି ବୁଦ୍ଧିଜୀବୀମାନଙ୍କ ଦୃଷ୍ଟି ଆକର୍ଷଣ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ସଫଳତା ମିଳିବ।

**ବୃଷ** ଯୋଜନା ଗଡ୍‌ବଡ୍ ହୋଇଯାଇଥିବାରୁ ମନଟା ଗୋଳମାଳିଆ ରହିବାର ସୂଚନା ରହିଛି। ଆଜି କୌଣସି କଥାକୁ ଭଲରୂପେ ନ ବୁଝି ନ ଶୁଝି ପରିବାର ସଦସ୍ୟଙ୍କ ଉପରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସ୍ୱାସ୍ଥ୍ୟହାନି କାରଣରୁ ପ୍ରତ୍ୟେକ କାମରେ ପଛୁଆ ରହିବେ।

**ମିଥୁନ** କର୍ମଜଞ୍ଜାଳର ବ୍ୟାପକ ପରିସର ବୃଦ୍ଧି ଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟତିକ୍ରମ ଭିତରେ କଟିବ। ପିଲାଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ଓ ନିମ୍ନ ମାନର ଶିକ୍ଷାକୁ ନେଇ ଚିନ୍ତିତ ରହିବେ। କଚେରି ମାମଲା କିମ୍ବା ଜମିଜମା ସମସ୍ୟା ସମାଧାନ ହେବାରେ ବିଶେଷ ଡେରି ହେବ ନାହିଁ। ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ।

**କର୍କଟ** ଆପଣଙ୍କ କଥାକୁ ଅନ୍ୟମାନେ କଦର୍ଥ କରିପାରନ୍ତି। ସନ୍ତାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ସହ କର୍ମକ୍ଷେତ୍ରର ମତାନ୍ତର ଆଜିର ଦୁଶ୍ଚିନ୍ତାର କାରଣ ହୋଇପାରେ। ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ବନ୍ଧୁମେଳରେ ଆଦର, ଅଭ୍ୟର୍ଥନା ଓ ସଦିଚ୍ଛା ମିଳିବ।

**ସିଂହ** କାମଗୁଡିକ ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବା ହେତୁ ମନସ୍ତାପ କରିପାରନ୍ତି। ବନ୍ଧୁ ଓ ସହକର୍ମୀମାନଙ୍କ ଅବହେଳା ଓ ଖାମଖିଆଲ ନୀତି ଏହାର ମୁଖ୍ୟ କାରଣ ହେବ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ବାଣିଜ୍ୟ, ବ୍ୟବସାୟ ବାଧାପ୍ରାପ୍ତ ହେବନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କନ୍ୟା** ମନରେ ଚଞ୍ଚଳତା ସୃଷ୍ଟି ହେଲେ ମଧ୍ୟ ଯାତ୍ରା ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ରହିବ। ବିଶେଷ ଖର୍ଚ୍ଚାନ୍ତ ଯୋଗ ରହିଛି, ଅବଶ୍ୟ କୌଣସି ଦ୍ରବ୍ୟକ୍ରୟ ପାଇଁ ହୋଇପାରେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କୌଶଳପୂର୍ଣ୍ଣ କଥା କହି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ।

**ତୁଳା** ଯାତ୍ରା, ବିବାଦ, ଗୃହାରମ୍ଭ ପ୍ରଭୃତିରେ ସମସ୍ୟା ଜନିତ ସ୍ଥିରତା ରହି ନ ପାରେ। ସଭାସମିତି ଓ ସଙ୍ଗଠନ, କଳା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ, ଅବଶ୍ୟ କିଛି ଗୁରୁତର ହେବନାହିଁ। ବାଣିଜ୍ୟ, ବ୍ୟବସାୟ, ମନୋରଞ୍ଜନ, କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସମ୍ମାନ ପାଇ ଖୁସୀ ହେବେ।

**ବିଛା** ମିତ୍ରମାନଙ୍କ ସହଯୋଗ ସଙ୍ଗକୁ ପାରିବାରିକ ଶାନ୍ତି ଓ ସଦ୍‌ଭାବରୁ ମାନସିକ ଶାନ୍ତି ପାଇବେ। ମାଙ୍ଗଳିକ କାମ ସକାଶେ ଆଲୋଚନା କରିପାରନ୍ତି। ଜମିଜମା ବିବାଦ କିମ୍ବା ଆରକ୍ଷୀ ସମ୍ବନ୍ଧିତ ସମସ୍ୟାର ସରଳ ସମାଧାନ ଆଶା କରାଯାଇପାରେ। ଅର୍ଥ ପ୍ରାପ୍ତିରେ ବାଧା ସୃଷ୍ଟିର ଆଶଙ୍କା ରହିଛି। ବ୍ୟବସାୟ, ପରିବହନ, ସାମ୍ବାଦିକତା ପାଇଁ ଅସୁବିଧା ହେବନାହିଁ।

**ଧନୁ** ଦୈହିକ ସୁସ୍ଥତା ସଙ୍ଗକୁ ବନ୍ଧୁମାନଙ୍କ ସହଯୋଗ କାର୍ଯ୍ୟସାଧନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ପାଇବାର ହକ୍ ରହିଥିଲେ ସୁଦ୍ଧା ଅନ୍ୟମାନଙ୍କ ଅବହେଳାରୁ ତାହା ନ ପାଇ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ନେଲେ ସଫଳ ହେବେ। ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି।

**ମକର** ପୂର୍ବରେ ସ୍ଥିତି ବଦଳି ଯାଇଥିବାରୁ ମନ ଏକପ୍ରକାର ହାଲୁକା ରହିବ। କିନ୍ତୁ ବନ୍ଧୁ, ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟହାନି ଜନିତ ସାମୟିକ ମନସ୍ତାପ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ମନୋରଞ୍ଜନର ମଉକା ପାଇପାରନ୍ତି। ବିଭିନ୍ନ କ୍ଷେତ୍ରରେ ସୁଯୋଗ ଲାଭକରି କାର୍ଯ୍ୟ ସମ୍ପନ୍ନ କରିପାରିବେ। ପୁରାତନ ରୋଗ ଓ ପୁରୁଣାବାକି ଟଙ୍କା ପରିଶୋଧର ଚିନ୍ତା କରିପାରନ୍ତି।

**କୁମ୍ଭ** ଛୋଟଛୋଟ କଥାକୁ କେନ୍ଦ୍ରକରି ଅଯଥା ଆଲୋଚନାର ନିର୍ଯ୍ୟାସ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ। ଅଳସୁଆମି ଓ କାଳକ୍ଷେପଣ ନୀତି ସକାଶେ କେତେକ କାମ ଅଧୁରା ରହିଯାଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ସହକର୍ମୀଙ୍କ ସହଯୋଗ ମନୋବୃତ୍ତି କାମକୁ ତ୍ୱରାନ୍ୱିତ କରିବ।

**ମୀନ** ପରିବାରର ସମସ୍ୟାକୁ ନେଇ ପାରସ୍ପରିକ ଦୋଷାରୋପ ଅଶାନ୍ତିକୁ ବୃଦ୍ଧି କରିପାରେ। ପୂର୍ବଶତ୍ରୁତା, ସ୍ଥଗିତ କାର୍ଯ୍ୟ ଓ ବନ୍ଧୁ ମତାନ୍ତର ମୁଖ୍ୟ ସମସ୍ୟା ହୋଇପାରେ। ତଥାପି ବ୍ୟବସାୟିକ ସଫଳତା, ସଭାସମିତିରେ ସଫଳତା ହାସଲ କରିବେ। ଆଜିର ଯାତ୍ରା, ଅର୍ଥ ସମ୍ବନ୍ଧୀୟ କଥାବାର୍ତ୍ତା ଓ ସରକାରୀ କାମରେ ନିୟୋଜିତ ହୋଇପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର, ନଭେମ୍ବର ୯ ତାରିଖ, ତୁଳସୀ ବିବାହ, ଶ୍ରୀମନ୍ଦିରରେ ବାଙ୍କଚୂଡା ବେଶ, ଜାତୀୟ ଆଇନସେବା ଦିବସ, ରାଶି/ନକ୍ଷତ୍ର- ଉତ୍ତରଭାଦ୍ର ଦିବା ଘ.୨ ।୫୬ମି. ଗତେ ରେବତୀ/ମୀନ, ଧନୁ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୨୫ମି. ଗତେ ଘ.୯ ।୩୯ମି. ମଧ୍ୟେ, ଘ.୧୧ ।୫୩ ଗତେ ଘ.୨ ।୫୧ମି. ମଧ୍ୟେ ଅମୃତ ବେଳା। ଦିବା ଘ.୮ ।୪୩ମି. ଗତେ ଘ.୧୦ ।୦୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68403

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777.** D-68414

Plot for sale near infosys-2 Road side ଘରବାରି ପାଚେରି, ପାଣି ଓ Electricity ସୁବିଧା ସହିତ and କଟକ, ଭୁବନେଶ୍ୱର NH-5 ଠାରୁ ଏକ କିଲୋମିଟର ଭିତରେ ଘରବାରି plot ମିଳୁଅଛି। 9438101895, 8917527255. D-15070

To sell Running Bakery at Pahala (Bhubaneswar) with goog turnover. Contact: 9178778888. D-63220

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68412

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8249779595.** D-68420

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak- 9937329999.** D-68025

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

**3800sqft GA plot immediately sale at Surya nagar, Bhubaneswar, only buyer directly contact Deepak- 9937329999.** D-68024

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

**ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102.** D-68419

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15138

to-let

3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Rejuvenate and ayurvedic full body massage by smart therapist. 9114402304. D-68145

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

Ayurvedic herbal body massage trend therapist Mob: 8018246332. D-66993

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

Ayurvedic full body massage ladies/ gents smart experts therapist: 8480939300. D-66994

KAJAL Ayurvedic massage club fully relaxed by smart lady home service available- 9937637219. D-66995

Monalisa Massage Club: All types body massage with hiprofile smart lady rooms service available- 9708545108. D-15137

Refresh your mind and soul with best therapy at Orchid Salon/Spa. 9937287222. D-66998

**BUSINESS**

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

**ASTROLOGY**

ବଶୀକରଣ, ପ୍ରେମବିବାହ, ବେପାରବୃଦ୍ଧି, ପତିପତ୍ନୀ ମନାନ୍ତର ଇତ୍ୟାଦିର ସମାଧାନ ମାତ୍ର ୧୬୫୦ ଟଙ୍କାରେ ଯୋଗାଯୋଗ କରନ୍ତୁ। 8427156678. D-59941

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୀତି ବଢ଼ାଉଛି ଅଶାନ୍ତ ସମୁଦ୍ର



- ବାତ୍ୟା 'ବୁଲବୁଲ' ପ୍ରଭାବର ମୁକାବିଲା ଲାଗି ପ୍ରଶାସନ ତତ୍ପର
- ଭୋଗରାଇରେ ପହଞ୍ଚିଲା ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍
- ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀ, ପର୍ଯ୍ୟଟକଙ୍କୁ ମନା

**ଭୋଗରାଇ/ବାଲେଶ୍ୱର ଅଫିସ, ୮।୧୧(ଡି.ଏନ.ଏ.)**

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ବୁଲବୁଲ' ଆଗକୁ ଆଗକୁ ଯେତିକି ଅଗ୍ରସର ହେଉଛି ସେତିକି ସମୁଦ୍ର ଉତ୍ତାଳ ହୋଇଉଠୁଛି। ଶୁକ୍ରବାର ସନ୍ଧ୍ୟାରୁ ପବନର ବେଗ ବଢ଼ିବା ସହ ଜୁଆର ଉଚ୍ଚତା ବଢୁଥିବାରୁ ଉପକୂଳବାସୀ ଆତଙ୍କିତ ହୋଇଉଠୁଛନ୍ତି। ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଆବଶ୍ୟକ ହେଲେ ଉପକୂଳ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ସୂଚନା ମିଳିଛି। ଏହା ମଧ୍ୟରେ ଓଡ୍ରାଫ ଓ ଏନଡିଆରଏଫ ଟିମ୍ ଆସି ଉପକୂଳବର୍ତ୍ତୀ ଭୋଗରାଇ ଅଞ୍ଚଳରେ ପହଞ୍ଚିଛନ୍ତି। ବାତ୍ୟା ସମ୍ପର୍କୀୟ ସୂଚନା ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇ ଲୋକଙ୍କୁ ସତର୍କ କରାଇ ଦିଆଯାଉଛି। ସମୁଦ୍ର ଜୁଆର ମାଡରେ ଦିଗହରା ହୋଇ ପଶ୍ଚିମବଙ୍ଗର କେତେକ ବୋଟ ବାଲେଶ୍ୱରଠାରୁ ଭଦ୍ରକ ଉପକୂଳ ମଧ୍ୟରେ କେତେକ ସ୍ଥାନରେ ଲାଗିଥିବା ଜଣାପଡ଼ିଛି। ବାତ୍ୟା 'ବୁଲବୁଲ' ସୁନ୍ଦରବନ ଦେଇ ବାଂଲାଦେଶରେ ଲ୍ୟାଣ୍ଡଫଲ୍ କରିବା ସମ୍ଭାବନା ଥିଲେ ମଧ୍ୟ ଏହା ପ୍ରଭାବରେ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ଓ ପବନ ବହିବା ଆଶଙ୍କା ରହିଛି। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା ସୂଚନା ଦେଇଛି। ଏଥିପାଇଁ ଭୟଭୀତ ନ ହୋଇ ପ୍ରଶାସନକୁ ସହଯୋଗ କରି ପରିସ୍ଥିତି ମୁକାବିଲା କରିବାକୁ ପରାମର୍ଶ ଦିଆଯାଇଛି।



ଉଦୟପୁର ଉପକୂଳରେ ଲାଗିଛି ଶତାଧିକ ମାଛ ମରା ଡଙ୍ଗା।

ଶୁକ୍ରବାର ପୂର୍ବାହ୍ନରୁ ଉପକୂଳ ଅଞ୍ଚଳରେ ପାଗ ମେଘୁଆ ରହିଥିଲା। ପରେ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ ସୀମା ଦୀଘା ଉପକୂଳଠାରୁ ବାଲେଶ୍ୱର ଉପକୂଳ ଯାଏ ସମୁଦ୍ରର ଭୟଙ୍କର ରୂପ ଦେଖିବାକୁ ମିଳିଥିଲା। ସମୁଦ୍ରକୁ ଯାଇଥିବା ଅନେକ ମତ୍ସ୍ୟଜୀବୀ ଏହି ସମୟ ଭିତରେ ଫେରିଆସିଥିବା ସୂଚନା ମିଳିଛି। ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଡଗରା, ଚୌମୁଖ, ବାହାବଳପୁର, କଷାଫଳ ଆଦି ମତ୍ସ୍ୟ ଅବତରଣ କେନ୍ଦ୍ରରେ ଶତାଧିକ ମାଛଧରା ଡଙ୍ଗାକୂଳରେ ଲାଗିଥିବା ଜଣାପଡ଼ିଛି। ବାତ୍ୟାର ସେଭଳି ପ୍ରଭାବ ନ ରହିଲେ ମଧ୍ୟ ବର୍ଷା ହେଲେ ଅମଳ ହେବାକୁ ଥିବା ଖରିଫ୍ ଧାନ ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ଚାଷୀକୁଳକୁ ଚିନ୍ତିତ କରିଛି। ସେହିପରି ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା ବ୍ଲକ ସମେତ ଜିଲାରେ ବହୁ ନଡ଼ାଛପର ଘରେ ରହୁଥିବା ଗରିବ ପରିବାର ଆଶଙ୍କିତ ହୋଇ ରହିଛନ୍ତି। ଉଦୟପୁର, ତାଳସାରୀ, ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣୀ ପର୍ଯ୍ୟଟନସ୍ଥଳୀ ନିକଟ ସମୁଦ୍ର ଉପକୂଳ ଏକପ୍ରକାର ଶୂନଶାନ ହୋଇପଡ଼ିଛି। ସମସ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଥିବା ବେଳେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଜିଲାରେ ଥିବା ସମସ୍ତ ମେରାଇନ୍ ଥାନା ଓ ଥାନା ପୋଲିସ କର୍ମଚାରୀଙ୍କ ସହିତ ବିଡ଼ିଓ, ତହସିଲଦାର, ଜିଲା ପ୍ରଶାସନ ସମୁଦ୍ରକୂଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଭିଡ଼ିଓ କନଫରେନ୍ସ ଜରିଆରେ ବାତ୍ୟା ମୁକାବିଲା ପାଇଁ ସତର୍କ ରହିବା ସକାଶେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪ଟି ଓଡ୍ରାଫ୍ ଟିମ୍ ସୋର, ଜଳେଶ୍ୱର, ବାଲିଆପାଳ ଏବଂ ଭୋଗରାଇକୁ ପଠାଯାଇ ଥିବାବେଳେ ଏନ୍‌ଡିଆର୍‌ଏଫ୍ ଟିମ୍ ସଜାଗ ରହିଛି। ପ୍ରତ୍ୟେକ ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବିସ୍କୁଟ୍, ଚୂଡ଼ା, ଗୁଡ଼, ମହମବତୀ, ଛତୁଆ, କିରୋସିନ, ପଲିଥିନ୍ ମହଜୁଦ ରଖିବା ସହ ମାଗଣା ରୋଷେଇ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ରହିଥିବାର ଜିଲା ଜରୁରୀକାଳୀନ ଅଧିକାରୀ ଅଭୟ ନାୟକ ପ୍ରକାଶ କରିଛନ୍ତି।

## ସମ୍ଭାବ୍ୟ ବାତ୍ୟା, ବର୍ଷା ପାଇଁ ଚାଷୀ ଆତଙ୍କିତ

**ଆନନ୍ଦପୁର,୮।୧୧(ସ୍ୱ.ପ୍ର.)**

ସମ୍ଭାବ୍ୟ ବର୍ଷା ଆଶଙ୍କା ନେଇ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ଚାଷୀକୁଳ ଏବେ ଆତଙ୍କିତ ହୋଇପଡ଼ିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଜମିରୁ ପାଚିଲା ଧାନ କାଟିନେବା ପାଇଁ ପରାମର୍ଶ ଦିଆଯିବା ପରେ କେତେକ ଚାଷୀ ତରବରିଆ ଭାବେ ଫସଲ ଅମଳ ଆରମ୍ଭ କରିଛନ୍ତି। ତେବେ ବିଲରେ ପାଣି ଜମି ରହିଥିବାରୁ ସେହି ଜମିରୁ ଧାନ କାଟିବା ସମ୍ଭବପର ହୋଇପାରୁ ନାହିଁ । ଖାଲୁଆ ଜମିରେ ଧାନ ଫୁଲ ଖେଳାଉଥିବା ଅବସ୍ଥାରେ ରହିଛି। ଏ ସମୟରେ ବର୍ଷା ହେଲେ ଫସଲର ବ୍ୟାପକ କ୍ଷତି ଘଟିବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ମୁକାବିଲା ଲାଗି ପ୍ରସ୍ତୁତି

## ପହଞ୍ଚିଲେ ଏନ୍‌ଡିଆର୍‌ଏଫ୍ ଟିମ୍

**ଭଦ୍ରକ ଅଫିସ, ୮।୧୧**

ସମ୍ଭାବ୍ୟ ବାତ୍ୟା 'ବୁଲ୍‌ବୁଲ୍'ର ମୁକାବିଲା ଲାଗି ଭଦ୍ରକ ଜିଲା ପ୍ରଶାସନ ସଜାଗ ଥିଲେ ମଧ୍ୟ ସମୁଦ୍ର କୂଳିଆ ଲୋକେ ନାନା ଆଶା ଆଶଙ୍କାରେ ସମୟ ବିତାଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକ ପ୍ରଶାସନ ମାଧ୍ୟମରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇ ଲୋକଙ୍କୁ ସଜାଗ କରାଯାଇଛି। କଚ୍ଚାଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ବାତ୍ୟାଶ୍ରୟ ସ୍ଥଳୀ କିମ୍ବା ଗୋଷ୍ଠୀ ରହଣୀ କେନ୍ଦ୍ରକୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ବାତ୍ୟାଶ୍ରୟ ସ୍ଥଳୀକୁ ଅଣାଯିବ। ତେବେ ଆଗୁଆ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ବ୍ୟବସ୍ଥା କରାଯାଇଛି। ଏଥିସହ ପ୍ରତି ପଞ୍ଚାୟତରେ ଚୁଡ଼ା, ଗୁଡ଼ ଓ ପିଇବା ପାଣି ପ୍ୟାକେଟ୍ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସମସ୍ତ ବ୍ଲକ ମୁଖ୍ୟାଳୟ ଓ ସମୁଦ୍ର କୂଳିଆ ବାତ୍ୟାଆଶ୍ରୟ ସ୍ଥଳୀରେ ତହସିଲଦାର, ବିଡ଼ିଓ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉପକୂଳବର୍ତ୍ତୀ ଚାନ୍ଦବାଲି ଓ ବାସୁଦେବପୁର ଅଞ୍ଚଳରେ ଥିବା ୬୪ଟି ବାତ୍ୟାଶ୍ରୟ ସ୍ଥଳୀକୁ ଖୋଲାଯାଇଛି। ଧାମରା ବନ୍ଦର ଓ ଏହା ଆଖପାଖ ଅଞ୍ଚଳରେ ୩ ନମ୍ବର ବିପଦସଙ୍କେତ ଘୋଷଣା କରାଯାଇ ମତ୍ସ୍ୟଜୀବୀଙ୍କୁ ଆଗାମୀ ୩ ଦିନ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ୨ଟି ଏନ୍‌ଡିଆର୍‌ଏଫ୍ ଟିମ୍ ଆସି ବାସୁଦେବପୁର ଓ ଭଦ୍ରକ ଉପକଣ୍ଠ ଗେଲପୁର ସ୍କୁଲରେ ଡେରା ପକାଇ ରହିଛନ୍ତି।



ଭଦ୍ରକ ଗେଲପୁର ସ୍କୁଲ ନିକଟରେ ଏନ୍‌ଡିଆର୍‌ଏଫ୍ ଟିମ୍।

### ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

ଭଦ୍ରକ ବିଦ୍ୟୁତ୍ ମଣ୍ଡଳ ପକ୍ଷରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଭଦ୍ରକ ଉତ୍ତର ବିଦ୍ୟୁତ୍ ଖଣ୍ଡ ପାଇଁ ଟୋଲ ଫ୍ରି ନମ୍ବର ଭାବେ ୯୪୩୮୯୦୬୦୩୩ ଓ ଭଦ୍ରକ ଦକ୍ଷିଣ ବିଦ୍ୟୁତ୍ ଖଣ୍ଡ ପାଇଁ ୯୪୩୮ ୯୦୬୧୦୪ ଜାରି କରାଯାଇଛି। ସେହିଭଳି ଜିଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଲଗାଣ ବର୍ଷା ଓ ଆକସ୍ମିକ ଅଘଟଣ, ବାତ୍ୟା ଆଶଙ୍କାକୁ ଆଖି ଆଗରେ ରଖି ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ୦୬୭୮୪ ୨୫୧ ୮୮୧ ନମ୍ବର ଜାରି କରାଯାଇଛି।

### ଭଦ୍ରକ ଅଗ୍ନିଶମ ବିଭାଗ ତତ୍ପର

ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ସକାଶେ ଡେପୁଟି ଫାୟାର ଅଫିସର୍ ଅରୁଣ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସହକାରୀ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଜିଲାରେ ୧୨ଟି ସ୍ୱତନ୍ତ୍ର ଟିମ୍ ଏଥିପାଇଁ ସଜାଗ ରହିଛନ୍ତି। ମୋଟରବୋଟ୍, ଆସ୍କାଲାଇଟ, କଟର୍ ମେଶିନ, ପୋର୍ଟେବୁଲ୍ ପମ୍ପ, ଅକ୍ସିଜେନ୍ ସିଲିଣ୍ଡର ସମେତ ଅନ୍ୟାନ୍ୟ ଜରୁରୀକାଳୀନ ଯନ୍ତ୍ରାଂଶ ପ୍ରସ୍ତୁତ ରଖାଯାଇଛି। ଶୁକ୍ରବାର ଏସବୁ ଯନ୍ତ୍ରାଂଶର ପରୀକ୍ଷା କରାଯାଇଥିଲା।

**ବାସୁଦେବପୁର/ପଦ୍ମପୁର,୮।୧୧(ଡି.ଏନ.ଏ.):** ସମ୍ଭାବ୍ୟ ବାତ୍ୟା 'ବୁଲ୍‌ବୁଲ୍'ର ମୁକାବିଲା ପାଇଁ ସରକାରୀସ୍ତରରେ ଚାଲିଛି ବ୍ୟାପକ ପ୍ରସ୍ତୁତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବାତ୍ୟା ବାଂଲାଦେଶ ମୁହାଁ ହୋଇଥିଲେ ମଧ୍ୟ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାରେ ପ୍ରବଳ ବର୍ଷା ସାଙ୍ଗକୁ ୮୦ରୁ ୯୦ କି.ମି. ବେଗରେ ପବନ ବହିବ। ଶୁକ୍ରବାର ପୂର୍ବାହ୍ନ ୧୦ଟାଠାରୁ ବାସୁଦେବପୁର ଅଞ୍ଚଳରେ ଆରମ୍ଭ ହୋଇଛି ଦୁହାକୁ ଦୁହା ବର୍ଷା। ଏଥିସହ ୩୦ରୁ ୪୦ କି.ମି. ବେଗରେ ପବନ ବହିବାରେ ଲାଗିଛି। ଆଗକୁ ପବନର ବେଗ ବଢ଼ିବା ସହ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ପୂର୍ବାହ୍ନରେ ଏନ୍‌ଡିଆର୍‌ଏଫ୍‌ର ଏକ ୨୫ ଜଣିଆ ଟିମ୍ ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିଛନ୍ତି। ବ୍ଲକର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସରକାରୀ କର୍ମଚାରୀ ଏବଂ ବିଭାଗୀୟ ଅଧିକାରୀ ପହଞ୍ଚି ପରିସ୍ଥିତିର ଆକଳନ କରିବା ସହ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ ରଖିଛନ୍ତି। ଏହି ଅଞ୍ଚଳରେ ଧାନ ପାଚି ଆସୁଥିବା ବେଳେ ସମ୍ଭାବ୍ୟ ବାତ୍ୟା ଓ ପବନକୁ ନେଇ ଚାଷୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।



ବାସୁଦେବପୁରରେ ଏନ୍‌ଡିଆର୍‌ଏଫ୍ ଟିମ୍।



ବର୍ଷା ପାଣିରେ ବୁଡ଼ିଯାଇଛି ଧାନଗଛ।


ବୈଂକ ऑफ़ इंडिया Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଆଞ୍ଚଳିକ କାର୍ଯ୍ୟାଳୟ:କେନ୍ଦୁଝର,** ଲାବଣ୍ୟ ଛକ, ମାଇନିଂ ରୋଡ, କେନ୍ଦୁଝର-୭୫୮୦୦୧, ଓଡ଼ିଶା ।

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ [ ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ଜାମିନ୍‌ଦାରମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, କରେଇକେଲା ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| କରେଇକେଲା ଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| (୧) ଋଣଗ୍ରହୀତା- ଶ୍ରୀମତୀ ରେହେନା ଖତୁନ୍, ସ୍ୱା: ଶ୍ରୀ ମହମ୍ମଦ ଆଜାଦ୍, ଜାମିନ୍‌ଦାର: ଶ୍ରୀ ମହମ୍ମଦ ଆଜାଦ୍, ପିତା: ଶ୍ରୀ ମହମ୍ମଦ ରିୟାସତ୍, ଉଭୟଙ୍କ ଠିକଣା: ସା/ପୋ: ବିସ୍ରା, ଜିଲ୍ଲା-ସୁନ୍ଦରଗଡ, ଓଡିଶା-୭୭୦୦୩୬। | ତା.୨୦.୦୬.୨୦୧୯ ସୁଦ୍ଧା (୧)ଟ.୯,୭୮,୫୬୨/- (୨)ଟ.୧୦,୩୬,୭୪୮/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୦.୦୬.୨୦୧୯ / ୦୬.୧୧.୨୦୧୯ | ଶ୍ରୀମତୀ ରେହେନା ଖତୁନ୍‌ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୧୨୯/୩୫୨, ପ୍ଲଟ ନଂ.: ୨/୧୫୪୨, କିସମ: ଘରବାରୀ, ଏରିଆ: ଏକର୦.୦୫ ଡିସିମିଲି, ମୌଜା/ଥାନା/ତହସିଲି: ବିସ୍ରା, ଏସ୍‌ଆରଓ: ବିରମିତ୍ରପୁର, ଜିଲ୍ଲା: ସୁନ୍ଦରଗଡ, ଓଡିଶା-୭୭୦୦୩୬, ଚଉହଦି: ଉତର- ପ୍ଲଟେଡ୍ ରାସ୍ତା, ଦକ୍ଷିଣ/ପୂର୍ବ/ପଶ୍ଚିମ- ପ୍ଲଟ ନଂ.୧୧୭୭/ପି । |
| (୨) ଋଣଗ୍ରହୀତା- ଶ୍ରୀ ରଜତ କୁମାର ସାହୁ, ପିତା: ଶ୍ରୀ ମହେନ୍ଦ୍ର ସାହୁ, ସା/ପୋ: କରେଇକେଲା, ଥାନା: ବିସ୍ରା, ଜିଲ୍ଲା: ସୁନ୍ଦରଗଡ, ଓଡିଶା-୭୭୦୦୩୬। | ତା.୨୦.୦୬.୨୦୧୯ ସୁଦ୍ଧା (୧)ଟ.୧୮,୮୬,୪୩୯/- (୨)ଟ.୪,୨୯,୧୩୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୦.୦୬.୨୦୧୯ / ୦୬.୧୧.୨୦୧୯ | ଶ୍ରୀ ରଜତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୯୧/୩୩, ପ୍ଲଟ ନଂ.:୪୧୮/୬୦୭, କିସମ: ଘରବାରୀ, ଏରିଆ: ଏକର୦.୭୦ ଡିସିମିଲି, ମୌଜା: କରେଇକେଲା, ଥାନା/ତହସିଲି: ବିସ୍ରା, ଏସ୍‌ଆରଓ: ବିରମିତ୍ରପୁର, ଜିଲ୍ଲା: ସୁନ୍ଦରଗଡ, ଓଡିଶା-୭୭୦୦୩୬, ଚଉହଦି: ଉତର-ପ୍ଲଟ ନଂ.୫୮୭, ଦକ୍ଷିଣ-ପ୍ଲଟ ନଂ.୫୯୩ ଏବଂ ରାସ୍ତା, ପୂର୍ବ-ପ୍ଲଟ ନଂ.୫୮୭, ପଶ୍ଚିମ-ପ୍ଲଟ ନଂ.୫୯୦ । |

ସ୍ଥାନ-କେନ୍ଦୁଝର, ତାରିଖ-୦୮.୧୧.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ


# ବୁଲ୍‌ବୁଲ୍ ପ୍ରଭାବ
# ପାଣିରେ ବୁଡ଼ିଲା ଧାନଗଛ

**ବାହାନଗା, ୮।୧୧(ଡି.ଏନ.ଏ.)**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଚଳରେ ଝିପିଝିପି ବର୍ଷା ଦିନତମାମ ଲାଗିରହିଛି। ପବନ ବହିବାରୁ ଧାନଗଛର ଥୋଡ ସବୁ ପାଣିରେ ମିଶିଯାଇଛି। ଫଳରେ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି।

ବ୍ଲକର ୧୮ହଜାର ୭ଶହ ହେକ୍ଟର ଚାଷଜମି ଥିବା ବେଳେ ସେଥିମଧ୍ୟରୁ ୧୮ ହଜାର ହେକ୍ଟରରୁ ଅଧିକ ବିଲରେ ଚାଷ ହୋଇଥିଲା। ଚଳିତବର୍ଷ ଡେରିରେ ବର୍ଷା ହେବା ସତ୍ତ୍ୱେ ଚାଷୀମାନେ ଗଭୀର ନଳକୂପ ଦ୍ୱାରା ପାଣି ବାହାର କରି ଚାଷ କରିଥିଲେ। ଚାଷୀମାନେ ଋଣ କରିବା ସହିତ ଧାର କରଜ କରି ଚାଷ କରିଥିଲେ। ମାତ୍ର କିଛି ଦିନ ତଳେ ଲଘୁଚାପ ବର୍ଷା ହେବାରୁ କେତେକ ସ୍ଥାନରେ ବାହାରୁଥିବା ଧାନ ଗଛ ଜମିଥିବା ପାଣିରେ ମିଶିଯାଇଥିଲା। ପୁନର୍ବାର ଏବେ ବୁଲ୍ ବୁଲ୍ ନାମକ ବାତ୍ୟା ପଶ୍ଚିମ-ଉତ୍ତର ଦିଗ ଆଡକୁ ଗତି କରୁଥିବା ବେଳେ ତାହାର ପ୍ରଭାବରେ ବର୍ଷା ହେବା ସହିତ ପବନ ହେବାରୁ ବାହାନଗା ବ୍ଲକ ଅଞ୍ଚଳରେ ଧାନଗଛଗୁଡକି ପାଣିରେ ପଡିଯାଇଛି। ଫଳରେ କଞ୍ଚା ଧାନ ପାଣିରେ ପଚିଯିବ ବୋଲି ଚାଷୀ ମହେନ୍ଦ୍ର ଯେନା ପ୍ରକାଶ କରିଛନ୍ତି। ଯଦି ବାତ୍ୟା ପ୍ରଭାବରେ ଶୁକ୍ରବାର ରାତିରୁ ଅଧିକ ଜୋରରେ ପବନ ବହେ ତା'ହେଲେ ଚାଷୀମାନଙ୍କ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଯିବ ବୋଲି ଚାଷୀ ଭରତ ଦାଶ ପ୍ରକାଶ କରିଛନ୍ତି।


**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯
ଫୋନ୍ : (୦୬୭୪) - ୨୫୯୭୦୮୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟର ସମ୍ପତ୍ତିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୧୨.୧୨.୨୦୧୯ ରିଖ (ଗୁରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୧୦.୧୨.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| ଋଣଗ୍ରହୀତା: (୧)ଶ୍ରୀ ଅବଦୁଲ୍ ବରୀ, (୨)ଶ୍ରୀମତୀ ରିଜୱାନା ଜହନ୍, ସ୍ୱା: ଅବଦୁଲ୍ ବରୀ, ଉଭୟଙ୍କ ଠିକଣା: ଲୋକୋ କଲୋନୀ, ମେଡିକାଲ୍ ଡିସ୍ପେନସାରୀ ପଛପଟ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦। | କ)୧୮.୦୫.୨୦୧୯ ଖ)୧୨.୦୮.୨୦୧୯ ଗ)ଟ.୨୮,୦୫,୩୯୭/- +୦୧.୦୫.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ରିଜ୍‌ୱାନା ଜହନ୍, ସ୍ୱା: ଅବଦୁଲ୍ ବରୀ, ଏବଂ ଅବଦୁଲ୍ ବରୀ, ପିତା: ଅବଦୁଲ୍ ହାଲୀମଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ: ଫ୍ଲାଟ ନଂ.: ୨୦୪, ଟାଇପ୍- ୨ବିଏଚ୍‌କେ, ୨ୟ ମହଲା, ସମୁଦାୟ ଉନ୍ନତ ନିର୍ମାଣ ଏରିଆ: ପାର୍କି କାଗା ସହିତ ୧୩୮୬ ବର୍ଗଫୁଟ, ଧଉଳି ହେରିଟେଜ୍, ଜମିର ଅଭିବାଜିତ ଅଂଶ :ଏକର ୦.୮୬୮ ଡିସିମିଲି ମଧ୍ୟରୁ ଏକର୦.୦୦୪ ଡିସିମିଲି, ଥାନା: ଭୁବନେଶ୍ୱର, ଥାନା ନଂ.- ୫୮,ତହସିଲ୍ : ଜଟଣୀ, ତହସିଲ୍ ନଂ.: ୧୯୮, ଜିଲ୍ଲା: ଖୋର୍ଦ୍ଧା, ଚଉହଦି: ଉତର-ଫ୍ଲାଟ ନଂ.୨୦୬, ଦକ୍ଷିଣ- ସିଡିକୁ ରାସ୍ତା, ପୂର୍ବ-ଖୋଲା ଯାଗା, ପଶ୍ଚିମ-ଫ୍ଲାଟ ନଂ.୨୦୩। | କ) ଟ.୨୯,୪୫,୦୦୦/- ଖ) ଟ.୨,୯୪,୫୦୦/- ଗ) ଟ.୧୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ ଡ୍ର କରାଯାଇ ଭୁବନେଶ୍ୱର ଠାରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର **ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009,** ମାଧ୍ୟମରେ **RTGS/NEFT** ଦ୍ୱାରା ଅମାନତ ରାଶି ପୈଠ କରିପାରିବେ ।

୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା୧୧.୧୧.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୮.୧୧.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

> ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର।
> – ଶ୍ରୀଅରବିନ୍ଦ

# ଡେପୁଟେଶନକୁ ନା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିନ ଥିଲା ଯେତେବେଳେ ବାବୁମାନେ ଦିଲ୍ଲୀ ଯିବା ପାଇଁ ବ୍ୟଗ୍ର ହେଉଥିଲେ। କିନ୍ତୁ ମୋଦିଙ୍କ ଅମଳରେ କେନ୍ଦ୍ରୀୟ ଡେପୁଟେଶନ ଲାଗି ବାବୁମାନଙ୍କ ଅନାଗ୍ରହ ବଢ଼ିବାରେ ଲାଗିଛି। ବାସ୍ତବରେ ସରକାର ସ୍ୱୀକାର କରିଛନ୍ତି ଯେ, କେନ୍ଦ୍ରରେ ଏବେ ଯେତିକି ଆଇଏଏସ୍ ଅଫିସର ଡେପୁଟେଶନରେ ନିଯୁକ୍ତି ପାଇଛନ୍ତି, ତାହା ଗତ ପାଞ୍ଚବର୍ଷ ଭିତରେ ସବୁଠାରୁ କମ୍। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)ର ତଥ୍ୟ ଅନୁସାରେ ସେଣ୍ଟ୍ରାଲ ଷ୍ଟାଫିଂ ସ୍କିମ୍ ଅନୁଯାୟୀ ୨୦୧୮–୧୯ରେ ମାତ୍ର ୧୫୩ ଜଣ ଆଇଏଏସ୍ ଅଫିସର କେନ୍ଦ୍ରରେ ଡେପୁଟେଶନରେ ନିଯୁକ୍ତି ପାଇଛନ୍ତି। ଅଥଚ ଏହି ନିଯୁକ୍ତି ସଂଖ୍ୟା ଗତ ୨୦୧୬–୧୭, ୨୦୧୫–୧୬ ଓ ୨୦୧୪–୧୫ରେ ଥିଲା ଯଥାକ୍ରମେ ୨୪୭, ୩୨୦ ଓ ୩୪୦। ଅର୍ଥାତ୍ ବର୍ଷକୁ ବର୍ଷ ଏହି ନିଯୁକ୍ତି ସଂଖ୍ୟା ହ୍ରାସ ପାଇଚାଲିଛି। ସେଣ୍ଟ୍ରାଲ ଷ୍ଟାଫିଂ ସ୍କିମ୍ ବହୁ ଦଶନ୍ଧି ହେଲା ପ୍ରଚଳିତ ହୋଇଆସୁଛି। ଉପସଚିବ, ନିର୍ଦ୍ଦେଶକ, ଯୁଗ୍ମ ସଚିବ, ଅତିରିକ୍ତ ସଚିବ ଓ ସଚିବ ପାହ୍ୟାରେ କେନ୍ଦ୍ର ସରକାରରେ ନିଯୁକ୍ତି ପାଇଁ ଏହା ହେଉଛି ଏକ ପ୍ରଚଳିତ ବ୍ୟବସ୍ଥା। ଏଥିରେ ନିଯୁକ୍ତି ପାଇଁ ବାବୁମାନଙ୍କୁ ଉତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ସମସ୍ତ କ୍ୟାଡର କର୍ତ୍ତୃପକ୍ଷଙ୍କୁ ବର୍ଷକୁ ଦୁଇଥର ଯୋଗ୍ୟ ବାବୁମାନଙ୍କ ନାମ ସୁପାରିସ କରିବା ପାଇଁ ଅନୁରୋଧ କରିଥାନ୍ତି। କିନ୍ତୁ ଆଜିକାଲି କେନ୍ଦ୍ରରେ ଡେପୁଟେଶନରେ ନିଯୁକ୍ତି ଲାଗି ବାବୁମାନେ ଅନିଚ୍ଛା ପ୍ରକାଶ କରୁଥିବା ଦେଖାଯାଉଛି। କାରଣ ମୋଦି ସରକାରଙ୍କ କାର୍ଯ୍ୟ ପଦ୍ଧତି ପାରମ୍ପରିକ ବାବୁ ସଂସ୍କୃତିର ପରିପନ୍ଥୀ।

### ବାବୁଙ୍କ ପୁନର୍ନିଯୁକ୍ତି ନୋହିଲା

ଚାକିରିରୁ ବହିଷ୍କୃତ ହୋଇଥିବା ଆଇଏଏସ୍ ବାବୁ ରାଜେଶ କୁମାର ସିଂ ୧୭ ବର୍ଷ ପରେ ପୁନର୍ନିଯୁକ୍ତି ପାଇଁ ଦାବି କରି ତାଙ୍କ ବହିଷ୍କାରକୁ ରଦ୍ଦ କରାଇବାରେ ବିଫଳ ହୋଇଛନ୍ତି। ପାଞ୍ଚବର୍ଷରୁ ଅଧିକ କାଳ ଅନୁପସ୍ଥିତ ରହିବା କାରଣରୁ ସିଂ ୨୦୦୩ ମସିହାରେ ବରଖାସ୍ତ ହୋଇଥିଲେ। ସେ ୧୯୯୬ରେ ଷ୍ଟଡି ଲିଭ୍‌ରେ ଆମେରିକା ଯାଇଥିଲେ ଓ ଫେରି ନ ଥିଲେ। ପ୍ରାପ୍ତ ସୂଚନା ଅନୁସାରେ, ସିଂ ଆମେରିକାର ଆୟୋଓ୍ୱା ଷ୍ଟେଟ୍ ୟୁନିଭର୍ସିଟିରେ ଅର୍ଥନୀତି ବିଭାଗରେ ପ୍ରଫେସର ଥିଲେ। ସେ ପ୍ରଧାନମନ୍ତ୍ରୀଙ୍କ ଆଗରେ ଏକ ଦରଖାସ୍ତ ଉପସ୍ଥାପନ କରିବା ସହ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ରେ ତାଙ୍କୁ ଭୁଲ୍‌କ୍ରମେ ବରଖାସ୍ତ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ପୁନର୍ନିଯୁକ୍ତି ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଗତମାସରେ କ୍ୟାଟ୍ ମଧ୍ୟ ତାଙ୍କ ଆବେଦନକୁ ଖାରଜ କରିଦେଇ ତାଙ୍କ ବହିଷ୍କାର ଆଦେଶକୁ କାଏମ ରଖିଛନ୍ତି। ସମ୍ପ୍ରତି ମୋଦି ସରକାର ଅପାରଗ ବା ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ବାଧ୍ୟତାମୂଳକ ଅବସର ଦେଉଥିବା ବେଳେ ସିଂଙ୍କ କ୍ଷେତ୍ରରେ ଘଟିଥିବା ଘଟଣା କିଛି ଆଶ୍ଚର୍ଯ୍ୟଜନକ ନୁହେଁ। ସିଂଙ୍କ ପ୍ରତି ସମବେଦନାମୂଳକ ମନୋଭାବ ପ୍ରଦର୍ଶନ କରାଯିବାର ସମ୍ଭାବନା ବହୁତ କମ୍ କାରଣ ସେ ଭାରତରେ ନିଜ ଚାକିରି ଅପେକ୍ଷା ଆମେରିକାରେ ବିନା ଅନୁମତିରେ ଅଧିକ ଦୀର୍ଘକାଳ ରହିଥିଲେ।

### ଖାଲିସ୍ଥାନ ପୂରଣରେ ମନ୍ଥରତା

ହିମାଚଳପ୍ରଦେଶ ସରକାର ରାଜ୍ୟ ପ୍ରଶାସନରେ ଖାଲି ରହିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନିଯୁକ୍ତିରେ ବିଳମ୍ବ କରିଆସୁଛନ୍ତି। ଦୀର୍ଘ ବିଳମ୍ବ ଆଶାୟୀ ବାବୁମାନଙ୍କୁ ଅଯଥା ଝୁଲେଇ ରଖୁଛି। ବହୁ ପ୍ରତୀକ୍ଷିତ ଘୋଷଣାନାମାଗୁଡ଼ିକ ମଧ୍ୟରେ ଅଛି ରିୟଲ ଇଷ୍ଟେଟ୍ ପ୍ରାଧିକରଣ (ରେରା)ର ପରବର୍ତ୍ତୀ ଅଧ୍ୟକ୍ଷ ପଦ, ଯେଉଁ ପଦରେ ସାଧାରଣତଃ ଅବସରପ୍ରାପ୍ତ ବାବୁମାନେ ନିଯୁକ୍ତି ପାଇଥାନ୍ତି। ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଶ୍ରୀକାନ୍ତ ବାଲ୍‌ଦି ଓ ପ୍ରଶାସନର ସଦସ୍ୟ ମନୀଷା ନନ୍ଦଙ୍କ ନାମ ସୁପାରିସ କରିବା ପରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲକୁ ବାତିଲ କରିଦେଇଛନ୍ତି। ପୁନଶ୍ଚ ରାଜ୍ୟ ସରକାର ହିମାଚଳ ପ୍ରଦେଶ ଲୋକ ସେବା ଆୟୋଗରେ ଖାଲି ଥିବା ପଦଗୁଡ଼ିକୁ ପୂରଣ କରିନାହାନ୍ତି। ସେହିପରି ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ପଦରେ ନିଯୁକ୍ତିକୁ ସ୍ଥଗିତ ରଖାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ବିଦାୟୀ ମୁଖ୍ୟ ଶାସନ ସଚିବ ଶ୍ରୀକାନ୍ତ ବାଲ୍‌ଦି ରେରାର ମୁଖ୍ୟ ପଦ ପାଇଁ ଦୌଡ଼ରେ ଆଗଧାଡ଼ିରେ ଅଛନ୍ତି, ଯଦିଚ ସରକାର ଏହି ପଦ ପାଇଁ ଏ ପର୍ଯ୍ୟନ୍ତ କୌଣସି ବିଜ୍ଞାପନ ଦେଇନାହାନ୍ତି। କେତେକେ ଭାବୁଛନ୍ତି ଯେ, ବାଲ୍‌ଦିଙ୍କ ଅବସର ପର ଯୋଜନା ସମ୍ବନ୍ଧରେ ଜଣାପଡ଼ିବା ପରେ ପରିସ୍ଥିତି ବଦଳିଯିବ। ଅର୍ଥାତ୍ ବାଲ୍‌ଦି ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ଅବସର ନେବାକୁ ଯାଉଥିବା ବେଳେ ସେ ପର୍ଯ୍ୟନ୍ତ ଏହି ଅନିଶ୍ଚିତତା ଜାରି ରହିବ।

Email: dilipcherian@gmail.com



ମନ–ମାନଚିତ୍ର

ଡ. ନରହରି ବେହେରା

# ବିଲୁପ୍ତ ଚେତନା

ସମୟ ଥିଲା, ବୃକ୍ଷ ବେଷ୍ଟନୀ ଭିତରେ ଏ ପୃଥିବୀ ସବୁଜ ଦିଶୁଥିଲା। ସେଥିପାଇଁ ପ୍ରାଚୀନ ଆର୍ଯ୍ୟ ଋଷିଗଣ ଶାନ୍ତିପାଠ ବେଳେ ଜଳ, ସ୍ଥଳ, ବନ, ଆକାଶ ପ୍ରଭୃତି ଶାନ୍ତ ହେଉ ପ୍ରାର୍ଥନା କରିସାରିବା ପରେ, ଗାନ କରୁଥିଲେ– ଏ ଶାନ୍ତିକୁ ବାଧା ଦିଅନାହିଁ। ମାତ୍ର ସମୟ ବଦଳିଛି, ଆମେ ସଭ୍ୟ ହେବା ସହିତ ଆର୍ଯ୍ୟ ଋଷିଙ୍କର ଏହି ଉପଦେଶକୁ ବିସ୍ମୃତ ହୋଇଯାଇଛୁ। ଶିଳ୍ପାୟନର ଅଭିବୃଦ୍ଧି, ଜନସଂଖ୍ୟାର ଦ୍ରୁତ ବିକାଶ, ଗାଡ଼ି ମୋଟର ପ୍ରଭୃତିର ବହୁଳ ବ୍ୟବହାର ସହିତ ଗଛବୃଛର ହ୍ରାସ କାଳକ୍ରମେ ଏ ଶୀତଳ–ଶ୍ୟାମଳ ପୃଥିବୀକୁ ଉତ୍ତପ୍ତ ଗ୍ରହରେ ପରିଣତ କରିଚାଲିଛି। ଜଳ, ସ୍ଥଳ, ବନ ପ୍ରଭୃତି ଅଶାନ୍ତ ହୋଇଯାଇଛି। ଏହା ପ୍ରଭାବରେ ପାଣିପାଗରେ ଘୋର ପରିବର୍ତ୍ତନ ଘଟିଚାଲିଛି– ଏ କଥା ଆମେ ସବୁ ଜାଣିଛୁ। ପରିଣତି ସ୍ୱରୂପ ଆମେ ସୁନାମି, ମହାବାତ୍ୟା ପରି ଭୟଙ୍କର ପରିସ୍ଥିତିକୁ ସାମ୍ନା କରିସାରିଲୁଣି। କଥା ଏତିକିରେ ଶେଷ ହୋଇନାହିଁ, ବିଶ୍ୱର ତାପ ବୃଦ୍ଧି ହେତୁ ପର୍ବତର ବରଫ ତରଳି ସମୁଦ୍ର ପତ୍ତନ ବୃଦ୍ଧିପାଇବାରୁ ଅନେକ ଉପକୂଳବର୍ତ୍ତୀ ଅଞ୍ଚଳ ସମୁଦ୍ରଗର୍ଭରେ ଲୀନ ହେବାରେ ଲାଗିଛି। ଆକଳନରୁ ଜଣାଯାଇଛି, ୨୯ ବର୍ଷ ଭିତରେ କେବଳ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ୧୫୦ କି.ମି. ସ୍ଥଳଭାଗ ଧୋଇଗଲାଣି। ଅର୍ଥାତ୍ ଆମେ ପ୍ରତିବର୍ଷ ପାଖାପାଖି ପାଞ୍ଚ କି.ମି. ସ୍ଥଳଭାଗ ହରାଉଛୁ।

ଏବେ 'ନେଚର କମ୍ୟୁନିକେଶନ୍‌ସ' ନାମକ ଏକ ଆନ୍ତର୍ଜାତିକ ପତ୍ରିକାରେ ଯେଉଁ ଭୟଙ୍କର ଚିତ୍ର ପ୍ରକାଶ ପାଇଛି ତା'କୁ ଦେଖିଲେ ମନେହୁଏ, ଏ ପୃଥିବୀ ସତେଯେମିତି ପୁଣି ଜଳମଗ୍ନ ହୋଇଯିବ। ଜୟଦେବଙ୍କର ସେହି 'ପ୍ରଳୟ ପୟୋଧିଜଳେ'ର ପୁନରାବୃତ୍ତି ଘଟିବ। ଏ ପତ୍ରିକାରେ ଆମେରିକୀୟ ଗବେଷକମାନେ କହିଛନ୍ତି, ବର୍ତ୍ତମାନ ସ୍ଥିତି ଯଦି ଗତାନୁଗତିକ ଭାବରେ ଚାଲୁରହେ ତେବେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଅନେକ ସହର ଜଳମଗ୍ନ ହୋଇଯିବ। ଏହି ତଥ୍ୟ ଅନୁଯାୟୀ ଉତ୍ତାପ ବୃଦ୍ଧି ହେତୁ ହିମାଳୟ ପରି ବହୁ ହିମଗିରି ସହିତ ଆଣ୍ଟାର୍କଟିକା ମହାଦେଶରେ ବରଫ ତରଳିବା ଯୋଗୁ ସମୁଦ୍ରର ଜଳପତ୍ତନ ତିନିଫୁଟରୁ ସାତଫୁଟ ପର୍ଯ୍ୟନ୍ତ ବଢ଼ିଯିବ। ଏହା ଫଳରେ ଭାରତ, ବାଂଲାଦେଶ, ଚାଇନା, ଭିଏତ୍‌ନାମ, ବ୍ରାଜିଲ୍, ବ୍ରିଟେନ ପରି ଦେଶଗୁଡ଼ିକର ବହୁ ଛୋଟ ଛୋଟ ସହର ସହିତ ମୁମ୍ବାଇ, କୋଲକାତା, ଢାକା, ହଂକଂ, ସାଂଘାଇ ପରି ବହୁତ ବଡ଼ ବଡ଼ ସହର ସମୁଦ୍ରଗର୍ଭରେ ଲୀନ ହୋଇଯିବ। ଏହି ବିବରଣୀ ବର୍ତ୍ତମାନର ସ୍ଥିତିକୁ ଆକଳନ କରାଯାଇ ପ୍ରସ୍ତୁତ ହୋଇଛି। ମାତ୍ର ଆମ ଜନସମାଜର ବେପରୱା ଭାବ ତଥା ଶିଳ୍ପ ଓ ଜନସଂଖ୍ୟା ବୃଦ୍ଧିର ହାର ଏହି ପରିସ୍ଥିତିକୁ ଅଧିକ ସଙ୍ଗିନ କରିଦେଇପାରେ।

ବର୍ତ୍ତମାନ ବୁଦ୍ଧିଜୀବୀର ସହର ବୋଲି ବିବେଚିତ ହେଉଥିବା ଭାରତର ରାଜଧାନୀ ଦିଲ୍ଲୀର ଅବସ୍ଥା ଏମିତି ସାଂଘାତିକ ହୋଇପଡ଼ିଛି ଯେ, ଏଠାରେ ଚାଳିଶ ପ୍ରତିଶତ ଲୋକ ଦିଲ୍ଲୀ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଉଚିତ ମନେକରୁଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଛି। ପ୍ରଦୂଷଣ ଦିଲ୍ଲୀରେ ପ୍ରଥମ ଘଟଣା ନୁହେଁ। ପ୍ରାୟ ପ୍ରତିବର୍ଷ ଦୀପାବଳି ପରେ ଏପରି ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଥାଏ। ଏ ବର୍ଷ ସର୍ବାପେକ୍ଷା ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୬୦୦ ଉପରକୁ ଚାଲିଯାଇଛି। ପାଣିପାଗ ତଥ୍ୟ ଅନୁସାରେ ଏକ୍ୟୁଆଇ ୪୦୧–୫୦୦ ମଧ୍ୟରେ ରହିଲେ ଅତି ଖରାପ ବୋଲି ଧରାଯାଏ। ଏହାଠାରୁ ଏ ବର୍ଷ ଅଧିକ ଏକ୍ୟୁଆଇ ଥିବାରୁ ପରିସ୍ଥିତି କେତେ ଅଣାୟତ୍ତ ହୋଇପଡ଼ିଛି ତାହା ଅନୁମାନ କରାଯାଇପାରେ। ଦିଲ୍ଲୀ ସରକାର ବାଧ୍ୟହୋଇ ସ୍କୁଲ ବନ୍ଦ କରିଛନ୍ତି, ବିମାନ ଚଳାଚଳର ଦିଗ ପରବର୍ତ୍ତନ କରିଛନ୍ତି ଏବଂ ଅଡ୍–ଇଭିନ୍ (ଗୋଟିଏ ଦିନ ସମ ନମ୍ବର ଓ ଅନ୍ୟ ଦିନରେ ବିଷମ ନମ୍ବର ଥିବା ଗାଡ଼ି ଚଳାଇବା) ନିୟମ ପ୍ରଚଳନ କରିଛନ୍ତି। ଏ ହେଉଛି ଆପତ୍‌କାଳୀନ ବ୍ୟବସ୍ଥା। ମାତ୍ର ଏଥିପାଇଁ ସ୍ଥାୟୀ ବ୍ୟବସ୍ଥା ଆବଶ୍ୟକ।

କେବଳ ଦିଲ୍ଲୀ ନୁହେଁ, ଆମ ଓଡ଼ିଶାର ଅବସ୍ଥା ମଧ୍ୟ ଖୁବ୍ ସଂକଟାପନ୍ନ ହୋଇପଡ଼ିଛି, ଯାହା ଆମ ବିଶ୍ୱାସର ବାହାରେ। ଏବେ ସାରା ଭାରତରେ ୧୦୨ଟି ସହର ପ୍ରଦୂଷିତ ସହର ରୂପେ ବିବେଚିତ ହୋଇଥିବାବେଳେ ତନ୍ମଧ୍ୟରୁ ଓଡ଼ିଶାର ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ ଓ ରାଉରକେଲା ସ୍ଥାନ ପାଇଛି। କେବଳ ସେତିକି ନୁହେଁ ୟୁନିଭର୍ସିଟି ଅଫ୍ ଶିକାଗୋର ଟାଟା ସେଣ୍ଟର ଫର୍ ଡେଭ୍‌ଲପମେଣ୍ଟ (ଟିସିଡି) ଓଡ଼ିଶା ବିଷୟରେ ଯେଉଁ ଭୟଙ୍କର ପୂର୍ବାନୁମାନ କରିଛି ତାହା ନିଶ୍ଚିତ ଭାବରେ ଆମକୁ ଶଙ୍କାକୁଳ କରିଦେଇଛି। ଏହି ଗବେଷଣାଧର୍ମୀ ପୂର୍ବାନୁମାନ ଅନୁଯାୟୀ ଏକବିଂଶ ଶତାବ୍ଦୀର ଅନ୍ତିମ ଭାଗରେ ଓଡ଼ିଶା ଗୋଟିଏ ଉତ୍ତପ୍ତ ରାଜ୍ୟରେ ପରିଣତ ହେବ। ଏହି ଉତ୍ତାପ ପ୍ରଭାବରେ ମୃତ୍ୟୁସଂଖ୍ୟା ବୃଦ୍ଧି ହେବା ସହିତ ପ୍ରତିବର୍ଷ ଫାଇଲିନ୍, ହୁଡ୍‌ହୁଡ୍, ଫନୀ ପରି ଅକାଳ ଦୁର୍ବିପାକ ବଢ଼ିଯିବ। ଏହି ଗବେଷଣା ପୂର୍ବ ବର୍ଷଗୁଡ଼ିକର ଉତ୍ତାପ ଏବଂ ଘଟିଥିବା ଘଟଣାକୁ ଆଧାର କରି କରାଯାଇଥିବାରୁ ଏହାର ବାସ୍ତବତା ଉପରେ ଅବିଶ୍ୱାସ କରାଯାଇ ନ ପାରେ।

ଏଠାରେ ପ୍ରଶ୍ନ ଉଠୁଛି, ଆମ ଆଗରେ ଏତେ ଘଟଣା ଘଟୁଥିଲେ ମଧ୍ୟ ଆମେ ଏଥିପାଇଁ କ'ଣ କରିଛୁ? ବାସ୍ତବରେ ଆମେ ସବୁ ଜାଣି ନ ଜାଣିବା ପରି ହିଁ ରହିଯାଇଛୁ। ଆମର ଅହଂକାର, ବଡ଼ ହୋଇ ଦେଖାଇବାର ପ୍ରବୃତ୍ତି ଆମକୁ ଅନ୍ଧ କରିଦେଇଛି। ଆମେ ଚେତନଶୀଳ ହେଲେ ମଧ୍ୟ ଆମ ଚେତନା ଲୋପ ହୋଇଯାଇଛି। ପ୍ରତିବର୍ଷ ଦୀପାବଳି ଦିନ ଭାରତରେ କୋଟି କୋଟି ଟଙ୍କାର ବାଣ ଫୁଟାଯାଉଛି। ଆମେ ସମସ୍ତେ ଜାଣୁ ଏହାର କୁପରିଣାମ। ପ୍ରତିବର୍ଷ ଦୀପାବଳିର ଏକସପ୍ତାହ ପର୍ଯ୍ୟନ୍ତ ଦିଲ୍ଲୀର ପରିସ୍ଥିତି ଅସମ୍ଭାଳ ହୋଇପଡୁଛି। ତଥାପି ଏଠାରେ ବୁଦ୍ଧିଜୀବୀମାନେ ଏଥିରୁ ନିବୃତ୍ତ ହେଉନାହାନ୍ତି। ପରମ୍ପରା ନାଁରେ ଆମେ ସମାଜ ପାଇଁ ଅଭିଶାପ ସୃଷ୍ଟି କରୁଛୁ।

ହାତରେ ଝୁଲାଟିଏ ଧରିଲେ ଆମ ଆତ୍ମସମ୍ମାନରେ ଆଞ୍ଚ ଲାଗୁଛି, ମାତ୍ର ପଲିଥିନ୍‌ରେ ସଉଦା ଆଣିଲେ ଆମେ ସଭ୍ୟ ମଣିଷ ପରି ଲାଗୁଛୁ। ଏ ଭାବନା କାହିଁକି ଆମକୁ ଘାରିଛି, ତାହାର କିଛି କାରଣ ଦେଖାଯାଉ ନାହିଁ। ଏ ପଲିଥିନ୍ ଭସ୍ମାସୁର ହୋଇ ଅଭୂତପୂର୍ବ କ୍ଷତି ଘଟାଉଛି ବୋଲି ଜାଣିଥିଲେ ମଧ୍ୟ ଆମ ଅଭ୍ୟାସ ବଦଳୁନି। ଆମେ ଜାଣିଛୁ ମଣିଷଙ୍କ ସଂଖ୍ୟା ବୃଦ୍ଧି ଘଟୁଥିବାରୁ କୋଠାଘର ସଂଖ୍ୟା ବଢ଼ିବ, ପକ୍କା ରାସ୍ତା ନିର୍ମାଣ ହେବ, ବୃକ୍ଷଚ୍ଛେଦନ ମଧ୍ୟ ହେବ। ଆମେ ଏଗୁଡ଼ିକୁ ବନ୍ଦ କରିପାରିବା ନାହିଁ। କିନ୍ତୁ କ୍ଷଣିକ ଉତ୍ତେଜନାରେ ଆମେ ଯାହା ଭୁଲ୍ କରୁଛୁ ତାକୁ ସଂଶୋଧନ କରିପାରିବା। କୋଟି କୋଟି ଟଙ୍କା ବାଣରୋଶଣିରେ ପୋଡ଼ି ଆମେ ଯେଉଁ ଧ୍ୱଂସଲୀଳା ସୃଷ୍ଟିକରୁଛୁ ତା'କୁ ବଦଳାଇପାରିବା। ଆବଶ୍ୟକତା ପାଇଁ ଆମେ ଗଛ କାଟୁଛୁ, ସେଥିପାଇଁ ବୃକ୍ଷରୋପଣ ଆନ୍ତରିକତା ସହକାରେ କରିପାରିବା। ଆନ୍ତରିକତା ଏଇଥିପାଇଁ କୁହାଯାଉଛି ଯେ, ଉପରଠାଉରିଆ ଭାବରେ ବନ ମହୋତ୍ସବ ପାଳନ କରାଯାଉଛି, ସରକାରୀ ସ୍ତରରେ ବୃକ୍ଷରୋପଣ କରାଯାଉଛି, ମାତ୍ର ଆଖିଦୃଶିଆ କିଛି ସୁଫଳ ମିଳୁନାହିଁ। ଏମିତି ବି ହୋଇପାରନ୍ତା, ଯେଉଁମାନେ ଚାଷଜମିକୁ ଘରବାଡ଼ିରେ ପରିବର୍ତ୍ତନ କରୁଛନ୍ତି, ସେମାନେ ନିଜ ବାଡ଼ିରେ ଅତିକମ୍‌ରେ ଚାରିଟି ବୃକ୍ଷରୋପଣ କରିବାକୁ ସତ୍ୟପାଠ କରିବାକୁ ଆଇନ ହେଉ। ଏଥିରେ ଖିଲାପ କଲେ ସେମାନଙ୍କର ଏ ଅନୁମୋଦନ ଖାରଜ କରାଯିବା ବା ଅନ୍ୟାନ୍ୟ ଦଣ୍ଡବିଧାନର ନିୟମ ରହୁ। କାରଣ ଯେଉଁଠି ବ୍ୟକ୍ତି ବିଶୃଙ୍ଖଳିତ ହୁଏ ସେଇଠି କଠୋର ଆଇନ ହିଁ ମାର୍ଗ ନିର୍ଦ୍ଦେଶକ ହୋଇଥାଏ। ଏ ପୃଥିବୀରେ ଆମେମାନେ ବୁଦ୍ଧିମାନ ପ୍ରାଣୀ ବୋଲି ଗରିମା ପ୍ରଦର୍ଶନ କରୁଛୁ। ମାତ୍ର ଆମର ଚେତନା ଯଦି ବିଲୁପ୍ତ ହୁଏ ପ୍ରକୃତିଠାରୁ ହେଉ କି ଶାସକଙ୍କଠାରୁ ଦଣ୍ଡ ହିଁ ଆମର ପ୍ରାପ୍ୟ ହେବାକଥା। ତେଣୁ କେବଳ ସରକାରଙ୍କ ଆଇନର ଭୟ ନୁହେଁ, ଉତ୍ତରପିଢ଼ିଙ୍କ ଭବିଷ୍ୟତ ପ୍ରତି ଆମର ମଧ୍ୟ ଭୟ ରହିବା ଉଚିତ। ଏପରି ହେଉ, ଆମର ମିଥ୍ୟା ଅହମିକା, କ୍ଷଣିକ ଆନନ୍ଦବୋଧର ପ୍ରମତ୍ତତା ଆମ ସଦ୍‌ଭାବନାର ଚେତନାଟିକୁ ନଷ୍ଟକରି ଏ ସୁନ୍ଦର ସଂସାରକୁ ଧ୍ୱଂସ କରି ନ ଦେଉ–ଏତିକି ହିଁ ଅନୁଚିନ୍ତା।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ:୭୯୭୮୯୦୩୫୦୯

# ଦେଶାନ୍ତରୀ ଶିଶୁଙ୍କ ଶିକ୍ଷା ଅଧିକାର



ଘାସିରାମ ପଣ୍ଡା

ଦାରିଦ୍ର୍ୟ ହେତୁ ପଶ୍ଚିମ ଓଡିଶାର ଅନେକ ପରିବାର ଆନ୍ଧ୍ର ସମେତ ବିଭିନ୍ନ ରାଜ୍ୟର ଇଟାଭାଟିଗୁଡ଼ିକରେ କାମ କରିବାକୁ ଯାଆନ୍ତି। ଏଥିରେ ଛୋଟ ପିଲାମାନେ ମଧ ସାମିଲ ହୁଅନ୍ତି। କଞ୍ଚାମାଟିର ଇଟାକୁ ଓଲଟାଇ ଶୁଖେଇବାରେ ଏହି ପିଲାମାନେ କାମରେ ଆସନ୍ତି। ଧାଡି ହୋଇ ଶୁଖୁଥିବା ଇଟାର ମଝିରେ ଥିବା ଫାଙ୍କରେ ଗଲାବେଳେ ବା ଇଟା ଉପରେ ପାଦଦେଲେ ଇଟା ଭାଙ୍ଗିବାର ସମ୍ଭାବନା ନ ଥିବାରୁ ଏମାନଙ୍କୁ ବ୍ୟବହାର କରାଯାଏ। ଏହି କାରଣରୁ ବର୍ଷରେ ପ୍ରାୟ ଛଅମାସରୁ ଅଧିକ ସମୟ ପରିବାର ସହ ଦେଶାନ୍ତରୀ ହେଉଥିବାରୁ ପିଲାମାନେ ଶିକ୍ଷା ଅଧିକାରରୁ ବଞ୍ଚିତ ହୁଅନ୍ତି। କେହି କେହି ଅଧାରୁ ପାଠ ଛାଡୁଥିବା ବେଳେ ଅନେକେ ମୂଳରୁ ବିଦ୍ୟାଳୟ ଯିବାର ସୁଯୋଗ ପାଆନ୍ତି ନାହିଁ।

ଜୀବିକା ପାଇଁ ଦେଶାନ୍ତରୀ ହେବା ଆଉ ପଶ୍ଚିମାଞ୍ଚଳରେ ସୀମିତ ହୋଇ ରହିନାହିଁ। ପ୍ରାୟତଃ ଓଡିଶାର ସବୁ ଅଞ୍ଚଳରୁ କର୍ମ ଅନ୍ୱେଷଣରେ ସ୍ଥାନାନ୍ତର ଦେଖାଗଲାଣି। କାମ ଅନ୍ୱେଷଣରେ ଦେଶାନ୍ତରୀ ହେଉଥିବା ଅନେକ ପରିବାର ନିଜ ବୟସ୍କ ମାତାପିତାଙ୍କ ପାଖରେ ଅବା ସମ୍ପର୍କୀୟଙ୍କ ଘରେ ପିଲାଙ୍କୁ ଛାଡି ଯାଉଛନ୍ତି, ନ ହେଲେ ନିଜ ସହ କର୍ମସ୍ଥଳୀକୁ ନେଇ ଯାଉଛନ୍ତି। ଉଭୟ କ୍ଷେତ୍ରରେ ପିଲା ବିଭିନ୍ନ କାରଣରୁ ବିଦ୍ୟାଳୟଠାରୁ ଦୂରେଇ ରହେ ଓ ଧୀରେ ଧୀରେ ପଢାରୁ ବିମୁଖ ହୁଏ।

ସମ୍ବିଧାନର ଧାରା ୨୧(କ) ସଂଶୋଧନ ହେଲା ପରେ ପ୍ରାଥମିକ ଶିକ୍ଷା ମୌଳିକ ଅଧିକାର ଭାବେ ଗଣାହେଉଛି। ୨୦୦୯ରେ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଗଲା। ପ୍ରତ୍ୟେକ ଶିଶୁଙ୍କୁ ପ୍ରାକ୍ ପ୍ରାଥମିକଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଦାୟିତ୍ୱ ରାଷ୍ଟ୍ର ଉପରେ ନ୍ୟସ୍ତ ରହିଲା। ଦେଶାନ୍ତରୀ ପରିବାରର ଶିଶୁମାନଙ୍କୁ ମଧ ପ୍ରାଥମିକ ଶିକ୍ଷାର ପରିସରକୁ ଆଣିବାର ପ୍ରୟାସ ସରକାରୀ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଦ୍ୱାରା କରାଯାଉଛି। ହେଲେ ଏହା ପର୍ଯ୍ୟାପ୍ତ ଓ ଗୁଣାତ୍ମକ ହୋଇପାରୁନାହିଁ।

ପରିବାର ସହ ଦେଶାନ୍ତରୀ ହେଉଥିବା ଶିଶୁଙ୍କୁ ଗନ୍ତବ୍ୟ ସ୍ଥଳରେ ଶିକ୍ଷା ପ୍ରଦାନ ପାଇଁ କିଛି ଅଞ୍ଚଳରେ ଚେଷ୍ଟା ହୋଇଛି। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଥିବା ବେଳେ ବେସରକାରୀ ଅନୁଷ୍ଠାନ ସ୍ୱେଚ୍ଛାସେବୀ ଶିକ୍ଷକ ଓ ଅନ୍ୟାନ୍ୟ ସହୟତା ଯୋଗାଇ ଆସୁଛନ୍ତି। ଦେଶାନ୍ତରୀ ଶ୍ରମିକ ପରିବାର ପ୍ରାୟତଃ କର୍ମସ୍ଥଳୀରେ ହିଁ ରୁହନ୍ତି। ଏବେ ବି ପ୍ରତ୍ୟେକ ବର୍ଷ କର୍ମସ୍ଥଳୀର ଚିହ୍ନଟୀକରଣ ଓ ପ୍ରତ୍ୟେକ କର୍ମସ୍ଥଳୀରେ ଶିକ୍ଷା ବ୍ୟବସ୍ଥା ସମ୍ଭବ ହୋଇ ପାରିନାହିଁ। ବରଂ ଶିଶୁ ଦେଶାନ୍ତରୀ ହୋଇ ମାସାଧିକ କାଳ ଗାଁ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ ବି ଉପସ୍ଥାନ ଖାତାରୁ ନାଁ ହଟାଯାଉ ନାହିଁ। ଫଳତଃ ଦେଶାନ୍ତର ହେତୁ କେତେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି ଜାଣିବା ସମ୍ଭବ ହେଉନାହିଁ।

ବାଧ୍ୟବାଧକତାରେ ଦେଶାନ୍ତର ହେବାକୁ ପଶ୍ଚିମାଞ୍ଚଳରେ ଦାଦନ କୁହାଯାଏ। ଦାଦନ ପ୍ରବଣ କିଛି ଜିଲାରେ ପ୍ରଶାସନ ତରଫରୁ ଋତୁକାଳୀନ ଆବାସିକ ଶିକ୍ଷା ବ୍ୟବସ୍ଥା କରାଯାଏ। ଗାଁମାନଙ୍କରେ ଦାଦନ ଯିବାକୁ ଥିବା ପରିବାର ଓ ସେମାନଙ୍କର ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଥିବା ଶିଶୁମାନଙ୍କୁ ଚିହ୍ନଟ କରାଯାଏ। ସାମୟିକ ଭାବରେ ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟକୁ ଆବାସିକ ବିଦ୍ୟାଳୟରେ ପରିଣତ କରାଯିବା ସହ ଏହି ଚିହ୍ନିତ ଶିଶୁମାନଙ୍କୁ ସେଠାରେ ରଖାଯାଇ ପାଠପଢାର ବ୍ୟବସ୍ଥା କରାଯାଏ। ଏହା ଅନେକ ପିଲାଙ୍କୁ ପରିବାର ସହ ଦେଶାନ୍ତରୀ ନ ହୋଇ ଆବାସିକ ବିଦ୍ୟାଳୟରେ ରହି ପ୍ରାଥମିକ ଶିକ୍ଷା ସମ୍ପନ୍ନ କରିବାରେ ସହାୟକ ହୋଇଛି। ଏହାସତ୍ତ୍ୱେ ଆହୁରି ଅନେକ ଶିଶୁ ଏହି ସୁରକ୍ଷା ବଳୟକୁ ଆସିପାରୁ ନାହାନ୍ତି।

ଋତୁକାଳୀନ ଆବାସିକ ବିଦ୍ୟାଳୟ ଉଭୟ ସଂଖ୍ୟା ଓ ସୁବିଧା ଦୃଷ୍ଟିରୁ ସମୁଦ୍ରକୁ ଶଙ୍ଖେ ପଣା ସଦୃଶ। ଦେଶାନ୍ତରୀ ଶିଶୁଙ୍କ ସଂଖ୍ୟା ତୁଳନାରେ ଏବେ ବି ଯଥେଷ୍ଟ ସଂଖ୍ୟାରେ ଋତୁକାଳୀନ ଆବାସିକ ବିଦ୍ୟାଳୟ ନାହିଁ। ସୁବର୍ଣ୍ଣପୁର ଭଳି ଅନେକ ଜିଲା ଦାଦନ ପ୍ରବଣ ହୋଇଥିଲେ ହେଁ ଏ ଯାଏ ଏହି ଜିଲାମାନଙ୍କରେ ଋତୁକାଳୀନ ଆବାସିକ ବିଦ୍ୟାଳୟ ଖୋଲିବାର କୌଣସି ପ୍ରସ୍ତାବ ନାହିଁ। ଏକ ଦିବାଧାୟୀ ବିଦ୍ୟାଳୟକୁ ସାମୟିକ ଭାବେ ଆବାସିକ ବିଦ୍ୟାଳୟରେ ପରିଣତ କରାଯାଏ। ଏଣୁ ଆବାସିକ ବିଦ୍ୟାଳୟ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଭିତ୍ତିଭୂମି, ସୁବିଧା ଓ ସୁରକ୍ଷା ଏଠାରେ ପ୍ରାୟତଃ ଉପଲବ୍ଧ ନ ଥାଏ। ଏହା ଅନେକଙ୍କୁ ନିଜ ପିଲାଙ୍କୁ ଏଠି ଛାଡି ଦାଦନ ଯିବା ପାଇଁ ନିରୁତ୍ସାହିତ କରୁଛି।

ଯେଉଁ ଅନୁଷ୍ଠାନରେ ଶିଶୁ ପଢୁଛି ବା ରହୁଛି ସେଠାରେ ଶିଶୁ ପାଇଁ ସୁରକ୍ଷିତ ପରିବେଶ ଯୋଗେଇ ଦେବା ପାଇଁ ୨୦୧୪ ଅଗଷ୍ଟ ୨୩ରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ସେହି ଅନୁଯାୟୀ ପ୍ରତ୍ୟେକ ଅନୁଷ୍ଠାନ ନିଜର ଏକ ଶିଶୁ ସୁରକ୍ଷା ପ୍ରୋଟୋକଲ ପ୍ରସ୍ତୁତ କରିବା ସହ ଅନୁଷ୍ଠାନର ମୁଖ୍ୟଙ୍କୁ ଶିଶୁ ସୁରକ୍ଷା ଅଧିକାରୀ ଭାବେ ଘୋଷଣା କରିବେ। ଅନୁଷ୍ଠାନମାନେ ଶିଶୁମାନଙ୍କ ଅସୁବିଧାଗୁଡ଼ିକର ଏକ ରିପୋର୍ଟ ପ୍ରସ୍ତୁତ କରି ତାହା ଦୂର କରିବା ପାଇଁ କାର୍ଯ୍ୟ କରିବେ। ପ୍ରତ୍ୟେକ କର୍ମଚାରୀଙ୍କୁ ଶିଶୁ ଅଧିକାର ସମ୍ବନ୍ଧରେ ସଚେତନ କରାଯିବ ଓ ସେମାନେ ଏହାକୁ ପାଳନ କରିବା ନେଇ ଅଙ୍ଗୀକାରବଦ୍ଧ ହେବେ। ଋତୁକାଳୀନ ଆବାସିକ ବିଦ୍ୟାଳୟଗୁଡ଼ିକରେ ଏହାକୁ ଏ ପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଇ ନାହିଁ।

ରାଜ୍ୟ ସରକାର ଶିଶୁ ଗୃହମାନଙ୍କ ପାଇଁ ଏକ ମାନକ ନିର୍ଦ୍ଧାରଣ କରିଛନ୍ତି। ଏହାଦ୍ୱାରା ପିଲାଙ୍କ ସର୍ବନିମ୍ନ ଆବଶ୍ୟକତା, ସ୍ୱାଚ୍ଛନ୍ଦ୍ୟକୁ ସୁନିଶ୍ଚିତ କରାଯାଇ ପାରୁଛି। ଋତୁକାଳୀନ ଆବାସିକ ବିଦ୍ୟାଳୟରେ ମଧ ଏହି ମାନକକୁ ଗ୍ରହଣ ଓ ଅନୁପାଳନ କରାଯିବାର ଆବଶ୍ୟକତା ରହିଛି।

ସୁବର୍ଣ୍ଣପୁର, ମୋ –୯୪୩୮୩୪୧୭୯୪

## ଏଇ ଭାରତରେ

ସମାଜରେ ଏମିତି ଶିକ୍ଷକ ଅଛନ୍ତି ଯେଉଁମାନେ ନିଜସ୍ୱ ଉଦ୍ୟମରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ବିକାଶ କରିବା ପାଇଁ ପ୍ରୟାସ କରିଥାନ୍ତି। ତେବେ ଏମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶର ପ୍ରୟାଗରାଜ ଜିଲାର ଶିକ୍ଷୟିତ୍ରୀ ମମତା ମିଶ୍ରା ଜଣେ। ମମତା ଚାକା ବ୍ଲକ୍‌ର ନେନ୍ଦୁଆବନ ମଣ୍ଡଳ ପ୍ରାଇମେରି ସ୍କୁଲ୍‌ରେ ସହାୟକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। ସେ ନିଜ ଉଦ୍ୟମରେ ସ୍କୁଲ୍‌କୁ କନଭେଣ୍ଟ ସ୍କୁଲ୍ ସ୍ତର ଯାଏ ନେଇଯାଇଛନ୍ତି। ପ୍ରୟାଗରାଜର ଏହି ଶିକ୍ଷୟିତ୍ରୀ ଜଣକ କେବଳ ନିଜ ଦରମା ଟଙ୍କାରେ ଏଭଳି କାର୍ଯ୍ୟ କରିଛନ୍ତି । ପିଲାମାନଙ୍କୁ ମୋବାଇଲ ମାଧ୍ୟମରେ ଅନ୍‌ଲାଇନ ଶିକ୍ଷା ପ୍ରଦାନ କରୁଛନ୍ତି। ସେ ୟୁ–ଟ୍ୟୁବ୍‌ରେ ନିଜସ୍ୱ ଚ୍ୟାନେଲ ମଧ୍ୟ ଚଲାଉଛନ୍ତି। ପିଲାମାନଙ୍କୁ ପଢ଼ାଇବା ପାଇଁ ଏବେ ସୁଦ୍ଧା ସେ ୪୮୭ଟି ଭିଡିଓ ଅପ୍‌ଲୋଡ କରିଛନ୍ତି। ମମତା ଏହି ସ୍କୁଲ୍‌ରେ ୨୦୧୫ରେ ନିଯୁକ୍ତି ପାଇବା ପରଠାରୁ ଏପରି ଉଦ୍ୟମ ଆରମ୍ଭ କରିଥିଲେ। ସେବେଠାରୁ ତାଙ୍କ ଉପାର୍ଜିତ ଅର୍ଥକୁ ପିଲାଙ୍କ ପାଇଁ ଖର୍ଚ୍ଚ କରିବା ଲାଗି ସ୍ଥିର କରିଥିଲେ ବୋଲି କୁହନ୍ତି ମମତା। ଏମିତିକି ସ୍କୁଲ୍‌ରେ ପଢୁଥିବା ପ୍ରଥମ ଶ୍ରେଣୀର ପିଲାମାନଙ୍କୁ ତାଙ୍କ ଘରେ ମୋବାଇଲ ମାଧ୍ୟମରେ କେମିତି ପଢିବେ ସେ ସମ୍ପର୍କରେ ଶିଖାଉଛନ୍ତି। କ୍ଲାସ୍‌ରେ ପିଲାମାନଙ୍କୁ ପଢାଇବା ସହ ମମତା ମୋବାଇଲରେ ଦୀକ୍ଷା ଆପ୍ ମାଧ୍ୟମରେ ପଢିବାର ଉପାୟ ବି ଶିଖାଇଥାନ୍ତି। ସ୍କୁଲରେ ଯଦି ପିଲାମାନଙ୍କ ବସିବା ପାଇଁ ମମତା ନିଜ ରୋଜଗାର ଅର୍ଥରୁ ଖର୍ଚ୍ଚ କରି ଡେକ୍ସ ବେଞ୍ଚ କିଣିଦିଅନ୍ତି। ଏମିତି କି ସ୍କୁଲ୍‌ରେ ପଢୁଥିବା ପିଲାମାନଙ୍କର ଯଦି ପାଠ୍ୟ ଉପକରଣ କିମ୍ବା ସ୍କୁଲ୍ ଫିସ୍‌ର ଅଭାବ ପଡେ ତେବେ ମମତା ତାହା ମଧ ପୂରଣ କରିଥାନ୍ତି। ମମତାଙ୍କର ଏଭଳି କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ମନ୍ କି ବାତ୍'ରେ ପ୍ରଶଂସା ମଧ୍ୟ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୪

- ଇରାକ ଦ୍ୱାରା କୁଏଟକୁ ସ୍ୱୀକୃତି ଦିଆଯିବା ସଂକ୍ରାନ୍ତରେ ଇରାକର ଉପପ୍ରଧାନମନ୍ତ୍ରୀ ଓ ରୁଷିଆର ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା ଅନୁଷ୍ଠିତ ହୋଇଛି।
- ୧୯୯୫ ଜାନୁୟାରୀରେ ଅନୁଷ୍ଠିତ ହେବାକୁ ଥିବା ତାମିଲନାଡୁ ଗ୍ରାମପଞ୍ଚାୟତ ସମିତି ନିର୍ବାଚନକୁ ୧ ବର୍ଷ ପାଇଁ ସ୍ଥଗିତ ରଖାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ହୋଟେଲ ଫିଙ୍ଗା ବାସିଖାଦ୍ୟ ଖାଉଛନ୍ତି ଗୋରୁ

ମହାଶୟ,

ରାଜଧାନୀ ଉପକଣ୍ଠ ପାତ୍ରପଡା ଡିଏନ୍ ରେଗାଲିଆ ମଲ୍ ସନ୍ନିକଟସ୍ଥ କଳିଙ୍ଗ ବିହାର ଛକ ଅଟୋଷ୍ଟାଣ୍ଡ ନିକଟରେ ଫିଙ୍ଗାଯାଉଛି ବାସି ଖାଦ୍ୟ, ଯାହାକି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରି ବାଟୋଇ ତଥା ଜନସାଧାରଣଙ୍କୁ ଆକ୍ରାନ୍ତ କରୁଛି। ମାତ୍ର ହୋଟେଲର ଏହି ଫିଙ୍ଗା ଡାଲମା, ତରକାରିକୁ ସଂଖ୍ୟାଧିକ ଗୋରୁ ପ୍ରତିଦିନ ଖାଉଛନ୍ତି। ଫିଙ୍ଗା ଯାଉଥିବା ଏହି ବାସି ଖାଦ୍ୟର ବିଷକ୍ରିୟାରେ ଗୋରୁ ମରିବେ ନାହିଁ ତ! ବିଏମସି ପ୍ରଶାସନ ଏ ଦିଗରେ ସମୁଚିତ କଟକଣା ଜାରି କରିବାକୁ ଦାବି ହେଉଛି।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ , ତମାଣ୍ଡୋ, ଭୁବନେଶ୍ୱର

### ସଭିଙ୍କୁ ଧନ୍ୟବାଦ

ଧରିତ୍ରୀରେ ପ୍ରକାଶ ବାବୁଙ୍କ ପ୍ରକାଶିତ ପ୍ରବନ୍ଧ ପଢି ଲେଖକଙ୍କୁ ଅଜସ୍ର ଧନ୍ୟବାଦ ଜଣାଉଛି। ପଢିଲାବେଳେ ମନେପଡିଲା ଇଂରାଜୀ ଗଳ୍ପ 'ଦି ସ୍ପ୍ରିଙ୍ଗ ଅଫ୍ ଥ୍ୟାଙ୍କ୍‌ସ'। ଜଣେ ମୁମୂର୍ଷୁ ରୋଗୀଙ୍କୁ ଗାଡିରେ ଧରି ଜଣେ ଆଗନ୍ତୁକ ଡାକ୍ତରଙ୍କ ପାଖରେ ପହଞ୍ଚିଲେ। ଡାକ୍ତରଙ୍କ ଅକ୍ଳାନ୍ତ ଚେଷ୍ଟାରେ ବ୍ୟକ୍ତି ଜଣକ ନବଜୀବନ ଲାଭ କଲେ। ଏହାପରେ ଡାକ୍ତରଙ୍କୁ କୃତଜ୍ଞତା ଜଣାଇଲା ବେଳେ ଡାକ୍ତର କହିଲେ ଏସବୁର ଶ୍ରେୟ ନିକଟରେ ଥିବା ଏହି ମେଶିନର। ତେଣୁ ମେଶିନର ନିର୍ମାତାଙ୍କ ପାଖକୁ କୃତଜ୍ଞତାଭରା ଚିଠି ଲେଖାଗଲା। ସେ କହିଲେ, ଏମିତି ତ ଅନେକ ମେଶିନ ରହିଛି। ବଡ କଥା ହେଲା ଠିକ୍ ସମୟରେ ରୋଗୀକୁ ଚିକିତ୍ସାଳୟରେ ପହଞ୍ଚାଇବା। ତେଣୁ ସେ ଚିଠି ଡ୍ରାଇଭର ପାଖକୁ ଆସିଲା। ଡ୍ରାଇଭର କହିଲେ ମୁଁ ତ ନିମିତ୍ତମାତ୍ର, ବାହାଦୁରି ଗାଡିର। ଗାଡିର ନିର୍ମାତା କହିଲେ, ସବୁ ବାହାଦୁରି ପେଟ୍ରୋଲ ପମ୍ପର। ପେଟ୍ରୋଲ ପମ୍ପ ମାଲିକ କହିଲେ, ଏ ଶ୍ରେୟ ସତରେ ଇଲେକ୍ଟ୍ରିବାଲାଙ୍କର। ଲାଇନ ନ ଥିଲେ ପେଟ୍ରୋଲ ଭରିବା ସମ୍ଭବପର ନୁହେଁ। ଶେଷରେ ଇଲେକ୍ଟ୍ରିବାଲାଙ୍କ ପାଖକୁ ଚିଠି ଗଲା। ସମସ୍ତେ ବୁଝିଲେ ଇଲେକ୍ଟ୍ରି ନ ଥିଲେ ପେଟ୍ରୋଲ, ଗାଡ଼ି ଓ ଯନ୍ତ୍ରପାତି ସବୁ ଅଚଳ। ତେଣୁ ବାସ୍ତବରେ ସମସ୍ତଙ୍କ ସହଯୋଗରେ ସୁଖମୟ ସଂସାର। ସହଯୋଗ କରିଥିବା ସମସ୍ତେ ଧନ୍ୟବାଦର ପାତ୍ର।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜନନୀଙ୍କୁ ନ ଦେଖି କାନ୍ଦେ ନନ୍ଦନ
ନ ମାନଇ ଦୁହିତା ପିତା ବଚନ!
ସ୍ୱାମୀ କଥା ନ ଶୁଣେ କୁଳ ରମଣୀ
ସମାଜର ନିୟମ କେହି ନ ଗଣି!

(ବଂଶୀ ଧ୍ୱନି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | 2 | 4 | 7 | | | E | | | | | | | C |
| | 4 | | | 0 | | | 7 | 3 | | E | D | | | |
| 6 | 3 | 5 | | | 2 | 4 | | | | | | | | E |
| | | C | | 9 | | | 1 | | | A | | | 5 | 2 |
| | | | | B | C | A | | | | 2 | | | | |
| C | | | | | | | | | 9 | | 0 | | | |
| | | 4 | 2 | | 1 | 5 | | | | | | | C | |
| | 9 | | | | | 3 | 2 | | | B | 8 | | A | |
| 8 | | E | 7 | 4 | | D | | | | | | | | 0 |
| D | 5 | 0 | | | | | B | | | | | 4 | 8 | |
| | D | 6 | | | | 7 | | | | | | | | |
| B | | | 3 | | | 8 | | | | | A | | E | |
| | E | | | | 5 | | 3 | | | 0 | | 8 | B | |
| | | | 1 | E | 7 | | 6 | C | | | | | 2 | 3 |
| 2 | | 8 | 9 | C | D | | | | | | | 5 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | E | D | 5 | C | 4 | 3 | 1 | 2 | 7 | 9 | B | A | 8 |
| 5 | 1 | 4 | 8 | 7 | 0 | B | E | C | D | A | 3 | 2 | 6 | 9 |
| 8 | 7 | D | 6 | E | B | 2 | A | 9 | 0 | C | 4 | 1 | 5 | 3 |
| B | 2 | 9 | 4 | 3 | A | 0 | 7 | 8 | 5 | 6 | 1 | D | E | C |
| C | 3 | A | 9 | 2 | 1 | 6 | 5 | D | B | 8 | E | 4 | 0 | 7 |
| 1 | B | C | 2 | 4 | 5 | A | 9 | 3 | 8 | E | 0 | 7 | D | 6 |
| 7 | A | 3 | E | 6 | 8 | 1 | D | 5 | 4 | B | C | 0 | 9 | 2 |
| 2 | E | 6 | 0 | 9 | D | 8 | B | 4 | A | 3 | 7 | C | 1 | 5 |
| 9 | 8 | 0 | C | B | 7 | E | 6 | 2 | 1 | D | 5 | A | 3 | 4 |
| 4 | D | 5 | A | 1 | 3 | 7 | C | 0 | 6 | 9 | 2 | E | 8 | B |
| D | C | 1 | 7 | 0 | E | 9 | 2 | 6 | 3 | 4 | 8 | 5 | B | A |
| A | 5 | B | 1 | C | 4 | 3 | 8 | E | 7 | 0 | 6 | 9 | 2 | D |
| 3 | 6 | 2 | B | A | 9 | 5 | 4 | 7 | E | 1 | D | 8 | C | 0 |
| 0 | 4 | 8 | 5 | D | 6 | C | 1 | A | 9 | 2 | B | 3 | 7 | E |
| E | 9 | 7 | 3 | 8 | 2 | D | 0 | B | C | 5 | A | 6 | 4 | 1 |

ଗତକାଲିର ଉତ୍ତର

# ବ୍ରହ୍ମପୁରରେ 'ମାଲ ମହୁ ଜୀବନ ମାଟି' ଫିଲ୍ମର ପ୍ରିମିୟର ଶୋ

ବ୍ରହ୍ମପୁର ଅଫିସ,୮।୧୧

ଦ୍ୱିଭାଷୀ ଓଡିଆ-ଛତିଶଗଡୀ ଚଳଚ୍ଚିତ୍ର 'ମାଲ ମହୁ ଜୀବନ ମାଟି-ଭାଗ୍ୟର ନୋ ଗ୍ୟାରେଣ୍ଟି' ଶୁକ୍ରବାର ପରଦା ଉପରକୁ ଆସିଛି। ଏହି ଚଳଚ୍ଚିତ୍ର ଓଡିଶାର ୪୦ ପ୍ରେକ୍ଷାଳୟରେ ରିଲିଜ ହୋଇଥିବା ବେଳେ ଚଳଚ୍ଚିତ୍ରର ପ୍ରିମିୟର ଶୋ ପ୍ରଥମ ଥର ପାଇଁ ବ୍ରହ୍ମପୁରରେ ଆୟୋଜିତ ହୋଇଥିଲା। ରୁକ୍ମଣୀ ହଲରେ ଆୟୋଜିତ ପ୍ରିମିୟର ଶୋରେ ଫିଲ୍ମର ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଏଲିନା

## ରୋଡ୍ ଶୋ'ରେ ଯୋଗଦେଲେ ସବ୍ୟସାଚୀ, ଏଲିନା

ଯୋଗ ଦେଇଥିଲେ। ସବ୍ୟସାଚୀ ଓ ଏଲିନାଙ୍କୁ ଦେଖିବାକୁ ଫିଲ୍ମ ହଲ ପରିସର ଲୋକାରଣ୍ୟ ହୋଇଥିଲା । ଖଲ୍ଲିକୋଟ କଲେଜ ସମ୍ମୁଖରୁ ଏକ ରୋଡ ଶୋରେ ସବ୍ୟସାଚୀ ଓ ଏଲିନା ରୁକ୍ମଣୀ ହଲରେ ପହଞ୍ଚିଥିଲେ । ଏହାପରେ ଦର୍ଶକଙ୍କ ସହ ବାର୍ତ୍ତାଳାପ ବେଳେ ବ୍ରହ୍ମପୁରବାସୀଙ୍କ ଓଡିଆ ଚଳଚ୍ଚିତ୍ର ପ୍ରତି ରହିଥିବା ଭଲପାଇବା ଯୋଗୁ ପ୍ରଥମ ଥର ପାଇଁ କଟକ କିମ୍ବା ଭୁବନେଶ୍ୱର ପରିବର୍ତ୍ତେ ବ୍ରହ୍ମପୁରରେ ଫିଲ୍ମର ପ୍ରିମିୟର ଶୋ କରାଯାଇଥିବା ସବ୍ୟସାଚୀ କହିଥିଲେ।


ସବ୍ୟସାଚୀ, ଏଲିନାଙ୍କ ରୋଡ୍ ଶୋ ।

ଏହାପରେ ଦର୍ଶକଙ୍କ ଗହଣରେ ଫିଲ୍ମ ଦେଖିଥିଲେ। ଶୋରେ ଅନ୍ୟମାନଙ୍କ ମଧ୍ୟରେ ବିଦୁସ୍ମିତା, ନିର୍ଦ୍ଦେଶକ ରମେଶ ରାଉତ, କ୍ରିଏଟିଭ ହେଡ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଲେଡିବାର୍ଡ ଏଣ୍ଟରଟେନ୍‌ମେଣ୍ଟ ତଥା ଆମରା ମ୍ୟୁଜିକ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ଡ. ନିର୍ମଳ ନାୟକ ଗୀତ ସହ ସଂଳାପ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ । ତେବେ ଭଲଭାବରେ କଥା କହିପାରୁ ନ ଥିବା ଜଣେ ଯୁବକଙ୍କ ଜୀବନ କାହାଣୀ ଉପରେ ଏହି ଚଳଚ୍ଚିତ୍ର ଗତିଶୀଳ ହୋଇଛି । କିପରି ଜଣେ ସ୍ପଷ୍ଟ ଭାବେ କହିପାରୁ ନ ଥିବା ବ୍ୟକ୍ତି ଯାହା କରିବାକୁ ଚାହୁଁଛନ୍ତି, ତାକୁ ତାଙ୍କ ଭାଗ୍ୟ ସାଥ୍ ଦେଉନି । ଏ ପରିକି ପ୍ରେମକରି କିପରି ନିଜର ଅସ୍ପଷ୍ଟ କଥା କହିବାରୁ ସମସ୍ୟାରେ ପଡୁଛନ୍ତି। ପ୍ରେମ ପାଇବାକୁ ମଧ୍ୟ ସେ ସଂଘର୍ଷ କରୁଛନ୍ତି, ତାହା ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିବା ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି । ତେବେ ବ୍ରହ୍ମପୁରରେ ପ୍ରଥମ ଥର ପାଇଁ ହୋଇଥିବା ଏହି ଫିଲ୍ମର ପ୍ରିମିୟର ଶୋକୁ ନେଇ ଉଭୟ ସବ୍ୟସାଚୀ ଓ ଏଲିନା ଆନନ୍ଦିତ ଥିବା ଗଣମାଧ୍ୟମକୁ ସାକ୍ଷାତ୍‌କାର ବେଳେ କହିଛନ୍ତି ।

**ହାତୀଦାନ୍ତ, ବାଘଛାଲ ଜବତ ଘଟଣା**

## ୩ଜଣଙ୍କୁ ୨ଦିନ ରିମାଣ୍ଡରେ ନେଲା କ୍ରାଇମ୍‌ବ୍ରାଞ୍ଚ

**ଭୁବନେଶ୍ୱର, ୮।୧୧ (ବ୍ୟୁରୋ):** ଭବାନୀପାଟଣାରେ ହାତୀଦାନ୍ତ ଓ ବାଘଛାଲ ଜବତ ଘଟଣାରେ ଶୁକ୍ରବାର କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଆଉ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଉଛନ୍ତି ନର୍ଲାର ବିଦୁ ମାଝି। ଅନ୍ୟପଟେ ପୂର୍ବରୁ ଗିରଫ ୩ ଅଭିଯୁକ୍ତ ଡିଗି ଶବର, ସୁକ୍ରୁ ମାଝି ଓ ରବିନ୍ଦ୍ର ସିଂଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଦୁଇଦିନ ରିମାଣ୍ଡରେ ନେବାକୁ କୋର୍ଟ କ୍ରାଇମ୍‌ବ୍ରାଞ୍ଚକୁ ଅନୁମତି ଦେଇଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଶୁକ୍ରବାର ଚଢ଼ାଉ କରି ପୂର୍ବରୁ ଫେରାର୍ ବିଦୁ ମାଝିଙ୍କୁ ଗିରଫ କରିଛି। ବିଦୁ ହେଉଛନ୍ତି ଅଭିଯୁକ୍ତ ସୁକ୍ରୁ ମାଝିଙ୍କ ବାପା। ଭବାନୀପାଟଣା ଏସିଏଫ୍ ମଳୟ ରଞ୍ଜନ କାଲୋଙ୍କ ନେତୃତ୍ୱରେ କଳାହାଣ୍ଡି ଉତ୍ତର ବନଖଣ୍ଡ ଓ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ କାର୍ଯ୍ୟାଳୟର କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ। ପ୍ରକାଶ ଯେ, ଭବାନୀପାଟଣାରେ ଏହି ଚୋରା କାରବାର ଚାଲିଥିବା କ୍ରାଇମ୍‌ବ୍ରାଞ୍ଚ ଖବର ପାଇଥିଲା। ଏହାକୁ ଭିତ୍ତିକରି ଗୁରୁବାର କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ସମେତ ବନବିଭାଗ କର୍ମଚାରୀ ଗ୍ରାହକ ହୋଇ ସେଠାକୁ ଯାଇଥିଲେ। ଦୁଇଟି ବନ୍ୟପ୍ରାଣୀ ସାମଗ୍ରୀର ଦାମ୍ ମୂଲଚାଲ ହୋଇ ଶେଷରେ ୮ଲକ୍ଷ ଟଙ୍କାରେ ବିକ୍ରି ପାଇଁ ସ୍ଥିର ହୋଇଥିଲା। ଏହି ସମୟରେ ସେମାନଙ୍କୁ ଗିରଫ କରାଯାଇଥିଲା।

■ ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ପଞ୍ଚୁକ

## ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୮।୧୧

ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଚଳଚଞ୍ଚଳ ହୋଇପଡିଛି ଶ୍ରୀକ୍ଷେତ୍ର। ବାତ୍ୟା ବୁଲ୍‌ବୁଲ୍‌ର ଭୟ ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ଗହଳି ହୋଇଥିଲା। ପଞ୍ଚୁକ ବ୍ରତର ପ୍ରଥମ ଦିନ ଅର୍ଥାତ୍ ଶୁକ୍ରବାର ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ଦାରୁଦିଅଁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶନିବାର କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନସିଂହାସନରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ। ସେହିପରି ୧୦ ତାରିଖରେ ତ୍ରିବିକ୍ରମ ବେଶ, ୧୧ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ୧୨ ତାରିଖ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ତଥା ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହେବ।

ଭୋରରୁ ଦ୍ୱାର ଫିଟି ଶ୍ରୀମନ୍ଦିରରେ ଭିତର ଶୋଧ ଓ ମଙ୍ଗଳ ଆଳତି କରଯାଇଥିଲା। ଏହାପରେ ମଇଲମ ଓ ତଡ଼ପଲାଗି କରାଯାଇ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଲକ୍ଷ୍ମୀନାରାୟଣ ବେଶ କରାଯାଇଥିଲା। ପୁଷ୍ପାଳକମାନେ ତିନିଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ୨୩ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ୪ଟି ସୁବର୍ଣ୍ଣ ଶ୍ରୀଭୁଜ,


ପଞ୍ଚୁକ ଅବସରରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

### ଆଜି ବାଙ୍କଚୂଡ଼ା ବେଶ

୩ଟି କିରୀଟ, ୪ଟି ଶ୍ରୀପୟର, ୬ଟି କାନ, ୪ଟି କଦମ୍ବମାଳି, ୧ଟି ହରିଡା କଦମ୍ବମାଳି, ୨ଟି ବାହାଡା ମାଳି, ଗୋଟିଏ ତାବିଜ ମାଳି, ଗୋଟିଏ ବାଘ ନଖମାଳି, ୩ଟି ସେବତୀ ମାଳି, ୨ଟି ହଳମୂଷଳ, ଗୋଟିଏ ଚକ୍ର, ୨ଟି ତ୍ରିଶାଖା, ୩ଟି ଅଳକା, ୪ଟି ଶ୍ରୀମୁଖ ପଦ୍ମ, ଗୋଟିଏ ରୁପା ଶଙ୍ଖ, ୩ଟି ଓଡ଼ିଆଣି, ୩ଟି ଚନ୍ଦ୍ରସୂର୍ଯ୍ୟ, ୨ଟି ତିଳକ (ଚିତା), ୩ଟି ଘାଘଡା ମାଳି, ୪ଟି କୁଣ୍ଡଳ, ୨ଟି ତଡ଼ଗୀ ଓ ଗୋଟିଏ ସ୍ୱର୍ଣ୍ଣ ଟୋପର ଲାଗି ହୋଇଥିଲା। ଏହି ମାସରେ ଅନୁଷ୍ଠିତ ହୋଇଥିବା ରାଧା ଦାମୋଦର ବେଶରେ ଠାକୁର ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବାବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ, ଶଙ୍ଖ, ଚକ୍ର, ହଳ, ମୂଷଳ ସହିତ ଅନ୍ୟାନ୍ୟ ଅଳଙ୍କାର ଧାରଣ କରିଥିଲେ। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଇଥିଲା। କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗା ଯାଇଥିଲା। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ ବାଳଧୂପ ସରିବା ପରେ ତିନି ବାଡ଼ରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ ନୀତି ଅନୁଷ୍ଠିତ ହୋଇଥିଲା।

# ହାଇକୋର୍ଟ ବିଚାରପତି ଭାବେ ଶପଥ ନେଲେ ବିଭୁପ୍ରସାଦ ରାଉତରାୟ

**କଟକ ଅଫିସ, ୮।୧୧:** ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ ଶୁକ୍ରବାର ବିଭୁ ପ୍ରସାଦ ରାଉତରାୟ ଶପଥ ଗ୍ରହଣ କରିଛନ୍ତି। ଅପରାହ୍ନ ପ୍ରାୟ ୨ଟାରେ ହାଇକୋର୍ଟ ପୁରୁଣା କୋଠାର କନ୍‌ଫରେନ୍ସ ହଲ୍‌ରେ ଏ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳଙ୍କ ଅନୁମତି କ୍ରମେ ରାଜ୍ୟ ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜିବ ଚୋପ୍ରା ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ବିଜ୍ଞପ୍ତିକୁ ପଠନ କଲା ପରେ ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ରାଉତରାୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା, କେ.ଆର୍. ମହାପାତ୍ର, ଏ.କେ. ରଥ, ସଙ୍ଗମ ସାହୁ, ବି.ଆର୍. ଷଡ଼ଙ୍ଗୀ, ଏ.କେ. ମିଶ୍ର, ଏସ୍.କେ. ମିଶ୍ର, ରାଜ୍ୟ ଆଇନ ସଚିବ ସଚ୍ଚିକାନ୍ତ ମିଶ୍ର, ଜିଲାପାଳ ଭବାନୀ ଶଙ୍କର ଚୟନି, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ,


ଶପଥ ନେଉଛନ୍ତି ବିଭୁପ୍ରସାଦ ରାଉତରାୟ (ଡାହାଣ)।

କଟକ ଡିସିପି ଅଖିଳେଶ୍ୱର ସିଂ, ବିଚାରପତି ବିଭୁ ପ୍ରସାଦ ରାଉତରାୟଙ୍କ ମାତାପିତା ଓ ହାଇକୋର୍ଟ ବାର୍ ଆସୋସିଏଶନର ବରିଷ୍ଠ ଆଇନଜୀବୀ ଓ ସଦସ୍ୟ ଉପସ୍ଥିତ ଥିଲେ।

ପ୍ରକାଶଥାଉ କି, ମୁଖ୍ୟ ବିଚାରପତି ଓଡ଼ିଶା ହାଇକୋର୍ଟରେ ବିଚାରପତି ନିଯୁକ୍ତି ପାଇଁ ୪ଜଣ ଜୁଡ଼ିସିଆଲ ଅଫିସରଙ୍କ ନାମ ସୁପ୍ରିମକୋର୍ଟଙ୍କ କଲେଜିୟମଙ୍କୁ ସୁପାରିସ କରିଥିଲେ। ଗତ ଅକ୍ଟୋବର ୩ରେ ସୁପ୍ରିମକୋର୍ଟଙ୍କ କଲେଜିୟମ ବ୍ରହ୍ମପୁର ଜିଲା ଓ ଦୌରାଜଜ୍ ରାଉତରାୟଙ୍କୁ ବିଚାରପତି ଭାବେ ନିଯୁକ୍ତି ଦେବାକୁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିଲେ। ଏ ନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ରାଉତରାୟଙ୍କ ନିଯୁକ୍ତିକୁ ନେଇ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ବିଭୁ ପ୍ରସାଦଙ୍କ ନିଯୁକ୍ତ ପରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି।

## ବସନ୍ତ କରଙ୍କୁ ଅନ୍ତର୍ଜାତୀୟ ସମ୍ମାନ

**ଡେରାବିଶ, ୮।୧୧ (ସ୍ୱ.ପ୍ର.):** କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଚାଟରାଶାସନ ଗ୍ରାମର ବସନ୍ତ କୁମାର କରଙ୍କୁ ୨୦୧୯ ମସିହା ପାଇଁ ଅନ୍ତର୍ଜାତୀୟ ଗ୍ଲୋବାଲ ଟ୍ରାନ୍ସଫର୍ମ ନ୍ୟୁଟ୍ରିଶନ ଚାମ୍ପିୟନ ସମ୍ମାନ ମିଳିଛି । ମିଳିତ ଜାତିସଂଘର ସ୍କେଲିଙ୍ଗ ଅପ ନ୍ୟୁଟ୍ରିଶନ ଗ୍ଲୋବାଲ ଗ୍ୟାଦରିଙ୍ଗ ଦ୍ୱାରା ନେପାଳର କାଠମାଣ୍ଡୁରେ ଆୟୋଜିତ ସମାରୋହରେ ବସନ୍ତଙ୍କୁ ବିଶ୍ୱର ସପ୍ତମ ବ୍ୟକ୍ତି ଭାବେ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସାମ୍ପ୍ରତିକ ସ୍ଥିତିରେ ବିଶ୍ୱସ୍ତରରେ କୁପୋଷଣ ମୁକ୍ତ ପାଇଁ ପ୍ରୟାସ ଚାଲିଛି। ବସନ୍ତ ନିଜ ଜିଲାଠାରୁ ଆରମ୍ଭ କରି ବିଶ୍ୱସ୍ତରରେ କୁପୋଷଣ ମୁକ୍ତି ପାଇଁ ଆଭିମୁଖ୍ୟ ପ୍ରଦର୍ଶିତ କରିଛନ୍ତି। ତାଙ୍କ ସନ୍ଦର୍ଭରେ ସୁସ୍ଥ ଶରୀର ଦ୍ୱାରା ସୁନ୍ଦର ବିଶ୍ୱ ପ୍ରତିଷ୍ଠା ହେବ ବୋଲି ସେ ଉଲ୍ଲେଖ କରିଛନ୍ତି । ବିଶେଷ କରି ଶିଶୁ ଓ ନାରୀଙ୍କୁ କୁପୋଷଣରୁ ମୁକ୍ତ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଥିବା ସେ ପ୍ରକାଶ କରିଛନ୍ତି। ବସନ୍ତ ତାଙ୍କର ଏହି ସମ୍ମାନକୁ କୁପୋଷଣର ଶିକାର ହୋଇଥିବା ସାଧାରଣ ଜନତାଙ୍କୁ ଉତ୍ସର୍ଗ କରିଛନ୍ତି । ନଭେମ୍ବର ୫ରେ ଆୟୋଜିତ ଏହି ସମାରୋହରେ ବିଶ୍ୱର ୬୧ ଦେଶର ୧୦୦୦ରୁ ଊର୍ଦ୍ଧ୍ୱ ବିଦ୍ୱାନ ସାମିଲ ହୋଇଥିଲେ।



**ଜିଲା ଚିଠି**
**ଅନୁଗୋଳ**

## ବିପର୍ଯ୍ୟୟ ସହାୟତା

ପ୍ରାକୃତିକ ବିପର୍ଯ୍ୟୟ ତାଲିକାରେ ଆସୁଥିବା ବନ୍ୟା, ବାତ୍ୟା, ଅଂଶୁଘାତ, ବଜ୍ରପାତ, ଅଗ୍ନିକାଣ୍ଡ, ସର୍ପାଘାତ ଆଦିରେ କାହାର ମୃତ୍ୟୁ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ଯୋଗାଇଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଅନୁଗୋଳ ଜିଲାରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ୨୦୧୬ରୁ ୨୦୧୯, ଏହି ୩ ବର୍ଷ ମଧ୍ୟରେ ଜିଲାରେ ମୋଟ୍ ୨୫୮ ଜଣ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିଲେ ବି ସେମାନଙ୍କ ମଧ୍ୟରୁ ୫୮ ମୃତକଙ୍କ ପରିବାରକୁ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇନାହିଁ। ଏ ନେଇ ସମ୍ପୃକ୍ତ ପରିବାରବର୍ଗ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରୁଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ। ବ୍ୟବସ୍ଥା ଅନୁଯାୟୀ, ପ୍ରାକୃତିକ ବିପର୍ଯ୍ୟୟରେ କେହି ପ୍ରାଣ ହରାଇଲେ ତୁରନ୍ତ ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଜିଲାପାଳଙ୍କୁ ଅବଗତ କରିବେ। ଜିଲାପାଳ ରିପୋର୍ଟ ପାଇବାର ୧୮ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ତାଙ୍କ ରିପୋର୍ଟ ଦେବେ। ସ୍ୱତନ୍ତ୍ର ରିଲିଫ କମିଶନର ମଧ୍ୟ ୨୪ ଘଣ୍ଟା ମଧ୍ୟରେ ନ୍ୟାଶନାଲ ଡିଜାଷ୍ଟର ଅଥରିଟିଙ୍କୁ ଉକ୍ତ ରିପୋର୍ଟ ସମ୍ପର୍କରେ ଅବଗତ କରାଇବେ। ଏହାକୁ ଫାଷ୍ଟ ଇନଫରମେଶନ୍ ରିପୋର୍ଟ (ଏଫ୍ଆଇଆର୍) ଭାବେ ଧରାଯାଇଥାଏ। ଏହାର ୩ ଦିନ ମଧ୍ୟରେ ତହସିଲଦାର ମୃତ ବ୍ୟକ୍ତିଙ୍କ କେସ୍ ରେକର୍ଡ ସହ ଆର୍‌ଆଇ ରିପୋର୍ଟ, ଅପମୃତ୍ୟୁ ମାମଲା ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ। ଜିଲାପାଳ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଉକ୍ତ ରେକର୍ଡ ପଠାଇବାର ୭ ଦିନ ମଧ୍ୟରେ ଏକ୍ସ-ଗ୍ରାସିଆ (ପ୍ରାକୃତିକ ବିପର୍ଯ୍ୟୟ ମୃତ୍ୟୁ) ୪ ଲକ୍ଷ ଟଙ୍କାର ସହାୟତା ରାଶି ସମ୍ପୃକ୍ତ ପରିବାର ଲୋକଙ୍କୁ ମିଳିବ। କେବଳ ଅଂଶୁଘାତରେ ୫୦ ହଜାର ଟଙ୍କାର ସହାୟତା ରାଶି ଏବେ ପ୍ରଦାନ କରାଯାଉଛି। ତେବେ ଗତ ୩ ବର୍ଷ ମଧ୍ୟରେ ଅନୁଗୋଳ ଜିଲାରେ ସର୍ପାଘାତ, ବଜ୍ରପାତ ଓ ପାଣିରେ ବୁଡ଼ି ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ବଜ୍ରପାତରେ ୩୭, ପାଣିରେ ବୁଡ଼ି ୮୭ ଓ ସର୍ପାଘାତରେ ୧୦୮ ଜଣ ପ୍ରାଣ ହରାଇଥିବା ବେଳେ ଅଗ୍ନିକାଣ୍ଡରେ ୧୦, ଅଂଶୁଘାତରେ ୧୫ ଓ କାନ୍ଥ ପଡ଼ି ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ୨୦୦ ମୃତକଙ୍କ ପରିବାରକୁ ସହାୟତା ରାଶି ମିଳିସାରିଛି। ବାକି ୫୮ ମୃତକଙ୍କ ମଧ୍ୟରୁ ଆଠମଲ୍ଲିକ ବ୍ଲକ ଅଞ୍ଚଳର ୧୧, ଅନୁଗୋଳ ବ୍ଲକର ୧୩, ବଣ୍ଡରପାଳ ବ୍ଲକର ୬, ତାଳଚେର ବ୍ଲକର ୧୦, ଛେଣ୍ଡିପଦା ବ୍ଲକର ୯, କଣିହାଁ ବ୍ଲକର ୩ ଓ କିଶୋରନଗର ବ୍ଲକର ୫ଜଣଙ୍କ ପରିବାରକୁ ପ୍ରାକୃତିକ ମୃତ୍ୟୁ ଜନିତ ସହାୟତା ରାଶି ଏଯାଏ ମିଳିନାହିଁ। ମାତ୍ର ୭ରୁ ୧୦ ଦିନ ମଧ୍ୟରେ ଉକ୍ତ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା ଥିବା ବେଳେ ବର୍ଷ ବର୍ଷ ଧରି ଏଠାରେ ଅବହେଳା କରାଯାଉଛି। ଫଳରେ ମୃତକଙ୍କ ପରିବାର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଆପାତ୍ତକାଳୀନ ବିଭାଗଠାରୁ ତହସିଲ ପର୍ଯ୍ୟନ୍ତ ବାରମ୍ବାର ଧାଇଁ ଧାଇଁ ହାଲିଆ ହେଉଛନ୍ତି। କିନ୍ତୁ କାହିଁକି ଉକ୍ତ ପରିବାରଗୁଡ଼ିକୁ ସହାୟତା ରାଶି ପ୍ରଦାନ କରାଯାଉନାହିଁ ତାହାର ଉତ୍ତର ଏବେ ବି ଜିଲା ପ୍ରଶାସନ ନିକଟରେ ନାହିଁ।

– ଅମିତ କୁମାର ସାମଲ

## ନିରପେକ୍ଷ ତଦନ୍ତ ପାଇଁ ୨୫ ଅଧିକାରୀ ସମ୍ବର୍ଦ୍ଧିତ

**କଟକ ଅଫିସ, ୮।୧୧:** ନିରପେକ୍ଷ ଓ ଉଚ୍ଚକୋଟୀର ତଦନ୍ତ କରି ମାମଲାଗୁଡିକର ସମାଧାନ କରିଥିବା ୨୫ଜଣ ତଦନ୍ତକାରୀ ଅଧିକାରୀଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଡିଜିପି ବିଜୟ କୁମାର ଶର୍ମା ଶୁକ୍ରବାର ରାଜ୍ୟ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତଦନ୍ତକାରୀ ଅଧିକାରୀମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରତିବର୍ଷ ସଫଳ ତଦନ୍ତକାରୀ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଆସୁଛି। ଏହା ଦ୍ୱାରା ସେମାନଙ୍କୁ ପ୍ରେରଣା ମିଳିବା ସହ ଅଧିକ ସଫଳତା ହାସଲ କରି ରାଜ୍ୟର ସୁନାମ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଡିଜିପି ଶର୍ମା କହିଥିଲେ। ସମ୍ବର୍ଦ୍ଧିତ ଅଧିକାରୀମାନେ ହେଲେ, ବାଲେଶ୍ୱର ଅତିରିକ୍ତ ଏସ୍‌ପି ଗୋବିନ୍ଦ ସେଠୀ, ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ରାୟଗଡ଼ା ଏସ୍‌ଆଇ ସୁଶାନ୍ତ କୁମାର ଶତପଥୀ, ମାଲକାନଗିରି ଏସ୍‌ଆଇ ସନ୍ତୋଷୀ ବାରିକ, ଭୁବନେଶ୍ୱର ଏସ୍‌ଟିଏଫ୍ ଇନ୍ସପେକ୍ଟର ଉର୍ମିଳା ମଲ୍ଲିକ, ଭୁବନେଶ୍ୱର ସହରାଞ୍ଚଳ ଇନ୍ସପେକ୍ଟର ଉମାକାନ୍ତ ପ୍ରଧାନ, ଅନୁଗୋଳ ପିଟିସି ଇନ୍ସପେକ୍ଟର ଯୋଗେଶ୍ୱରୀ ବେହେରା, କେନ୍ଦୁଝର ଏସ୍‌ଆଇ ଶ୍ରୀକାନ୍ତ ସାହୁ, ଗଜପତି ଇନ୍ସପେକ୍ଟର ବିବେକାନନ୍ଦ ସ୍ୱାଇଁ, କଳାହାଣ୍ଡି ଇନ୍ସପେକ୍ଟର ଗୋବିନ୍ଦ ମାଝି, ପୁରୀ ଇନ୍ସପେକ୍ଟର ଗେଲି କୁମାରୀ ସାହୁ, ଭୁବନେଶ୍ୱର ସହରାଞ୍ଚଳ ଇନ୍ସପେକ୍ଟର ଜୟଦେବ ବିଶ୍ୱଜିତ୍, ରାୟଗଡ଼ା ଇନ୍ସପେକ୍ଟର ଜୟଶ୍ରୀ ପ୍ରଧାନ, ବ୍ରହ୍ମପୁର ଡିଆଇବି ଡିଏସ୍‌ପି ଅଜୟ କୁମାର ମିଶ୍ର, ବୌଦ୍ଧ ଇନ୍ସପେକ୍ଟର ଅକ୍ଷୟ କୁମାର ଘଡେଇ, ପୁରୀ ଇନ୍ସପେକ୍ଟର ଗୌରାଙ୍ଗ ଚନ୍ଦ୍ର ପୃଷ୍ଟି, କଟକ ଇନ୍ସପେକ୍ଟର ବିଜୟ କୁମାର ମଲ୍ଲିକ, କଟକ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ସୁବାସିନୀ ଜେନା, ଗଞ୍ଜାମ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାହୁ, ଅନୁଗୋଳ ଡିଏସ୍‌ପି ଦିଲ୍ଲୀପ କୁମାର ନାୟକ, ମୟୂରଭଞ୍ଜ ଇନ୍ସପେକ୍ଟର ଯୋଗେନ୍ଦ୍ର କୁମାର ମଲ୍ଲିକ, ବ୍ରହ୍ମପୁର ଭିଜିଲାନ୍ସ ଇନ୍ସପେକ୍ଟର ବୈଦେହୀ କୁମାରୀ ବେହେରା, ଜଗତ୍‌ସିଂହପୁର ଏସ୍‌ଆଇ ପଦ୍ମାଳୟା ପ୍ରଧାନ, ଭୁବନେଶ୍ୱର ଏସ୍‌ଟିଏଫ୍ ଏସ୍‌ଆଇ ଆଶିଷ ଚନ୍ଦ୍ର ଜେନା ଓ ସମ୍ବଲପୁର ଏସ୍‌ଆଇ ବିଭୂତି ଭୂଷଣ ଦଳେଇ। ରାଜ୍ୟ କ୍ରାଇମବ୍ରାଞ୍ଚ ଶାଖାର ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶା ସରକାର

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**

**PRERANA**

**(Post Matric Scholarship Registration Release and Network Automation)**

No.: V-53: ଚଳିତ ବର୍ଷରୁ ମାଟ୍ରିକ ପର ଛାତ୍ରବୃତ୍ତି ନିମନ୍ତେ ''ଆଧାର'' ନମ୍ବର ପ୍ରମାଣୀକରଣ ନିତାନ୍ତ ଜରୁରୀ ଅଟେ। ପ୍ରେରଣାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଆଧାର ନମ୍ବର UIDAI ଦ୍ୱାରା ଯାଞ୍ଚ କରାଯାଇଛି। ଆଧାର ଯାଞ୍ଚର ସ୍ଥିତି ଆବେଦନକାରୀମାନଙ୍କୁ ପ୍ରେରଣାରେ ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବରରେ SMS ଦ୍ୱାରା ଜଣେଇ ଦିଆଯାଉଛି। ତଦନୁସାରେ, ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବେ: ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିଜ ID PASSWORDରେ LOGIN କରି "KNOW YOUR AADHAAR VERIFICATION STATUS" TABରେ ଆଧାର ଯାଞ୍ଚର ସ୍ଥିତି ଚେକ୍ କରିବେ।

୧. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି SUCCESSFULLY VERIFIED ଅଛି, ସେମାନଙ୍କୁ କୌଣସି ପଦକ୍ଷେପ ନେବା ଆବଶ୍ୟକ ନାହିଁ।

୨. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି NOT VERIFIED ଅଛି, ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବା ଆବଶ୍ୟକ ଅଟେ।

a) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କର ନୁହେଁ, ତେବେ ଦିଆଯାଇଥିବା BOXରେ ନିଜର ସଠିକ୍ ଆଧାର ନମ୍ବର ପ୍ରଦାନ କରି ପୁନଃ ଆବେଦନକୁ LOCK କରିବେ। LOCK କରିବା ପୂର୍ବରୁ ସୁନିଶ୍ଚିତ କରିବେ କି ଆଧାରରେ ଥିବା Name/Gender and D.O.B. ଏବଂ PRERANAରେ ଦିଆଯାଇଥିବା ସୂଚନା ପରସ୍ପର ସଙ୍ଗେ ମେଳ ଖାଉଛି।

b) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କ ଅଟେ ଏବଂ ସେଥିରେ କିଛି PERSONAL DETAILS MISMATCH ଅଛି, ତେବେ:

i) ଯଦି ଆପଣଙ୍କର Name/Gender/DOB ସୂଚନା PRERANA ପୋର୍ଟାଲରେ ଭୁଲ ଅଛି, ତେବେ ସେହି ସୂଚନାକୁ ପୋର୍ଟାଲରେ login କରି "Edit Personal Details hyperling"ରେ click କରି ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ ଆବେଦନକୁ lock କରିବେ।

ii) ଯଦି ଆପଣଙ୍କର Name/Gender/DOB ସୂଚନା ଆଧାରରେ ଭୁଲ୍ ଅଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ PRERANA ପୋର୍ଟାଲରେ login କରି ଆବେଦନକୁ lock କରିବେ।

c) ଯଦି ପ୍ରଦତ୍ତ ଆଧାର ନମ୍ବରଟି UIDAI ଦ୍ୱାରା INVALID/CANCELLED/SUSPENDED ଘୋଷିତ କରାଯାଇଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ PRERANA ପୋର୍ଟାଲରେ login କରି ନିର୍ଦ୍ଧାରିତ boxରେ ସଠିକ୍ ଆଧାର ପ୍ରଦାନ କରି ଆବେଦନକୁ ପୁନଃ lock କରିବେ।

PERSONAL DETAILS/AADHAAR ସୂଚନା PRERANA ପୋର୍ଟାଲରେ ସଂଶୋଧନ କରିବାର ଶେଷ ତାରିଖ ତା୨୦।୧୨।୨୦୧୯ ଅଟେ।

ସ୍ୱା./– ସ୍ୱତନ୍ତ୍ର ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

26001/11/0019/1920

## ସଂକ୍ଷେପରେ

### ଅକ୍ଟୋବର ବିପ୍ଳବ ପାଳିତ

ବନ୍ତ,୮।୧୧(ଡି.ଏନ.ଏ.) : ସିପିଆଇ ବନ୍ତ ଜୋନ୍ କମିଟି ପକ୍ଷରୁ ଆନ୍ତର୍ଜାତିକ ଅକ୍ଟୋବର ବିପ୍ଳବ ପାଳିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଶତାଧିକ ସାଥୀ ସମର୍ଥକ ବାଜା ବଜାଇ ବାଣ ଫୁଟାଇ ଶୋଭାଯାତ୍ରାରେ ଆସି ବନ୍ତଠାରେ ଏକତ୍ର ହେବା ପରେ ବଜାର ପରିକ୍ରମା କରିଥିଲେ। ପରେ ବରିଷ୍ଠ ସାଥୀ ଗୋପବନ୍ଧୁ ସେଠୀଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସିପିଆଇ ରାଜ୍ୟ ସହସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ଆଇନଜୀବୀ ପରମେଶ୍ୱର ବାରିକ, କୃଷକନେତା ଫକୀର ଚରଣ ବିଶ୍ୱାଳ, ଆନନ୍ଦ ଜେନା, ନିରଞ୍ଜନ ନାୟକ, ଅବସରପ୍ରାପ୍ତ କାରା ଅଧିକାରୀ ବାବାଜୀ ଚରଣ ଜେନା ଯୋଗଦେଇ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ପୁଞ୍ଜିବାଦ ଆର୍ଥିକ ସଙ୍କଟରୁ ମାନବ ସମାଜକୁ ମୁକ୍ତ କରିବା ପାଇଁ ସମାଜବାଦ ହିଁ ଏକମାତ୍ର ବିକଳ୍ପ ବୋଲି ସେମାନେ କହିଥିଲେ। ଦେଶର ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସମ୍ବିଧାନ ସୁରକ୍ଷା ପାଇଁ ଜନସାଧାରଣ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ନାରାୟଣ ସ୍ୱାଇଁ, ପବିତ୍ର ସେଠୀ, ରବୀନ୍ଦ୍ର ଜେନା, ରବୀନ୍ଦ୍ର ତରେଇ, ଅବଦୁଲ୍ଲା ଖାଁ, ପର୍ଶୁରାମ ସ୍ୱାଇଁ, ରତିକାନ୍ତ ଜେନା, ଅଭିମନ୍ୟୁ ଜେନା, ସୁବାସ ବେହେରା, ଭରତ ଚନ୍ଦ୍ର ସେନାପତି, କିଶୋର ବେହେରା, ଜୟନ୍ତ ଜେନା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୮।୧୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ପଞ୍ଚାୟତ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ୩ କର୍ମଚାରୀଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ବିପିନ ବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଅଧ୍ୟାପକ ରମେଶ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ। ଅଧ୍ୟାପକ ଆଦିତ୍ୟ କୁମାର ଜେନା, ଧର୍ମେନ୍ଦ୍ର ପ୍ରଧାନ, ଅନାଦି ଚରଣ ସାହୁ, ସିଦ୍ଧେଶ୍ୱର ସାହୁ, ଅନନ୍ତ ଚରଣ ସାହୁ, ଅଜୟ ପାଣିଗ୍ରାହୀ, ମୁରଲୀଧର ବେହେରା, ଚିତ୍ତରଞ୍ଜନ ଦାସ, ମଧୁସୂଦନ ଦୀକ୍ଷିତ, ଅଧ୍ୟାପିକା ସବିତା ନାୟକ ଓ କର୍ମଚାରୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ନିଶାକର ପାତ୍ର, ପ୍ରହ୍ଲାଦ ପଣ୍ଡା ଓ ଦୋଳଗୋବିନ୍ଦ ମଲ୍ଲିକଙ୍କ କର୍ତ୍ତବ୍ୟନିଷ୍ଠା ଓ ସେବା କଲେଜ ପାଇଁ ସ୍ମରଣୀୟ ହୋଇରହିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ପରେ ସେମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଅନାଦି ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ପଞ୍ଚାୟତ ସମିତି ବୈଠକ ଆରମ୍ଭରୁ ହୋହଲ୍ଲା

ବନ୍ତ,୮।୧୧(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଜନପ୍ରତିନିଧି, ଅଧିକାରୀ।

- ଖବର ସଂଗ୍ରହ କରିବାକୁ ବାରଣ
- ଦୀର୍ଘମାସ ଧରି ବୈଠକ ନ ହେବାର କାରଣ ଖୋଜିଲେ
- ପରବର୍ତ୍ତୀ ବୈଠକ ନିୟମିତ ହେବାକୁ ପ୍ରତିଶ୍ରୁତି

ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ସମିତିର ୭ମ ବୈଠକ ଶୁକ୍ରବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରୁ ଖବର ସଂଗ୍ରହ ଉପରେ ପ୍ରଶାସନ ପ୍ରତିବନ୍ଧକ ଲଗାଇଥିଲା। କେବଳ ଫଟୋ ସଂଗ୍ରହ କରି ବୈଠକ ବାହାରକୁ ଚାଲିଯିବାକୁ ଖବରଦାତାମାନଙ୍କୁ କୁହାଯିବାରୁ ହୋହଲ୍ଲା ହୋଇଥିଲା। ଫଳରେ ଖବରଦାତାମାନେ କ୍ଷୋଭ ପ୍ରକାଶ କରିବା ସହ ଏହାର କାରଣ ପଚାରିବାରୁ ଜିଲା ପ୍ରଶାସନ ବାରଣ କରିଥିବା ନେଇ ବ୍ଲକ ପ୍ରଶାସନ ଏପରି କହିଥିବା ସୂଚନା ଦିଆଯାଇଥିଲା। ପରେ ବିଧାୟକଙ୍କ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷଙ୍କ ଅନୁରୋଧ କ୍ରମେ ଖବରଦାତାମାନେ ବୈଠକରେ ରହିଥିଲେ। ଦୀର୍ଘ ୧୬ ମାସ ହେବ କାହିଁକି ବୈଠକ ହେଉ ନ ଥିବା ସମ୍ପର୍କରେ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ଦାଶ ପ୍ରଶ୍ନ କରିଥିଲେ। ବୈଠକ ହେବା ନେଇ ୪ ଥର ଚିଠି କରିଥିବା ସମ୍ପର୍କରେ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ଉତ୍ତର ରଖିଥିଲେ। ଏହାକୁ ନେଇ ବୈଠକରେ ଝଡ଼ ଲାଗି ରହିଥିଲା। ପରେ ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ ଏହାର ପୁନରାବୃତ୍ତି ନ ହେବା, ପ୍ରତି ୨ ମାସରେ ନିୟମିତ ବୈଠକ କରାଇବା ସହ ପରବର୍ତ୍ତୀ ବୈଠକରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଓ ସମସ୍ୟା ଉପରେ ଆଲୋଚନା କରାଯିବାକୁ ମତ ରଖିଥିଲେ। ବିଡିଓ ରେବେକା ବିଲୁଙ୍ଗ ଅତୀତର ତ୍ରୁଟିକୁ ନ ଧରି ଆଗାମୀ ଦିନରେ ନିୟମିତ ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବନ୍ତ ବ୍ଲକ ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଆବାସ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଭଳି ବିଭିନ୍ନ ଯୋଜନାରେ ଜିଲାରେ ଅଗ୍ରଣୀ ଥିବା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ବିଡିଓ ବିଲୁଙ୍ଗ, ବିଧାୟକ ପ୍ରତିନିଧି ସାମଲ, ଏମ୍‌ପିଙ୍କ ପ୍ରତିନିଧି ଶ୍ରୀନାଥ ମହାନ୍ତି, ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ସଭ୍ୟ ପ୍ରଶାନ୍ତ ଦାଶ, ରବୀନ୍ଦ୍ର ଦାସ, ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ, ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି, ଥାନାଧିକାରୀ ମିନା ବିଧାଣି, ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ଓ ସିଡିପିଓ ରେଣୁବାଳା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ**
**ବିଲେଇ କାମୁଡ଼େ ପଣତକାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ବୁଦ୍ଧିହୀନ, ନିର୍ବୋଧ, ଅଚତୁର ଲୋକଙ୍କୁ ଓଲୁ କୁହାଯାଏ। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର୍ ପାଇପାରି ନ ଥାନ୍ତି। ଅତି ଓଲୁ। ଏପରି ଓଲୁ ଯେ ନିଜ ପିନ୍ଧାଲୁଗାର ପଣତକାନି କିଏ କାଟିନେଲା ତାହା ସେ ଜାଣି ନ ପାରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଲେଇ ମାଇକିନାର ଓଷା**
**ଉକୁଣି ମୁଣ୍ଡରେ ଖୋଷା ।**

ଓଷା, ବାର ବ୍ରତରେ ଉପବାସ ରଖିବାକୁ ପଡ଼ିଥାଏ। ଏହାକୁ ତ୍ୟାଗ ଓ ନିଷ୍ଠାର ସମୟ ବୋଲି ନ ଭାବି ଖାଦ୍ୟଗ୍ରହଣ କରିବା ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଯିଏ ରୋଷେଇଶାଳରେ ରହି ପାଟିରେ ସର୍ବଦା କିଛି କିଛି ଖାଇ ଚାଲିଥାଏ ତା'ପାଇଁ ଉପବାସ ରଖିବାର ମୂଲ୍ୟ କିଛି ରହି ନ ଥାଏ। ସେହିପରି ମୁଣ୍ଡରେ ଉକୁଣି ଥିଲେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପ୍ରକାରାନ୍ତରେ ଏସବୁ ବୃଥା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଚାଷୀଙ୍କ ମନରେ ବଢୁଛି ଛନକା


ଭଣ୍ଡାରିପୋଖରୀ ଅଞ୍ଚଳର ଏକ ଜମିରେ ଧାନଗଛ ଶୋଇପଡିଛି।

**ଭଣ୍ଡାରିପୋଖରୀ, ୮।୧୧ (ଡି.ଏନ.ଏ.)**

### ପ୍ରଶାସନ ସଜାଗ

ସମ୍ଭାବ୍ୟ ବାତ୍ୟା 'ବୁଲ୍‌ବୁଲ୍'ର ମୁକାବିଲା ପାଇଁ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପ୍ରସ୍ତୁତ ରହିଛି। ପ୍ରଶାସନ ପକ୍ଷରୁ ଶୁକ୍ରବାର ଭଣ୍ଡାରିପୋଖରୀ ବ୍ଲକ ଅଫିସ୍‌ଠାରେ ବିଡିଓ ବନମାଳି ତରାଇଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ପ୍ରସ୍ତୁତ ରହିବାକୁ ବିଡିଓ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷାକୁ ଆଖି ଆଗରେ ରଖି ଶନିବାର ସ୍କୁଲଗୁଡ଼ିକ ବନ୍ଦ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଆବଶ୍ୟକ ପଡ଼ିଲେ ପ୍ରତ୍ୟେକ ପଞ୍ଚାୟତରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲରେ ଲୋକଙ୍କୁ ରଖାଯିବାକୁ ସ୍ଥିର ହୋଇଛି। ବ୍ଲକରେ ଥିବା ବାତ୍ୟା ଆଶ୍ରୟ ସ୍ଥଳ ବନ୍ଧାଳୋ, ମଣିନାଥପୁର, ଜଳହରୀରେ ଆବଶ୍ୟକ ପଡ଼ିଲେ ଲୋକଙ୍କୁ ରଖାଯିବ ବୋଲି ବିଡିଓ ତରାଇ ସୂଚନା ଦେଇଛନ୍ତି। ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚଙ୍କୁ ଏ ନେଇ ସଚେତନ କରାଯାଇଛି। ଅନ୍ୟପକ୍ଷେ ଲଘୁଚାପଜନିତ ବର୍ଷାକୁ ଦେଖି ଚାଷୀଙ୍କ ମନରେ ଛନକା ବଢୁଛି। ଚାଷଜମିରେ କେତେକ କିଆରିରେ ପାଚି ଯାଇଥିବା ଓ ଥୋଡ଼ ଧାନ ନଷ୍ଟ ହେବାର ଆଶଙ୍କା ରହିଛି। ଏହାସାଙ୍ଗକୁ ରୋଗପୋକ ଉପଦ୍ରବ ଚାଷୀଙ୍କୁ ଯନ୍ତ୍ରଣା ଦେଇଛି। ଚଳିତବର୍ଷ ଚାଷୀ ବେଉସଣ କରି ଭଲ ଚାଷ କରିଥିବାବେଳେ ଧାନ ଅମଳ ସମୟକୁ ଲଘୁଚାପ ବର୍ଷା ଚାଷୀକୂଳକୁ ଚିନ୍ତାରେ ପକାଇଛି। ଏଥର ବ୍ଲକରେ ୧୭ ହଜାର ହେକ୍ଟର ଚାଷଜମିରେ ଖରିଫ ଧାନଚାଷ ହୋଇଛି। ବିଭିନ୍ନ ସମୟରେ ଜଳାଭାବ, ପୋକ ଉପଦ୍ରବରୁ ଚାଷ ରକ୍ଷା ପାଇଥିବାବେଳେ ଏଥର ଧାନ ଭଲ ଅମଳ ହେବ ବୋଲି ଆଶା ରଖିଥିଲେ। ବାତ୍ୟା ଓ ବର୍ଷା ଆଶଙ୍କା ଚାଷୀଙ୍କ ଆଶାକୁ ଚୁରମାର କରିଛି। ଧାନକ୍ଷେତରେ ପାଣି ଜମିରହିଲେ କେମିତି ଅମଳ କରିବେ ସେ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ପରିବା ଚାଷୀ କିଛିଦିନ ତଳେ ଲଗାଣ ବର୍ଷାରେ କ୍ଷତି ସହିଥିବା ବେଳେ ଲଘୁଚାପ ବର୍ଷା ଯୋଗୁ ପୁଣି ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ବିଦ୍ୟାଳୟରେ ଜେଜେ ମା'ବାପା ସମ୍ମିଳନୀ

**ଭଦ୍ରକ ଅଫିସ, ୮।୧୧:** ଭଦ୍ରକ ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେମା' ଜେଜେବାପା ସମ୍ମିଳନୀ ସଭାପତି ଡ. ହୃଷୀକେଶ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ପ୍ରତାପ ଦାଶ ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟ ଅଭୟ ଦାଶ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ରବିନାରାୟଣ ଦାଶ ଜାତୀୟ ସ୍ୱୟଂସେବକ ସଂଘର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ ସାମ୍ପ୍ରତିକ ଯୁଗରେ ଜେଜେମା' ଜେଜେବାପାଙ୍କ ପାରିପାର୍ଶ୍ୱିକ ଅବସ୍ଥା ଓ ସେମାନଙ୍କ ସୁରକ୍ଷା, ସମାଜ ଗଠନରେ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଭାଗବତ ମହାଲିକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ଉପସଭାପତି ଅଭୟ ସୂତାର ଓ ସଭାପତି ଡ. ହୃଷୀକେଶ ପଣ୍ଡା ସମାଜର ଅବକ୍ଷୟକୁ ସୁଧାରିବାରେ ଜେଜେମା' ବାପାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ବହୁସଂଖ୍ୟାରେ ଜେଜେ, ଜେଜେମା', ଅଜା, ଆଈ ଯୋଗଦେଇ ଜୀବନର ବିଭିନ୍ନ ଅନୁଭୂତି କହିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି

ଧାମନଗର, ୮।୧୧ (ଡି.ଏନ.ଏ.)

ଧାମନଗର ବ୍ଲକ ସଭାଗୃହରେ ଶୁକ୍ରବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଏବଂ ଜାତୀୟ ସାମାଜିକ ସହାୟତା ଯୋଜନାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗାଚରଣ ମୁର୍ମୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭଦ୍ରକ ଉପଜିଲାପାଳ ପୀତାମ୍ବର ସାମଲ, ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଡିଏସ୍‌ଏ ଅମର ସାହୁ, ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ଘୋଷ, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ ଓ ସୁରତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଧାମନଗର ପଞ୍ଚାୟତ ସମିତି ପାଇଁ ୨ ଲକ୍ଷ ୫୦ ହଜାର ଶ୍ରମ ଦିବସ ସୃଷ୍ଟି ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଅଦ୍ୟାବଧି ୭୫,୨୪୭ ଶ୍ରମ ଦିବସ ସୃଷ୍ଟି ହୋଇ ୨ କୋଟି ୬୬ ଲକ୍ଷ ୮୬ ହଜାର ଖର୍ଚ୍ଚ ହୋଇଛି। ଦଳାଙ୍ଗ ପଞ୍ଚାୟତରେ ସର୍ବାଧିକ ୩ହଜାର ୭୮ ଶ୍ରମ ଦିବସ ସୃଷ୍ଟି ହୋଇ ୨୩ ଲକ୍ଷ ୧୫ ହଜାର ଓ ସର୍ବନିମ୍ନ ଦୋବଲରେ ୧୨୩୨ ଶ୍ରମ ଦିବସ ସୃଷ୍ଟି ହୋଇ ୭ ଲକ୍ଷ ୬ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଶିବିରରେ ସୂଚନା ଦିଆଯାଇଥିଲା। ସେହିପରି ସାମାଜିକ ସମୀକ୍ଷା ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏଡବ୍ଲୁସି ଗୃହ ଏବଂ ନ୍ୟୁ ଜିପି ବିଲ୍ଡିଂ ହାତକୁ ନିଆଯାଇ ଅର୍ଥ ବ୍ୟୟ କରାଯାଇଥିବା ଓ ଭିଆର୍‌ପିମାନଙ୍କର ଅଭିଯୋଗକୁ ସମାଧାନ କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିକାରୀ ସନ୍ଧ୍ୟାରାଣୀ ସାମଲ, ଏପିଓ ପୀୟୂଷ ରଞ୍ଜନ ରାଉତ, ବିଏସ୍‌ଏ ନମିତା ଜେନା ଓ ସିଇଓ ଦେବେନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ। ଉପଜିଲାପାଳ ସାମଲ ସମ୍ଭାବ୍ୟ ବାତ୍ୟା ପ୍ରତି ସତର୍କ ରହିବା ସହିତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

## ଲାଙ୍ଗୁଡ଼ିରେ ସତ୍‌ସଙ୍ଗ

**ଭଦ୍ରକ ଅଫିସ, ୮।୧୧:** ଭଦ୍ରକ ବ୍ଲକ ଲାଙ୍ଗୁଡ଼ି ଗ୍ରାମରେ ନିକୁଞ୍ଜ ବିହାରୀ ଟ୍ରଷ୍ଟ ପକ୍ଷରୁ ସ୍ୱାମୀ ଶିବାନନ୍ଦଙ୍କ ବିଶେଷ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସ୍ୱାମୀ ଦିବ୍ୟଜୀବନାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ଭଜନ କୀର୍ତ୍ତନ ଓ ଗୀତା ପାଠ ହୋଇଥିଲା। ସ୍ୱାମିଜୀ ଆଶୀର୍ବଚନ ପ୍ରଦାନ କରିଥିଲେ। ଚୌଦ୍ୱାର ଦିବ୍ୟଜୀବନ ସଂଘର ସଭ୍ୟ ଧରଣୀଧର ବାରିକ, ମାନସ ରଞ୍ଜନ ସିଂ, ସୁରେଶ ଚନ୍ଦ୍ର ମିଶ୍ର, ବିଚିତ୍ରାନନ୍ଦ ପରିଡ଼ା ଓ ଜୟକୃଷ୍ଣ ପରିଡ଼ା ଏବଂ ଆନନ୍ଦପୁର ଶାଖାର ରବୀନ୍ଦ୍ର ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

## ଫସଲ ଉଜୁଡ଼ିବା ଆଶଙ୍କାରେ ଚାଷୀ

ଆରଡ଼ି, ୮।୧୧ (ଡି.ଏନ.ଏ.)

ସମ୍ଭାବ୍ୟ ବାତ୍ୟା ବୁଲବୁଲ ପ୍ରଭାବରେ ଶୁକ୍ରବାର ସକାଳଠାରୁ ଆରଡ଼ି ଅଞ୍ଚଳରେ ବର୍ଷା ଲାଗିରହିଛି। ଅପରାହ୍ନରେ ପବନ ଅଧିକ ବେଗରେ ବହିବା ଆରମ୍ଭ କରିଛି। ଫଳରେ ଚାଷୀମାନେ ଖରିଫ ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ କରିଛନ୍ତି। ବେଉସଣ ପୂର୍ବରୁ ଚାଷ ଉଜୁଡ଼ିଯିବା ଆଶଙ୍କାରେ ସେମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଠିକ୍ ଭାବେ ବର୍ଷା ନ ହେବାରୁ ବିଳମ୍ବରେ ଏଥର ଚାଷ ଆରମ୍ଭ ହୋଇଥିଲା। କିଛି ଧାନ ମଥା ନଇଁ ଥିବାବେଳେ ଅଧିକାଂଶ ଧାନ ଏବେ ଫୁଲୁଛି। ବର୍ଷା ଲାଗି ରହିଲେ ଏହି ଫୁଲିଲା ଧାନ ସମ୍ପୂର୍ଣ୍ଣ ଅଗାଡ଼ି ହୋଇପାରେ ବୋଲି କେତେକ ଚାଷୀ ପ୍ରକାଶ କରିଛନ୍ତି। ଦୁଇ ସପ୍ତାହ ପୂର୍ବରୁ ଲଗାଣ ବର୍ଷାରେ ଚାଷୀଙ୍କ ଧାନ କ୍ଷେତରେ ଏବେ ବି ପାଣି ଜମି ରହିଛି। କେତେକ ସ୍ଥାନରେ ଧାନ କିଆରିରେ ଶୋଇଯାଇଥିବା ଦେଖିବାକୁ ମିଳିଛି।

# 'ପ୍ରାଥମିକ ପର୍ଯ୍ୟାୟରେ ଚିକିତ୍ସା ଦ୍ୱାରା କ୍ୟାନ୍‌ସରରୁ ମୁକ୍ତି ସମ୍ଭବ'


କାର୍ଯ୍ୟକ୍ରମରେ ଉପସ୍ଥିତି ଡାକ୍ତର

**ଭଣ୍ଡାରିପୋଖରୀ, ୮।୧୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ବିଶ୍ୱ କ୍ୟାନ୍‌ସର ଦିବସ ପାଳିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ ଅଧ୍ୟକ୍ଷତା କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ ଯୋଗଦେଇ ବିଭିନ୍ନ ପ୍ରକାର କ୍ୟାନ୍‌ସର ରୋଗର କାରଣ ସମ୍ପର୍କରେ ବର୍ଣ୍ଣନା କରି ପ୍ରାଥମିକ ପର୍ଯ୍ୟାୟରେ ଏହାର ଚିକିତ୍ସା କରାଗଲେ ରୋଗରୁ ମୁକ୍ତି ମିଳିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ପ୍ରାଥମିକ କେନ୍ଦ୍ରର ଡାକ୍ତର, ସୁପରଭାଇଜର ଓ ମହିଳା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ମିନତି ଦାସ, ସୁକାନ୍ତି ବାରିକ, ଅମରଜିତ୍ ରାୟ, ସୁମିତ୍ରା ସୁତାର, ପ୍ରମିଳା ରାଉତ, କମଳା ବିଶ୍ୱାଳ, ସ୍ୱର୍ଣ୍ଣଲତା ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସୁପରଭାଇଜର ମନୋରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କେଟିଂ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କେଟିଂ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK





### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

ଭୋଗରାଇ, ୮।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ନରସିଂହପୁର ଗାଁରେ ଶୁକ୍ରବାର ଘରୋଇ କଳହକୁ କେନ୍ଦ୍ର କରି ପୂର୍ଣ୍ଣଚନ୍ଦ୍ର ସେଠୀ (୪୬) ତାଙ୍କ ସ୍ତ୍ରୀ ଗୌରୀବାଳାଙ୍କୁ ଏକ କଟୁରୀରେ ମୁଣ୍ଡରେ ଆଘାତ କରିବାରୁ ସେ ଲହୁଲୁହାଣ ହୋଇଛନ୍ତି। ପରିବାର ଲୋକେ ଏବଂ ପଡ଼ୋଶୀ ତୁରନ୍ତ ମହିଳାଙ୍କୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମହିଳାଙ୍କ ବାପଘର ପରିବାର ପକ୍ଷରୁ ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ଭୋଗରାଇ ଥାନାରେ ଏକ ମାମଲା (ନଂ. ୨୨୫/୧୯) ରୁଜୁ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଜଳେଶ୍ୱର କୋର୍ଟକୁ ଚାଲାଣ କରିଛି। ଅଦାଲତରେ ତାଙ୍କ ଜାମିନ ନାମଞ୍ଜୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବସ୍ତା, ୮।୧୧(ସ୍ୱ.ପ୍ର.)-ବସ୍ତା ଥାନା ବସନ୍ତପୁର ଗ୍ରାମର ଅର୍ଜୁନ ଭୂୟାଁଙ୍କ ପୁଅ ଅଞ୍ଜନ (୨୯) ପୋଖରୀରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ଅଞ୍ଜନ ପୋଖରୀକୁ ଯାଇଥିବା ବେଳେ ଗଭୀର ପାଣିରେ ତାଙ୍କ ଗୋଡ ଖସିଯାଇଥିଲା। ପରିବାର ପକ୍ଷରୁ ଅମର୍ଦ୍ଦାରୋଡ ଫାଣ୍ଡିରେ ଏତଲା ଦିଆଯିବା ପରେ ପୋଲିସ ଶୁକ୍ରବାର ଏକ ଅପମୃତ୍ୟୁ ମାମଲା(ନଂ.୩୬/୧୯) ରୁଜୁ କରି ତଦନ୍ତ କରୁଛି।

### ଅବକାରୀ ବିଭାଗର ଚଢ଼ାଉ: ୨ ଗିରଫ

ସଜନାଗଡ଼, ୮।୧୧(ଡି.ଏନ.ଏ.)- ନୀଳଗିରି ଅବକାରୀ ବିଭାଗର ଆଇଆଇସି ଉଦେଲାଲ ନାୟକ ଓ ଓଆଇସି ଲକ୍ଷେ ସାଧବ ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ସୋର ଥାନା ଦିଗିବନ୍ଧା ଗ୍ରାମର କମଳକାନ୍ତ ସାହୁ ବାଇକ୍(ନଂ. ଓଡି୦୧କ୍ୟୁ-୬୩୩୧)ରେ ୪୦ଲିଟର ଚୋରା ଦେଶୀ ମଦ ନେଇ ଯାଉଥିଲେ। ଅବକାରୀ ଅଧିକାରୀମାନେ ବଡ଼ପୋଖରୀ ବଜାରରେ ତାଙ୍କୁ ଗିରଫ କରିବା ସହ ବାଇକ୍ ଓ ମଦକୁ ଜବତ କରିଛନ୍ତି। ସେହିପରି ନୀଳଗିରି ଥାନା ହାତୀଆଶିଳା ଗ୍ରାମର ଦିଶେ ଚନ୍ଦ୍ର ସିଂ ବାଇକ୍(ନଂ. ଓଆର୦୧କେ-୪୮୮୫)ରେ ୩୦ଲିଟର ଚୋରା ମଦ ନେଇ ଆସୁଥିବା ବେଳେ ଅଯୋଧ୍ୟା ବଜାରରେ ଅବକାରୀ ବିଭାଗ ତାଙ୍କୁ ଗିରଫ କରିଛନ୍ତି। ଏହାସହ ବାଇକ ଓ ମଦକୁ ଜବତ କରାଯାଇ




କୋର୍ଟଚାଲାଣ କରିଛନ୍ତି। ଚଢ଼ାଉରେ ଜୟନ୍ତି ଆଚାର୍ଯ୍ୟ, ଉର୍ମିଳା ବେହେରା, ହୃଷିକେଶ ବାରିକ, ବିଜୟ ମଲ୍ଲିକ, ନିତ୍ୟାନନ୍ଦ ରାଉତ ଓ ଜୟମାଧବ ଦାସ ପଟ୍ଟନାୟକ ସାମିଲ ଥିଲେ।

### ଦୁର୍ଘଟଣାରେ ଜଣେ ମୃତ

ରୂପ୍‌ସା, ୮।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ହଳଦୀପଦା ଗେମନ ବ୍ରିଜ ନିକଟରେ ଶୁକ୍ରବାର ଏକ ଗାଡ଼ି ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ବୟସ ୪୫ରୁ ୫୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ଖବରପାଇ ହଳଦୀପଦା ଫାଣ୍ଡି ପୋଲିସ ଏହି ଅପରିଚିତ ବ୍ୟକ୍ତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ପୋଲିସ ଏକ ମାମଲା (ନଂ. ୩୭୧/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ମୃତକ ଜଣଙ୍କ ମାନସିକ ବିକାରଗ୍ରସ୍ତ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଦୁର୍ଘଟଣା ଘଟାଇଥିବା ଭ୍ୟାନ୍‌କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

■ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# କେବଳ ମଣ୍ଡିରେ କିଣା ହେବ ଧାନ

ବାଲେଶ୍ୱର ଅଫିସ, ୮।୧୧



ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଉପସ୍ଥିତ ଜିଲାପାଳ, ଲୋକପ୍ରତିନିଧି ଓ ଅନ୍ୟ ଅଧିକାରୀମାନେ।

■ ୨୪ ଘଣ୍ଟା ମଧ୍ୟରେ ଧାନର ମୂଲ୍ୟ ପାଇବେ ଚାଷୀ

■ ଚାଷୀଙ୍କ ପଞ୍ଜିକରଣ ସଂଖ୍ୟା ହ୍ରାସକୁ ନେଇ ଉଦ୍‌ବେଗ

ବାଲେଶ୍ୱର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀର ବିଧାୟକ, ଏମ୍‌ପି ପ୍ରତିନିଧି, ମିଲର୍ସ ଏବଂ ଜିଲା ଯୋଗାଣ, ସମବାୟ ବିଭାଗ, ନିୟନ୍ତ୍ରିତ ବଜାର କମିଟି, ସାଧାରଣ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲା ଅଧିକାରୀ ଯୋଗଦେଇଥିଲେ। କ୍ରମଶଃ ଜିଲାରେ ଚାଷୀମାନଙ୍କ ପଞ୍ଜିକରଣ ସଂଖ୍ୟା ହ୍ରାସ ପାଇବାକୁ ନେଇ ଉପସ୍ଥିତ ବିଧାୟକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଚଳିତ ଖରିଫ୍ କୃଷି ବର୍ଷର ଧାନ ସଂଗ୍ରହ ଚାଷୀଙ୍କଠାରୁ କେବଳ ମଣ୍ଡିଗୁଡ଼ିକରେ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଚାଷୀମାନଙ୍କ ସୁବିଧା ପାଇଁ କେତେକ ବଡ଼ ପଞ୍ଚାୟତରେ ଏକାଧିକ ମଣ୍ଡି/ସବ୍‌ସେଣ୍ଟର କରାଯିବା ପାଇଁ ସମ୍ଭାବ୍ୟ ଭିତ୍ତିଭୂମିର ଆକଳନ କରି ପଦକ୍ଷେପ ନିଆଯିବ। ନିୟନ୍ତ୍ରିତ ବଜାର କମିଟି ତରଫରୁ ଚାଷୀମାନଙ୍କ ନିମନ୍ତେ ତାଲିମ ଏବଂ ମଣ୍ଡି ଓ ଧାନର ମାନ ସଂକ୍ରାନ୍ତରେ ଉପଯୁକ୍ତ ସୂଚନା ପ୍ରଦାନ ବ୍ୟବସ୍ଥା କରିବା ସହ ନଭେମ୍ବର ୨୫ ତାରିଖରୁ ଜିଲାରେ ମଣ୍ଡିଗୁଡ଼ିକ ଖୋଲାଯିବ। ଚଳିତବର୍ଷ ଚାଷୀଙ୍କ ଆଧାରକାର୍ଡ଼ ଭିତ୍ତିରେ ଧାନ ସଂଗ୍ରହ କରାଯିବ। ଚାଷୀମାନେ ଧାନ ବିକ୍ରିର ୨୪ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାକୁ ମୂଲ୍ୟ ପଠାଯିବ। ଜଣେ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବ ତାହା ଏଯାଏ ନିର୍ଦ୍ଧାରଣ କରାଯାଇ ନାହିଁ। ତେବେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ କୁହାଯାଇଛି। ମଣ୍ଡିଗୁଡ଼ିକରେ ନିୟନ୍ତ୍ରିତ ବଜାର କମିଟି ତରଫରୁ ଭିତ୍ତିଭୂମିର ବିକାଶ, ଧାନ ଓଜନ କଣ୍ଟା, ଆଦ୍ରତା ମାପକ ଯନ୍ତ୍ର ଆଦି ଉପଲବ୍ଧ କରିବା ସହ ଚାଷୀଙ୍କ ନିମନ୍ତେ ଛାୟାପ୍ରଦ ସ୍ଥାନ, ପାନୀୟଜଳ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ ପାଇଁ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା ଓ ଗ୍ରେଡ୍ 'ଏ' ଧାନ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ଅନ୍‌ଲାଇନ୍‌ରେ ଚାଷୀମାନଙ୍କ ପଞ୍ଜିକରଣ ସଂଖ୍ୟା ୬୨,୪୦୫ ଜଣ ବୋଲି ପରିସଂଖ୍ୟାନରୁ ଜଣାପଡ଼ିଛି। ତେବେ ଏହା ଗତବର୍ଷ ତୁଳନାରେ ଏହା ୧୦,୭୪୩ କମ୍ ରହିଛି। ସେହିପରି ଚଳିତବର୍ଷ ପାଇଁ ନିର୍ଦ୍ଧାରଣ କରାଯାଇଥିବା ଧାନ ସଂଗ୍ରହର ପରିମାଣ ୧୨୧୭୬୪୭.୦୬ କୁଇଣ୍ଟାଲ। ଏହି ପରିମାଣର ଧାନକୁ ୧୪୩ ଗୋଟି ସୋସାଇଟି ମାଧ୍ୟମରେ ଚାଷୀଙ୍କଠାରୁ କ୍ରୟ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ବୈଠକରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସଦର ବିଧାୟକ ମଦନ ମୋହନ ଦତ୍ତ, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବାଲେଶ୍ୱର ଏମ୍‌ପି ପ୍ରତିନିଧି ଉମାକାନ୍ତ ମହାପାତ୍ର, ଭଦ୍ରକ ଏମ୍‌ପି ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ଜଳେଶ୍ୱର ବିଧାୟକ ପ୍ରତିନିଧି ମାନସ ଜେନା, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଜିଲା ଯୋଗାଣ ଅଧିକାରୀ ରବି ନାରାୟଣ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ।

# ଅର୍ଥ ମଞ୍ଜୁର ସତ୍ତ୍ୱେ ନିର୍ମାଣ ହେଉନି ୩ଶହ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ

ବିଧାନସଭା ଷ୍ଟାଣ୍ଡିଂ କମିଟିରେ ଅଭିଯୋଗ କଲା ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି

ବାଲେଶ୍ୱର ଅଫିସ, ୮।୧୧

ଜଳେଶ୍ୱର ବିଧାୟକ ତଥା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଅଶ୍ୱିନୀ ପାତ୍ରଙ୍କ ନେତୃତ୍ୱରେ କମିଟିର ସଦସ୍ୟାସଦସ୍ୟମାନେ ବାଲେଶ୍ୱର ଗସ୍ତରେ ଆସି ଜିଲାର ସ୍ୱାସ୍ଥ୍ୟସେବା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ 'ସଦ୍‌ଭାବନା ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଜିଲାର ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ଦାବି କରିଥିଲେ।

ଫକୀରମୋହନ ସେନାପତି ସରକାରୀ ମେଡିକାଲ୍ କଲେଜ୍ ସଂଲଗ୍ନ ୩୦୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍ ନିର୍ମାଣ ପାଇଁ ସରକାରୀ ଜମି ଓ ଅର୍ଥ ମଞ୍ଜୁର ହୋଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏହା ବିଳମ୍ବ ହେଉଥିବା ନେଇ କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ନିରଞ୍ଜନ ପରିଡ଼ା ଅଭିଯୋଗ କରିଥିଲେ। ସେହିପରି ଜାତୀୟ ରାଜପଥରୁ ମେଡିକାଲ୍ କଲେଜ୍‌କୁ ଥିବା ରାସ୍ତାର ଚିହ୍ନଟ ପ୍ରକ୍ରିୟା, ହସ୍‌ପିଟାଲ୍‌ରେ ଲିଫ୍ଟ, ଅଧିକ ଟିକେଟ୍ କାଉଣ୍ଟର, ଏମ୍ବର ବହିର୍ବିଭାଗକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଆୟୁଷ ହସ୍‌ପିଟାଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଓ ମାନସିକ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଏକ ହସ୍‌ପିଟାଲ୍ ନିର୍ମାଣ ଆଦି ଦାବି ସମ୍ପର୍କରେ କମିଟିର ପ୍ରତିନିଧିମାନେ ଷ୍ଟାଣ୍ଡିଂ କମିଟିକୁ ଅବଗତ କରାଇଥିଲେ। କ୍ରିୟାନୁଷ୍ଠାନ କମିଟି ତରଫରୁ ସାଧାରଣ ସମ୍ପାଦକଙ୍କ ସମେତ ପ୍ରଭାକର ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ରାଉତ ଓ ବିଜନ ଦେ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶିଶୁ ଅଧିକାର ସମ୍ପର୍କରେ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ, ୮।୧୧

ବାଲେଶ୍ୱର ଫକୀରମୋହନ ଗୋଲେଇ ସ୍ଥିତ ବାଲେଶ୍ୱର-ଭଦ୍ରକ କୋ-ଅପରେଟିଭ୍ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଓଡ଼ିଶା ଆଲିଏନ୍ସ ଫର ଚାଇଲ୍ଡ ରାଇଟସ୍ (ଓଏସିଆର୍) ତରଫରୁ ପୌରାଞ୍ଚଳସ୍ତରୀୟ ଶିଶୁ ଅଧିକାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

କର୍ମଶାଳାରେ ଓଏସିଆର୍‌ର ଜିଲା ସଂଯୋଜକ ଉବାଚକ ମହାନ୍ତି ପୌରୋହିତ୍ୟ କରିଥିଲେ। ପୌରାଞ୍ଚଳ ଶିଶୁ ବିକାଶ ଅଧିକାରୀ ସବିତା ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଦର ବିଇଓ କବିତା ଜେନା, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଆଶିଷ କୁମାର ଘୋଷ, ପୂର୍ବତନ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ହରିଶ ରାଜ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁମାନଙ୍କର ବଞ୍ଚିବାର, ବିକାଶର ଧାରା, ସୁରକ୍ଷା ଓ ଅଂଶଗ୍ରହଣ କରିବାର ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସହରର ୩ଟି ୱାର୍ଡ଼ରେ ଶିଶୁ ଅଧିକାର ସମ୍ପର୍କରେ ହୋଇଥିବା ସର୍ଭେର ସାରାଂଶ କର୍ମଶାଳାରେ ଉପସ୍ଥାପନ ହେବା ସହିତ ଶିଶୁମାନେ ସେମାନଙ୍କର ଆଶା ଓ ଦାବିଗୁଡ଼ିକ ଉପସ୍ଥିତ ଅତିଥିମାନଙ୍କ ଆଗରେ ପ୍ରକାଶ କରିଥିଲେ।

■ ରାଉତପଡ଼ା ସମିତିର ବାର୍ଷିକ ସାଧାରଣ ସଭା

# 'ଧାନ ବିକ୍ରି ପାଇଁ ଟାର୍ଗେଟ୍ ଦିଆଯାଉ'



ସାଧାରଣ ସଭାରେ ଉପସ୍ଥିତ ମହିଳା ଓ ପୁରୁଷ ଚାଷୀ।

ରୂପ୍‌ସା, ୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ୪୭ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ଅନ୍ତର୍ଗତ ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ ବିକ୍ରି ପାଇଁ ସରକାର ଟାର୍ଗେଟ୍ ଦେଉ ନ ଥିବାରୁ ପ୍ରତିବର୍ଷ ଶତାଧିକ ଚାଷୀ ସରକାରୀ ଦରରେ ଧାନବିକ୍ରି କରିପାରୁନାହାନ୍ତି। ଫଳରେ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। ଏ ନେଇ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥର ଯଦି ଟାର୍ଗେଟ୍ ନ ଆସେ ତେବେ ଚାଷୀ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି।

ସମିତି ସଭାପତି ହରେନ୍ଦ୍ର କୁମାର ଦାସ ସଭାରେ ଅଧ୍ୟକ୍ଷତା କରି ମହିଳାପୁରୁଷ ଚାଷୀଙ୍କୁ କୃଷି ଋଣ, ଏସ୍‌ଏଚ୍‌ଜି ଓ ଜେଏଲ୍‌ଜି ଗ୍ରୁପ୍‌କୁ ଋଣ ସମେତ କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନ କରି ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସୃଷ୍ଟି କରାଯାଇଛି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଭାବେ ସମବାୟ ବ୍ୟାଙ୍କ ବସ୍ତା ଶାଖା ପରିଚାଳକ ଅରୁଣ କୁମାର ମାଇତି, ସମ୍ମାନିତ ଅତିଥି ଭାବେ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ଭୂଷଣ ତ୍ରିପାଠୀ ଯୋଗଦେଇ ଚାଷୀଙ୍କ ସମିତିର ସାମଗ୍ରିକ ବିକାଶ ପାଇଁ ଚାଷୀଙ୍କ ଅଭାବ, ଅସୁବିଧା ଦୂର ହେବା ଦିଗରେ ସରକାର ଯତ୍ନବାନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ସୃଷ୍ଟିଧର ରାଉତ ୨୦୧୭-୧୮ ବର୍ଷର ଆୟବ୍ୟୟ ହିସାବ ପାଠ କରିଥିଲେ। ସହ-ସମ୍ପାଦକ ତପନ କୁମାର ଦୀକ୍ଷିତ ବାର୍ଷିକ ବିବରଣୀ ପାଠ କରିଥିଲେ। କଣ୍ଠଶିଳ୍ପୀ ଦେବଶ୍ରୀ ରଣା ସ୍ୱାଗତ ଗାନ କରିଥିଲେ। ସଭାପତି ଦାସ ୨୦୧୯-୨୦ ବର୍ଷର ଆର୍ଥିକ ବଜେଟ୍ ଉପସ୍ଥାପନ କରିଥିଲେ। ଖିଲାପି ଚାଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସମସ୍ତେ ଅବଗତ ହେଲେ। ସମିତି ନିର୍ଦ୍ଦେଶକ ଦୟାନିଧି ଦେ, ଦେବାଶିଷ ମହାପାତ୍ର, ଧନଞ୍ଜୟ ତ୍ରିପାଠୀ, ସାଦନ ସିଂ, ନରହରି ଦାସ, ନରେନ୍ଦ୍ର ଗିରି, ମଦନ ଜେନା ପ୍ରମୁଖ ଯେଗାଦେଇ ସମିତିକୁ ଆର୍ଥିକ ପ୍ରଗତି କ୍ଷେତ୍ରରେ ଅଗ୍ରସର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମିତିର କର୍ମଚାରୀ କବିତା ସାହୁ ଓ ଯତୀନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୁବ ଇଞ୍ଜିନିୟରଙ୍କ ଗଳିତ ଶବ ଉଦ୍ଧାର

ସିମୁଳିଆ, ୮।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିମୁଳିଆ ଥାନା ବରୀରୋଡ଼ ନୂଆପଲି ଅଞ୍ଚଳର ଯୁବ ଇଞ୍ଜିନିୟର ସତ୍ୟବ୍ରତ ରାୟ (୪୧) ଙ୍କ ମୃତଦେହକୁ ପୋଲିସ ଶୁକ୍ରବାର ତାଙ୍କ ଘର ନିକଟସ୍ଥ ନୟନଯୋରି ମଧ୍ୟରୁ ଉଦ୍ଧାର କରିଛି। ସେ ଗତ ମାସେ ହେଲା ନିଖୋଜ ଥିଲେ। ସତ୍ୟବ୍ରତ ଜଣେ ମେକାନିକାଲ ଇଞ୍ଜିନିୟର। ସେ ବିଭିନ୍ନ ଘରୋଇ ଇଞ୍ଜିନିୟରିଂ କଲେଜରେ ଅଧ୍ୟାପନା କରୁଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

# କ୍ରିକେଟ ଟୁର୍ନାମେଣ୍ଟ ଏନ୍‌ଏଚ୍‌ପିଏଲ୍-୬ ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୮।୧୧

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଉତ୍ତର ଛାତ୍ରାବାସରେ କ୍ରିକେଟ ଟୁର୍ନାମେଣ୍ଟ ଏନ୍‌ଏଚ୍‌ପିଏଲ୍-୬ ଉଦ୍‌ଘାଟିତ ହୋଇଛି। ଛାତ୍ରାବାସର ତତ୍ତ୍ୱାବଧାରକ ପ୍ରଫେସର ରଞ୍ଜନ କୁମାର ରାଏ ଓ ସହତତ୍ତ୍ୱାବଧାରକ ଡ. ସନ୍ତୋଷ କୁମାର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ତେବାସୀମାନେ ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହାପରେ ତତ୍ତ୍ୱାବଧାରକ, ସହ ତତ୍ତ୍ୱାବଧାରକ, ମ୍ୟାନେଜର ମନୋରଞ୍ଜନ ଜେନା ପ୍ରମୁଖ ବ୍ୟାଟିଂ ଓ ବୋଲିଂ କରି ଏନ୍‌ଏଚ୍‌ପିଏଲ୍-୬ ଦିବାରାତ୍ର ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଏହି ଟୁର୍ନାମେଣ୍ଟରେ ଡେଭିଲ ରିଟନ୍ସ, ନର୍ଜନ ସୁପର କିଙ୍ଗ୍‌ସ, ରକିଙ୍ଗ୍ ଇୟଙ୍ଗ୍ ଷ୍ଟାର୍ସ ଓ ଅମିତ୍ ୱାରିୟର୍ସ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।



ଅତିଥିମାନେ ଟୁର୍ନାମେଣ୍ଟର ଶୁଭାରମ୍ଭ କରୁଛନ୍ତି।

# ପ୍ରଦୂଷିତ ସହର ତାଲିକାରେ ବାଲେଶ୍ୱର

ବାଲେଶ୍ୱର ଅଫିସ, ୮।୧୧

**ସଚେତନ କଲା ଜଳସମ୍ପଦ ଓ ପରିବେଶ ସୁରକ୍ଷା ସମିତି**



ଶିବିରରେ ଉପସ୍ଥିତ ଅତିଥି।

ନ୍ୟାଶନାଲ ଟ୍ରିବ୍ୟୁନାଲ ସର୍ଭେ ରିପୋର୍ଟକୁ ଭିତ୍ତି କରି ଭାରତର ୧୦୬ଟି ସହରକୁ ପ୍ରଦୂଷଣଯୁକ୍ତ ଏବଂ ଚାଷ ଅନୁପଯୋଗୀ ଘୋଷଣା କରାଯାଇଛି। ଏହି ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର, କଟକ, ରାଉରକେଲା, କଳିଙ୍ଗନଗର, ଅନୁଗୋଳ ଓ ବାଲେଶ୍ୱର ରହିଛି। ଏହାର ସମାଧାନ ଲାଗି ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ବୈଜ୍ଞାନିକ ଓ ବୁଦ୍ଧିଜୀବୀମାନେ ସରକାରୀ, ବେସରକାରୀ ସ୍ତରରେ ହାତକୁ ନେଇଛନ୍ତି ବୋଲି ଜଳସମ୍ପଦ ଓ ପରିବେଶ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ଆୟୋଜିତ ସଚେତନତା ଶିବିରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ମଧୁମିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି।

ବାଲେଶ୍ୱର ସହର ପାଣିଟାଙ୍କିସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ସମାଜସେବୀ ଶୁଭଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। ଆବାହକ ବିଶିଷ୍ଟ ପରିବେଶବିତ୍ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ବିଶ୍ୱର ଭୂତଳ ଜଳସ୍ତର ଦ୍ରୁତଗତିରେ ନିମ୍ନଗାମୀ ହୋଇ ଚାଲିଥିବା ବେଳେ ବାୟୁମଣ୍ଡଳର ପ୍ରଦୂଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜଳବାୟୁ ସାଙ୍ଗକୁ ପୃଥିବୀର ଉତ୍ତାପ ବୃଦ୍ଧି ମାନବ ସମାଜ ପାଇଁ ବିପଦ ସୃଷ୍ଟି କରିସାରିଲାଣି। ବାଲେଶ୍ୱରରେ ଏଭଳି ସଚେତନତା ଶିବିର ଅତି ଗୁରୁତ୍ୱପୂର୍ଣ୍ଣ ଥିବା ସେ କହିଥିଲେ। ବିଶିଷ୍ଟ ପରିବେଶବିତ୍ ଡ. ସୂର୍ଯ୍ୟେନ୍ଦୁ କୁମାର ଦେ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଜିଲାରେ ସମୁଦ୍ର ଉପକୂଳ ଅଞ୍ଚଳ ଯଥା ଭୋଗରାଇ, ବାଲିଆପାଳ, ବସ୍ତା, ସଦର, ରେମୁଣା ବ୍ଲକର ୫୬ଟି ପଞ୍ଚାୟତରେ ଭୂତଳରେ ମଧୁରଜଳ ବହୁ ତଳକୁ ଚାଲିଯାଇଥିବା ବେଳେ ଉପରେ ଲୁଣିପାଣି ରହିଛି। ବାହାବଳପୁରଠାରେ ପାନୀୟଜଳର ସ୍ତର ୯୩୦ ଫୁଟ୍ ତଳେ ପହଞ୍ଚିଲାଣି ବୋଲି ସେ ସୂଚନା ଦେଇଥିଲେ। ବିଶିଷ୍ଟ କୃଷି ବୈଜ୍ଞାନିକ ଡ. ଅଦ୍ୱୈତ ପ୍ରସାଦ ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଳସମ୍ପଦ ଓ ପରିବେଶକୁ ରକ୍ଷା କରିବାକୁ ହେଲେ କୋଷ୍ଟାଲ କେନାଲ୍‌ଗୁଡ଼ିକର ପୁନରୁଦ୍ଧାର କରିବା ସହ ନାଳ, ନଦୀ, ଆଡ଼ିବନ୍ଧ ଦ୍ୱାରା ବର୍ଷା ଜଳକୁ ସଞ୍ଚୟ କରାଯିବା ଆବଶ୍ୟକ। ଆଗାମୀ ଦିନରେ ସ୍କୁଲ, କଲେଜ, ଗାଁ ଗାଁରେ ବୁଲି ବିଭିନ୍ନ ଅନୁଷ୍ଠାନରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏହାସହ ଜଳସମ୍ପଦ ସଂରକ୍ଷଣ ଏବଂ ଚାରାରୋପଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଶିବିରରେ ୨ଶହରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ, ରାଜନୈତିକ ନେତା, ଯୁବତୀଯୁବତୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଦଶମ ଶ୍ରେଣୀ ଛାତ୍ର ନିଖୋଜ

ସଜନାଗଡ଼, ୮।୧୧(ଡି.ଏନ.ଏ.)

ନୀଳଗିରି ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ତାଙ୍କ ଘର ନୀଳଗିରି ଥାନା ମିରିଗିଣି ଛୋଟକାନପୁର ଗ୍ରାମରେ। ଗୁରୁବାର ସନ୍ଧ୍ୟାରେ ସେ ମିରିଗିଣିକୁ ଟ୍ୟୁଶନ ସାର୍‌ଙ୍କ ପାଖକୁ ଯାଉଥିବା କହି ଘରୁ ଆସିଥିଲେ। ପୁଅ ଆସିବା ବିଳମ୍ବ ହେବାରୁ ପରିବାର ଲୋକ ବହୁ ଖୋଜାଖୋଜି କଲା ପରେ ବି ପତ୍ତା ପାଇ ନ ଥିଲେ। ଶେଷରେ ନିରୁପାୟ ହୋଇ ଛାତ୍ରଙ୍କ କକା ନିଖୋଜ ନେଇ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ନିଖୋଜର କାରଣ ପରିବାର ଲୋକେ କହିପାରୁ ନ ଥିବାବେଳେ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।



ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାନ୍‌ଝୀ ଝାଡ଼ଖଣ୍ଡ ନିର୍ବାଚନ ପୂର୍ବରୁ ମହାମେଣ୍ଟରୁ ଓହରିଯାଇଛନ୍ତି। ତାଙ୍କ ଦଳ (ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା) ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଓ ଆସନ୍ତା ବର୍ଷ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିବ ବୋଲି ସେ ଶୁକ୍ରବାର ଘୋଷଣା କରିଛନ୍ତି। ବହୁ ଅନୁରୋଧ ସତ୍ତ୍ୱେ ମହାମେଣ୍ଟର ସମନ୍ୱୟ କମିଟି ଗଠନ ନ ହେବା ଓ ମେଣ୍ଟରେ ସହଯୋଗ ନ ମିଳିବା କାରଣରୁ ସେ ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା କହିଛନ୍ତି।

## ସଂକ୍ଷେପରେ

### ଆତଙ୍କବାଦୀଙ୍କ ଗୁଳିରେ ଯବାନ ଶହୀଦ

ଜମ୍ମୁ,୮।୧୧(ପି.ଟି.): ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାରେ ଶୁକ୍ରବାର ଆତଙ୍କବାଦୀଙ୍କ ସହ ଗୁଳିବିନିମୟ ବେଳେ ଜଣେ ଯବାନ ଶହୀଦ ହୋଇଛନ୍ତି। ପୁଞ୍ଛ ଜିଲାର କ୍ରିଷ୍ଣାଘାଟି ସେକ୍ଟର ଅଞ୍ଚଳରେ ଆତଙ୍କବାଦୀଙ୍କ ସନ୍ଦିଗ୍ଧ ଗତିବିଧିକୁ ଦେଖି ସେନା ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ଆତଙ୍କବାଦୀଙ୍କ ଗୁଳିରେ ସିପାହି ରାହୁଲ ଭୈରୁ ସୁଲଗେକର ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶହୀଦ ସୁଲଗେକର(୨୧)ଙ୍କ ଘର କର୍ନାଟକର ବେଲଗାଭି ଜିଲା ଅନ୍ତର୍ଗତ ଉଚ୍ଚଗାଁରେ। ଆତଙ୍କବାଦୀମାନେ ପାକିସ୍ତାନ ବ୍ୟାଟ୍ ଟିମ୍‌ର ସଦସ୍ୟ ଥିଲେ ବୋଲି ଏକ ରିପୋର୍ଟରୁ ଜଣାପଡିଛି।

### ଉପନିର୍ବାଚନ ସ୍ଥଗିତ ଲାଗି ସୁପ୍ରିମକୋର୍ଟ ଗଲେ ଅଯୋଗ୍ୟ ଘୋଷିତ କର୍ନାଟକ ବିଧାୟକ

ନୂଆଦିଲ୍ଲୀ,୮।୧୧(ପି.ଟି.)
ଆଗାମୀ ଡିସେମ୍ବର ୫ରେ ହେବାକୁ ଥିବା କର୍ନାଟକ ବିଧାନସଭା ଉପନିର୍ବାଚନ ସ୍ଥଗିତ ରଖିବା ଲାଗି ଅଯୋଗ୍ୟ ଘୋଷିତ ବିଧାୟକମାନେ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଚ୍.ଡି. କୁମାରସ୍ୱାମୀ ସରକାର ଆସ୍ଥା ଭୋଟର ସମ୍ମୁଖୀନ ହେବା ପୂର୍ବରୁ ୧୭ ଜଣ ବିଧାୟକଙ୍କୁ ବାଚସ୍ପତି ଅଯୋଗ୍ୟ ଘୋଷଣା କରିଥିଲେ। ଏହାକୁ ସେମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଏନ୍.ଭି. ରମାନାଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ ଅକ୍ଟୋବର ୨୫ରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଡିସେମ୍ବର ୫ରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଥିବାରୁ ପ୍ରାର୍ଥୀମାନଙ୍କୁ ନଭେମ୍ବର ୧୧ରୁ ୧୮ ମଧ୍ୟରେ ନାମାଙ୍କନପତ୍ର ଦାଖଲ କରିବାକୁ ପଡିବ। ଅଯୋଗ୍ୟ ଘୋଷିତ ବିଧାୟକଙ୍କ ସମ୍ପର୍କରେ ସୁପ୍ରିମକୋର୍ଟ ରାୟ ଘୋଷଣା କରି ନ ଥିବାରୁ ସେମାନେ ନାମାଙ୍କନପତ୍ର ଦାଖଲ କରିପାରିବେ ନାହିଁ ବୋଲି ବରିଷ୍ଠ ଆଇନଜୀବୀ ମୁକୁଲ ରୋହତ୍‌ଗୀ ଖଣ୍ଡପୀଠଙ୍କୁ ଜଣାଇଥିଲେ। ତେଣୁ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ଉପନିର୍ବାଚନ ସ୍ଥଗିତ ରଖିବା ଲାଗି ସେ ଅଦାଲତଙ୍କୁ ଅନୁରୋଧ କରିଥିଲେ।

### [ଇତିହାସର ଆଇନାରେ] ନଭେମ୍ବର ୯ର ପ୍ରମୁଖ ଘଟଣା

୨୦୦୫ ନଭେମ୍ବର ୯ରେ ଜୋର୍ଡାନ୍‌ର ଅମ୍ମାନ୍ ସହରରେ ଥିବା ୩ଟି ବଡ଼ ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଏଥିରେ ପ୍ରାୟ ୬୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଶତାଧିକ ଲୋକ ବିସ୍ଫୋରଣରେ ଆହତ ହୋଇଥିଲେ।

୨୦୧୨ ନଭେମ୍ବର ୯ରେ ଶ୍ରୀଲଙ୍କାର ୱେଲିକାଡ଼ା ଜେଲ୍‌ରେ କଏଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସଂଘର୍ଷ ହେବାରୁ ଅତି କମ୍‌ରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୪୦ ଜଣ ଏଥିରେ ଆହତ ହୋଇଥିଲେ। ଜେଲ୍‌ରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମହଜୁଦ ଥିବା ଖବର ମିଳିବା ପରେ ଏହି ଚଢ଼ାଉ କରାଯାଇଥିଲା। ଜେଲ୍ ଦଙ୍ଗା ମାମଲାର ତଦନ୍ତ ଲାଗି ପରେ ଏକ କମିଟି ଗଠନ କରାଯାଇଥିଲା।



ଗୁଆହାଟୀରେ ଜଳବାୟୁ ପରିବର୍ତ୍ତନ ବିକ୍ଷୋଭ 'ଫ୍ରାଇଡେଜ୍ ଫର୍ ଫ୍ୟୁଚର'ରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।


ବିମୁଦ୍ରୀକରଣକୁ ୩ ବର୍ଷ ପୂରିଥିବାବେଳେ ନୂଆଦିଲ୍ଲୀସ୍ଥିତ ଆର୍‌ବିଆଇ ସମ୍ମୁଖରେ କେନ୍ଦ୍ର ବିରୋଧରେ ବିକ୍ଷୋଭରତ ଯୁବ କଂଗ୍ରେସ ଅଧ୍ୟକ୍ଷ ଶ୍ରୀନିବାସ ବି.ଭି.ଙ୍କୁ ପୋଲିସ ଗିରଫ କରିନେଉଛି।


ସାଧାରଣ ନିର୍ବାଚନ ପାଇଁ ପ୍ରଚାରରେ ନର୍ଦ୍ଦର୍ନ ଆୟର୍ଲାଣ୍ଡ ଯାଇଥିବା ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ତାଣ୍ଡ୍ରାଗିର ତାୟଟୋ କେସେଲ କ୍ରିସ୍ପ ଫ୍ୟାକ୍ଟ୍ରିରେ।

## ■ ଆଜି ଅଯୋଧ୍ୟା ରାୟ: ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା

# ସ୍ଥିତି ଅନୁଧ୍ୟାନ କଲେ ସିଜେଆଇ

ଅଯୋଧ୍ୟା/ନୂଆଦିଲ୍ଲୀ,୮।୧୧(ପି.ଟି.)

ବହୁଚର୍ଚ୍ଚିତ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲା ରାୟ ଶନିବାର ପୂର୍ବାହ୍ନ ୧୦.୩୦ରେ ପ୍ରକାଶ ପାଇପାରେ। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ପୂର୍ବରୁ ମନ୍ଦିର ସହର ଅଯୋଧ୍ୟାରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସବୁ ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି। ପରିସ୍ଥିତି ଉପରେ ନଜର ରଖିବା ଲାଗି ଡ୍ରୋନ୍‌କୁ ବ୍ୟବହାର କରାଯାଉଛି। ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଶୁକ୍ରବାର ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ରାଜ୍ୟର ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଛନ୍ତି। ସିଜେଆଇଙ୍କ ଚାମ୍ବରରେ ଏକଘଣ୍ଟା ଧରି ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ସଚିବ ରାଜେନ୍ଦ୍ର କୁମାର ତିୱାରୀ ଓ ଡିଜିପି ଓମ୍‌ପ୍ରକାଶ ସିଂ ଯୋଗଦେଇଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ନିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସେମାନେ ସିଜେଆଇଙ୍କୁ ଅବଗତ କରାଇଥିଲେ। ରାମ ଜନ୍ମଭୂମି ଥାନା, ରାମ ଜନ୍ମଭୂମି ନ୍ୟାସର କାର୍ଯ୍ୟଶାଳା ସମେତ ସହରର ବିଭିନ୍ନ ସ୍ଥାନରେ ପୋଲିସ ଦୁଇଚକିଆ ଯାନଗୁଡ଼ିକର ତଲାସି ନେଉଥିବା ଦେଖାଯାଇଛି। ଅଯୋଧ୍ୟା ସମେତ ଉତ୍ତରପ୍ରଦେଶର ବିଭିନ୍ନ ସମ୍ବେଦନଶୀଳ ଜିଲାକୁ ପର୍ଯ୍ୟାପ୍ତ ସୁରକ୍ଷା ବଳ ଯୋଗାଇଦିଆଯାଇଥିବା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜି) ପି.ଭି. ରାମଶାସ୍ତ୍ରୀ କହିଛନ୍ତି।

କେବଳ ସୁରକ୍ଷା ବଳର ସଂଖ୍ୟା ବଢ଼ିନାହିଁ, ସେମାନଙ୍କୁ ଉନ୍ନତ ମାନର ଉପକରଣ ସହ ଉପଯୁକ୍ତ ତାଲିମ ମଧ୍ୟ ପ୍ରଦାନ କରାଯାଇଛି। ବରିଷ୍ଠ ଅଧିକାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ସାମିଲ କରାଯାଇଥିବା ରାମଶାସ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଡ୍ରୋନ୍ କ୍ୟାମେରା ଜରିଆରେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯାଇଛି। ଏଥିସହିତ ଢେଲାମାଡ଼ ଆଦି ଘଟଣା ରୋକିବା ଲାଗି ଗଣ୍ଡଗୋଳ ପ୍ରବଣ ସ୍ଥାନଗୁଡ଼ିକରେ ଡ୍ରୋନ କ୍ୟାମେରା ବ୍ୟବହାର କରାଯିବ। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ଲାଗି ଏଟିଏସ୍ ୟୁନିଟ୍, ବୋମା ନିଷ୍କ୍ରିୟକାରୀ ଟିମ୍, ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଟିମ୍‌କୁ ନିୟୋଜିତ କରାଯାଇଛି। ତେବେ ଏନ୍‌ଏସ୍‌ଜି ମୁତୟନ ହେବାର ଯୋଜନା ନାହିଁ ବୋଲି ଏଡିଜି କହିଛନ୍ତି। ମାସେ ହେଲା ପୋଲିସ ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛି ବୋଲି ସେ ସୂଚନା ଦେଇଛନ୍ତି। ପୋଲିସ ପାଟ୍ରୋଲିଂକୁ ବଢ଼ାଇଦିଆଯିବା ସହ ଧର୍ମଗୁରୁଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, ଶିକ୍ଷକ ସମାଜ ସମେତ ସମାଜର ବିଭିନ୍ନ ବର୍ଗ ସହ ଯୋଗାଯୋଗ ରଖାଯାଇଛି।

ଅଯୋଧ୍ୟାରେ ୬୦ କମ୍ପାନୀ ପିଏସି ଏବଂ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯିବା ସହ ୩୦ଟି ଛକ ସ୍ଥାନରେ ୧୦ ଡ୍ରୋନ୍ କ୍ୟାମେରା ଓ ସିସିଟିଭି ଲଗାଯାଇଛି। ସମଗ୍ର ସହରକୁ ୩୧ଟି ସେକ୍ଟର ଓ ୩୫ ସବ୍‌ସେକ୍ଟରରେ ବିଭକ୍ତ କରାଯାଇଛି। ଭଗବାନ ରାମଙ୍କ ଦର୍ଶନ ଲାଗି ଆସୁଥିବା ଶ୍ରଦ୍ଧାଳୁଙ୍କୁ ସହର ବାହାରେ ରଖାଯାଇ ଅଳ୍ପ ଅଳ୍ପ କରି ଛଡ଼ାଯାଉଛି। ତେବେ ଶ୍ରଦ୍ଧାଳୁଙ୍କ ଆଗମନ ଉପରେ କଟକଣା ଲଗାଯାଇ ନ ଥିବା ଅନ୍ୟତମ ଏଡିଜି ଆଶୁତୋଷ ପାଣ୍ଡେ କହିଛନ୍ତି।

ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଦୁଇଟି ହେଲିକପ୍ଟର ଲକ୍ଷ୍ନୌ ଓ ଅଯୋଧ୍ୟାରେ ଷ୍ଟାଣ୍ଡବାଏ ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୂର୍ବରୁ କହିଥିଲେ। ଜରୁରୀ ଆବଶ୍ୟକ ପଡିଲେ ହେଲିକପ୍ଟରର ସହାୟତା ନିଆଯିବ ବୋଲି ବିଳମ୍ବିତ ରାତିରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ପ୍ରଶାସନ ଓ ପୋଲିସର ଉଚ୍ଚପଦାଧିକାରୀମାନଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲାର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିବା ସହ ଆବଶ୍ୟକ ନିର୍ଦ୍ଦେଶ ଦେଉଥିବା ଜଣାପଡିଛି। ଲକ୍ଷ୍ନୌରେ ଏକ ରାଜ୍ୟସ୍ତରୀୟ କଣ୍ଟ୍ରୋଲ ରୁମ୍ ସାଙ୍ଗକୁ ପ୍ରତି ଜିଲାରେ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି।





**ରାୟ ପୂର୍ବରୁ ପ୍ରସ୍ତୁତି**
- ■ ଉତ୍ତରପ୍ରଦେଶ ପୋଲିସ ଡିଜି ଓ ମୁଖ୍ୟ ଶାସନ ସଚିବଙ୍କୁ ଡକାଇଲେ
- ■ ସୁରକ୍ଷା ବନ୍ଦୋବସ୍ତ ନେଇ ବୁଝିଲେ ଜଷ୍ଟିସ୍ ରଞ୍ଜନ ଗୋଗୋଇ

## ■ ମହାରାଷ୍ଟ୍ରରେ ଘନେଇଲା ସଙ୍କଟ

# ମେଣ୍ଟରେ ଫାଟ ଜଳଜଳ


ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସଙ୍କ ନେତୃତ୍ୱରେ ମହାରାଷ୍ଟ୍ରରେ ସରକାର ଗଠନ ହେଉ ବୋଲି ମୁମ୍ବାଇରେ ପ୍ରାର୍ଥନା କରି ଯଜ୍ଞ କରୁଛନ୍ତି ଦଳୀୟ କର୍ମୀ।

ମୁମ୍ବାଇ,୮।୧୧ (ପି.ଟି./ଆଇଏଏନ୍‌ଏସ୍)

ମହାରାଷ୍ଟ୍ରରେ ଦୁଇ ସହଯୋଗୀଙ୍କ ମଧ୍ୟରେ କ୍ଷମତା ଭାଗବଣ୍ଟା ଛିଣ୍ଡି ନ ପାରିବାରୁ ସରକାର ଗଠନ ହୋଇପାରି ନାହିଁ। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଦେବେନ୍ଦ୍ର ଫଡ଼ନବିସ ଶିବସେନାକୁ ଟାର୍ଗେଟ କରି ରାଜନୈତିକ ସଙ୍କଟ ପାଇଁ ଦାୟୀ କରିଛନ୍ତି। ସେପଟେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଶୁକ୍ରବାର ଭାଜପାକୁ 'ଠକମାନଙ୍କ ଦଳ' ଭାବେ ଅଭିହିତ କରିଛନ୍ତି। ଏହାକୁ ନେଇ ମେଣ୍ଟରେ ଫାଟ ଜଳଜଳ ହୋଇ ଦେଖାଯାଉଛି। ଭାଜପା ଓ ଶିବସେନା ଅଢ଼େଇ ବର୍ଷ ଲେଖାଏ ପାଳିକରି ମୁଖ୍ୟମନ୍ତ୍ରୀ ପଦ ନିଜ ପାଖରେ ରଖିବେ ବୋଲି ପୂର୍ବରୁ କୌଣସି ଆଲୋଚନା ହୋଇ ନ ଥିବା ଫଡ଼ନବିସ କହିଛନ୍ତି। ଏହାର ଜବାବରେ ଉଦ୍ଧବ କହିଛନ୍ତି, ଭାଜପା ଅଧ୍ୟକ୍ଷ ଅମିତ୍ ଶାହ ନିଜେ ମୋତେ ଏହି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେମାନେ ନିଜ କଥାରୁ ଓହରିଯାଉଛନ୍ତି। ସେଥିପାଇଁ ଠକମାନଙ୍କ ସହ କଥା ହେବା ମୁଁ ବନ୍ଦ କରିଦେଇଛି। ମହାରାଷ୍ଟ୍ରରେ ଶିବସେନାର ଜଣେ ମୁଖ୍ୟମନ୍ତ୍ରୀ ହେବେ ବୋଲି ସ୍ୱର୍ଗତ ପିତା ବାଲ୍ ଠାକ୍‌ରେଙ୍କୁ ମୁଁ ପ୍ରତିଶ୍ରୁତି ଦେଇଥିଲି। ସେହି ପ୍ରତିଶ୍ରୁତି ପାଳନ କରିବା ପାଇଁ ଆମକୁ ଭାଜପା, ଶାହ କିମ୍ବା ଫଡ଼ନବିସଙ୍କ ସମର୍ଥନ ଦରକାର ନାହିଁ। ଏହାସହ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଭାଜପା ତୁରନ୍ତ ସରକାର ଗଠନ ପାଇଁ ଦାବି ଜଣାଉ। ଭାଜପା ଏଥିରେ ବିଫଳ ହେଲେ ଶିବସେନା ପାଇଁ ସବୁ ବିକଳ୍ପ ଖୋଲା ଅଛି, ଯାହାକୁ ମହାରାଷ୍ଟ୍ରବାସୀ ପ୍ରତ୍ୟାଖ୍ୟାନ କରିବେ ନାହିଁ ବୋଲି ଉଦ୍ଧବ କହିଛନ୍ତି। ସେହିପରି ଶିବସେନାର ବରିଷ୍ଠ ନେତା ସଞ୍ଜୟ ରାଉତ୍ କହିଛନ୍ତି, ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠ ଦଳ ସରକାର ଗଠନ କରି ମୁଖ୍ୟମନ୍ତ୍ରୀ ପଦ ପାଇଥାଏ। ଭାଜପା ସରକାର ଗଠନ ପାଇଁ ଯଦି ନିଶ୍ଚିତ ତେବେ ଫଡ଼ନବିସଙ୍କୁ ଶୁଭେଚ୍ଛା। ଅନ୍ୟପକ୍ଷରେ ରାଜ୍ୟପାଳ ସବୁଠୁ ବଡ଼ ଦଳକୁ ସରକାର ଗଠନ ପାଇଁ କାହିଁକି ଆମନ୍ତ୍ରଣ କରୁନାହାନ୍ତି ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି ମୁଖ୍ୟ ଶରଦ ପାୱାର ପ୍ରଶ୍ନ କରିଛନ୍ତି। ଏନ୍‌ସିପି ମୁଖପାତ୍ର ନୱାବ୍ ମଲିକ୍ କହିଛନ୍ତି, କାମଚଳା ମୁଖ୍ୟମନ୍ତ୍ରୀ ଫଡ଼ନବିସ ରାଜ୍ୟରେ ଭାଜପା ସରକାର ରହିବ ବୋଲି କହୁଥିବାବେଳେ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବାବେଳେ ଏଥିପାଇଁ ଦାବି କାହିଁକି ଜଣାଇନାହାନ୍ତି। ଏହା ଶିକାର ନୁହେଁ ତ ଆଉ କ'ଣ ବୋଲି ସେ ଟୁଇଟ୍ କରିଛନ୍ତି। ଏନ୍‌ସିପି ରାଜ୍ୟ ସଭାପତି ଜୟନ୍ତ ପାଟିଲ କହିଛନ୍ତି, ଭାଜପା ଓ ଶିବସେନା ଏଯାଏ ମେଣ୍ଟ ଭାଙ୍ଗି ନ ଥିବାରୁ ଦୁଇ ସହଯୋଗୀ ଆଗକୁ ପୁଣି ସରକାର ଗଠନ ଲାଗି ଏକାଠି ହୋଇପାରନ୍ତି।

## ଗାନ୍ଧୀ ପରିବାରର ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହୃତ

ନୂଆଦିଲ୍ଲୀ,୮।୧୧(ପି.ଟି.)

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ତାଙ୍କ ପୁଅ ରାହୁଲ ଓ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ମିଳୁଥିବା ଏସ୍‌ପିଜି ସୁରକ୍ଷା ବ୍ୟବସ୍ଥାକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିନେଇଛନ୍ତି। ଏହା ବଦଳରେ ସେମାନଙ୍କୁ ସିଆର୍‌ପିଏଫ୍ ଦ୍ୱାରା ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇଦିଆଯିବ। ୧୯୯୧ ମେ ୨୧ରେ ଏଲ୍‌ଟିଟିଇ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପରିବାରକୁ ୨୮ ବର୍ଷ ହେଲା ଏସ୍‌ପିଜି ସୁରକ୍ଷା ଯୋଗାଇ ଦିଆଯାଇଆସୁଥିଲା। ୧୯୯୧ ସେପ୍ଟେମ୍ବରରେ ଏସ୍‌ପିଜି ଆଇନରେ ସଂଶୋଧନ କରାଯାଇ ଗାନ୍ଧୀ ପରିବାରର ସଦସ୍ୟମାନଙ୍କୁ ଭିଭିଆଇପି ସୁରକ୍ଷା ତାଲିକାରେ ସାମିଲ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆକଳନ ପରେ ଏସ୍‌ପିଜି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ନିଷ୍ପତ୍ତି ପରେ ଏବେ ଏସ୍‌ପିଜି ସୁରକ୍ଷାରେ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହିବେ।

ଏଣିକି ଗାନ୍ଧୀ ପରିବାରକୁ ସିଆର୍‌ପିଏଫ୍‌ର ଯବାନମାନେ ସୁରକ୍ଷା ଦେବେ। ଏହି ଅର୍ଦ୍ଧସାମରିକ ବାହିନୀର କମାଣ୍ଡୋ ଓ ଯବାନମାନେ ଗାନ୍ଧୀ ପରିବାରର ଘର ଜଗିବେ। ଏଥିସହିତ ସେମାନେ ଦେଶ ଭିତରେ ଯେଉଁଠିକୁ ଯିବେ ଯବାନମାନେ ତାଙ୍କ ସହ ରହିବେ।

## ଭୂକମ୍ପରେ ୫ ମୃତ

ତେହେରାନ୍, ୮।୧୧: ଇରାନର ଆଜରବୈଜାନ ପ୍ରଦେଶର ତାବ୍ରିଜ୍‌ରେ ଶୁକ୍ରବାର ସକାଳେ ଭୂକମ୍ପ ଅନୁଭୂତ ହେବାରୁ ୫ ଜଣଙ୍କ ମୃତ୍ୟୁ ହେବା ସହ ୧୨୦ ଆହତ ହୋଇଥିବା ଜଣାପଡ଼ିଛି। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୯ ଥିଲା। ଗତ ଦଶନ୍ଧି ମଧ୍ୟରେ ଇରାନରେ ଅନେକ ଭୂକମ୍ପ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନଜିର ରହିଛି। ୧୯୯୦ରେ ୪୦ ହଜାର, ୨୦୦୩ରେ ୩୧ ହଜାର, ୨୦୦୫ରେ ୬୦୦ ଓ ୨୦୧୨ରେ ୩୦୦ ଲୋକ ଭୂକମ୍ପ ଯୋଗୁ ପ୍ରାଣ ହରାଇଥିଲେ।


## ୧୫ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ, ୮।୧୧(ଆଇଏଏନ୍‌ଏସ୍): ସିବିଆଇ ପକ୍ଷରୁ ଉତ୍ତରପ୍ରଦେଶ ଓ କର୍ନାଟକର ୧୫ଟି ସ୍ଥାନରେ ଚଢ଼ାଉ କରାଯାଇଛି। ବହୁ କୋଟି ଟଙ୍କାର ଆଇଏମ୍ଏ(ଆଇ ମନେଟାରୀ ଆଡଭାଇଜରି) ଦୁର୍ନୀତି ମାମଲାର ତଦନ୍ତ ଲାଗି ସ୍ୱତନ୍ତ୍ର ଭାବେ ଗଠିତ ତଦନ୍ତକାରୀ ଟିମ୍ ବହୁ ସରକାରୀ ଅଧିକାରୀଙ୍କ ବାସଭବନରେ ଶୁକ୍ରବାର ଚଢ଼ାଉ କରିଛନ୍ତି। କର୍ନାଟକର ବେଙ୍ଗାଲୁରୁ ସମେତ ୧୪ଟି ଓ ଉତ୍ତରପ୍ରଦେଶର ମିରଟ୍‌ରେ ଏଭଳି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ସିଆଇଡିର ଅର୍ଥନୈତିକ ଅପରାଧ ଶାଖା ଆଇଜି ହେମନ୍ତ ନିମ୍ବଲ୍‌କର, ଡେପୁଟି ଏସ୍‌ପି ଇ.ବି. ଶ୍ରୀଧର ପ୍ରମୁଖଙ୍କ ଘରେ ଚଢ଼ାଉ କରାଯାଇଛି।

# ଆଜି କରିଡର ଚେକ୍‌ପୋଷ୍ଟ ଉଦ୍‌ଘାଟନ କରିବେ ମୋଦି

ନୂଆଦିଲ୍ଲୀ,୮।୧୧

ପାକିସ୍ତାନର ଦରବାର ସାହିବ୍ ଗୁରୁଦ୍ୱାର ସହ ପଞ୍ଜାବର ଗୁର୍‌ଦାସପୁରରେ ଥିବା ଡେରା ବାବା ନାନକ ଗୁରୁଦ୍ୱାରକୁ ସଂଯୋଗ କରୁଥିବା କର୍‌ତାରପୁର କରିଡରର ଚେକ୍‌ପୋଷ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉଦ୍‌ଘାଟନ କରିବେ। ଏହି ଉଦ୍‌ଘାଟନ ପୂର୍ବରୁ ମୋଦି ସୁଲତାନପୁର ଲୋଧି ଯାଇ ସେଠାରେ ବେର୍ ସାହିବ୍ ଗୁରୁଦ୍ୱାରରେ ପୂଜାର୍ଚ୍ଚନା କରିବେ। ଡେରା ବାବା ନାନକଠାରେ ଏକ ଜନସଭାକୁ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। କର୍‌ତାରପୁର ଗୁରୁଦ୍ୱାର ଯିବାକୁ ଥିବା ଭାରତୀୟ ତୀର୍ଥଯାତ୍ରୀମାନଙ୍କୁ ଡେରା ବାବା ନାନକ ଗୁରୁଦ୍ୱାର ନିକଟ ଚେକ୍‌ପୋଷ୍ଟରେ ସମସ୍ତ ସୁବିଧା ଯୋଗାଇଦିଆଯିବ।



ସେଠାରେ ୧୫ ଏକର ଜାଗାରେ ଅତ୍ୟାଧୁନିକ ଯାତ୍ରୀ ଟର୍ମିନାଲ ବିଲ୍ଡିଂ ନିର୍ମାଣ ହୋଇଛି। ଦିନକୁ ୫୦୦୦ ଯାତ୍ରୀଙ୍କୁ ବିଭିନ୍ନ ସୁବିଧା ଯୋଗାଇଦେବା ଲାଗି ୫୦ ଇମିଗ୍ରେଶନ କାଉଣ୍ଟର ରହିଛି। ଏଥିସହିତ କିଓସ୍କ, ୱାଶ୍‌ରୁମ୍, ଶିଶୁ ଯତ୍ନ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ରହିବା ସହିତ ମୁଖ୍ୟ ବିଲ୍ଡିଂରେ ପ୍ରାର୍ଥନା କକ୍ଷ ଓ ସ୍ନାକ୍ସ କାଉଣ୍ଟର ରହିଛି।

## ■ ପାକିସ୍ତାନର ବିବାଦୀୟ ପ୍ରଦର୍ଶନ

# କର୍‌ତାରପୁରରେ ବୋମା ପକାଇଥିଲା ଭାରତ

ନୂଆଦିଲ୍ଲୀ,୮।୧୧

କର୍‌ତାରପୁର କରିଡର ଉଦ୍‌ଘାଟନର ଦିନକ ପୂର୍ବରୁ ପାକିସ୍ତାନୀ କର୍ତ୍ତୃପକ୍ଷ ସେଠାରେ ବିବାଦୀୟ ପ୍ରଦର୍ଶନ କରିଛନ୍ତି। ସେଠାକୁ ଭ୍ରମଣରେ ଯାଇଥିବା କେତେଜଣ ଭାରତୀୟଙ୍କ ସୂଚନା ଅନୁଯାୟୀ ପାକ୍ କର୍ତ୍ତୃପକ୍ଷ କର୍‌ତାରପୁର ଦରବାର ସାହିବ୍ ଗୁରୁଦ୍ୱାର ନିକଟରେ ଏକ ସ୍ତମ୍ଭ ସ୍ଥାପନ କରି ଏହା ଉପରେ କାଚ ଢାଙ୍କୁଣି ମଧ୍ୟରେ ଏକ ଛୋଟ ବୋମା ରଖିଛନ୍ତି। ୧୯୭୧ ଯୁଦ୍ଧ ବେଳେ ଭାରତୀୟ ବାୟୁସେନା ଗୁରୁଦ୍ୱାରଠାରେ ଉକ୍ତ ବୋମା ଫିଙ୍ଗିଥିଲା ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଉକ୍ତ ସ୍ତମ୍ଭରେ ଶିଖ୍‌ମାନଙ୍କ ବିଶ୍ୱାସର ପ୍ରତୀକ ଖଣ୍ଡା ଚିହ୍ନ ରହିଛି। ସ୍ତମ୍ଭ ନିକଟରେ ସ୍ଥାପିତ ବୋର୍ଡରେ 'ୱାହେ ଗୁରୁଜୀଙ୍କ ଚମତ୍କାରିତା' ବୋଲି ଲେଖାଯାଇଛି। ଏଥିରେ ଉଲ୍ଲେଖ ଅଛି ୧୯୭୧ରେ କର୍‌ତାରପୁରର ଦରବାର ସାହିବ ଗୁରୁଦ୍ୱାରକୁ ଧ୍ୱଂସ କରିଦେବା ପାଇଁ ଭାରତୀୟ ବାୟୁସେନା ବୋମା ଫିଙ୍ଗିଥିଲା। କିନ୍ତୁ ୱାହେ ଗୁରୁଜୀ (ସର୍ବଶକ୍ତିମାନ ଆଲ୍ଲା)ଙ୍କ କୃପାରୁ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟ ପୂରଣ ହେଲାନାହିଁ। ବୋମାଟି ଗୁରୁଦ୍ୱାର ଉପରେ ନ ପଡି ସେଠାରେ ଥିବା ପବିତ୍ର କୂଅ (ଶ୍ରୀ ଖୂ ସାହିବ୍)ରେ ପଡିଥିଲା। ଉକ୍ତ ପବିତ୍ର କୂଅକୁ ଗୁରୁ ନାନକ ଦେବ ବ୍ୟବହାର କରୁଥିଲେ ବୋଲି ଉଲ୍ଲେଖ ଅଛି।

ସୂଚନାଯୋଗ୍ୟ ଚଳିତ ସପ୍ତାହ ଆରମ୍ଭରେ ପାକିସ୍ତାନ କର୍ତ୍ତୃପକ୍ଷ କର୍‌ତାରପୁର କରିଡର ଉନ୍ମୋଚନ ଲାଗି ଏକ ସଙ୍ଗୀତର ଶୁଭାରମ୍ଭ କରିଥିଲେ, ଯେଉଁ ପୋଷ୍ଟରରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତାମାନଙ୍କ ଫଟୋ ରହିଥିଲା। ଭାରତ ଏହାକୁ ନିନ୍ଦା କରିବା ସହ ଇସ୍‌ଲାମାବାଦ ନିକଟରେ ପ୍ରତିବାଦ ଜଣାଇଥିଲା।



### ଉଦ୍‌ଘାଟନ ଦିନ ୨୦ ଡଲାର ଟିକସ ନେବ

ନୂଆଦିଲ୍ଲୀ,୮।୧୧

୯ ତାରିଖ କର୍‌ତାରପୁର କରିଡର ଉଦ୍‌ଘାଟନ ଦିବସ ଏବଂ ୧୨ ତାରିଖ ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀରେ ଦରବାର ସାହିବ୍ ଗୁରୁଦ୍ୱାର ପରିଦର୍ଶନରେ ଆସୁଥିବା ଭାରତୀୟ ତୀର୍ଥଯାତ୍ରୀଙ୍କଠାରୁ ୨୦ ଡଲାର ସେବା ଟିକସ ଆଦାୟ କରାଯିବନି ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିବାର ୩ ଦିନ ପରେ ଶୁକ୍ରବାର ପୁଣି ଥରେ ନିଷ୍ପତ୍ତି ବଦଳାଇଛନ୍ତି। ଶନିବାରଠାରୁ ଭାରତୀୟ ତୀର୍ଥଯାତ୍ରୀଙ୍କୁ ୨୦ ଡଲାର ସେବା ଟିକସ ଦେବାକୁ ପଡିବ ବୋଲି ପାକ୍ କର୍ତ୍ତୃପକ୍ଷ ଜଣାଇଦେଇଛନ୍ତି। ଭାରତୀୟ ତୀର୍ଥଯାତ୍ରୀଙ୍କୁ କର୍‌ତାରପୁର ଆସିବା ଲାଗି ପାସ୍‌ପୋର୍ଟ ଲାଗିବ ନାହିଁ ବୋଲି ପୂର୍ବରୁ ଇମ୍ରାନ କହିଥିଲାବେଳେ ପାକ୍ ସେନାବାହିନୀ ଏହାକୁ ବଦଳାଇଦେଇଥିଲା।

# ବିଧାନସଭାର ବିଭିନ୍ନ କମିଟି ଅଧ୍ୟକ୍ଷଙ୍କ ବୈଠକ

**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭାର ବିଭିନ୍ନ କମିଟି ଅଧ୍ୟକ୍ଷଙ୍କ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ବୈଠକରେ ବିଧାନସଭାର ବିଭିନ୍ନ କମିଟି ଅଧ୍ୟକ୍ଷଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ମାସ ୧୩ରେ ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି, ଏହା ପୂର୍ବରୁ ବିଭିନ୍ନ କମିଟିର ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂ, ପ୍ରିଭିଲେଜ୍ କମିଟିର ଅଧ୍ୟକ୍ଷ ପ୍ରତାପ ଜେନା, ଏଷ୍ଟିମେଟ୍ କମିଟିର ଅଧ୍ୟକ୍ଷ ପ୍ରତାପ କେଶରୀ ଦେବ, ସରକାରୀ ଉଦ୍ୟୋଗ କମିଟିର ଅଧ୍ୟକ୍ଷ ଅତନୁ ସବ୍ୟସାଚୀ ନାୟକ, ବିଭାଗୀୟ ସ୍ଥାୟୀ କମିଟି-୨ର ଅଧ୍ୟକ୍ଷ ଡ. ନୃସିଂହଚରଣ ସାହୁ, ବିଭାଗୀୟ ସ୍ଥାୟୀ କମିଟି-୩ର ଅଧ୍ୟକ୍ଷ ପ୍ରଫୁଲ୍ଲ ସାମଲ, ବିଭାଗୀୟ ସ୍ଥାୟୀ କମିଟି-୪ର ଅଧ୍ୟକ୍ଷ ଭୂପିନ୍ଦର ସିଂହ, ବିଭାଗୀୟ ସ୍ଥାୟୀ କମିଟି-୭ର ଅଧ୍ୟକ୍ଷ ପ୍ରଦୀପ କୁମାର ଅମାତ, ଭାଜପା ବିଧାୟକ ଦଳର ମୁଖ୍ୟ ସଚେତକ ତଥା ବିଭାଗୀୟ ସ୍ଥାୟୀ କମିଟି-୮ର ଅଧ୍ୟକ୍ଷ ମୋହନ ଚରଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ସ୍ଥାୟୀ କମିଟି-୯ର ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର, ପିଟିଶନ କମିଟିର ଅଧ୍ୟକ୍ଷ ବଦ୍ରିନାରାୟଣ ପାତ୍ର, ପେପର୍ସ ଲେଡ୍ ଅନ୍ ଦି ଟେବୁଲ କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି, ସରକାରୀ ପ୍ରତିଶ୍ରୁତି କମିଟିର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଗ୍ରନ୍ଥାଗାର କମିଟିର ଅଧ୍ୟକ୍ଷ ପ୍ରଦୀପ ମହାରଥୀ, ସଦାଚାର କମିଟିର ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀ ଅଂଶଗ୍ରହଣ କରିଥିଲେ। ଏହାଛଡ଼ା ବିଭାଗୀୟ ସ୍ଥାୟୀ କମିଟି-୩ର ଅଷ୍ଟମ ବୈଠକ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ତ୍ତ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକଗୁଡ଼ିକରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବହୁ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ପିକ୍‌ଅପ ଭ୍ୟାନ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**କାଲିମେଲା,୮।୧୧(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ବୁଦୁଗୁଡା କଲୋନୀ ନିକଟରେ ଶୁକ୍ରବାର ଅପରାହ୍ଣ ସାଢେ ୪ଟାରେ ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଜଳେଶ୍ୱର ହରିଜନ(୬)। ସେ ଗୁଗୁଗୁଡା କଲୋନୀର ଜଗନ୍ନାଥ ହରିଜନଙ୍କ ପୁଅ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ଭ୍ୟାନ ଡ୍ରାଇଭରଙ୍କୁ ନିସ୍ତୁକ ମାଡ ମାରିବା ସହ ଭ୍ୟାନରେ ନିଆଁ ଲଗାଇ ଦେଇଛନ୍ତି। କାଲିମେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରିଛି। ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡିମୋଟର ଅଟକି ରହିଛି।

## ଚଳନ୍ତା ଟ୍ରେନ୍‌ରୁ ପ୍ରତିବର୍ଷ ପଡୁଛନ୍ତି ୫୪ ଯାତ୍ରୀ

# ୩ ବର୍ଷରେ ୧୬୦ ଜଣ ଦୁର୍ଘଟଣାର ଶିକାର

ଶୋଭେନ୍ ବିଶ୍ୱାଳ
ଭୁବନେଶ୍ୱର, ୮।୧୧(ବ୍ୟୁରୋ)



■ଭୁବନେଶ୍ୱର ଓ ବିଶାଖାପାଟଣା ଷ୍ଟେଶନରେ ସର୍ବାଧିକ
■୩ ବର୍ଷରେ ୱାଲଟିୟର ଡିଭିଜନ ଆଗରେ
■ସଚେତନତା ଯୋଗୁ କମୁଛି ସଂଖ୍ୟା: ପୂର୍ବତଟ ରେଳପଥ

ଟ୍ରେନ୍‌ର ବେଗ କମ୍ ଥିଲା, ତେଣୁ ଡ୍ରାଇଭର ଗାଡ଼ି ଅଟକାଇ ଦେଲେ। ଫଳରେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲେ ବିଷ୍ଣୁ। ଏହା ହେଉଛି ଗତ ସେପ୍ଟେମ୍ବର ୧୨ ତାରିଖ ସକାଳ ୯ଟା ସମୟର କଥା। ପଲାସା-କଟକ ପାସେଞ୍ଜର ଲିଙ୍ଗରାଜ ଷ୍ଟେଶନରେ ଅଟକିବା ପୂର୍ବରୁ ତରତର ହୋଇ ଗାଡ଼ିରୁ ଡେଇଁପଡ଼ିଲେ ବିଷ୍ଣୁ ପ୍ରସାଦ କଲାସୀ। ଭାରସାମ୍ୟ ହରାଇ ଟ୍ରେନ୍ ତଳ ଟ୍ରାକ୍‌କୁ ଘୋଷାରି ହୋଇଗଲେ। କେହି ଜଣେ ଚିଲେଇବାରୁ ଡ୍ରାଇଭର ହଠାତ୍ ଟ୍ରେନ୍‌କୁ ଅଟକାଇଦେଲେ। ଷ୍ଟେଶନରେ ଉପସ୍ଥିତ ଆର୍‌ପିଏଫ୍ କର୍ମଚାରୀ ତତ୍‌କ୍ଷଣାତ୍ ବିଷ୍ଣୁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଇଦେଲେ। ତାଙ୍କର ମୁଣ୍ଡ ଫାଟିଥିବା ସହ ଅଣ୍ଟା ଭାଙ୍ଗିଥିଲା। ବିଷ୍ଣୁ ଏବେ ଚିକିତ୍ସିତ ହେଉଛନ୍ତି। ମାତ୍ର ଚାଲିବା ପାଇଁ ଦୁଇ ଜଣଙ୍କ ସାହାରା ଆବଶ୍ୟକ ପଡୁଛି। ଟିକିଏ ଅସତର୍କତା ଓ ଧୈର୍ଯ୍ୟହରା ହେତୁ ବିଷ୍ଣୁ ଆଜି ଶଯ୍ୟାଶାୟୀ। ଏହା କେବଳ ଗୋଟିଏ ଦୁର୍ଘଟଣାର ଚିତ୍ର। ପ୍ରତିବର୍ଷ ଏଭଳି ଅନେକ ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ଷ୍ଟେଶନରେ ଏଭଳି ଦୁର୍ଘଟଣାର ଦୃଶ୍ୟ ପ୍ରାୟତଃ ପ୍ରତିଦିନ ଦେଖିବାକୁ ମିଳୁଛି। ତରତର ହୋଇ ଚଳନ୍ତା ଟ୍ରେନରେ ଯାତ୍ରୀ ଚଢ଼ିଥାନ୍ତି ଆଉ ଓହ୍ଲାଇଥାନ୍ତି। ତେବେ କିଏ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥାନ୍ତି ତ ଆଉ କେହି ଏଭଳି ଦୁର୍ଘଟଣାର ଶିକାର ହୋଇ ସାରା ଜୀବନ ଅନୁତାପ କରିଥାନ୍ତି।

ପୂର୍ବତଟ ରେଳପଥ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ବିଗତ ୩ବର୍ଷ (୨୦୧୭-୨୦୧୯ ଅକ୍ଟୋବର) ମଧ୍ୟରେ ପ୍ରତିବର୍ଷ ହାରାହାରି ୫୪ଜଣ ଏଭଳି ଦୁର୍ଘଟଣାର ଶିକାର ହେଉଛନ୍ତି। ୨୦୧୭ରେ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ଡିଭିଜନ୍‌ରେ ୨୩, ସମ୍ବଲପୁର ଡିଭିଜନରେ ୨୮ ଏବଂ ୱାଲଟିୟର ଡିଭିଜନରେ ୩୦ ଜଣ ଚଳନ୍ତା ଟ୍ରେନରେ ଚଢ଼ିବା କିମ୍ବା ଓହ୍ଲେଇବା ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେହିପରି ୨୦୧୮ରେ ଖୋର୍ଦ୍ଧାରୋଡ଼ରେ ୧୧, ସମ୍ବଲପୁରରେ ୧୪ ଏବଂ ୱାଲଟିୟରରେ ୨୧ଜଣ ଟ୍ରେନ୍‌ରୁ ପଡ଼ିଛନ୍ତି। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଏହି ସଂଖ୍ୟାରେ କିଛିଟା ହ୍ରାସ ଘଟିଛି। ଖୋର୍ଦ୍ଧାରୋଡ଼ରେ ୧୧, ସମ୍ବଲପୁରରେ ୧୦ ଏବଂ ୱାଲଟିୟରରେ ୧୨ଜଣ ନିଜ ଅସତର୍କତା ପାଇଁ ଆହତ ହୋଇଛନ୍ତି। ୨୦୧୭ରୁ ୨୦୧୯ ଅକ୍ଟୋବର ସୁଦ୍ଧା ପ୍ରତିବର୍ଷ ଭୁବନେଶ୍ୱର ଓ ବିଶାଖାପାଟଣା ଷ୍ଟେଶନରେ ସର୍ବାଧିକ ଦୁର୍ଘଟଣା ଘଟିଥିବାବେଳେ ୩ବର୍ଷରେ ୧୪ଟି ଦୁର୍ଘଟଣା ରିପୋର୍ଟ ହୋଇଛି। ସମ୍ବଲପୁର ଡିଭିଜନରେ ୨୦୧୭ରେ ସମ୍ବଲପୁର ରୋଡ଼ରେ ୪, ୨୦୧୮ରେ ଖରିଆର ରୋଡ଼ ଷ୍ଟେଶନରେ ୩ ଓ ୨୦୧୯ରେ କଣ୍ଟାବାଞ୍ଜିରେ ୨ଟି ଦୁର୍ଘଟଣା ରିପୋର୍ଟ ହୋଇଛି। ଏଭଳି ଦୁର୍ଘଟଣା କ୍ଷେତ୍ରରେ ୱାଲଟିୟର ଡିଭିଜନ ଆଗରେ ରହିଛି। ୨୦୧୭ରେ ଏହି ଡିଭିଜନର ବିଜୟନଗରମ୍ ଓ ସୀମାଞ୍ଚଳମ୍‌ରେ ୬, ୨୦୧୮ରେ ବିଶାଖାପାଟଣାରେ ସର୍ବାଧିକ ୭ ଓ ୨୦୧୯ରେ ବିଜୟନଗରମ୍‌ରେ ୪ଟି ଦୁର୍ଘଟଣା ରିପୋର୍ଟ ହୋଇଛି। ଏ ନେଇ କେତେଜଣ ରେଳ କର୍ମଚାରୀ କହିଛନ୍ତି, ତରତର ହୋଇ ଚଳନ୍ତା ଟ୍ରେନ୍‌ରେ ଚଢ଼ିବା କିମ୍ବା ଓହ୍ଲାଇବା, ଅସତର୍କ ହୋଇ ଡୋର୍ ନିକଟରେ ଠିଆ ହେବା ଓ ବାହାଦୁରି ଷ୍ଟଣ୍ଟ ଦେଖାଇବା ଯୋଗୁ ଏଭଳି ଦୁର୍ଘଟଣା ଘଟିଥାଏ। ଏଥିପାଇଁ ପ୍ରତି ଷ୍ଟେଶନରେ ଗାଡ଼ି ପହଞ୍ଚିବା ଓ ଛାଡ଼ିବା ବେଳେ ଆରପିଏଫ କର୍ମଚାରୀ ମୁତୟନ ରହିଥାନ୍ତି। ସେମାନେ ହ୍ୱିସିଲ ମାରି ଯାତ୍ରୀଙ୍କୁ ସତର୍କ କରିଥାନ୍ତି। ହେଲେ କେତେଜଣ ଅସତର୍କ ଯାତ୍ରୀ ନଜର ଆଢୁଆଳରେ ଏପରି ଦୁର୍ଘଟଣାକୁ ଆମନ୍ତ୍ରଣ କରିଥାନ୍ତି। ତଥ୍ୟ ମୁତାବକ, ୨୦୧୭ରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଛି। ୨୦୧୭ରେ ଏହି ସଂଖ୍ୟା ୮୧ ଥିଲା, ୨୦୧୮ରେ ହ୍ରାସ ପାଇ ୪୬କୁ ଖସିଥିଲା ଓ ଚଳିତ ବର୍ଷ ଏହି ସଂଖ୍ୟା ୩୩କୁ ଖସି ଆସିଛି। ନିୟମିତ ଭାବେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଯୋଗୁ ଏହି ସଂଖ୍ୟାରେ ହ୍ରାସ ଘଟିଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## PARADIP PORT TRUST

### e-TENDER NOTICE

**Name of Work: Development of Parking Area in front of Gate No. 5 to facilitate Cargo Vehicle.**
Estimated cost put to tender: **Rs.1,61,32,249.68**
Date of available of tender for online bidding: **04.11.2019** to **18.11.2019** upto **17.00 Hrs.**
For details of the tender for on-line bidding is available in the website: **https://eprocure.gov.in/eprocure/app**

**Executive Engineer**
**Building Construction Division**
PPT/PR/443/2019-20 Dt.08/11/2019

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RAIRANGPUR (R&B) DIVISION

E- mail ID- eerbrairangpur@yahoo.co.in

**e-Procurement Notice**

Bid identification No. E.E. 11 of 2019-20

1. The Executive Engineer, Rairangpur (R&B) Division on behalf of Governor of Odisha invites single cover item rate bid in ONLINE MODE for Lift Installation works from eligible Manufacturer / Authorised Dealer as detailed below.
2. Nature of work : Lift Installation
3. No. of works : 1 No.
4. Estimated cost put to tender : Rs. 8,58,400/-
5. Class of contractor : Manufacturer / Authorized Dealer
6. Date & Time of sale & receipt of Bids : 10.00 AM of 16.11.19 to 4.00 P.M of 25.11.19
7. Date of opening of Bid : 26.11.19 at 11.00 A.M
8. The bidders have to participate in ON LINE bidding only. Further details can be seen from the Website http://tendersorissa.gov.in

B-286:

*Sd./- Executive Engineer*
*Rairangpur (R&B) Division*
34041/11/0005/1920

## DISTRICT COUNCIL OF CULTURE, KORAPUT
### SHORT QUOTATION CALL NOTICE

No. RR-26: Sealed quotations are invited from reputed Caterers/Food Suppliers of Koraput district having food licence certificate from Health Department & experience in Catering Service for supply of food to the participating artists/participants of **District Level Cultural Competition** in connection with the State Level Tribal Festival PARAB 2019, Koraput to be held on **12th & 13th November, 2019**. The detail of datewise food requirements & menu specifications are given in the statement. Intending Caterers/Food Suppliers having GST approval and previous experience in large scale events may apply in the District Culture Office, Koraput by Hand/by Post with specifications mentioned below during office hours from **10.00 A.M. to 3.00 P.M. by 10.11.2019**. The quotations will be opened on the same day in the office of **Collectorate, Koraput at 5.00 P.M.** in presence of the quotationers or their representatives.

The intending Caterer or Food Supplier shall quote the specific rate of breakfast, lunch, dinner including one samiana of 100' × 50' ft., one kitchen set, with provision of light, one hundred chairs for sitting purpose, utensils, two distribution tables and service persons with proper uniform.

For more details please visit: **www.koraput.nic.in**.

**Sd./- District Culture Officer-cum-Secretary, District Council of Culture, Koraput**
03021/11/0003/1920

## OFFICE OF THE HINJILICUT MUNICIPAL COUNCIL

**Hinjilicut, (GM), Ph: 06811-280025, email id: hinjilicutmunicipality@gmail.com**
**Letter No. 2683/2019** **Quotation Call Notice:** **Date: 08.11.19**

Sealed quotations are invited from authorized dealers/ Agencies/ Firms/ Contractors for Design, supply and communicating the following items including all taxes for Hinjilicut Municipality. The rate should be quoted against the item. The quotationers are essentially required to enclose their GST Registration Certificate, PAN card. The quotationer shall be required to produce the original copy of the required document before the undersigned at the time of opening of quotation for verification. The quotation documents should be available at Cash Section of Hinjilicut Municipality on payment of cost of quotation paper in shape of cash (non-refundable). The quotationer must be accompanied with the EMD mentioned against the project in shape of T.D.A./ B.C / B.D. / N.S.C/ Kisan Bikash Patra/ Post Office Savings Bank Account/ Post Office time deposit Account duly pledged in favour of the Executive Officer, Hinjilicut Municipality. The quotation should availability to the cash section of this Office from dt: 13.11.2019 to 21.11.2019 by 1.00 PM (within Office hour) and the quotation received on or before dt. 22.11.2019, 5.00 PM through speed post/registered post and the same will be opened on 25.11.2019 at 11.30 AM in presence of respective quotationers or their authorized representatives. The authority reserves the right to accept, reject or cancel any or all the quotations without assigning any reason thereof.

| Sl. No. | Item | Quantity | Paper Cost | EMD Cost |
|---|---|---|---|---|
| 1 | Supply, fitting, fixing Two seated Pedal Boats, Four seated Pedal Boats, FRP floating Jetty with Gangway at different places of Hinjilicut Municipality | Each | Rs. 4000/- | Rs. 10,000/- |
| 2 | Supply, fitting, fixing Foam cluster fountain, Done fountain, Floating fountain, Double done fountain at different places of Hinjilicut Municipality | Each | Rs. 4000/- | Rs. 10,000/- |

**Sd./- Executive Officer, Hinjilicut Municipality**

## OFFICE OF THE NOTIFIED AREA COUNCIL, GUDARI, DIST.- RAYAGADA

Lt. No. ____ / NAC **e-Procurement** Dt. ...........

**Tender Reference GDR_NAC_03/2019, Bid Identification No. 2019_ORULB**

**(1)** Name of the Work- Building works as in the DTCN published in the website. **(2)** Estimated Cost: Rs. 62.10 lakhs, **(3)** Period of Completion: 45 days, **(4)** Date and time of availability of bid documents: In the portal from 09.00 AM on 13.11.2019 to 5.00 PM on 22.11.2019, **(5)** Last date / time for receipt of bids in the portal: Date 22.11.2019 upto 5.00 PM, **(6)** Bid documents dropping: From 10.00 AM on 13.11.2019 to 5.00 PM on 25.11.2019 (except Holidays), **(7)** Date and time of opening of Bid: Date 26.11.2019 at 10.00 AM, **(8)** Name and address of the officer inviting Bid: Executive Officer, Gudari NAC. Further details can be seen from the e-Procurement portal **"https://tendersorissa.gov.in"**.

*Sd./- Executive Officer, Gudari NAC*

## DISTRICT COUNCIL OF CULTURE, KORAPUT
### QUOTATION CALL NOTICE

No. RR-27: Sealed quotations are invited from reputed Caterers/Food Suppliers of Koraput district having food licence certificate from Health Department & experience in Catering Service for supply of food to the participating artists/participants of State Level Tribal Festival PARAB-2019 at Koraput to be held from **16th to 18th November 2019** at Koraput. The detail of datewise food requirements & menu specifications are given in the statement. Intending Caterers/Food Suppliers having GST approval and previous experience in large scale events may apply in the District Culture Office, Koraput by Hand/by Post with specifications mentioned in the format during office hours from **10.00 A.M. to 3.00 P.M. by 11.11.2019**. The quotations will be opened on the same day in the Office of **Collectorate, Koraput at 5.00 P.M.** in presence of the quotationers or their representatives.

For more details please visit **www.koraput.nic.in**.

**Sd./- District Culture Officer-cum-Secretary, District Council of Culture, Koraput**
03021/11/0004/1920

## ପୁରୀ ପୌରସଂସ୍ଥା, ପୁରୀ

**ସଂଖ୍ୟା: ୮୯୬୫** **ତାରିଖ: ୦୭।୧୧।୧୯**

**ସୂଚନା**

ଏତଦ୍ୱାରା ପୁରୀ ପୌରସଂସ୍ଥା ଅଧୀନରେ ବସବାସ କରୁଥିବା ସମସ୍ତ ଗୃହ ମାଲିକ ଏବଂ ମଳପଙ୍କ ପରିବହନ ଯାନ ମାଲିକଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପୁରୀ ପୌରସଂସ୍ଥା ଦ୍ୱାରା ମଳଯୁକ୍ତ ମଳ ଓ ପଚାମଇଳା ପ୍ରବନ୍ଧନ ଅଧିନିୟମ ୨୦୧୮ (Faecal Slugged & Septage Management Regulation 2018) ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହୋଇଅଛି।

ଏହି ଅଧିନିୟମ ଏବଂ ତତ୍‌ସଂଲଗ୍ନ ପ୍ରେସ୍ ବିଜ୍ଞପ୍ତି ଜନସାଧାରଣ ଏବଂ ମଳପଙ୍କ ପରିବହନ ଯାନ (Cesspool) ମାଲିକଙ୍କ ଗୋଚରାର୍ଥେ ପୁରୀ ପୌରସଂସ୍ଥା, ପୁରୀଙ୍କ ୱେବ୍‌ସାଇଟ୍: www.purimunicipality.nic.in ରେ ପ୍ରଦର୍ଶିତ କରାଯାଇଅଛି।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ,ପୁରୀ ପୌରସଂସ୍ଥା, ପୁରୀ**

## GOVERNMENT OF ODISHA
## OFFICE OF THE EXECUTIVE ENGINEER,
## KANDHAMAL MINOR IRRIGATION DIVISION, PHULBANI

No. A-372:

(E-mail Id: - kmidplb@gmail.com, PH.No. 06842-253634

**Quotation Call Notice No. 01/2019-20/2301 dt.01.11.2019**

(As per E-5 document of World Bank for Procurement of goods under National Shopping)

1. Number of work :- 2(Two Nos.)
2. Type of work :- Dam Instrumentation work.
3. Type of Procurement :- National Shopping Procedure as per E-5 Document of World Bank.
4. Estimated Cost :- Rs.8.52 Lakh, & Rs. 10.21 Lakh.
5. Cost of Quotation Paper :- -
6. Class of Contractor :- "D" and above having requisite qualifying Criteria as per DTCN.
7. Period of Completion :- 3 (Three) Calendar Months.
8. Date/Time for Supply Bid Documents :- From dt. 13.11.2019 at 10.00 A.M. to Dt. 23.11.2019 at 3.00 P.M.
9. Date / Time for receipt of Bid documents. :- From dt.13.11.2019 at 10.00 A.M. to Dt. 23.11.2019 at 4.00 P.M.
10. Date and Time of Opening of Bid documents. :- On dt. 25.11.2019 at 11.00 A.M. In the Office of Executive Engineer, Kandhamal M.I. Division, Phulbani
11. Place of receive & Supply of Bid documents. :- 1. Executive Engineer, Kandhamal M.I. Division, Phulbani 2. Dy. Executive Engineer, M.I. Sub-Division, Phulbani

Executive Engineer,
K.M.I. Division, Phulbani.
32040/11/0003/1920

## ODISHA HYDRO POWER CORPORATION LIMITED

OHPC
BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA), PIN-764051
Phones: 06861-232581(O) / 232641(R), FAX: 06861-232541, Email: unit.head_balimela@yahoo.com
No. BHEP/DES III/VEH010/ 7404 Date: 07.11.2019

**NOTICE INVITING TENDER NO. 40/2019-20, DATED 30.10.2019**

**No. CAD: 552:-** Sealed tenders are invited in single part bid basis from Vehicle Owners / Travel Agencies / individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper (non re-fundable) in Rs. | EMD in shape of DD only (Re-fundable) in Rs. | Period of avail-ability of tender at OHPC website | Last date & time of receipt of tender | Date & time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Hiring of 01 (One) no. of (SCORPIO/ CRETA/MAHINDRA MARAZZO) Vehicle with Single driver for four years for BHEP, Balimela. | Rs. 6000/- + 1080 (GST@18%) = Rs. 7080/- | Rs. 26,600/- (1% of Estimated Cost) | 08.11.2019 to 21.11.2019 | 21.11.2019 upto 12.00 Hrs | 21.11.2019 at 12.30PM |

For details of the tender documents, terms & conditions please visit our website www.ohpcltd.com.
04019/11/0044/1920 *Sd./- C&P Head, BHEP, Balimela*

See Career Appointment on every **Wednesday & Saturday**

## DISTRICT RURAL DEVELOPMENT AGENCY, BALANGIR

**No.: DRDA/3711** **Date: 08.11.19**

### EXPRESSION OF INTEREST

The Expression of Interest (EoI) is invited from the interested registered NGOs/CSOs who will be engaged for a partnership with district administration to arrest distress migration in 6 migration prone blocks namely **Bangomunda, Belpada, Khaprakhol, Murhibahal, Titilagarh and Turekela of Balangir district**. The details of eligibility criteria, Scope of Work, Deliverables, Role and Responsibility, selection procedure of NGOs/CSOs & others particulars are uploaded in the district website **(https://balangir.nic.in)** for necessary information. The interested NGOs/CSOs, fulfilling the eligibility criteria may submit their Expression of Interest (EoI) along with all supportive documents to the Collector-cum-DPC, MGNREGA, Balangir, At- DRDA, Balangir, P.O./Dist.- Balangir, Odisha, PIN - 767001 by 20.11.2019 (till 5.30 P.M.) through Speed Post/Registered Post only (no hand delivery) and the same will be opened on 21.11.2019 at 11.30 A.M. in the DRDA Conference Hall, Balangir in the presence of the Selection Committee & Representative of NGOs/CSOs. The sealed envelope containing the EoI must be superscribed on the top of the envelope as **"Expression of Interest (EoI) for Partnership of NGOs/CSOs with district administration to arrest distress migration in ___________ block of Balangir district"**. Any modification, alternation and date of extension, if so required will be intimated through the above district website only. The authority reserves the right to cancel any part or the entire proposal of EoI without assigning any reason thereof.

**Sd./- Collector-cum-DPC, MGNREGA, Balangir**

## SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI

**No. Exam.3209 / 2019, S.J.S.V., Puri** **Date: 08.11.2019**

### NOTIFICATION

ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନ (Govt./ Permanently Recognised / Temporarily Recognised)ର ଅଧ୍ୟକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୦୨୦ ମସିହାର ଶାସ୍ତ୍ରୀ ତୃତୀୟବର୍ଷ (Regular/Back/Repeat) ପରୀକ୍ଷା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କର ଆବେଦନ ପତ୍ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ପୂରଣ କରାଯିବ। ଏଥି ନିମନ୍ତେ ପଞ୍ଜୀକରଣ (Registration) କରିଥିବା ବାଧ୍ୟତା ମୂଳକ ଅଟେ।

ଅନୁଷ୍ଠାନର ଅଧ୍ୟକ୍ଷମାନେ ନିର୍ଦ୍ଧାରିତ ଫର୍ମ ଓ ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟର Website: **www.sjsv.nic.in** ରୁ download କରି ନିର୍ଦ୍ଦେଶ ଅନୁଯାୟୀ ପୂରଣକରିବା ପୂର୍ବକ ଆବଶ୍ୟକୀୟ ଦେୟ ସହିତ (Bank Draft drawn in favour of Comptroller of Finance, S.J.S.V., Puri) ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାଖଲ କରିବେ। ପୂରଣ ହୋଇଥିବା ଆବେଦନପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ନିମ୍ନଲିଖିତ କାଗଜପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

**ଶାସ୍ତ୍ରୀ ତୃତୀୟ ବର୍ଷ**

୧. ବିଶ୍ୱବିଦ୍ୟାଳୟ Website ରୁ ଆବେଦନ ପତ୍ର download କରିବା ସମୟାବଧି : From dt.13.11.2019 to 30.11.2019
୨. ବିନା ବିଳମ୍ବ ଶୁଳ୍କରେ ଆବେଦନପତ୍ର ପୂରଣକରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.15.11.2019 to 19.11.2019
୩. ପ୍ରଥମ ବିଳମ୍ବ ଶୁଳ୍କ ଟ.୫୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.21.11.2019 to 25.11.2019
୪. ଦ୍ୱିତୀୟ ବିଳମ୍ବ ଶୁଳ୍କ ଟ.୧୦୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.26.11.2019 to 27.11.2019
୫. ଶେଷବିଳମ୍ବ ଶୁଳ୍କ ଟ.୨୦୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.28.11.2019 to 30.11.2019
୬. ବିଶ୍ୱବିଦ୍ୟାଳୟରେ ଜିଲ୍ଲାୱାରୀ ଦାଖଲ କରିବା ତାରିଖ : From dt.19.12.2019 to 30.12.2019

**ବି.ଦ୍ର.-** ପୂରଣ ହୋଇଥିବା ଆବେଦନପତ୍ର ପରୀକ୍ଷାଶୁଳ୍କ ସହିତ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଜିଲ୍ଲାୱାରୀ ଦାଖଲ କରିବାର ତାରିଖ ତଥା ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟ ବିଜ୍ଞାପନ ଫଳକ / Website.www.sjsv.nic.in ରେ ଉପଲବ୍ଧ।

**ସ୍ୱା./- ପରୀକ୍ଷା ନିୟନ୍ତ୍ରକ**

## SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI

**No. Exam.3214 / 2019, S.J.S.V., Puri** **Date: 08.11.2019**

### NOTIFICATION

ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନର ଅଧ୍ୟକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୦୨୦ ମସିହାର ଉପଶାସ୍ତ୍ରୀ **(Regular/Back/Repeat)** ପରୀକ୍ଷା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କର ଆବେଦନ ପତ୍ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ପୂରଣ କରାଯିବ। ଏଥି ନିମନ୍ତେ ନିୟମିତ (Regular) ଛାତ୍ରଛାତ୍ରୀମାନେ e-admission ମାଧ୍ୟମରେ ନାମ ଲେଖାଇ ପଞ୍ଜୀକରଣ (Registration) କରିଥିବା ବାଧ୍ୟତା ମୂଳକ ଅଟେ।

ଅନୁଷ୍ଠାନର ଅଧ୍ୟକ୍ଷମାନେ ନିର୍ଦ୍ଧାରିତ ଫର୍ମ ଓ ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟର Website: **www.sjsv.nic.in** ରୁ download କରି ନିର୍ଦ୍ଦେଶ ଅନୁଯାୟୀ ପୂରଣକରିବା ପୂର୍ବକ ଆବଶ୍ୟକୀୟ ଦେୟ ସହିତ (Bank Draft drawn in favour of Comptroller of Finance, S.J.S.V., Puri) ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାଖଲ କରିବେ।

ଫର୍ମ ପୂରଣ କରିବା ପୂର୍ବରୁ କଲେଜ୍ କର୍ତ୍ତୃପକ୍ଷ ନିୟମିତ ଛାତ୍ରଛାତ୍ରୀମାନଙ୍କର Registration No. ବିଶ୍ୱବିଦ୍ୟାଳୟ Website: **www.sjsv.nic.in** ରୁ download କରିପାରିବେ। ପୂରଣ ହୋଇଥିବା ଆବେଦନପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ନିମ୍ନଲିଖିତ କାଗଜପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

୧. (କ) ସରକାରଙ୍କଠାରୁ ପ୍ରାପ୍ତ Permanment Recognition / Temporary Recognition (୨୦୨୦ ମସିହା ପରୀକ୍ଷା ନିମନ୍ତେ) ସମ୍ପର୍କିତ ଆଦେଶର ନକଲ।
(ଖ) e-admission ଜରିଆରେ ପ୍ରାପ୍ତ ହୋଇଥିବା ପଞ୍ଜୀକରଣ ତାଲିକାର ନକଲ।
(ଗ) Registration Fee ଦାଖଲ କରିଥିବାର ପ୍ରମାଣ।
(ଘ) N.S.S. ଦେୟ ଦାଖଲ କରାଯାଇଥିବା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟର N.S.S. wing ରୁ ପ୍ରାପ୍ତ Clearance Certificate ର ନକଲ।
(ଙ) ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ସହବନ୍ଧନ **(Affiliation)** ସମ୍ପର୍କିତ ପ୍ରମାଣପତ୍ରର ନକଲ।

**ବି.ଦ୍ର .- ଡାକଯୋଗେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।**

**ଉପଶାସ୍ତ୍ରୀ**

୧. ବିଶ୍ୱବିଦ୍ୟାଳୟ Website ରୁ ଆବେଦନ ପତ୍ର download କରିବା ସମୟାବଧି : From dt.13.11.2019 to 17.12.2019
୨. ବିନା ବିଳମ୍ବ ଶୁଳ୍କରେ ଆବେଦନପତ୍ର ପୂରଣକରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.02.12.2019 to 06.12.2019
୩. ପ୍ରଥମ ବିଳମ୍ବ ଶୁଳ୍କ ଟ.୫୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.07.12.2019 to 10.12.2019
୪. ଦ୍ୱିତୀୟ ବିଳମ୍ବ ଶୁଳ୍କ ଟ.୧୦୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.11.12.2019 to 13.12.2019
୫. ଶେଷ ବିଳମ୍ବ ଶୁଳ୍କ ଟ.୨୦୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.16.12.2019 to 17.12.2019
୬. ବିଶ୍ୱବିଦ୍ୟାଳୟରେ ଜିଲ୍ଲାୱାରୀ ଦାଖଲ କରିବା ତାରିଖ : From dt.19.12.2019 to 30.12.2019

**ବି.ଦ୍ର.-** ପୂରଣ ହୋଇଥିବା ଆବେଦନପତ୍ର ପରୀକ୍ଷାଶୁଳ୍କ ସହିତ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଜିଲ୍ଲାୱାରୀ ଦାଖଲ କରିବାର ତାରିଖ ତଥା ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ ବିଶ୍ୱ ବିଦ୍ୟାଳୟ ବିଜ୍ଞାପନ ଫଳକ / Website.www.sjsv.nic.in ରେ ଉପଲବ୍ଧ।

**ସ୍ୱା./- ପରୀକ୍ଷା ନିୟନ୍ତ୍ରକ**

## ସଂକ୍ଷେପରେ

### ବାତ୍ୟା ପାଇଁ ପ୍ରଶାସନର ସତର୍କ ସୂଚନା

କୁଆମରା,୮।୧୧(ଡି.ଏନ୍.ଏ.)- ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ବୁଲ୍‌ବୁଲ୍‌କୁ ନେଇ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ବ୍ଲକ ଅଧୀନ ମୋଟ ୧୩ଟି ପଞ୍ଚାୟତ ମଧ୍ୟରୁ ସାଇଁକୁଲା, ଜୟପୁର ଓ ପଶୁଦା ଆଦି ୩ଟି ପଞ୍ଚାୟତ ବନ୍ୟା ପ୍ଲାବିତ ଅଞ୍ଚଳ ହୋଇଥିବାରୁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଶନିବାର ଓ ରବିବାର ଦୁଇ ଦିନ ସତର୍କ ରହିବା ପାଇଁ ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଲୋକମାନଙ୍କୁ କୁହାଯାଇଛି। ବାତ୍ୟାର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତ ଥିବା ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ କହିଛନ୍ତି। ଆସନ୍ତା ଦୁଇ ଦିନ ଲୋକମାନଙ୍କ ସୁରକ୍ଷା ନିମନ୍ତେ ସ୍ଥାନୀୟ ସ୍କୁଲ ଗୃହ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୪ ଲୁଟେରା ଅଟକ

ବାରିପଦା ଅଫିସ,୮।୧୧- ବାରିପଦା ଟାଉନ ଥାନା ସମେତ ବିଭିନ୍ନ ଥାନା ଅଞ୍ଚଳରେ ଲୁଟ ଓ ଛିନତାଇ ମାମଲା ବୃଦ୍ଧି ପାଇଛି। ଏହି ଘଟଣା ପୋଲିସର ଚିନ୍ତା ବଢ଼ାଇ ଦେଇଛି। ପୋଲିସ ଏହି ମାମଲାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଟାଉନ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ସମ୍ପର୍କରେ ପୋଲିସ କିଛି ତଥ୍ୟ ଦେଉ ନ ଥିଲେ ମଧ୍ୟ ଅପରାଧୀମାନେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଉଦଳା ଥାନା ଅଞ୍ଚଳର ବୋଲି କୁହାଯାଉଛି। ଏହି ଗ୍ୟାଙ୍ଗ ସୁନା ଲୁଟ କରିବା ପରେ ତାହାକୁ ତରଲାଇ ବିକ୍ରୟ ବିକ୍ରୟ କରୁଥିବା ପୋଲିସ ତଦନ୍ତ ବେଳେ ଜାଣିପାରିଛି।

# ବାରିପଦା ସହରରେ କୁଢ଼ କୁଢ଼ ମଇଳା

ବାରିପଦା ଅଫିସ,୮।୧୧

ଉତ୍ତର ଓଡ଼ିଶାର ସଂସ୍କୃତିକ ପ୍ରାଣକେନ୍ଦ୍ର ତଥା ପର୍ଯ୍ୟଟନ କ୍ଷେତ୍ର ମୟୂରଭଞ୍ଜ ଜିଲାର ବାରିପଦାକୁ ବିଭିନ୍ନ ସମୟରେ ବାହାରୁ ଲୋକେ ଆସି ସହରର ସଫେଇ କାର୍ଯ୍ୟ ଓ ପରିବେଶକୁ ପ୍ରଶଂସା କରି ଫେରନ୍ତି। ଏହାସହିତ ସଫେଇ କ୍ଷେତ୍ରରେ ବାରିପଦା ସହରକୁ ରାଜ୍ୟ ସରକାର ବିଭିନ୍ନ ସମୟରେ ପୁରସ୍କୃତ କରି ଉଚ୍ଚ ପ୍ରଶଂସା କରିଛନ୍ତି। ହେଲେ ଏହି ପରିସ୍ଥିତିକୁ ବାରିପଦା ପୌର ପରିଷଦ ବଜାୟ ରଖି ପାରିନାହିଁ। ସହରର ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ପ୍ରତି ପୌର କର୍ତ୍ତୃପକ୍ଷଙ୍କ ଲଗାମ ନ ଥିବାରୁ ସଫେଇ ସଂସ୍ଥା ମଧ୍ୟ ଠିକ ଭାବେ ସହରର ସଫେଇ କାର୍ଯ୍ୟ କରୁନାହିଁ। ପୌର ପରିଷଦ ସହିତ ସଫେଇ ସଂସ୍ଥା କରିଥିବା ଚୁକ୍ତି ମୁତାବକ ମଧ୍ୟ କାର୍ଯ୍ୟ ହେଉନାହିଁ ବୋଲି ଅଣରାଜନୈତିକ ସାମାଜିକ ସଂଗଠନ ଭଞ୍ଜସେନା ପକ୍ଷରୁ ଅଭିଯୋଗ କରାଯାଇଛି। ସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲା ପ୍ରଶାସନ ଓ ପୌର କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅଭିଯୋଗେ କରିବା ସହିତ ସହରକୁ ଠିକ ଭାବେ ସଫେଇ କାରିବା ସହିତ ଚୁକ୍ତିକୁ ଅଣଦେଖା କରୁଥିବା ସଂସ୍ଥା ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ସେନା ପକ୍ଷରୁ କରାଯାଇଥିବା ଅଭିଯୋଗ ମୁତାବକ ସହର ସଫେଇ ପାଇଁ ୨୩୬ ଜଣ କର୍ମଚାରୀ ଆବଶ୍ୟକ ହେଉଥିବା ବେଳେ କମ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଏହି କାର୍ଯ୍ୟ କରାଯାଉଛି। ଫଳରେ ସାଫେଇ କାର୍ଯ୍ୟ ଠିକ ଭାବେ ହୋଇ ପାରୁନାହିଁ। ସଫେଇ କର୍ମଚାରୀଙ୍କ ପାଇଁ ବାୟୋମ୍ୟାଟ୍ରିକ୍ସ ଉପସ୍ଥାନ ବ୍ୟବସ୍ଥା ରହିବା କଥା। ଏହା ଫଳରେ ସଫେଇ କର୍ମଚାରୀଙ୍କ ଉପସ୍ଥିତି ଓ କାର୍ଯ୍ୟ ସମ୍ପର୍କରେ ଜଣାପଡିବ। ହେଲେ ସଂସ୍ଥା ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଚୁକ୍ତି ମୁତାବକ ସମସ୍ତ ୱାର୍ଡରେ ଟ୍ରଲି ସାଇକେଲ ଦ୍ୱାରା ୨ ଓଳି ସଫେଇ କର୍ମଚାରୀମାନେ ଘରକୁ ଘର ଯାଇ ଅଳିଆ ସଂଗ୍ରହ କରିବେ। ହେଲେ ଏହା ହେଉନାହିଁ। ସେହିପରି ସଫେଇ କାର୍ଯ୍ୟରେ ୧୬ ଟି ଏଲସିଭି ଗାଡି, ୪ଟି ଟ୍ରାକ୍ଟର ଓ ୫୧ଟି ଠେଲା ଗାଡ଼ି ରହିବା ଜରୁରି। ହେଲେ ସଂସ୍ଥା ନିକଟରେ ଆବଶ୍ୟକ ସଂଖ୍ୟକ ଗାଡ଼ି ନ ଥିବାରୁ ସଫେଇ କାର୍ଯ୍ୟରେ ବାଧା ଉପୁଜୁଛି। ସପ୍ତାହର ୭ ଦିନ ଦୁଇ ଓଳି ସଫେଇ କାର୍ଯ୍ୟ କରିବାକୁ ଚୁକ୍ତି ହୋଇଥିବା ବେଳେ କେବଳ ରବିବାର ଦିନ ହିଁ କିଛି ସ୍ଥାନରେ ଦୁଇ ଓଳି ସଫେଇ କାର୍ଯ୍ୟ କରାଯାଉଛି।

ସେହିପରି ସଂସ୍ଥା ପକ୍ଷରୁ ସଫେଇ କର୍ମଚାରୀମାନଙ୍କୁ ଆନୁସଙ୍ଗିକ ସୁରକ୍ଷା ସାମଗ୍ରୀ ପ୍ରଦାନ କରାଯାଇ ନ ଥିବାରୁ ସେମାନେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି। ଏହା ଯୋଗୁଁ ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ପଡ଼ି ରହୁଛି। ଏଠାକୁ ଆସୁଥିବା ବାହାର ଅଞ୍ଚଳର ଲୋକ ଖରାପ ଅନୁଭୂତି ନେଇ ଫେରୁଥିବା ବେଳେ ସ୍ଥାନୀୟ ଲୋକେ ବିଭିନ୍ନ ରୋଗରେ ପଡିବାର ସମ୍ଭାବନା ରହିଛି। ଏଣୁ ଚୁକ୍ତିକୁ ମାନୁ ନ ଥିବା ସଂସ୍ଥା ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ସହିତ ସହରର ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସହରକୁ ପୁରୁଣା ସ୍ଥିତିକୁ ଫେରାଇ ଆଣିବାକୁ ସେନା ଦାବି କରିଛି। ଏହି ପ୍ରତିନିଧି ଦଳରେ ଭଞ୍ଜସେନାର ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ସାଧାରଣ ସମ୍ପାଦକ ମାନସ ବେହେରା, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସମ୍ପାଦକ ଦୀପକ, ରାକେଶ ମହାନ୍ତି, ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସହର ଉପ ସଭାପତି ସେଖ ରାଜା ଖାନ, ଛାତ୍ରନେତା ରବିନ୍ଦ୍ର ସାହୁ, ଦୀପକ ସିଂ, ଆଲୋକ ବେହେରା, ବିକାଶ ସିଂ, ରଞ୍ଜନ ସିଂ, ସଞ୍ଜୟ ମାହାର୍ଣ୍ଣ, ସତ୍ୟନାରାୟଣ ସିଂ, ଲିଟୁ ମହାନ୍ତ, ଆକୁଳ ଦାସ ପ୍ରମୁଖ ସାମିଲ ଥିଲେ।



ଜିଲାପାଳଙ୍କଠାରେ ଅଭିଯୋଗ କରିବାକୁ ଆସିଥିବା ଭଞ୍ଜସେନାର ପ୍ରତିନିଧି ଦଳ।

- ଚୁକ୍ତି ଅନୁସାରେ ସଫେଇ କରୁନି ଟେଣ୍ଡର ନେଇଥିବା ସଂସ୍ଥା
- ପ୍ରଶାସନର ଦ୍ୱାରସ୍ଥ ହେଲା ସାମାଜିକ ସଂଗଠନ

# କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଧାନସଭା ଷ୍ଟାଣ୍ଡିଂ କମିଟି

ଠାକୁରମୁଣ୍ଡା ,୮।୧୧(ଡି.ଏନ୍.ଏ.)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଯୋଜନାର ଅନୁଧ୍ୟାନ ଓ ସମୀକ୍ଷା କରିବା ନିମନ୍ତେ ମୟୂରଭଞ୍ଜ ଜିଲା ଗସ୍ତର ଶେଷ ଦିନରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ପ୍ରତିନିଧିମାନେ ଗୁରୁବାର ସନ୍ଧ୍ୟାରେ କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ସମୀକ୍ଷା ବୈଠକ କରି ଥିଲେ।

ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ସମେତ ବିଧାୟକ ସୁଧାଂଶୁ ଶେଖର ପରିଡା, ବିଧାୟିକା ବାସନ୍ତୀ ହେମ୍ବ୍ରମ, କୁସୁମ ଟେଟେ, ମିନାକ୍ଷୀ ମହାନ୍ତ ପ୍ରମୁଖ ଜିଲାର ବିଶୋଇ, ରାଇରଙ୍ଗପୁର, ଯଶିପୁର ଡାକ୍ତରଖାନା ପରିଦର୍ଶନ କରି କରଞ୍ଜିଆ ଆସିବା ବାଟରେ ତାଟୋ ସ୍ୱାସ୍ଥ୍ୟକେନ୍ଦ୍ର ଓ କୁଲୁଳିଆଠାରେ ଥିବା ସମଜସେବୀ କଂଗ୍ରେସ ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ସେବାଶ୍ରମ ପରିଦର୍ଶନ କରିଥିଲେ। ପରେ ସନ୍ଧ୍ୟା ୭ଟା ବେଳେ କରଞ୍ଜିଆ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପ୍ରତିନିଧି ମଣ୍ଡଳୀ ଡାକ୍ତରଖାନାର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। ଏହି ସମୟରେ ଉପଜିଲାପାଳ ଦୁଃଖବନ୍ଧୁ ନାଏକ, ଆସିଷ୍ଟାଣ୍ଟ କଲେକ୍ଟର ମନ୍ମଥ ମଲ୍ଲିକ, ଚିକିତ୍ସାଳୟର ଅଧୀକ୍ଷକ କ୍ଷେତ୍ରବାସୀ ଦାଶ, ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ। କମିଟିର ଅଧ୍ୟକ୍ଷ ବିଧାୟକ ପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ବୈଠକରେ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ଦଳର ନେତା, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ନର୍ସ ନ ଥିବା, ନିରାମୟ ଯୋଜନାରେ ରୋଗୀମାନଙ୍କୁ ଔଷଧ ଦିଆ ନ ଯାଇ ବାହାରୁ କିଣିବାକୁ କୁହା ଯାଉଥିବା ଅଭିଯୋଗ କରିବା ସହ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ରିପୋର୍ଟ ପ୍ରଦାନ କରିବା କମିଟିର ଉଦ୍ଦେଶ୍ୟ ବୋଲି କମିଟିର ଅଧ୍ୟକ୍ଷ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ସିପିଆଇ ପକ୍ଷରୁ ଉପଜିଲାପାଳ କାର୍ଯ୍ୟାଳୟ ଘେରାଉ

ଠାକୁରମୁଣ୍ଡା,୮।୧୧(ଡି.ଏନ୍.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୂଲ ନୀତି ଯୋଗୁଁ ବର୍ତ୍ତମାନ ଦେଖାଦେଇଥିବା ବିଭିନ୍ନ ପ୍ରକାର ସମସ୍ୟା ବିରୋଧରେ ଶୁକ୍ରବାର କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କରଞ୍ଜିଆ ମିଳନ ପଡ଼ିଆଠାରୁ ଦଳର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଶଙ୍କର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସହ ସମ୍ପାଦକ ଡା. ପ୍ରଶାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଦାସ ,ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଅଜିତ ବାରିକ,କଳ୍ପନା ମହାନ୍ତ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ଦେଖା ଦେଇଥିବା ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରି ନ ପାରିବା ସହିତ ପ୍ରତି ପରିବାରକୁ ପାନୀୟ ଜଳଯୋଗାଣ, ଏନଆରଇଜିଏସ ଯୋଜନାରେ ଗ୍ରାମୀଣ ଶ୍ରମିକଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା,ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକର ଘରେଇ କରଣ ବନ୍ଦ, ଧାନ କୁଇଣ୍ଟାଲ ୩ ହଜାର ଟଙ୍କା ରଖାଯିବା, ପାଞ୍ଚପୀଢ଼ ଉପଖଣ୍ଡ ଅଞ୍ଚଳରେ ରେଳ ପଥ ନିର୍ମାଣ, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବା, ଉନ୍ନତମାନର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗ୍ରହଣ କରାଯିବା ପ୍ରଭୃତି ଦାବି କରାଯାଇଥିଲା। ଆସନ୍ତା ଜାନୁୟାରୀ ମାସ ୮ ତାରିଖ ଦିନ ଭାରତ ବନ୍ଦ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

# ଠିକାଦାର ମହାସଂଘ ଆନ୍ଦୋଳନକୁ ସମର୍ଥନ

ଉଦଳା,୮।୧୧(ଡି.ଏନ୍.ଏ.)

୧୦ ଦଫା ଦାବି ନେଇ ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତିକୁ ଉଦଳା ଠିକାଦାର ସଂଘ ସମର୍ଥନ ଜଣାଇଛି। ଏଥିନେଇ ଶୁକ୍ରବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ବୈଠକର ଆୟୋଜନ କରାଯାଇଥିଲା । ଉଦଳା ଠିକାଦାର ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ନନ୍ଦକିଶୋର ବିନ୍ଧାଣୀ, ଅଶୋକ କୁମାର ଦାସଙ୍କ ସମେତ ସମସ୍ତ ଠିକାଦାର ଯୋଗ ଦେଇଥିଲେ । ୧୦ ଦଫା ଦାବି ନେଇ ନିଖିଳ ଓଡ଼ିଶା ଠିକାଦାର ମହାସଂଘ ଦେଇଥିବା କାର୍ଯ୍ୟ ବନ୍ଦ ଡାକରାକୁ ଉଦଳା ଠିକାଦାର ସଂଘ ସମର୍ଥନ କରୁଥିବା ସୂଚନା ପ୍ରଦାନ କରାଯାଇଥିଲା । ଫଳରେ କପ୍ତିପଦା ଉପଖଣ୍ଡରେ ସମସ୍ତ ଠିକାଦାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଠିକାଦାରମାନେ ଚେତାବନୀ ଦେଇଛନ୍ତି ।

# କୁଳପତିଙ୍କ ପ୍ରତିଶ୍ରୁତି ପରେ ଛାତ୍ରଙ୍କ ଅନଶନ ପ୍ରତ୍ୟାହୃତ

ବାରିପଦା ଅଫିସ,୮।୧୧


କୁଳପତି ଛାତ୍ରମାନଙ୍କୁ ଚିଠି ପ୍ରଦାନ କରୁଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ କୁମାର ଚାନ୍ଦଙ୍କ ଲିଖିତ ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀମାନେ ଅନଶନରୁ ଉଠିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବୁଧବାର ବିଶ୍ୱବିଦ୍ୟାଳୟର ପ୍ରଥମ ବର୍ଷର ପରୀକ୍ଷା ଫି' ୭୪୦ ଟଙ୍କା ରଖାଯାଇଥିବା ବେଳେ ଦ୍ୱିତୀୟ ବର୍ଷର ଫି' କିନ୍ତୁ ୩୯୦ ଟଙ୍କା ରଖାଯାଇଛି। ଏହି ଫି' କୁ କମାଇବା ପାଇଁ ଛାତ୍ର ନେତା ଚିତେଶ୍ୱର ବେହେରାଙ୍କ ନେତୃତ୍ୱରେ ଛାତ୍ରନେତା ମନୀଷ ଗିରି, ଆକାଶ ମହାନ୍ତି, ଅସଲାମ ମହମ୍ମଦ, ଲୋକନାଥ ମହାନ୍ତ, ରାଜେଶ ସାହୁ, ରାଜକିଶୋର ସ୍ୱାଇଁ, ସମୀର ଲେଙ୍କା, ଗୁଣନିଧୀ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ। କର୍ତ୍ତୃପକ୍ଷ କିଛି ନ ଶୁଣିବାରୁ ସେମାନେ ଗୁରୁବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଥିଲେ। ଶୁକ୍ରବାର ସନ୍ଧ୍ୟାରେ କୁଳପତି ଚାନ୍ଦ ଛାତ୍ରମାନଙ୍କ ସହିତ ଆଲୋଚନା କରି ପରୀକ୍ଷା ଫି' କମାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ କୁଳାଧିପତିଙ୍କ ପ୍ରିନ୍ସିପାଲ ସେକ୍ରେଟେରୀଙ୍କୁ ପତ୍ର ଲେଖିଥିବା ଜଣାଇବା ପରେ ଛାତ୍ରମାନେ ଆମରଣ ଅନସନରୁ ହଟିଥିଲେ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'


କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବାରିପଦା ଅଫିସ,୮।୧୧

ବାରିପଦା ମୁର୍ଗାବାଡ଼ିସ୍ଥିତ ଶହୀଦ ସ୍ମୃତି ଭବନଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ଧ୍ରୁବଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ବିବେକାନନ୍ଦ ସାହୁ, ସିନେ ତାରକା ସ୍ୱରାଜ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ମୁଖ୍ୟଅତିଥି, ସମ୍ମାନନୀୟ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶହୀଦ ସ୍ମୃତି ଭବନ ପ୍ରାଙ୍ଗଣରେ ମଧ୍ୟାହ୍ନଭୋଜନ ସମ୍ପର୍କିତ ଚାରୁକଳା ଓ ଶିଳ୍ପକଳା ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ପରିବେଶ ସୁରକ୍ଷା ସମ୍ପର୍କିତ ଏକ ଚିତ୍ର ଗ୍ୟାଲେରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଶିଶୁ ମହୋତ୍ସବରେ ଜିଲାର ୨୬ଟି ବ୍ଲକରୁ କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସଂଯୋଜକ ସପନ କୁମାର ପୃଷ୍ଟି, ମାନସ କୁମାର ସ୍ୱାଇଁ, ନିରଞ୍ଜନ ନାୟକ, ଶୈଳବାଳା ବେହେରା, ଅଶ୍ୱିନୀ କୁମାର ସିଂ, ରାଜେଶ କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡ.ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା, ଶିକ୍ଷକ ହରେନ୍ଦ୍ର ମହାନ୍ତ, ସତ୍ୟନାରାୟଣ ନାୟକ, ସୋମନାଥ ସିଂ, ମିନର୍ଭା ଦାଶ, ମୌସୁମୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଜିଲାସ୍ତରରେ କୃତୀ ପ୍ରତିଯୋଗୀମାନେ ଶିଶୁ ଦିବସରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି-୨୦୧୯ରେ ଭାଗ ନେବେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Concept to Commissioning FOX Since 1995
WALK IN INTERVIEW
Bhubaneshwar: 9th Nov 2019 (Saturday)
Reporting: 09.00 am to 2pm.
VENUE:FOX Solutions, Office No.527, 5th Floor, Esplanade Mall, Puri - Cuttack Rd, Rasulgarh Bhubaneswar-751010, India. Tel : ++91-674-2549504
If you are looking for Challenge, Growth, and Rewards...And have what it needs A brilliant career awaits you at "FOX" Make a career in Industrial Automation with India's biggest SIEMENS System Integrator. Work with the industry experts in PLCs, Drives & DCS.
EDUCATIONAL QUALIFICATION:
B.E / B.Tech/MSc. (E&I/Electronics/Instrumentation/Electrical) and with domain knowledge of Automation systems are invited for career :
JOB LOCATION:BUB, Raigarh, Pune, Delhi,Silvassa & KOL
1. Executive Sales –4 Positions (Code: EG2-MKT)
Candidates with Sales experience 2 to 5years in Industrial Automation
2. Executive Projects -15 Positions (Code: PRJ-EG2)
Candidates with experience 2 to 5years in Software Development, Commissioning & troubleshooting of PLCs, Drives, SCADA & DCS System in Large size projects with Team members.
*CANDIDATE who had attended interview in previous 6 months in FOX are not eligible to attend the walk in interview.
* Those are not able to attend but interested can send their resume on below email jobs@foxindia.net. Mention subject line as- "Position Code".
Website: www.foxindia.net, Email: jobs@foxindia.net

WALK IN INTERVIEW
A well established real estate company based at Bhubaneswar requires-
1. RECEPTIONIST: 2 Nos. Graduate with good looking and pleasing personality. Fluency in English / Hindi.
2. Manager Marketing (M/F): 10 Nos. Qualification: Graduate having 5 years exp. in realestate / FMCG / Insurance business.
Contact: SKY LINE ESTCON PVT. LTD.
9/A, Kharvel Nagar, Backside of Hotel Swosti, BBSR-1
0674-2530079, Mob: 7978500483,
Email: info@skylinebbsr.com
N.B: Salary best in Industry.
Date of Interview: 7th, 9th & 10th November, 2019 (10 am-5 pm).

IBPS
ବ୍ୟାଙ୍କିଙ୍ଗ କାର୍ମିକ ଚୟନ ସଂସ୍ଥା
ୱେବସାଇଟ: www.ibps.in
ପ୍ରଶ୍ନ/ଅଭିଯୋଗ ମାମଲାରେ ଦୟାକରି http://cgrs.ibps.in/ ରେ ଲଗଇନ୍ କରନ୍ତୁ
ଅଂଶଗ୍ରହଣକାରୀ ଅନୁଷ୍ଠାନ ଗୁଡ଼ିକରେ ସ୍ୱତନ୍ତ୍ର ଅଫିସରଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରଣାଳୀ - (ସିଆରପି ଏସପିଏଲ-IX)
ଅଂଶଗ୍ରହଣକାରୀ ସଂଗଠନ ଗୁଡ଼ିକରେ ନିମ୍ନରେ ତାଲିକାଭୁକ୍ତ ବିଶେଷଜ୍ଞ ଅଧିକାରୀ ମାନଙ୍କ କ୍ୟାଡର ପଦବୀ ଗୁଡ଼ିକରେ ପ୍ରାର୍ଥୀ ଚୟନ ପାଇଁ ଆଗାମୀ ସାଧାରଣ ଭର୍ତ୍ତି ପ୍ରକ୍ରିୟା (ସିଆରପି) ପାଇଁ ଅନଲାଇନ ପରୀକ୍ଷା (ପ୍ରିଲିମିନାରୀ ଏବଂ ମେନ୍) ଡିସେମ୍ବର ୨୦୧୯/ଜାନୁଆରୀ ୨୦୨୦ରେ ଅସ୍ଥାୟୀ ଭାବେ ନିର୍ଦ୍ଧାରିତ କରାଯାଇଛି ।

| କ୍ରମିକ ସଂଖ୍ୟା | ପଦବୀ | କ୍ରମିକ ସଂଖ୍ୟା | ପଦବୀ |
|---|---|---|---|
| ୦୧ | ଆଇ.ଟି ଅଫିସର୍ (ସ୍କେଲ – I) | ୦୪ | ଲ' ଅଫିସର୍ (ସ୍କେଲ – I) |
| ୦୨ | ଏଗ୍ରିକଲ୍ଚରାଲ ଅଫିସର୍ (ସ୍କେଲ – I) | ୦୫ | ମାନବସମ୍ବଳ/ପର୍ସୋନେଲ ଅଫିସର୍ (ସ୍କେଲ – I) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ – I) | ୦୬ | ମାର୍କେଟିଂ ଅଫିସର୍ (ସ୍କେଲ – I) |

କାର୍ଯ୍ୟସୂଚୀର ଅସ୍ଥାୟୀ ଅନୁସୂଚୀ ଏହି ପ୍ରକାର ଅଟେ:

| କାର୍ଯ୍ୟକ୍ରମ | ଅସ୍ଥାୟୀ ତାରିଖ |
|---|---|
| ନିବେଦକଙ୍କ ଦ୍ୱାରା ଆବେଦନ ସମ୍ପାଦନ/ସଂଶୋଧନ ସହିତ ଅନଲାଇନ ପଞ୍ଜୀକରଣ | ୦୬.୧୧.୨୦୧୯– ୨୬.୧୧.୨୦୧୯ |
| ଆବେଦନ ଶୁଳ୍କ ପୈଠ/ସୂଚନା ଶୁଳ୍କ (ଅନଲାଇନ) | ୦୬.୧୧.୨୦୧୯– ୨୬.୧୧.୨୦୧୯ |
| ଅନଲାଇନ ପରୀକ୍ଷା ପାଇଁ କଲ୍ ଲେଟର ଡାଉନଲୋଡ କରନ୍ତୁ – ପ୍ରିଲିମିନାରୀ | ଡିସେମ୍ବର ୨୦୧୯ |
| ଅନଲାଇନ ପରୀକ୍ଷା - ପ୍ରିଲିମିନାରୀ | ୨୮.୧୨.୨୦୧୯ ଏବଂ ୨୯.୧୨.୨୦୧୯ |
| ଅନଲାଇନ ପରୀକ୍ଷାର ପରିଣାମ – ପ୍ରିଲିମିନାରୀ | ଜାନୁଆରୀ ୨୦୨୦ |
| ଅନଲାଇନ ପରୀକ୍ଷା ପାଇଁ କଲ୍ ଲେଟର ଡାଉନଲୋଡ-ମେନ୍ | ଜାନୁଆରୀ ୨୦୨୦ |
| ଅନଲାଇନ ପରୀକ୍ଷା - ମେନ୍ | ୨୫.୦୧.୨୦୨୦ |
| ଅନଲାଇନ ମେନ ପରୀକ୍ଷାର ଫଳାଫଳ ଘୋଷଣା | ଫେବୃଆରୀ ୨୦୨୦ |
| ଇଣ୍ଟରଭ୍ୟୁ ପାଇଁ କଲ୍ ଲେଟର ଡାଉନଲୋଡ | ଫେବୃଆରୀ ୨୦୨୦ |
| ଇଣ୍ଟରଭ୍ୟୁ ପରିଚାଳନା | ଫେବୃଆରୀ ୨୦୨୦ |
| ପ୍ରୋଭିଜନାଲ ଆବଣ୍ଟନ | ଏପ୍ରିଲ ୨୦୨୦ |

ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ନିୟମିତ ଭାବେ ସମ୍ପର୍କରେ ରହିବା ପାଇଁ ଆଇବିପିଏସର ଅଧିକାରିକ ୱେବସାଇଟ www.ibps.in କୁ ଯାଆନ୍ତୁ ।
ଅନଲାଇନ ପଞ୍ଜୀକରଣ ପୂର୍ବରୁ ଆବେଦନକାରୀ ବିସ୍ତୃତ ଭାବେ ଅଧିସୂଚନା ପଢ଼ିବା ଏବଂ ସେଥିରେ ଉଲ୍ଲେଖ ନିର୍ଦ୍ଦେଶ ଗୁଡ଼ିକ ପାଳନ କରିବା ପାଇଁ ପରାମର୍ଶ କରାଯାଉଛି ।
ମୁମ୍ବାଇ
ତାରିଖ: ୦୫/୧୧/୨୦୧୯
ନିର୍ଦ୍ଦେଶକ
ଆଇବିପିଏସ

See Career Appointment on every Wednesday & Saturday

WALK-IN-INTERVIEW
CTTC-Bhubaneswar urgently requires suitable & experienced candidates for filling up the following positions purely on contract basis:
1. Faculty for Soft Skill (No. of vacancies : 01)
Qualification : Essential : Bachelor Degree in any stream. Preferable : Certificate Course in Spoken English/Personality Development/Interview Technique / ITAC certified & ESOP certified. Desirable : Excellent Communication Skill (Both Verbal & Written)
Experience : Essential : Minimum 1 year experience as soft skill & Communication Trainer Preferable : Candidates working as trainers in DDUGKY PIAs (Project Implementing Agencies). Age : Maximum 32 years as on date of advertisement.
2. Faculty of SAP Business One (No. of vacancies : 01)
Qualification : Essential : Bachelor Degree in any stream. Preferable: MBA (Fi / Opertion / Lotistic). Desirable : Excellent Communication Skill (Both Verbal & Written) Experience : Essential : Minimum 1 year. Age : Maximum 32 years as on date of advertisement.
3. Accounts Assistant (No. of vacancies : 02)
Qualification : Essential : Bachelor Degree in Commerce (B.Com) with minimum 50% marks in aggregate. Preferable : Proficiency in MS Office and Tally. Excellent Communication Skill (Both Verbal & Written). Experience : Essential : Minimum 1 year. Age: Maximum 32 years as on date of advertisement.
Salary will be commensurated with qualification and experience for all the above positions.
Date of Interview : 13th Nov 2019 (Wednesday)
Reporting Time : 9 am to 10.30 am
The interested candidates may appear before the selection committee with updated CV pasted with passport size photograph, original academic & experience certificates, mark sheets, experience certificate with attested photocopy of each of it. No TA/DA would be provided for attending the interview. The candidates not fulfilling eligibility criteria wouldn't be considered for selection process.
CENTRAL TOOL ROOM & TRAINING CENTRE
(Ministry of Micro, Small & Medium Enterprises, Govt. of India)
B-36, Chandaka Industrial Area, Bhubaneswar - 751024,Odisha
Mob.7788836660 / 9437965670, Ph. No.- (0674) 3011735, Fax : 3011750
E-mail : placement@cttc.gov.in, Website: www.cttc.gov.in

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଆବଶ୍ୟକ ''ଡିମାଣ୍ଡ ମସଲା'' ଏବଂ ''ଡିମାଣ୍ଡ ବଜାର'' କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ/ପଞ୍ଚାୟତ ସ୍ତରୀୟ ଉଭୟ ପୁରୁଷ/ମହିଳା Stockist, Distributor, Business Development Manager, Sales Officer ଆବଶ୍ୟକ। ଦରମା: ଟ. ୧୦,୦୦୦/– ରୁ ଟ.୨୦,୦୦୦/– + ବୋନସ୍। ଶିକ୍ଷାଗତ ଯୋଗ୍ୟତା: ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ତଦୂର୍ଦ୍ଧ୍ୱ।
9938826988, 7064545450, 8338055696

WANTED The followings for our Office around Cuttack.
- OFFICE ASSISTANT (Computer Knowledge)
- FIELD SUPERVISORS (For Steel Industries)
CONTACT:-
9437496020, 9437021279

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକଚର କନ୍‌ଷ୍ଟ୍ରକସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

Railway Job
- Petty Repair (ITI) Rs.14000/-
- Supervisor (+2,+3) : Rs.14000/-
- Bad Roll (10th) : Rs.12000/-
- House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

ମାସକୁ ରୋଜଗାର Rs. 30,000/- ରୁ 50,000/-
Training ! ଟ୍ରେନିଙ୍ଗ୍ !! ଟ୍ରେନିଙ୍ଗ୍ !!!
AC, Fridge (ଫ୍ରିଜ୍), Washing Machine (ୱାସିଙ୍ଗ୍ ମେସିନ୍), Repair Training (ମରାମତି ଟ୍ରେନିଙ୍ଗ୍) ଏହାସହିତ (Aqua Filter Repair Training Free) ରେ ଦିଆଯିବ।
WhatsApp: 7504825560
90% ପ୍ରାକ୍ଟିକାଲ Training ଦିଆଯିବ

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

| Dollar | Sensex | Nifty | Gold | Silver |
|---|---|---|---|---|
| 71.28 (31) | ↓ 330.13 40,323.61 | ↓ 103.90 11,908.15 | ↓ ₹196 38,706.00 | ↓ ₹956 45,498.00 |

ରାଜସ୍ୱ ଗୋଇନ୍ଦା ଅଧିକାରୀମାନେ ଟିକସଦାତାଙ୍କ ପ୍ରତି ଫାସିଲିଟେଟର ଭାବେ କାର୍ଯ୍ୟ କରିବା ଆବଶ୍ୟକ।
– ନିର୍ମଳା ସୀତାରାମନ, ଅର୍ଥ ମନ୍ତ୍ରୀ



ବିପିସିଏଲ୍ ଘରୋଇକରଣ ନେଇ ସରକାରଙ୍କ ପକ୍ଷରୁ କୌଣସି ସ୍ୱଷ୍ଟ ପ୍ରସ୍ତାବ ଏଯାଏ ଲାଭ କରିନାହୁଁ।
– ଏନ୍. ବିଜୟଗୋପାଳ, ବିପିସିଏଲ୍ ବିତ୍ତ ନିର୍ଦ୍ଦେଶକ



## ସଂକ୍ଷେପରେ

### ଏନ୍ଇଏଫ୍ଟି ନେଣଦେଣ ଉପରେ ଚାର୍ଜ ଲାଗିବନି

**ମୁମ୍ବାଇ,୮-୧୧:** ନ୍ୟାଶନାଲ ଇଲେକଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର (ଏନ୍ଇଏଫ୍ଟି) ନେଣଦେଣରେ ଆସନ୍ତା ବର୍ଷ ଜାନୁଆରୀ ପହିଲାରୁ ଗ୍ରାହକଙ୍କୁ କୌଣସି ଚାର୍ଜ ଲାଗିବନି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏଭଳି ଏକ ପ୍ରସ୍ତାବ ରଖାଯାଇଛି। ବିମୁଦ୍ରୀକରଣର ତୃତୀୟ ବାର୍ଷୀକି ଅବସରରେ ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା ଲାଗି ରିଜର୍ଭ ବ୍ୟାଙ୍କ ଏଭଳି ଏକ ଯୋଜନା ହାତକୁ ନେଉଛି। ଏ ନେଇ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡିକୁ କହିଛି। ଏହାବାଦ ଫୁଏଲ ଷ୍ଟେଶନ ଏବଂ ପାର୍କିଂ ଦେୟ ପ୍ରଦାନ ଲାଗି ଫାଷ୍ଟାଗ୍ ବ୍ୟବହାର ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱାରୋପ କରିଛି। ଲୋକଙ୍କୁ ଶସକ୍ତ କରିବା ପଦକ୍ଷେପ ମୁତାବକ ଏକ ଅତୁଳନୀୟ ପେମେଣ୍ଟ ଅଭିଜ୍ଞତା ବିକଳ୍ପ ପ୍ରଦାନ ଲାଗି ବ୍ୟାଙ୍କଗୁଡିକୁ ପ୍ରସ୍ତାବ ଦିଆଯାଇଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ନିର୍ଦ୍ଦିଷ୍ଟ ବ୍ୟାଙ୍କଗୁଡିକ ସଞ୍ଚୟ ଖାତା ଆକାଉଣ୍ଟଧାରୀଙ୍କଠାରୁ ଏନ୍ଇଏଫ୍ଟି ନେଣଦେଣ ଉପରେ କୌଣସି ଚାର୍ଜ ନ ନେବାକୁ କୁହାଯାଇଛି। ଜାନୁୟାରୀ ପହିଲାରୁ ଆସେପ୍ଟାନ୍ସ ଡେଭଲପମେଣ୍ଟ ଫଣ୍ଡ କାର୍ଯ୍ୟକ୍ଷମ କରାଇବାକୁ ଯୋଜନା ରହିଛି।

### ୨୦୦୦ ଟଙ୍କିଆ ନୋଟ୍ ବନ୍ଦ ହେଉ: ସୁଭାଷ ଗର୍ଗ

**ନୂଆଦିଲ୍ଲୀ,୮-୧୧:** ବିମୁଦ୍ରୀକରଣକୁ ଏହା ମଧରେ ୩ ବର୍ଷ ପୂରଣ ହୋଇଛି। ବଡ ବଡ ନୋଟଗୁଡିକୁ ଅଚଳ କରିବା ସହ ନୂଆ ନୋଟ ଆଣିଛନ୍ତି। ସରକାର ଆଣିଥିବା ୨୦୦୦ ଟଙ୍କିଆ ନୋଟଗୁଡିକ ଲୋକମାନେ ମହଜୁଦ କରି ରଖୁଥିବା ସରକାରଙ୍କ ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି। ଏଣୁ ଏହି ନୋଟଗୁଡିକୁ ସରକାର ବନ୍ଦ କରି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଦେଶର ଆର୍ଥିକ ବ୍ୟବସ୍ଥାରେ ଏବେ ନଗଦ ପରିମାଣ ପର୍ଯ୍ୟାପ୍ତ ହୋଇଛି। ଲୋକମାନେ ୨ ହଜାର ଟଙ୍କିଆ ନୋଟଗୁଡିକୁ ନିଜ ପାଖରେ ରଖି ଦେଉଥିବା ଏହାର ପ୍ରମାଣ। ସାରା ଦୁନିଆ ଏବେ ଡିଜିଟାଲ ନେଣଦେଣ ଆଡକୁ ଯାଉଛି। ଭାରତ ଏହି ଦିଗରେ ବଢୁଥିଲେ ମଧ ଏହାର ହାର ଧିମା ରହିଛି। ଦେଶର ପ୍ରଚଳିତ ମୋଟ ନୋଟର ମୂଲ୍ୟ ମଧରୁ ପ୍ରାୟ ଏକ ତୃତୀୟାଂଶ ୨୦୦୦ ଟଙ୍କିଆ ରହିଛି। ୨୦୦୦ ଟଙ୍କିଆର ଏକ ପ୍ରମୁଖ ଭାଗ ଏବେ ପ୍ରଚଳନରେ ନାହିଁ। ଏହାକୁ ଲୋକମାନେ ମହଜୁଦ କରି ରଖିଦେଉଛନ୍ତି। ଫଳରେ ନେଣଦେଣ ବେଳେ ୨୦୦୦ ଟଙ୍କିଆ ଦେଖାଯାଉ ନାହିଁ। ଏଣୁ ବିନା କୌଣସି ଅସୁବିଧାରେ ଏହି ନୋଟଗୁଡିକୁ ବନ୍ଦ କରାଯାଇ ପାରିବ। ଏହି ନୋଟଗୁଡିକୁ ବ୍ୟାଙ୍କଖାତାରେ ଜମା କରିବାକୁ କୁହାଗଲେ ଏହା ଭଲ ହେବ ବୋଲି ସେ ମତ ରଖିଛନ୍ତି।

## ଭାରତକୁ ଝଟକା

# କ୍ରେଡିଟ୍ ରେଟିଂ ନକାରାତ୍ମକ ଦର୍ଶାଇଲା ମୁଡିସ୍

**ନୂଆଦିଲ୍ଲୀ,୮-୧୧**

- ବିତ୍ତୀୟ ନିଅଣ୍ଟ ୩.୭% ସ୍ତର ଛୁଇଁବ
- ବିଦେଶୀ ମୁଦ୍ରା ରେଟିଂ ବିଏଏ୨
- ପୂର୍ବରୁ ରେଟିଂ ଷ୍ଟେବଲ୍ ରହିଥିଲା




ଭାରତ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଦେଶର ଅର୍ଥ ବ୍ୟବସ୍ଥାରେ ସ୍ଥିତାବସ୍ଥା ଆଣିବା ଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ଦେଶକୁ ଆଉ ଏକ ଝଟକା ଲାଗିଛି। ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଶୁକ୍ରବାର ଭାରତର କ୍ରେଡିଟ୍ ରେଟିଂ ଆଉଟ୍ଲୁକକୁ ନେଗେଟିଭ୍ (ନକାରାତ୍ମକ) ଦର୍ଶାଇଥିବା ଜଣାପଡିଛି। ସରକାର ଆର୍ଥିକ ଦୁର୍ବଳାବସ୍ଥାକୁ ଠିକ୍ କରିବା ଦିଗରେ ସମ୍ପୂର୍ଣ୍ଣ ସକ୍ଷମ ହୋଇନାହାନ୍ତି। ଅଭିବୃଦ୍ଧି ନିମ୍ନରେ ରହିଥିବାରୁ ଭାରତ ଲାଗି ବିପଦ ବଢୁଥିବା ଏହି ରେଟିଂ କହିଛି। ଏହି ସମୟରେ ଭାରତର ବିଦେଶୀ ମୁଦ୍ରା ରେଟିଂକୁ ବିଏଏ୨ ରଖାଯାଇଛି। ଏହା ଦ୍ୱିତୀୟ ସର୍ବନିମ୍ନ ନିବେଶ ଗ୍ରେଡ୍ ସ୍କୋର। ମାର୍ଚ୍ଚ ୨୦୨୦ ଯାଏ ଭାରତର ବିତ୍ତୀୟ ନିୟଣ୍ଟ ମୋଟ୍ ଜିଡିପିର ୩.୭% ସ୍ତର ଛୁଇଁବ ବୋଲି ଏହା ଆକଳନ କରିଛି। ଦେଶର ବିତ୍ତୀୟ ନିଅଣ୍ଟ ୩.୩% ସ୍ତରରେ ରହିବ ବୋଲି ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ଘରୋଇ ବଜାରର ଜିଡିପି ଅଭିବୃଦ୍ଧି ଧିମା ରହିଥିବା ବେଳେ ସରକାର ଗ୍ରହଣ କରିଥିବା କର୍ପୋରେଟ ଟିକସ ହ୍ରାସ ଭଳି ବିଭିନ୍ନ ପ୍ରସଙ୍ଗ ଯୋଗୁ ରାଜସ୍ୱ କମୁଥିବା କୁହାଯାଉଛି।

ମାନ୍ଦାବସ୍ଥା ବିରୋଧରେ ଲଢିବା ଲାଗି ସରକାରୀ ପଦକ୍ଷେପ ଏବଂ ନୀତି ପର୍ଯ୍ୟାପ୍ତ ହେଉ ନ ଥିବା ବେଳେ ଏହା ଭାରତ ଉପରେ ଋଣ ବୋଝ ଆହୁରି ବଢାଇବ। ସରକାରଙ୍କ ଉପରେ ଏବେ ଋଣ ବୋଝ ରହିଥିବା ବେଳେ ସ୍ଥିତି ବିଗିଡିବ ବୋଲି ମୁଡିସ୍ ଏହାର ପୂର୍ବାନୁମାନରେ କହିଛି। ଏପ୍ରିଲ-ଜୁନ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ୫% ସ୍ତରରେ ରହିଛି। ୨୦୧୩ ପରଠାରୁ ଏହା ସବୁଠାରୁ ସର୍ବନିମ୍ନ ସ୍ତର। ବିଶ୍ୱସ୍ତରରେ ମାନ୍ଦାବସ୍ଥା ଯୋଗୁ ସରକାରଙ୍କ ନିବେଶ କମିଛି। ସେହିଭଳି ଚାହିଦା କମିବା ଯୋଗୁ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ହୋଇଥିବାରୁ ବଜାର ବିଶେଷଜ୍ଞମାନେ ଏହାକୁ ନେଇ ଆଶଙ୍କା ପ୍ରକଟ କରୁଛନ୍ତି। ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକରେ ସଙ୍କଟ ଯୋଗୁ ଚଳିତ ବର୍ଷ ଭାରତର ଅଭିବୃଦ୍ଧି ପୂର୍ବାନୁମାନ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହାବାଦ ମାନ୍ଦାବସ୍ଥା ପ୍ରଭାବ ଏବେ ଖୁଚୁରା ବ୍ୟବସାୟ, କାର୍ ନିର୍ମାଣକାରୀ, ରିୟଲ ଇଷ୍ଟେଟ ଏବଂ ଲଘୁ ଉଦ୍ୟୋଗ ଉପରେ ପଡିଛି। ବର୍ତ୍ତମାନ ଫିଚ୍ ଏବଂ ଏସ୍ ଆଣ୍ଡ ପି ଭଳି ଅନ୍ତର୍ଜାତୀୟ ଏଜେନ୍ସିଗୁଡିକ ଭାରତର ଆଉଟ୍ଲୁକ ରେଟିଂକୁ ଷ୍ଟେବଲ(ସ୍ଥିର) ବୋଲି କହିଛନ୍ତି।

### ମୌଳିକ ଢାଞ୍ଚା ଦୃଢ଼ ଥିବା କହିଲେ ସରକାର

ମୁଡିସ୍ର ଏହି ରେଟିଂକୁ ନେଇ ସରକାର ପ୍ରତିକ୍ରିୟା ରଖିଛନ୍ତି। ଦେଶର ମୌଳିକ ଢାଞ୍ଚା ସୁଦୃଢ ରହିଥିବା ସରକାର କହିଛନ୍ତି। ଦେଶରେ ସଂସ୍କାର ପ୍ରକ୍ରିୟା ଜାରି ରହିଥିବା ବେଳେ ଏହା ଦ୍ୱାରା ନିବେଶ ବଢିବ ବୋଲି ସରକାର ଆଶାବାଦୀ ଅଛନ୍ତି। ଏହି ରେଟିଂ ଦ୍ୱାରା ଭାରତ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆର୍ଥିକ ତଥା ଅନ୍ୟାନ୍ୟ କ୍ଷେତ୍ର ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏହା ଅର୍ଥନୀତିକୁ ଦୃଢ କରିବାରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦେଶ ମଧରେ ମୁଦ୍ରାସ୍ଫୀତି ଏବେ ନିୟନ୍ତ୍ରଣ ସ୍ଥିତିରେ ରହିଛି। ଏହା ଦ୍ୱାରା ସ୍ୱଳ୍ପ ତଥା ମଧ୍ୟମ ସମୟ ଲାଗି ଅଭିବୃଦ୍ଧି ସମ୍ଭାବନା ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୧୩ରୁ ସିଆଇଆଇ ଏଣ୍ଟରପ୍ରାଇଜ ଓଡ଼ିଶା

**ଭୁବନେଶ୍ୱର,୮-୧୧**

### ଯୋଗ ଦେବେ ପ୍ରାୟ ୨୦୦ କମ୍ପାନୀ

କନ୍ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ଏଣ୍ଟରପ୍ରାଇଜ ଓଡ଼ିଶା ଚଳିତ ମାସ ୧୩ରୁ ୧୬ ଯାଏ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ଅନୁଷ୍ଠିତ ହେବ। ଏହାର ସଫଳତା ଲାଗି ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବେ ବୋଲି ସିଆଇଆଇ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଶିଳ୍ପ ବିଭାଗ ସଚିବ ହେମନ୍ତ କୁମାର ଶର୍ମା, ସିଆଇଆଇ ଓଡ଼ିଶାର ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେବେ। ଗୋଟିଏ ସ୍ଥାନରେ ଓଡ଼ିଶା ମାଇନିଂ ଏବଂ ଓଡିଶା ଇନୋଭେକ୍ସର ପ୍ରଦର୍ଶନୀ ହେବ ବୋଲି ସିଆଇଆଇ ପକ୍ଷରୁ ସୂଚନା ରହିଛି। ପ୍ରାୟ ୨୦୦ କମ୍ପାନୀ ଏଠାରେ ସେମାନଙ୍କ ପ୍ରଡକ୍ଟ ଏବଂ ସେବା ପ୍ରଦର୍ଶନ କରାଇବେ। ମେଟାଲ, ମିନେରାଲ, ପାୱାର, ଟେକ୍ସଟାଇଲ, ଫୁଡ ପ୍ରୋସେସିଂ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ, ଡିଫେନ୍ସ ମାନୁଫାକ୍ଚରିଂ ଭଳି ବିଭାଗରେ ଷ୍ଟଲ୍ ମାନ ଏଥିରେ ସ୍ଥାନିତ ହେବ। ଏହାବାଦ ଔଦ୍ୟୋଗିକ ଏବଂ ନିର୍ମାଣ ଉପକରଣ, ଆଇଟି ସେବା, ଶିକ୍ଷା, ରିୟଲ ଇଷ୍ଟେଟ ଏବଂ ଅଟୋମୋବାଇଲ ଭଳି କ୍ଷେତ୍ର ବିସ୍ତୃତ ଭାବେ ପ୍ରଦର୍ଶନ କରାଯିବାର ଯୋଜନା ରହିଛି।

**TENDER CALL NOTICE**

COSMOPOLIS RESIDENTS WELFARE ASSOCIATION (CRWA) Dumuduma, Bhubaneswar invites sealed tenders in double cover (Technical & Price Bid) for the work "EXTERNAL PAINTING INCLUDING SURFACE REPAIRING OF HIGH-RISE COSMOPOLIS APARTMENT COMPLEX" having a Bid value of Rs. 85 Lakhs & Period of completion - 5 months from reputed contractors/ firms/ companies, having adequate similar work experience. Tender documents and detailed terms and conditions can be obtained from CRWA office on payment of Rs. 6,000/- (non-refundable) in shape of cash/ DD. Bid documents along with EMD of Rs. 1,70,000/- in shape of bank draft in favour of Cosmopolis Residents Welfare Association, to be submitted on or before 3.00 pm on 20.11.2019 in CRWA office. Technical Bid shall be opened on the same day in presence of bidders at 3.30 pm. CRWA reserves it's right to negotiate/ accept/ cancel any or all tenders received without assigning any reasons thereof

**General Secretary, CRWA**

# ରାମ୍କୋ ସିମେଣ୍ଟର ଡିଲର ସମ୍ମିଳନୀ

**ଭୁବନେଶ୍ୱର,୮-୧୧(ବ୍ୟୁରୋ)**




ରାମ୍କୋ ସିମେଣ୍ଟ ଲିମିଟେଡ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ୩ ଦିନିଆ ରାଜ୍ୟ ସ୍ତରୀୟ ଡିଲର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୧୨୦୦ ଡିଲର ଯୋଗ ଦେଇଥିଲେ। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କମ୍ପାନୀ ନୂଆ କରି ଆଣିଥିବା ସୁପରଷ୍ଟିଲ ସିମେଣ୍ଟ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। ସିନିୟର ମାର୍କେଟିଂ ଜିଏମ୍ ଦେବ ପ୍ରତୀମ ବୋଷ, ମାର୍କେଟିଂ ବିଭାଗ ଡିଜିଏମ୍ ପ୍ରତୀକ କୁମାର ରାଏ, ଏଜିଏମ୍ ମାର୍କେଟିଂ ରଞ୍ଜନ କୁମାର ସାହୁ ଏହାର ବଜାର ପ୍ରବେଶ କରାଇଥିଲେ। ଆସନ୍ତା ବର୍ଷ ରାମ୍କୋ ଏହାର ଯାଜପୁରସ୍ଥିତ ପ୍ଲାଣ୍ଟରୁ ଉତ୍ପାଦନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିବା ସୂଚନା ରହିଛି। ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ବେଳେ ଏହାକୁ ଶୀଘ୍ର ଶେଷ କରି ଉତ୍ପାଦନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ହେଲେ କମ୍ପାନୀ ଓଡ଼ିଶା ବଜାରରେ ସ୍ଥିତିକୁ ଆହୁରି ଦୃଢ ତଥା ଅଭିବୃଦ୍ଧି ଧାରାକୁ ବଜାୟ ରଖିବ ବୋଲି ଡିଜିଏମ୍ ପ୍ରତୀକ କୁମାର ରାଏ କହିଛନ୍ତି। ଭାଇଜାଗ ପ୍ଲାଣ୍ଟ ପରେ କମ୍ପାନୀ ଓଡ଼ିଶା ବଜାରରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ନିରନ୍ତର ଭିତ୍ତିରେ ଓଡିଶାରେ କମ୍ପାନୀ ଏହାର ବିକ୍ରି ବଢାଇ ଚାଲିଛି। ରାଜ୍ୟରେ ୭୦୦ ଡିଲରଙ୍କ ସହ ଏହା କାର୍ଯ୍ୟ କରୁଥିବା କହିଛି। ୨୦୧୮-୧୯ରେ କମ୍ପାନୀ ୨୦%ରୁ ଊର୍ଦ୍ଧ୍ୱ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। କାର୍ଯ୍ୟକ୍ରମରେ ଆକାଉଣ୍ଟସ ମ୍ୟାନେଜର ସୁରେଶ କୁମାର ପଣ୍ଡାଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭେନୁ ଶ୍ରୀନିବାସନଙ୍କୁ ଅନ୍ତର୍ଜାତୀୟ ସମ୍ମାନ



**ନୂଆଦିଲ୍ଲୀ,୮-୧୧:** ଟିଭିଏସ୍ ମୋଟର କମ୍ପାନୀ ଏବଂ ସୁନ୍ଦରମ କ୍ଲେଟନର ଅଧ୍ୟକ୍ଷ ଭେନୁ ଶ୍ରୀନିବାସନଙ୍କୁ ସମ୍ମାନଜନକ ଡେମିଙ୍ଗ 'ଡିଷ୍ଟିଂଗୁଇସ୍ ସର୍ଭିସ ଆୱାର୍ଡ ଫର ଡିସେମିନେଶ ଆଣ୍ଡ ପ୍ରମୋଶନ ଓଭରସିଜ' ଆୱାର୍ଡ ପ୍ରଦାନ କରାଯାଇଛି। ଟୋକିଓଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ତାଙ୍କୁ ସମ୍ମାନୀତ କରାଯାଇଥିବା ଟିଭିଏସ୍ କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରଥମ ଭାରତୀୟ ଶିଳ୍ପପତି ଭାବେ ସେ ଉକ୍ତ ପୁରସ୍କାର ପାଇଛନ୍ତି। ସେହିଭଳି ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏହା ବିଶ୍ୱର ସର୍ବୋଚ୍ଚ ପୁରସ୍କାର। ଏହି ସମ୍ମାନ ଲାଭ କରି ଅତ୍ୟନ୍ତ ଗର୍ବିତ ବୋଲି ସେ କହିଛନ୍ତି।

**OFFICE OF THE REGULATED MARKET COMMITTEE, JAGATSINGHPUR**

**AT- GOPAL SAGAR, P.O/DIST.- JAGATSINGHPUR-754103, Ph. No.- 06724-220142, Email : rmcjspur@gmail.com, No.2, Date: 06.11.2019 :-** QUOTATION CALL NOTICE - The Chairman, R.M.C., Jagatsinghpur invites sealed quotation from the Authorized Service Providing firms / institutions for supply of the following Man Power to work in the e-NAM Project. **1. Chemist - 1 No., 2. Data Entry Operators - 2 Nos.** The sealed quotation from the interested person / firms / institutions shall reach to the office of the R.M.C., Jagatsinghpur on or before Dt.20.11.2019 by 5.00 P.M. by postal or courier services only and the same will be opened on Dt.21.11.2019 at 11.30 A.M. in presence of the quotationers or their authorized representatives. Quotations received after due date and time shall not be entertained and the authority shall not be responsible for delay or missing of the tender during postal / courier transit. The E.M.D. of Rs.10, 000.00 in shape of Bank Draft / Banker's Cheque / Deposit receipt in schedule Bank duly pledged in favour of the Secretary, R.M.C., Jagatsinghpur shall be accompanied with the bid documents. Attested copies of upto date E.P.F., E.S.I., Service Tax No., GST Regd., Registration Service Certificate, Affidavit etc. and Rs.500.00 in shape of cash or B.D./ B.C./ Deposit receipt in schedule Bank duly pledged in favour of Secretary, R.M.C., Jagatsinghpur towards paper cost and EMD shall be furnished with the quotation failing which the quotation will be outrightly rejected. The authority reserves the right to accept or reject any or all quotations without assigning any reason thereof.

**Sd./- Sub-Collector-cum-Chairman, R.M.C., Jagatsinghpur**

**ଭାରତରୟ ରିଜର୍ଭ ବ୍ୟାଙ୍କ**
**RESERVE BANK OF INDIA**
www.rbi.org.in

**୩ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹ **500.00** କୋଟି ଟଙ୍କା (ଅଙ୍କିତ ମୁଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିଯାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।

ଏକାଧିର ମୂଲ୍ୟ ଫର୍ମାଟ ଅନ୍ତର୍ଭତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସମାଧାନ (ଲ-କୁବେର) ମାଦ୍ୟମରେ **11 ନଭେମ୍ବର 2019** (ସୋମବାର) ଦିନ ଆୟୋଜନ କରାଯିବ। ଏ ସମ୍ପର୍କୀୟ ଅଧିକ ସୁଚନା ପାଇଁ ଭାରତୀୟ ରିଜର୍ଭ ର୍ୟାଙ୍କର ୱେବ୍-ସାଇଟ୍ (www.rbi.org.in) ରେ **7 ନଭେମ୍ବର 2019** (ଗୁରୁବାର) ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଦ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ସତନ୍ତ୍ର ନାହିଁ"

**ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼**

**DISTRICT MINERAL FOUNDATION, SUNDARGARH**

(1st floor, DMF Office)
District Rural Development Agency
Email- dmfsundergarh@gmail.com
Sundargarh -770001
Tel / Fax No. 06622-273846

Letter No.735 /(DMF) Dated: the 07.11.2019

**RFP NO :- DMF/SNG/04-2019-20**

| | | | |
|---|---|---|---|
| 1 | The Collector-cum-Chairperson, District Mineral Foundation (DMF) Sundargarh, Government of Odisha invites technical and financial proposals from reputed implementing Agency/ Firms of National and International repute for "Operation & Management of 37 nos. Ambulance Service (BLS & ALS), 13 no. Maha-Prayan Vehicles in Sundargarh District out of D.M.F Fund" as detailed in the Scope of Work in this DTCN. | | |
| 2 | Nature of Works | :- | Operation & Management of 37 nos. Ambulance Service (BLS & ALS) 13 Nos. Maha-Prayan Vehicles in Sundargarh District out of D.M.F Fund |
| 3 | Method of Selection | :- | Quality-cum-Cost Based Selection (QCBS) |
| 4 | Tender (Bid) Cost | :- | Rs.10,000/- to be submitted in shape of DD in favour of Chief Executive Officer, DMF, Sundargarh to be drawn at Sundargarh |
| 5 | EMD | :- | Rs.30,00,000/- to be submitted in shape of DD in favour of Chief Executive Officer, DMF, Sundargarh to be drawn at Sundargarh |
| 6 | Availability of bid document in the website | :- | From 11.00 A.M. of 11.11.2019 to 04.12.2019 up to 5:00 P.M. |
| 7 | Last date of receipt of Bid | :- | 04.12.2019 up to 5:00 P.M. |
| 8 | Last date of Pre Bid Query | :- | 29.11.2019 up to 5:00 PM |
| 9 | Mode of Receipt of Bids | :- | Through Speed Post/ Registered Post (India Post) and by no other means. |
| 10 | Date of opening of Technical Bid and Commercial Bid | :- | Date: 06.12.2019 at 11:00 A.M. |
| 11 | Address for Business query and correspondence | :- | **Chief Executive Officer, 1st Floor, DRDA Building District Mineral Foundation, Sundargarh, PIN-770001, Odisha, Tel - 06622-273846** |
| 12 | The bidders have to participate in OFF-LINE bidding only. Further details can be seen from the Sundargarh District website (www.sundergarh.nic.in). Any addendum /corrigendum / cancellation of tender can also be seen in the said websites. If any query then contact E-mail ID - dmfsundergarh@gmail.com. **Note:** i. The date of opening of the Price bids will be intimated to the qualified Bidders before the due date through Email or Telephone, if it will not be possible to open on the same day of opening. ii. Collector & Chairperson-cum-Managing Trustee of DMF reserves the right to change any schedule of bidding process. | | |

**Sd./- Collector & Chairperson**
**DMF, Sundargarh**

**OFFICE OF THE NOTIFIED AREA COUNCIL, BHUBAN**

**BHUBAN (ODISHA), PIN-759017**
**E-mail : bhubann.hud@nic.in**

**No.1742** **Date: 08.11.2019**

**CORRIGENDUM**

The opening of Sanitation Tender of Bhuban NAC vide Tender Call Notice No.1683 dated 30.10.2019 whose Estimated Cost was Rs.81,64,842/- per year will be opened on 19.11.2019 at 3.00 P.M. instead of Dt.15.11.2019 at 3.00 P.M. due to some unavoidable circumstances.

**Sd./-**
**Executive Officer**
**Bhuban NAC**

**OFFICE OF THE REGULATED MARKET COMMITTEE, JEYPORE, KORAPUT**

**No.17 /RMC/2019** **Dt: 05.11.2019**

**NOTICE**

Regulated Market Committee Jeypore invites sealed Quotation from the Approved parties for supply and fixing of Samiayana (Tent) Table, Chair & Temporary structure as detailed below for use in different PPCs i.e. Kotpad, Borigumma, Jeypore, Kundura & Boipariguda within a 15 KMs. distance approximately from Block Head quarter to PPCs under Jeypore RMC on rental basis during the period of procurement season. Interested parties may quote their rate. The quotation should reach to the undersigned on or before by 13.11.2019 positively through Special messenger upto 11.00 AM. Mentioning Short Tender Call Notice No.___ on the top of the Envelop" and the same shall be opened on 13.11.2019 at 1.00 P.M in the Office of the Sub-Collector, Jeypore in presence of the Tenderers or their authorized representative. The lowest bidder should ready to supply the materials within 2 days. The undersigned will not be held responsible for any delay.

The authority reserves all right to reject any or all quotations without assigning any reason thereof.

| | | |
|---|---|---|
| 1. | Shamiyana | 18' X 36' |
| 2. | Plastic Chairs | 20 Nos. |
| 3. | Tables | 2 Nos. |
| 4. | Temporary Cover structure | (30' X 60') |

**By Order of the**
**Sub-Collector-cum-Chairman,**
**RMC, Jeypore**
**Sd./- Secretary**
**R.M.C., Jeypore**

**ODISHA STATE CIVIL SUPPLIES CORPORATION LTD., GANJAM**

**RE-TENDER CALL NOTICE**

**L. No.: 7992** **Date: 7.11.19**

Sealed tenders are invited from interested travel agencies/ tour operators or private individuals for supply of 2 (Two) Nos. of Petrol driven vehicles for official use. The details can be obtained from District Manager, OSCSC Ltd., Ganjam or the website of OSCSC Ltd., i.e. **www.oscsc.in**.

**Sd./- District Manager**
**OSCSC Ltd., Ganjam**

**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

Advt.No.06/2019-20 **NOTICE INVITING TENDER**

For and on behalf of OPTCL sealed tenders are invited from Manufacturers / Authorized Dealers/ Suppliers/ Civil Contractors having valid Civil License / Electrical Contractors having valid MV/HT Electrical License / Labour Contract License Holders to be empanelled in the approved Vendor List of this Office for supply of materials and execution of works up to **Rs.1,00,000/-(Rupees One Lakh)** Only.The EOI must be in a sealed cover duly super scribed"Expression of Interest".The interested parties are to furnish their willingness along with the documents to this office on or before **Dated 09.12.2019** in Person/Registered Post/ Speed Post.The final list after scrutiny will be intimated in due course. For details please visit our website **www.optcl.co.in** Corrigendum if any will be published in the website only.

*General Manager (Elect.)*

**The Odisha Small Industries Corporation Ltd.**
( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in

**Tender Call Notice**

Tender Notice No. 5182 Date:08.11.2019

The Managing Director, OSIC Ltd. Cuttack invites sealed tender from experienced & eligible Event Manager for MSME International Trade Fair 2020 to be organized from 8.01.2020 to 12.01.2020. The detailed tender notice can be downloaded from the OSIC website i.e. **www.osicltd.in** from dt-**11.11.2019 to dt.25.11.2019 up to 04.30 PM** and shall be submitted in OSIC tender box only latest by **5:00 PM** on **dt.26.11.2019.** Authority reserves the right to reject any or all tenders without assigning any reason thereof or cancel the tender process in toto.

**MANAGING DIRECTOR**



ଟି୨୦ରେ ବେଳେବେଳେ ପିଚ୍ ସହାୟକ ହେଉ ନ ଥିଲେ ମଧ୍ୟ ଜଣେ ସ୍ଥିର ଚିତ୍ତ ଓ ସୁନିୟନ୍ତ୍ରିତ ସ୍ପିନ୍ ବୋଲର ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି ।
–ୱାଶିଂଟନ ସୁନ୍ଦର, ଭାରତୀୟ ଅଫ୍ ସ୍ପିନର



ଫର୍ମକୁ ଆସିବାକୁ ହେଲେ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଚାପ ଶୂନ୍ୟ ହୋଇ ନିଜ ଦୋଷତ୍ରୁଟିକୁ ସଜାଡ଼ିବା ଦିଗରେ ଧ୍ୟାନ ଦେବା ଉଚିତ୍ ।
–କୁମାର ସଙ୍ଗାକାରା, ଶ୍ରୀଲଙ୍କା କିମ୍ବଦନ୍ତୀ କ୍ରିକେଟର

## ସଂକ୍ଷେପରେ

### ରୋହିତ-ଧାୱନଙ୍କ ରେକର୍ଡ

ରାଜକୋଟ,୮।୧୧- ଭାରତୀୟ ଦଳର ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନଙ୍କ ଯୋଡ଼ି ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ବାଲାଂଦେଶ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଓପନିଂ ଯୋଡ଼ି ୧୦.୫ ଓଭରରେ ୧୧୮ ରନ୍ ଯୋଡ଼ିଥିଲା। ଟି୨୦ ଫର୍ମାଟରେ ରୋହିତ ଓ ଧାୱନଙ୍କ ଓପନିଂ ଯୋଡ଼ି ପାଇଁ ଏହା ଚତୁର୍ଥ ଶତକୀୟ ଭାଗୀଦାରି। କ୍ରିକେଟର ଛୋଟିଆ ଫର୍ମାଟରେ ଏହା ଯେ କୌଣସି ଓପନିଂ ଯୋଡ଼ି ପାଇଁ ସର୍ବାଧିକ। ଏହି ତାଲିକାରେ ଅଷ୍ଟ୍ରେଲିଆର ସେନ ୱାଟସନ-ଡେଭିଡ ୱାର୍ନର, ନ୍ୟୁଜିଲାଣ୍ଡର ମାର୍ଟିନ ଗୁପଟିଲ-କେନ ୱିଲିୟମସନ, ଭାରତର ରୋହିତ-ବିରାଟ କୋହଲି, ନ୍ୟୁଜିଲାଣ୍ଡ ଗୁପଟିଲ-କଲିନ ମୁନ୍‌ରୋଙ୍କ ଓପନିଂ ଯୋଡ଼ି ରହିଛି। ଏହି ସମସ୍ତ ଯୋଡ଼ି ଅନ୍ତର୍ଜାତୀୟ ଟି୨୦ରେ ୩ ଥର ଶତକୀୟ ଭାଗୀଦାରି କରିଛନ୍ତି। ଉଲ୍ଲେଖଥାଉ କି, ରୋହିତ ୪୩ ବଲରୁ ବିସ୍ଫୋରକ ୮୫ ଓ ଧାୱନ ୩୧ ରନ୍ କରି ଭାରତୀୟ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ସେମିରେ ସାତ୍ୱିକ-ଚିରାଗ

ଫୁଝୋଉ,୮।୧୧(ପି.ଟି.)- ଭାରତୀୟ ପୁରୁଷ ଡବଲ୍ସ ଖେଳାଳି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଯୋଡ଼ି ଏଠାରେ ଚାଲିଥିବା ଚାଇନା ଓପନ ସୁପର ୭୫୦ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅଣ ସିଡ୍ ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ଲୋକାଲ ଫେଭରାଇଟ୍ ଲି ଜୁନ ହୁଇ ଓ ଲିଉ ୟୁ ଚେନଙ୍କୁ ୨୧-୧୯, ୨୧-୧୫ ଗେମ୍‌ରେ ହରାଇ ଦେଇଛନ୍ତି। ବିଜୟ ପାଇଁ ସାତ୍ୱିକ-ଚିରାଗଙ୍କୁ ୪୩ ମିନିଟ୍ ଲାଗିଥିଲା। ଚଳିତ ଟୁର୍ନାମେଣ୍ଟରେ ଏମାନେ ଅନ୍ତିମ ଭାରତୀୟ ଭାବେ ଟିକ୍ତି ରହିଛନ୍ତି। ଏମାନଙ୍କୁ ଫାଇନାଲରେ ପ୍ରବେଶ କରିବାକୁ ହେଲେ ବିଶ୍ୱର ନମ୍ବର ୱାନ ଇଣ୍ଡୋନେସିଆର ମାର୍କୁସ ଫରନାଲ୍ଡି ଗିଡେନ ଓ କେଭିନ ସଞ୍ଜୟା ସୁକାମୁଲଜୋଙ୍କୁ ପରାସ୍ତ କରିବାକୁ ପଡ଼ିବ। ଏହି ଯୋଡ଼ିଠାରୁ ଗତ ମାସରେ ବିଶ୍ୱର ୯ମ ର୍ୟାଙ୍କ ସାତ୍ୱିକ ଓ ଚିରାଗଙ୍କ ଯୋଡ଼ି ଫ୍ରେଞ୍ଚ ଓପନ ଫାଇନାଲରେ ହାରିଥିଲା।

### ପ୍ରଥମେ ଭୁଲ, ତା'ପରେ ଠିକ୍ ନିଷ୍ପତ୍ତି ନେଲେ ୩ୟ ଅମ୍ପାୟର

ରାଜକୋଟ,୮।୧୧- ଏଠାରେ ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍ ଘଟଣା ବହୁଳ ରହିଥିଲା। ରିଷଭ ପନ୍ତ ତ୍ରୁଟିପୂର୍ଣ୍ଣ ଷ୍ଟମ୍ପିଂ ପରେ ତୃତୀୟ ଅମ୍ପାୟର ମଧ୍ୟ ଭୁଲ କରିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ବାଂଲାଦେଶ ଇନିଂସର ୧୩ତମ ଓଭରର ଅନ୍ତିମ ବଲରେ ଯୁଜବେନ୍ଦ୍ର ଚହଲଙ୍କ ବଲକୁ ଛକା ମାରିବା ପାଇଁ ଯାଇ ସୌମ୍ୟ ସରକାର (୩୦) ଫସି ଯାଇଥିଲେ। ଉଇକେଟକିପର ପନ୍ତ ଷ୍ଟମ୍ପିଂ କରିଥିଲେ। ଫିଲ୍ଡ ଅମ୍ପାୟର ତୃତୀୟ ଅମ୍ପାୟର ଅନୀଲ ଚୌଧାରୀଙ୍କ ସହାୟତା ନେଇଥିଲେ। ଷ୍ଟମ୍ପିଂ ଉଚିତ ଥିଲେ ମଧ୍ୟ ୩ୟ ଅମ୍ପାୟର ଭୁଲ ବଶତଃ ନଟ୍‌ଆଉଟ ବୋଲି ଦର୍ଶାଇ ଥିଲେ।

# ଟି୨୦ ସିରିଜ ଜିତିଲା ଅଷ୍ଟ୍ରେଲିଆ

## ପାକିସ୍ତାନ ୧୦ ଉଇକେଟରେ ପରାସ୍ତ

ପର୍ଥ,୮।୧୧(ଏଏଫ୍‌ପି)

ପ୍ରଥମେ ପେସର ଓ ପରେ ଓପନରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ତୃତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନକୁ ଅତି ସହଜରେ ହରାଇଛି। ୪୯ଟି ବଲ୍ ବାକି ରଖି ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟ ହାସଲ କରିବା ସହ ଏହି ଟି୨୦ ସିରିଜରେ ୨–୦ରେ ବିଜୟୀ ହୋଇଛି। ଏହି ସିରିଜରେ ପାକିସ୍ତାନ ସବୁ ଦୃଷ୍ଟିକୋଣରୁ ବିଫଳ ହୋଇଥିଲା। ପ୍ରଥମ ମ୍ୟାଚ ବର୍ଷା କାରଣରୁ ବାତିଲ ହୋଇଥିଲା ଓ ଅଷ୍ଟ୍ରେଲିଆ ସୁବିଧାଜନକ ସ୍ଥିତିରେ ଥାଇ ମଧ୍ୟ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ତେବେ ବାକି ଦୁଇଟି ମ୍ୟାଚ୍‌ରେ ଘରୋଇ ଦଳ ବାଜି ମାରି ସିରିଜ ହାତେଇ ନେଇଛି। ୧୪ ରନ୍ ଦେଇ କରି ୨ ଉଇକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲିଆ ଦ୍ରୁତ ବୋଲର ସିନ ଆବୋଟ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ଅଷ୍ଟ୍ରେଲିଆ କ୍ରମାଗତ ଅଷ୍ଟମ ଟି୨୦ ମ୍ୟାଚ୍ ଜିତିଛି। ଅଷ୍ଟ୍ରେଲିଆ ଏଥିସହ ୨୦୧୯ରେ ଟି୨୦ ଫର୍ମାଟରେ ଅପରାଜେୟ ରହି ଏକ ବିରଳ ସଫଳତା ହାସଲ କରିଛି। ଏହି ବର୍ଷ ୮ଟି ଟି୨୦ ମ୍ୟାଚ୍ ଖେଳି ଅଷ୍ଟ୍ରେଲିଆ ୭ଟି ବିଜୟ ହାସଲ କରିଛି ଓ ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ବିନା ଫଳାଫଳରେ ଶେଷ ହୋଇଥିଲା।

ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଘରୋଇ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ପାକିସ୍ତାନ ୨୦ ଓଭରରେ ୮ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୧.୫ ଓଭରରେ କୌଣସି ଉଇକେଟ ନ ହରାଇ ୧୦୯ ରନ କରି ବିଜୟୀ ହୋଇଥିଲା। ଦୁଇ ଓପନର ଡେଭିଡ ୱାର୍ନର ୪୮ (୩୫ ବଲ, ୪ ଚୌକା, ୨ ଛକା) ଓ ଅଧିନାୟକ ଆରୋନ ଫିଞ୍ଚ୍ ୫୨ (୩୬ ବଲ, ୪ ଚୌକା, ୩ ଛକା) ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ କେବଳ ଦୁଇଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁବାକୁ ସକ୍ଷମ ହୋଇଥିଲେ। ଇଫ୍‌ତିକାର ଅହମ୍ମଦ ୩୭ ବଲରୁ ୬ ଚୌକା ସହ ୪୫ ଓ ଓପନର ଇମାମ-ଉଲ- ହକ ୧୪ ରନ କରି ଆଉଟ ହୋଇଥିଲେ। ମହମ୍ମଦ ଆମିର ୯ ଓ ମହମ୍ମଦ ହାସନୈନ ୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କେନ୍ ରିଚାର୍ଡସନ ୩, ମିଚେଲ ଷ୍ଟାର୍କ ଓ ଆବୋଟ ୨ଟି ଲେଖାଏ, ଆଷ୍ଟନ ଅଗର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୦୬/୮ (ଇଫତିକାର– ୪୫, ଇମାମ– ୧୪, ରିଚାର୍ଡସନ– ୩/୧୮, ଷ୍ଟାର୍କ– ୨/୨୯, ଆବୋଟ– ୨/୫୪)।
ଅଷ୍ଟ୍ରେଲିଆ ୧୧.୫ ଓଭରରେ ୧୦୯/୦ (ୱାର୍ନର– ୪୮*, ଫିଞ୍ଚ୍– ୫୨*)।



ସିରିଜ ବିଜୟ ପରେ ଟ୍ରଫି ସହ ଅଷ୍ଟ୍ରେଲିଆ ଖେଳାଳି ଖୁସି ମନାଉଛନ୍ତି।

# ଚେଜିଂ କରି ଜିତିବାରେ ଭାରତ ସର୍ବାଗ୍ରେ

ରାଜକୋଟ, ୮।୧୧

ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରେ ଚେଜିଂ କରି ବିଜୟ ହାସଲ କରିବାରେ ଭାରତୀୟ ଦଳ ରେକର୍ଡ କରିଛି। ଗୁରୁବାର ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମରେ ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ୨ୟ ଟି୨୦ ମ୍ୟାଚ୍‌କୁ ଭାରତ ୮ ଉଇକେଟ୍‌ରେ ସହଜ ବିଜୟ ଲାଭ କରିଥିଲା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୫୩ ରନ କରିଥିଲା। ଜବାବରେ କାମଚଳା ଅଧିନାୟକ ରୋହିତ୍ ଶର୍ମା (୮୫ ରନ, ୪୩ ବଲ୍, ୬ ଚୌକା, ୬ ଛକା)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ୧୫.୪ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିସହ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରେ ଚେଜ୍ କରି ସର୍ବାଧିକ ମ୍ୟାଚ୍ ଜିତିଥିବା ଦେଶ ତାଲିକାରେ ଭାରତ ସର୍ବାଗ୍ରେ ରହିଛି। ୬୧ ମ୍ୟାଚ୍‌ରେ ଚେଜ୍ କରି ଭାରତ ୪୧ଟି ବିଜୟ ହାସଲ କରିଛି। ଏହିକ୍ରମରେ ଅଷ୍ଟ୍ରେଲିଆକୁ ପଛରେ ପକାଇ ଦେଇଛି ଭାରତ। ଅଷ୍ଟ୍ରେଲିଆ ୬୯ ମ୍ୟାଚ୍‌ରେ ଚେଜ୍ କରି ୪୦ ବିଜୟ ଲାଭ କରି ପୂର୍ବରୁ ଏହି ରେକର୍ଡର ଅଧିକାରୀ ରହିଥିଲା। ବିଶ୍ୱର ପୂର୍ବତନ ଏକ ନମ୍ବର ଦଳ ପାକିସ୍ତାନ ତାଲିକାର ୩ୟ ସ୍ଥାନରେ ରହିଛି। ପାକିସ୍ତାନ ୬୭ ମ୍ୟାଚ୍‌ରେ ଅନୁଧାବନ କରି ୩୬ରେ ଜିତିଛି। ସେହିଭଳି ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ଉଭୟ ୨୮ ଲେଖାଏ ମ୍ୟାଚ୍ ଜିତି ତାଲିକାରେ ଯୁଗ୍ମ ଭାବେ ୪ର୍ଥ ସ୍ଥାନରେ ରହିଛି।



# ଦିଲ୍ଲୀ ଫ୍ରାଞ୍ଚାଇଜରେ ଯୋଗଦେଲେ ଅଶ୍ୱିନ

ନୂଆଦିଲ୍ଲୀ,୮।୧୧(ପି.ଟି.)

ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଶୁକ୍ରବାର ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେଇଛନ୍ତି। ତାଙ୍କ ବଦଳରେ ବାମହାତୀ ଜଗଦୀଶ ସୁଚିଥଙ୍କୁ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳରେ ସାମିଲ କରିଛି। ପୂର୍ବରୁ ଦିଲ୍ଲୀ ଅଶ୍ୱିନଙ୍କ ବଦଳରେ ସୁଚିଥଙ୍କ ସହ ଦେଢ଼ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲା। ୩୩ ବର୍ଷୀୟ ସିନିୟର ସ୍ପିନରଙ୍କୁ ସିଜନ ପିଛା ଗତବର୍ଷ ଭଳି ୭.୬ କୋଟି ଟଙ୍କା ମିଳିବ। ସମାନ ମୂଲ୍ୟରେ ୨୦୧୮ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ଅଶ୍ୱିନଙ୍କୁ କିଙ୍ଗ୍ସ ଏକାଦଶ କିଣିଥିଲା। ସେ ଦେଶର ଶ୍ରେଷ୍ଠ ଓ ଅଭିଜ୍ଞ ସ୍ପିନର। ଭାରତ ଓ ଆଇପିଏଲରେ ତାଙ୍କ ରେକର୍ଡ ଖୁବ ଭଲ ରହିଛି। ତାଙ୍କ ଉପସ୍ଥିତି ଆମ ଦଳ ପାଇଁ ଲାଭଜନକ ହେବ ବୋଲି ଦିଲ୍ଲୀ ଫ୍ରାଞ୍ଚାଇଜ ସହ ମାଲିକ ପାର୍ଥ ଜିନ୍ଦଲ କହିଛନ୍ତି। ଅଶ୍ୱିନଙ୍କ ଉପସ୍ଥିତିରେ ଯେ କୌଣସି ଦଳର ଶକ୍ତି ବୃଦ୍ଧି ହେବ, ଏଥିରେ ଦ୍ୱିମତ ନାହିଁ। ଦିଲ୍ଲୀ କ୍ୟାପିଟାଲ୍ସରେ ମଧ୍ୟ କିଛି ପରିବର୍ତ୍ତନ ହେବ ନାହିଁ ବୋଲି କୋଚ୍ ରିକି ପଣ୍ଟିଂ ଉଲ୍ଲେଖ କରିଛନ୍ତି। ଅଶ୍ୱିନ ଅନ୍ତର୍ଜାତୀୟ ସ୍ତରରେ ୬୮ ଟେଷ୍ଟ ଓ ୧୧୧ ଦିନିକିଆ ଖେଳି ଯଥାକ୍ରମେ ୩୫୭ ଓ ୧୫୦ ଉଇକେଟ ଅକ୍ତିଆର କରିଛନ୍ତି। ଆଇପିଏଲରେ ୧୩୯ ମ୍ୟାଚ୍‌ରେ ୧୨୫ ଉଇକେଟ ନେଇଛନ୍ତି। ୨୦୧୦ ଓ ୨୦୧୧ ଆଇପିଏଲ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଦଳର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ତେବେ ଜଣେ ଅଧିନାୟକ ଭାବେ ସେ ବିଫଳ ହୋଇଥିଲେ। ଗତ ଦୁଇ ସିଜନରେ ତାଙ୍କ ନେତୃତ୍ୱରେ ପଞ୍ଜାବ ଦଳ ପ୍ଲେଅଫ୍‌ରେ ପ୍ରବେଶ କରିପାରି ନ ଥିଲା।



ରବିଚନ୍ଦ୍ରନ ଅଶ୍ୱିନ

# ଇଂଲଣ୍ଡକୁ ବିଜୟ ଦେଲେ ମଲାନ, ମୋର୍ଗାନ

ନାପିଅର,୮।୧୧(ଏଏଫ୍‌ପି)– ଡେଭିଡ ମଲାନଙ୍କ ବିସ୍ଫୋରକ ଶତକ ଓ ଅଧିନାୟକ ମୋର୍ଗାନଙ୍କ ସହ ରେକର୍ଡ ଭାଗୀଦାରି ଇଂଲଣ୍ଡକୁ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଚମକପ୍ରଦ ବିଜୟ ଦେଇଛି। ୭୬ ରନ୍‌ର ବିଜୟ ଯୋଗୁ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଇଂଲଣ୍ଡ ୨–୨ର ସମାନ ସ୍ଥିତିକୁ ଆଣିବାରେ ସଫଳ ହୋଇଛି। ଦଳ ପାଇଁ ଅପରାଜିତ ଶତକୀୟ ଇନିଂସ ଖେଳିଥିବା ମଲାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ୧୦ ତାରିଖରେ ଅକ୍‌ଲାଣ୍ଡରେ ଖେଳାଯିବ।

୨୪୨ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ଦଳକୁ ମାର୍ଟିନ ଗୁପଟିଲ ଓ କଲିନ ମୁନ୍‌ରୋଙ୍କ ଓପନିଂ ଯୋଡ଼ି ଭଲ ଷ୍ଟାର୍ଟ ଦେଇଥିଲେ। ଦୁହେଁ ୪.୩ ଓଭରରେ ୫୪ ରନ୍ କରିଥିଲେ। କିନ୍ତୁ ଏହିଠାରୁ ଉଇକେଟ ପତନ ଆରମ୍ଭ ହୋଇଥିଲା। ଏହାକୁ କୌଣସି ବ୍ୟାଟ୍ସମ୍ୟାନ ରୋକି ପାରି ନ ଥିଲେ। ଫଳରେ ଘରୋଇ ଦଳ ୧୬.୫ ଓଭରରେ ୧୬୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଗୁପଟିଲ ୨୭, ମୁନ୍‌ରୋ ୩୦ ଓ ଅଧିନାୟକ ଟିମ ସୌଦି ୩୯ ରନ୍ କରିଥିଲେ। ଦଳର ୬ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ବିଜୟ ଦଳ ଲାଗି ମାଥ୍ୟୁ ପାର୍କିନସନ ୪ ଓ କ୍ରିସ ଜୋର୍ଡାନ ୨ ଉଇକେଟ ନେଇଥିଲେ। ପୂର୍ବରୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୧୬ ରନ୍‌ରେ ଜନି ବେଆରଷ୍ଟୋ(୮)ଙ୍କ ଉଇକେଟ ହରାଇଥିଲା। ଏହାପରେ ଟମ ବାଣ୍ଟନ (୩୧) ମିଚେଲ ସାଣ୍ଟନରଙ୍କ ବଲରେ ଏଲବିଡ୍‌ବ୍ଲ୍ୟୁ ହୋଇଥିଲେ। ତୃତୀୟ ଉଇକେଟ ପାଇଁ ମଲାନ ଓ ଅଧିନାୟକ ମୋର୍ଗାନ ୭୬ ବଲରେ ୧୮୨ ରନ୍ ଯୋଡ଼ିଥିଲେ। ମଲାନ ୪୮ ବଲରେ ଶତକ ଅର୍ଜନ କରି ଇଂଲଣ୍ଡର ଦ୍ରୁତତମ ଟି୨୦ ଶତକ ହାସଲକାରୀ ହୋଇଛନ୍ତି। ମୋଟ ଉପରେ ୫୧ ବଲର ସମ୍ମୁଖୀନ ହୋଇ ୧୦୩ ରନ୍ କରିଥିଲେ। ତାଙ୍କ ଇନିଂସରେ ୯ ଚୌକା ଓ ୬ ଛକା ସାମିଲ ଥିଲା। ଅଧିନାୟକ ମୋର୍ଗାନ ୯୧ (୭ ଲେଖାଏ ଚୌକା ଓ ଛକା) ରନ୍ କରି ଅନ୍ତିମ ଓଭରରେ ଆଉଟ୍ ହୋଇଥିଲେ। ଦୁଇ ବାମହାତୀ ବ୍ୟାଟ୍ସମ୍ୟାନ ମିଳିତ ଭାବେ ୧୩ ଛକା ଓ ୧୬ ଚୌକା ମାରିଥିଲେ। କେବଳ ମିଚେଲ ସାଣ୍ଟନର ଓ ଟ୍ରେଣ୍ଟ ବୋଲ୍ଟ ଛକାରୁ ବର୍ତ୍ତିଥିଲେ। ଫଳରେ ଇଂଲଣ୍ଡ ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୨୪୧ ରନ୍ କରିଥିଲା।

ସଂକ୍ଷିପ୍ତ ସ୍କୋର:

ଇଂଲଣ୍ଡ– ୨୦ ଓଭରରେ ୨୪୧/୩ (ଡେଭିଡ ମଲାନ ୧୦୩*, ଇଆନ ମୋର୍ଗାନ ୯୧, ଟମ ବାଣ୍ଟନ ୩୧, ମିଚେଲ ସାଣ୍ଟନର ୨/୩୨, ଟିମ ସୌଦି ୧/୪୭)।

ନ୍ୟୁଜିଲାଣ୍ଡ– ୧୬.୫ ଓଭରରେ ୧୬୫/ଅଲଆଉଟ୍ (ଟିମ୍ ସୌଦି ୩୯, କଲିନ ମୁନ୍‌ରୋ ୩୦, ମାର୍ଟିନ ଗୁପଟିଲ ୨୭, ମାଥ୍ୟୁ ପାର୍କିନସନ ୪/୪୭, କ୍ରିସ ଜୋର୍ଡାନ ୨/୨୪)।



ଶତକ ହାସଲକାରୀ ଡେଭିଡ୍ ମଲାନ।

# ଆଜିଠାରୁ ଇଣ୍ଡିଆନ ଓପନ ଗେଟ୍ ବଲ

## ଇଣ୍ଡୋନେସିଆ, ତାଇୱାନ, ଜାପାନ ସହ ଓଡ଼ିଶାର ୭ ଦଳ ଭାଗନେବେ

ଭୁବନେଶ୍ୱର,୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ରେଲୱେ ଷ୍ଟାଡିୟମରେ ଇଣ୍ଡିଆନ ଗେଟବଲ୍ ୟୁନିୟନ ଆନୁକୂଲ୍ୟରେ ଶନିବାରଠାରୁ ଇଣ୍ଡିଆନ ଓପନ ଗେଟ୍ ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଦୁଇଦିନ ଧରି ଆୟୋଜନ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଦେଶର କେତୋଟି ଦଳ ସହ କେତୋଟି ବିଦେଶୀ ଦଳ ମଧ୍ୟ ଅଂଶଗ୍ରହଣ କରିବେ। ଏଥି ସହ ଭୁବନେଶ୍ୱରରେ ଅଷ୍ଟମଥର ପାଇଁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ବିଭିନ୍ନ ଦେଶର ୩୦ଜଣ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଏଥିରେ ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ପଶ୍ଚିମବଙ୍ଗ, ଆସାମ ଓ ତ୍ରିପୁରା ଅଂଶଗ୍ରହଣ କରିବେ। ତେବେ ମହାରାଷ୍ଟ୍ର ଦଳ ବାତ୍ୟା 'ମହା' କାରଣରୁ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆସିପାରିନାହିଁ। ସେହିପରି ଓଡ଼ିଶାର ୭ଟି ଦଳ ମଧ୍ୟ ଏଥିରେ ଭାଗନେବ। ଏଥିରେ ଗତ ୩ ତାରିଖରେ ଅନୁଷ୍ଠିତ ଆନ୍ତଃ ସ୍କୁଲ ଟୁର୍ନାମେଣ୍ଟର ୪ଟି ବିଜେତା ଦଳ ମଧ୍ୟ ସାମିଲ ରହିଛି। ଟୁର୍ନାମେଣ୍ଟରେ ଭାଗନେବାକୁ ଇଣ୍ଡୋନେସିଆ, ତାଇୱାନ ଓ ଜାପାନ ଦଳ ମଧ୍ୟ ଏଠାରେ ପହଞ୍ଚି ସାରିଛନ୍ତି। ତେବେ ଥାଇଲାଣ୍ଡ ବାତ୍ୟା 'ବୁଲ୍‌ବୁଲ୍' କାରଣରୁ ଆସିପାରିନାହିଁ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।

ଉଲ୍ଲେଖଥାଉ କି, ୨୦୦୯ରେ ଇଣ୍ଡିଆ ଗେଟବଲ ୟୁନିୟନ ଭୁବନେଶ୍ୱରରେ ସ୍ଥାପନ ହୋଇଥିଲା। ଏହି ୟୁନିୟନ ୩୦ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛି। ଇଣ୍ଡୋନେସିଆର ବାଲି ଓ ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଦଳ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟୁର୍ନାମେଣ୍ଟରେ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସମ୍ଭାବ୍ୟ 'ବୁଲବୁଲ୍' ବାତ୍ୟା କାରଣରୁ ଏହି ଟୁର୍ନାମେଣ୍ଟ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦି ପାଗ ଠିକ୍‌ଠାକ ରହେ ତା'ହେଲେ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜକ ହେବ। ଟିମ୍ ଓ ଡବଲ୍ସ ଇଭେଣ୍ଟରେ ଟୁର୍ନାମେଣ୍ଟ ଆୟୋଜନ ହେବ। ଶନିବାର ଲିଗ୍ ମ୍ୟାଚ୍‌ଗୁଡିକ ଖେଳାଯିବା ପରେ ୧୦ ତାରିଖରେ ଟିମ ଓ ଡବଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯିବ। ପୁରୁଷ ଓ ମହିଳାଙ୍କ ସମେତ ଯେକୌଣସି ବୟସ ବର୍ଗର ଖେଳାଳି ଗେଟ ବଲ୍ ଖେଳିପାରିବେ। ଯାହାଫଳରେ ଏହି ଖେଳରେ ବେଶ୍ ରୋମାଞ୍ଚ ଦେଖିବାକୁ ମିଳିଥାଏ। ଏ ନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଗେଟ୍‌ବଲ ୟୁନିୟନ ଟ୍ରଷ୍ଟି ସଞ୍ଜୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ଦିଲୀପ ଦାସ, ସଭାପତି ଦ୍ୱୈପାୟନ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଗେଟବଲ୍ ୟୁନିୟନର କର୍ମକର୍ତ୍ତା।

# ୩ ଭାରତୀୟ ବାସ୍କେଟବଲ ଖେଳାଳି ଅଟକ

ନୂଆଦିଲ୍ଲୀ,୮।୧୧

ଦେଶର ଟପ୍ ବାସ୍କେଟବଲ ଖେଳାଳି ଅମଜ୍ୟୋତ ସିଂ, ଅର୍ଶପ୍ରୀତ ଭୁଲ୍ଲାର ଓ ଅମରିତପଲ ସିଂଙ୍କୁ ବୁଧବାର ରାତିରେ ବିଦ୍ୟାନଗର ଥାନା ଲକ ଅପ୍‌ରେ ୪ ଘଣ୍ଟା ବିତାଇବାକୁ ପଡ଼ିଛି। ଏହି ଖେଳାଳିମାନେ ରାତିରେ ନିଶାଗ୍ରସ୍ତ ଅବସ୍ଥାରେ ଜାତୀୟ କ୍ୟାମ୍ପକୁ ଫେରୁଥିବାବେଳେ ରାସ୍ତା କଡ଼ରେ ଝଗଡ଼ା କରୁଥିଲେ। ସେମାନଙ୍କୁ ସେଠାରେ ପୋଲିସ ଗିରଫ କରିଥିଲା ବୋଲି ଭାରତୀୟ ବାସ୍କେଟବଲ ଫେଡେରେଶନ (ବିଏଫ୍‌ଆଇ)ର ସାଧାରଣ ସମ୍ପାଦକ ଚନ୍ଦର ମୁଖୀ ଶର୍ମା କହିଛନ୍ତି। ଏହି ୩ ଖେଳାଳି ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସମସ୍ତ ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳିଥିଲେ। ତିନିଜଣଙ୍କ ସହ ଜଣେ ୧୭ ବର୍ଷରୁ କମ୍ ଜୁନିୟର ଖେଳାଳି ଥିଲେ। ନାବାଳକ ହୋଇଥିବାରୁ ତାଙ୍କ ନାମ ଗୁପ୍ତ ରଖାଯାଇଛି। ସେମାନେ ବିଏଫ୍‌ଆଇ ଅଫିସିଆଲ କିମ୍ବା କାର୍ଯ୍ୟରତ କୋଚଙ୍କୁ ନ ଜଣାଇ ଦୁଇ ମୋଟର ସାଇକେଲରେ ବାହାରିଥିଲେ। ଗୋଟିଏ ବାଇକ୍ ସ୍କିଡ କରିଯିବାରୁ ଦୁର୍ଘଟଣାର ଶିକାର ହୋଇଥିଲେ। ଜାତୀୟ ଶିବିର ନିୟମ ଭାଙ୍ଗିବା ପାଇଁ ନୋଟିସ ଦିଆଯାଇଛି। ବିଏଫ୍‌ଆଇ ଅଫିସିଆଲଙ୍କ ୩ ଜଣିଆ କମିଟି ଗଠନ କରାଯାଇଛି, ଯାହା ଏହି ଘଟଣାର ତଦନ୍ତ କରିବ। ଏ ସମ୍ପର୍କରେ କୋଚ୍‌ଙ୍କୁ ଯଥାଶୀଘ୍ର ରିପୋର୍ଟ ଦେବାକୁ କୁହାଯାଇଛି।

## ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ

# ସମ୍ବଲପୁର ଚାମ୍ପିୟନ

କଟକ ଅଫିସ୍, ୮।୧୧

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିୟନ ହୋଇଛି। ସମ୍ବଲପୁର ସର୍ବାଧିକ ୩ଟି ମ୍ୟାଚ୍ ଜିତିଥିଲା। ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ କଲିକତାକୁ ମଧ୍ୟ ସମ୍ବଲପୁର ପରାସ୍ତ କରିଥିଲା। କଲିକତା ରନର୍ସଅପ ହୋଇଥିବା ବେଳେ ରାଞ୍ଚି ବିଶ୍ୱବିଦ୍ୟାଳୟ ୩ୟ ଓ ଆଡାମସ ବିଶ୍ୱବିଦ୍ୟାଳୟ ଦଳ ୪ର୍ଥ ସ୍ଥାନରେ ରହିଛି। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସଠାରେ ଏକ ଅନ୍ତର୍ଜାତୀୟସ୍ତରର ହକି ଭେନ୍ୟୁ ନିର୍ମାଣ ହେବ ବୋଲି ମନ୍ତ୍ରୀ ବେହେରା ଏହି ଅବସରରେ ଘୋଷଣା କରିଛନ୍ତି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ କୁଳସଚିବ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. କେଏସ୍‌କେ ଭରଦ୍ୱାଜ ଅତିଥି ପରିଚୟ ଦେଇଥିଲେ। ଶେଷରେ ରେଭେନ୍‌ଶା କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ସମ୍ବଲପୁର ଦଳର ଖେଳାଳିମାନେ।

## ସଂକ୍ଷେପରେ

### ଆହାନଙ୍କୁ ଡବଲ୍ ଟାଇଟଲ୍




ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)- ଓଡ଼ିଶାର ଉଦୀୟମାନ ବାଳିକା ଟେନିସ ଖେଳାଳି ଆହାନ ଡବଲ୍ ସଫଳତା ପାଇଛନ୍ତି। ପଞ୍ଜାବର ଜଳନ୍ଧରସ୍ଥିତ ସିଂହ ସ୍ପୋର୍ଟ୍ସ ଏକାଡେମୀରେ ଅନୁଷ୍ଠିତ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ ୨ଟି ବର୍ଗରେ ଚାମ୍ପିୟନ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଆହାନ ୬-୩, ୬-୩ ସିଧାସଳଖ ସେଟ୍‌ରେ ପଞ୍ଜାବର ସାଞ୍ଚଲିନ କୌରଙ୍କୁ ପରାସ୍ତ କରି ଟାଇଟଲ୍ ହାସଲ କରିଥିଲେ। ଏହାପରେ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଆହାନ ୩-୬, ୬-୩, ୭-୫ ସେଟ୍‌ରେ ଅନ୍ୟତମ ଘରୋଇ ଖେଳାଳି ମେହେକ ଗୁପ୍ତାଙ୍କୁ ମାତ୍ ଦେଇ ଦ୍ୱିତୀୟ ଟ୍ରଫି ଜିତିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଆହାନ ନହରକଣ୍ଟାସ୍ଥିତ ଏସିଇ ବେସ୍ ଟେନିସ ଏକାଡେମୀର ପ୍ରଶିକ୍ଷାର୍ଥୀ।

### ଓଡ଼ିଶା-ଝାଡ଼ଖଣ୍ଡ ପଏଣ୍ଟ ବାଣ୍ଟିଲେ

ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)- ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଶୁକ୍ରବାରଠାରୁ ଘରୋଇ ଟି୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଆରମ୍ଭ ହୋଇଛି। ଗ୍ରୁପ୍-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ଶୁକ୍ରବାର ଝାଡ଼ଖଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଥିଲା। ସୁରଟର ସିବି ପଟେଲ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବର୍ଷା ଯୋଗୁ ଗୋଟିଏ ବି ବଲ୍ ବୋଲିଂ କରିବା ସମ୍ଭବପର ହୋଇ ନ ଥିଲା। ଫଳରେ ଅମ୍ପାୟର ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ଏକ ପଏଣ୍ଟ ଲେଖାଏ ପାଇଛନ୍ତି। ଗୋବିନ୍ଦ ପୋଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ଏହାର ୨ୟ ମ୍ୟାଚ୍‌ରେ ଶନିବାର ଦିଲ୍ଲୀକୁ ଭେଟିବ।

### ବେଆରଷ୍ଟୋଙ୍କୁ ଡାକରା


ନାପିଅର,୮।୧୧- ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଇଂଲଣ୍ଡ ଦଳକୁ ଜନି ବେଆରଷ୍ଟୋଙ୍କୁ ଡାକରା ଦିଆଯାଇଛି। ଜୋ ଡେନ୍‌ଲିଙ୍କ ବଦଳ ଖେଳାଳି ଭାବେ ବେଆରଷ୍ଟୋଙ୍କୁ ଏହି ସୁଯୋଗ ମିଳିଛି। ଗତ ସପ୍ତାହରେ ଟ୍ରେନିଂ ବେଳେ ଡେନ୍‌ଲିଙ୍କ ଗୋଇଠିରେ ଆଘାତ ଲାଗିଥିଲା। ଏଣୁ ବେଆରଷ୍ଟୋ ଟି୨୦ ସିରିଜ୍ ଶେଷ ହେବା ପରେ ମଧ୍ୟ ନ୍ୟୁଜିଲାଣ୍ଡରେ ରହିବେ। ସେ ନ୍ୟୁଜିଲାଣ୍ଡ କ୍ରିକେଟ ଏକାଦଶ ବିପକ୍ଷରେ ହେବାକୁ ଥିବା ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍ ଓ ପରେ ନ୍ୟୁଜିଲାଣ୍ଡ ଏ' ବିପକ୍ଷ ୩ ଦିନିଆ ୱାର୍ମ ଅପ୍ ମ୍ୟାଚ୍ ଖେଳିବେ। ଉଭୟ ଅଭ୍ୟାସ ମ୍ୟାଚ୍ କୋଭାମ ଓଭାଲଠାରେ ଖେଳାଯିବ। ତେବେ ପୂର୍ବରୁ ଘୋଷିତ ଟେଷ୍ଟ ଦଳରେ ବେଆରଷ୍ଟୋଙ୍କୁ ସ୍ଥାନ ମିଳି ନ ଥିଲା।

# ଭାରତରେ ଆୟୋଜନ ହେବ ୨୦୨୩ ହକି ବିଶ୍ୱକପ୍

ଲାଓସେନ,୮।୧୧(ପି.ଟି.)

କ୍ରମାଗତ ଦ୍ୱିତୀୟଥର ପାଇଁ ଭାରତ ହକି ବିଶ୍ୱକପ୍ ଆୟୋଜନ କରିବା ନିଶ୍ଚିତ ହୋଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ବିଶ୍ୱକପ୍‌ର ଆଗାମୀ ୨୦୨୩ ସଂସ୍କରଣକୁ ଭାରତ ଆୟୋଜନ କରିବ। ଶୁକ୍ରବାର ଏ ନେଇ ଏଫ୍‌ଆଇଏଚ୍ ସ୍ପଷ୍ଟ କରିଛି। ଜାନୁୟାରୀ ୧୩ରୁ ଆରମ୍ଭ ହୋଇ ଏହି ମେଗା ଇଭେଣ୍ଟ ୨୯ ତାରିଖରେ ଶେଷ ହେବ। ୨୦୧୮ରେ ଅନୁଷ୍ଠିତ ବିଶ୍ୱକପ୍‌ର ଗତ ସଂସ୍କରଣ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ଆୟୋଜନ ହୋଇଥିଲା। ସେହିପରି ୨୦୨୨ ମହିଳା ହକି ବିଶ୍ୱକପ୍‌କୁ ସ୍ପେନ୍ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ଆୟୋଜନ କରିବେ ବୋଲି ଏଫ୍‌ଆଇଏଚ୍ କାର୍ଯ୍ୟକାରୀ ବୋର୍ଡର ଗତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ମହିଳା ବିଶ୍ୱକପ୍ ଜୁଲାଇ ୧ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବ ବୋଲି କୁହାଯାଇଛି। ତେବେ ଦୁଇଟି ବିଶ୍ୱକପ୍‌ର ଭେନ୍ୟୁ ସମ୍ପର୍କରେ ଆୟୋଜକ ଦେଶଗୁଡ଼ିକ ପରେ ସୂଚନା ଦେବେ ବୋଲି କୁହାଯାଇଛି।

ଏଥିସହିତ ଭାରତ ପ୍ରଥମ ଦେଶ ଭାବେ ୪ଟି ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହାପୂର୍ବରୁ ଭାରତ ୧୯୮୨ରେ ମୁମ୍ବାଇ, ୨୦୧୦ରେ ନୂଆଦିଲ୍ଲୀ ଓ ୨୦୧୮ରେ ଭୁବନେଶ୍ୱରରେ ପୁରୁଷ ବିଶ୍ୱକପ୍ ଆୟୋଜନ କରିଥିଲା। ସେହିପରି ନେଦରଲାଣ୍ଡ୍ସ ୩ଥର ପୁରୁଷ ବିଶ୍ୱକପ୍ ଆୟୋଜନ କରିଛି। ୨୦୨୩ରେ ଭାରତ ସ୍ୱାଧୀନତା ହାସଲର ୭୫ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ହକି ଇଣ୍ଡିଆ ଏହି ଅବସରରେ ବିଶ୍ୱକପ୍ ଆୟୋଜନ କରି ହକିର ପ୍ରଚାର ଓ ପ୍ରସାର କରିବା ଲକ୍ଷ୍ୟରେ ରହିଛି।




ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ କରିବାକୁ ଭାରତ ସମେତ ବେଲଜିୟମ ଓ ମାଲେସିଆ ବିଡ୍ ଦାଖଲ କରିଥିଲେ। ସେହିପରି ମହିଳା ବିଶ୍ୱକପ୍ ପାଇଁ ୫ଟି ଦେଶ ଯଥା ଜର୍ମାନୀ, ସ୍ପେନ୍, ନେଦରଲାଣ୍ଡ୍ସ, ମାଲେସିଆ ଓ ନ୍ୟୁଜିଲାଣ୍ଡ ବିଡ୍ ଦାଖଲ କରିଥିଲେ। ଗତ ସଂସ୍କରଣର ଫର୍ମାଟ ଅନୁସାରେ ୨୦୨୩ ବିଶ୍ୱକପ୍ ଖେଳାଯିବ ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି। ହକି ପ୍ରସାର ଓ ଇଭେଣ୍ଟର ଆୟକୁ ଦୃଷ୍ଟିରେ ରଖି ବିଶ୍ୱକପ୍ ଆୟୋଜନ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି ବୋଲି ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ କହିଛନ୍ତି।

ଏହି ଦୁଇଟି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ପାଇଁ ଏଫ୍‌ଆଇଏଚ୍ ଏକାଧିକ ସୁନ୍ଦର ବିଡ୍ ପାଇଥିଲା। ବିଶ୍ୱରେ ହକିର ପ୍ରଚାର ଓ ପ୍ରସାରକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ଏଫ୍‌ଆଇଏଚ୍ ତରଫରୁ ସ୍ପଷ୍ଟ କରାଯାଇଥିବା ୱେଇଲ୍ କହିଛନ୍ତି। ଏ ନେଇ ଆମେ ଲୋକାଲ ଅର୍ଗାନାଇଜିଂ କମିଟି ସହ ଜଡ଼ିତ ରହି ମିଳିତ ଭାବେ କାର୍ଯ୍ୟ କରିବୁ।

ଉଲ୍ଲେଖଥାଉ କି, ହକି ବିଶ୍ୱକପକୁ ବାଦ୍ ଦେଲେ ଭାରତ ଗତ କିଛି ବର୍ଷ ମଧ୍ୟରେ ହକିର ଏକାଧିକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଛି। ଏହି କ୍ରମରେ ଭାରତ ୨୦୧୪ରେ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଟ୍ରଫି, ୨୦୧୬ରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ, ୨୦୧୭ରେ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍ ଫାଇନାଲ, ୨୦୧୯ରେ ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ଓ କିଛି ଦିନ ତଳେ ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ସଫଳତାର ସହ ଆୟୋଜନ କରିଥିଲା। ବିଶ୍ୱକପ ଆୟୋଜନ ଅଧିକାର ପାଇଥିବାରୁ ଆମେ ବହୁତ ଖୁସି ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। ଭାରତ ଶେଷଥର ପାଇଁ ୧୯୭୫ରେ ହକି ବିଶ୍ୱକପ୍ ଜିତିଥିଲା ଓ ଏହି ଅବସରରେ ଭାରତ ସ୍ୱାଧୀନତାର ୭୫ତମ ପୂର୍ତ୍ତି ପାଳନ କରିବ। ଏହା ନିଶ୍ଚିତ ଭାବେ ଖୁସିର କଥା ବୋଲି ସେ କହିଛନ୍ତି। ୨୦୧୮ରେ ଭୁବନେଶ୍ୱରରେ ଆମେ ବେଶ୍ ସଫଳତାର ସହ ବିଶ୍ୱକପ୍ ଆୟୋଜ କରିଥିଲୁ। ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଇଭେଣ୍ଟରେ ପରିଗଣିତ ହେଉଛି ବୋଲି ସେ କହିଛନ୍ତି। ଏହି ବିଶ୍ୱକପ୍ ଆୟୋଜନ ଅଭିଜ୍ଞତାରୁ ଫାଇଦା ଉଠାଇ ଆହୁରି ଉନ୍ନତ ଭାବେ ୨୦୨୩ ଇଭେଣ୍ଟ ଆୟୋଜନ କରିବୁ ବୋଲି ମହମ୍ମଦ ମୁସ୍ତାକ କହିଛନ୍ତି।

**ପ୍ରଥମ ଜନ୍ମ ବାର୍ଷିକୀ**



ନମନ ମେହେର
ନି. ଝୁଲୋପାଲି, ପୋ: ବନ୍ଧପାଲି, ଜିଲ୍ଲା: ବରଗଡ଼
ଆଜି ତୋର ପ୍ରଥମ ଜନ୍ମବାର୍ଷିକୀରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ତଥା ତୋର ଚଲାପଥ କୁସୁମିତ କରାନ୍ତୁ।
ଶୁଭେଚ୍ଛା ସହ
ବାପା: କଳାକାହ୍ନୁ ମେହେର, ମାଆ: ପିଙ୍କି ମେହେର, ଅଜା, ଆଇ, ଓମ୍ ଓ ମହିମା, ବଡ଼ମାଆ, ବାପା।
ଧ-୧୫୧୪୨

### ନାଗାଲ, ରାମକୁମାର ଉପଲବ୍ଧ ହେବେ

ନୂଆଦିଲ୍ଲୀ, ୮।୧୧ (ପି.ଟି.)

ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ଦଳରେ ଭାରତର ଶ୍ରେଷ୍ଠ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଏବଂ ରାମକୁମାର ରମାନାଥନ ସ୍ଥାନ ପାଇବେ। ନଭେମ୍ବର ୨୯ ଓ ୩୦ରେ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯିବାକୁଥିବା ମ୍ୟାଚଗୁଡ଼ିକ ଲାଗି ଉଭୟେ ଉପଲବ୍ଧ ହେବେ ବୋଲି ଅବଗତ କରାଇଛନ୍ତି। ଚଳିତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ନାଗାଲ ଗୁରୁବାର ରାତିରେ ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା)କୁ ଏକ ପତ୍ର ଜରିଆରେ ତାଙ୍କ ଉପଲବ୍ଧିକୁ ନେଇ ଦୃଢ଼ ନିଶ୍ଚିତ କରିଛନ୍ତି। ଅଧିନାୟକ ରୋହିତ ରାଜପାଲଙ୍କ କହିବା ପରେ ସେ ଏହା କରିଛନ୍ତି। ରାମକୁମାର କିଛି ଦିନ ପୂର୍ବରୁ ଆଇଟାକୁ ନିର୍ଭର ପ୍ରତିଶ୍ରୁତି ଦେଇ ସାରିଛନ୍ତି। ଫଳରେ ଭାରତ ଏହା ଶ୍ରେଷ୍ଠ ସିଙ୍ଗଲ୍ସ ଖେଳାଳିଙ୍କୁ ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳିବ। ମୁକାବିଲା ପ୍ରଥମ ଦିବସରେ ଭାରତର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଥିବାରୁ ସେ ଉପଲବ୍ଧ ହେବେ ନାହିଁ। ଡବଲ୍ସ ପାଇଁ ଭେଟେରାନ ଖେଳାଳି ଲିଆଣ୍ଡର ପେସ୍ ବିନା ସର୍ତ୍ତରେ ଖେଳିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ୪୬ବର୍ଷୀୟ ପେସ୍ ହେଉଛନ୍ତି ଡେଭିସ୍ କପ୍ ଇତିହାସରେ ସବୁଠାରୁ ସଫଳ ଡବଲ୍ସ ଖେଳାଳି।

# ଭାରତୀୟ ଦଳରେ କିସ୍‌ରୁ ୨



ବିନୁ ସାହୁ, ଗୀତା ଭୂୟାଁ, ଶ୍ୱେତାସିନୀ ଶବର

ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ମାସ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଇନାର ଝୋଙ୍ଗଶାନଠାରେ ଦ୍ୱିତୀୟ ବିଏଫ୍‌ଏ ମହିଳା ବେସ୍‌ବଲ୍ ଏସିଆନ୍ କପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ମହିଳା ବେସ୍‌ବଲ ଦଳରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ର ୨ ଜଣ ଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଗୀତା ଭୂୟାଁ ଓ ଶ୍ୱେତାସିନୀ ଶବର। ଗୀତା ଯୁକ୍ତ ୩ କଳାର ୩ୟ ବର୍ଷର ଛାତ୍ରୀ ହୋଇଥିବାବେଳେ ଶ୍ୱେତାସିନୀ ଯୁକ୍ତ ୩ କଳା ୨ୟ ବର୍ଷର ଛାତ୍ରୀ। ସେହିଭଳି କିସ୍‌ର

**ବେସ୍‌ବଲ ଏସିଆନ୍ କପ୍**

ବେସ୍‌ବଲ୍ କୋଚ୍ ବିନୁ ସାହୁ ମଧ୍ୟ ଭାରତୀୟ ଦଳ ସହ ଗସ୍ତ କରିବାକୁ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାରେ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଜାପାନ ଓ ପାକିସ୍ତାନ ସହ ଆୟୋଜକ ଚାଇନା ରହିଛନ୍ତି। ଅପରପକ୍ଷରେ ଚାଇନିଜ ତାଇପେଇ, ହଂକଂ, କୋରିଆ ଓ ଫିଲିପାଇନ୍ସକୁ ନେଇ ଗ୍ରୁପ୍-ବି ଗଠିତ। ଏହି ଅବସରରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଭାରତୀୟ ଦଳର ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

### ପରାଜୟ ସତ୍ତ୍ୱେ ପରବର୍ତ୍ତୀ ରାଉଣ୍ଡରେ ଓଡ଼ିଶା

କଟକ ଅଫିସ, ୮।୧୧

ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୬ବର୍ଷରୁ କମ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ଇନିଂସ ଓ ୬୫ ରନରେ ବେଙ୍ଗଲଠାରୁ ପରାସ୍ତ ହୋଇଛି। ପରାଜୟ ସତ୍ତ୍ୱେ ଓଡ଼ିଶା ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବାର ସୌଭାଗ୍ୟ ଅର୍ଜନ କରିଛି। ୩ଟି ଲେଖାଏ ବିଜୟ ପଏଣ୍ଟ ସହିତ ପୂର୍ବାଞ୍ଚଳ ଗ୍ରୁପରୁ ଓଡ଼ିଶା ଓ ଝାଡ଼ଖଣ୍ଡ ପରବର୍ତ୍ତୀ ରାଉଣ୍ଡରେ ଖେଳିବାର ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶାର ପ୍ରଥମ ଇନିଂସ ୧୩୩ ରନ ଜବାବରେ ବେଙ୍ଗଲ ପ୍ରଥମ ଇନିଂସରେ ୩୬୯ ରନ କରିଥିଲା। ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୫୫ ରନ କରିଥିଲା। ଏହି ଅସମାପ୍ତ ଇନିଂସରୁ ବ୍ୟାଟିଂ ଆରମ୍ଭ କରି ଶୁକ୍ରବାର ଓଡ଼ିଶା ସମସ୍ତ ଉଇକେଟ ହରାଇ ୧୭୧ ରନ କରିଥିଲା। ଶୁଭମ ନାୟକ ଦଳ ପକ୍ଷରୁ ସର୍ବାଧିକ ୫୩ ରନ କରିଥିଲେ। ବେଙ୍ଗଲ ପକ୍ଷରୁ ସିଦ୍ଧାର୍ଥ ସିଂ ୬ଟି ଉଇକେଟ ଅକ୍ତିଆର କରିଛନ୍ତି।

# ଶୁଟର ଚିଙ୍କିଙ୍କୁ ଟୋକିଓ ଟିକେଟ



ଦୋହା,୮।୧୧(ପି.ଟି.)

ଚିଙ୍କି ଯାଦବ ଭାରତର ୧୧ତମ ଶୁଟର ଭାବେ ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଚାଲିଥିବା ୧୪ତମ ଏସିଆନ ଚାମ୍ପିୟନଶିପର ୨୫ ମିଟର ପିସ୍ତଲ ଫାଇନାଲରେ ସ୍ଥାନ ପକ୍କା କରି ସେ ଏହି ସଫଳତା ପାଇଛନ୍ତି। ଚିଙ୍କି ଯୋଗ୍ୟତା ପର୍ଯ୍ୟାୟରେ ଥାଇଲାଣ୍ଡର ନାଫସ୍ୱାନ ୟାଙ୍ଗପାଇବୁନ(୫୯୦)ଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚିଙ୍କି ଗୋଟିଏ ରାଉଣ୍ଡରେ ପରଫେକ୍ଟ ୧୦୦ ସ୍କୋର କରିଥିଲେ। ମୋଟ ଉପରେ ସେ ୫୮୮ ସ୍କୋର କରିଥିଲେ। ୨୧ ବର୍ଷୀୟା ଶୁଟର ଏବେ ୮ ଜଣିଆ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରି ପଦକରୁ ବଞ୍ଚିତ ରହିଛନ୍ତି। ଜୁନିୟର ବିଶ୍ୱ ଚାମ୍ପିୟନ୍‌ଶିପ ବ୍ରୋଞ୍ଜ ପଦକ ବିଜେତା ଫାଇନାଲରେ ମାତ୍ର ୧୧୬ ସେକାର ସହ ୬ଷ୍ଠ ପାଇଥିଲେ। ୨୫ ମି. ପିସ୍ତଲ ଇଭେଣ୍ଟ ଦ୍ୱିତୀୟ ଭାରତୀୟ ଭାବେ ଅଲିମ୍ପିକ କୋଟା ହାତେଇଛନ୍ତି।

# ବିସିସିଆଇ ସିଏଫ୍‌ଓଙ୍କ ଇସ୍ତଫା

ନୂଆଦିଲ୍ଲୀ, ୮।୧୧ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଚିଫ୍ ଫାଇନାନ୍‌ସିଆଲ ଅଫିସର (ସିଏଫ୍‌ଓ) ସନ୍ତୋଷ ରାଙ୍ଗନେକର ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏଭଳି ନିଷ୍ପତ୍ତି ନେବାରେ ପ୍ରଶାସକ କମିଟି (ସିଓଏ) ଯୁଗର ସେ ହେଉଛନ୍ତି ପ୍ରଥମ ହାଇପ୍ରୋଫାଇଲ କାର୍ଯ୍ୟନିର୍ବାହୀ। ରାଙ୍ଗନେକର ହେଉଛନ୍ତି ବିସିସିଆଇର ପ୍ରଥମ ସିଏଫ୍‌ଓ। ତାଙ୍କ ୩ ବର୍ଷ କାର୍ଯ୍ୟକାଳ ସମୟରେ ସେ ଅନ୍ୟମାନଙ୍କ ନଜରରେ ରହିଥିଲେ। ବିସିସିଆଇ ଆପେକ୍ସ କାଉନ୍‌ସିଲର ଜଣେ ସିନିୟର ସଦସ୍ୟ ରାଙ୍ଗନେକର ଚାପର ବଶବର୍ତ୍ତୀ ନ ହୋଇ ଏହି ପଦକ୍ଷେପ ନେଇ ନାହାନ୍ତି, ବରଂ ସ୍ୱେଚ୍ଛାକୃତ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି। ସେ ବିସିସିଆଇ ସିଇଓ ରାହୁଲ ଜୋହରିଙ୍କ ନିକଟକୁ ତାଙ୍କ ଇସ୍ତଫା ପତ୍ର ପଠାଇଦେଇଛନ୍ତି। କୁହାଯାଉଛି ରାଙ୍ଗନେକର ପ୍ରଶାସନିକ ବହିର୍ଭୂତ କାର୍ଯ୍ୟରେ ମୁଣ୍ଡ ଖେଳାଇବାରୁ ତାଙ୍କୁ ଅନେକ ନାପସନ୍ଦ କରିଥିଲେ। ଖବର ଅନୁସାରେ କ୍ରିକେଟ ଅଷ୍ଟ୍ରେଲିଆ ସହିତ ଆକାଉଣ୍ଟ୍ସ ବିବାଦ ସମାଧାନ ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯିବା ଲାଗି ପ୍ରଶାସକ କମିଟି ରାଙ୍ଗନେକରଙ୍କୁ ଅନୁମତି ଦେଇଥିଲା। ହେଲେ ବିନା ଗସ୍ତରେ ଏହି କାର୍ଯ୍ୟ ସମ୍ପାଦନ ହୋଇପାରିଥାନ୍ତା। ପୁନଶ୍ଚ ପୂର୍ବତନ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧାରୀ ତାଙ୍କୁ ମାଡ଼ ମାରିବା ଲାଗି ଧମକ ଦେଇଥିବା ଅଭିଯୋଗ କରିଥିଲେ। ଯାହାକୁ ବିସିସିଆଇର ଅନେକ କର୍ମକର୍ତ୍ତା ଭିତ୍ତିହୀନ ବୋଲି ମନେ କରନ୍ତି। ସେ କାହା ପ୍ରରୋଚନାରେ ଏପରି କେଲେ ତାହା ଅସ୍ପଷ୍ଟ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି ଯେତେବେଳେ ଆର୍ଥିକ ବ୍ୟାପାର ଦାୟିତ୍ୱ କୋଷାଧ୍ୟକ୍ଷଙ୍କଠାରୁ ଆଣି ସିଏଫ୍‌ଓଙ୍କୁ ପ୍ରଦାନ କରିଥିଲେ ବିସିସିଆଇ ଏହି କାର୍ଯ୍ୟକୁ ନାପସନ୍ଦ କରିଥିଲା। ଇତିମଧ୍ୟରେ ବିସିସିଆଇର ନୂଆ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଙ୍ଗନେକରଙ୍କୁ ହୁଏତ ସେମାନଙ୍କର ଅନେକ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥାନ୍ତା। ଏହାକୁ ଏଡ଼ାଇବା ଲାଗି ରାଙ୍ଗନେକର ହୁଏତ ଇସ୍ତଫା ଦେଇଥାଇ ପାରନ୍ତି ବୋଲି ବିସିସିଆଇର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି।

# ଫାଇନାଲ୍‌ରେ ସାଇ ସୁନାବେଡ଼ା

ନୟାଗଡ଼ ଅଫିସ, ୮।୧୧

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ୬୦ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସ୍ପୋର୍ଟ୍ସ ହଷ୍ଟେଲ କଟକ ଓ ସାଇ ହାଲ ସୁନାବେଡ଼ା ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଏଥିରେ ସୁନାବେଡ଼ା ଦଳ ୧-୦ ଗୋଲ୍‌ରେ ବିଜୟ ଲାଭ କରି ଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ଥିଲା ଏବଂ ଏହା ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ଦୁଇ ଦଳ ଗୋଲ୍ ସ୍କୋର କରିବା ପାଇଁ ଚେଷ୍ଟା କରୁଥିଲେ। ସୁନାବେଡ଼ା ଦଳର ୭ ନମ୍ବର ଖେଳାଳୀ ସଂଜୟ ବାଡେ ବିପକ୍ଷ ଦଳର ଖେଳାଳିଙ୍କ ଠାରୁ ବଲ୍ ଛଡ଼ାଇ ନେଇ ଏକ ଚମତ୍କାର ଗୋଲ୍ ଦେଇଥିଲେ। ଏହା ପରେ ଆଉ କୌଣସି ଗୋଲ୍ ସ୍କୋର ହୋଇ ପାରି ନ ଥିଲା। ଫଳରେ ସୁନାବେଡ଼ା ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ରାଜୁ ମହାନ୍ତି ଖେଳପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି , ଦିଗବିଜୟ ଦାସ, ଲକ୍ଷ୍ମୀପ୍ରସାଦ ଲାଇନ୍‌ରେ ସହାୟତା କରିଥିଲେ। ମନସୁର ବକ୍ସ ଅତିଥିଭାବେ ଯୋଗ ଦେଇଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ୍ ଖେଳ ସଂଘର୍ଷ କ୍ଲବ ଭୁବନେଶ୍ୱର ଓ ରତଲାମ ସିଟି ଫୁଟବଲ କ୍ଲବ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।



ଅତିଥିମାନଙ୍କ ସହିତ ଉଭୟ ଦଳର ଖେଳାଳି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**




ସ୍ୱର୍ଗତ ପ୍ରଫେସର ଡ. ଗଦାଧର ପଣ୍ଡା
ଅବସରପ୍ରାପ୍ତ ପ୍ରଫେସର,ଓୟୁଏଟି
ଆବିର୍ଭାବ: ୩୦।୦୬।୧୯୩୫
ତିରୋଧାନ: ୩୦।୧୦।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୧୦୭

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




ସ୍ୱର୍ଗତ ଦିବ୍ୟନାରାୟଣ ବାବୁ
(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ସମ୍ବଲପୁର
ଆବିର୍ଭାବ: ୦୫।୧୨।୧୯୩୭
ତିରୋଧାନ: ୦୯।୧୧।୨୦୧୫
ତୁମର ଆଦର୍ଶ. କର୍ତ୍ତବ୍ୟ ନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିରପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ:
ସ୍ତ୍ରୀ ସଂଯୁକ୍ତା ବାବୁ, ପୁଅ: ସୌମିକ, ପୁତ୍ରବଧୂ: ପ୍ରତୀକ୍ଷା, ଝିଅ: ସ୍ୱରଲିପି, ଜ୍ୱାଇଁ: ଆନନ୍ଦ ଚନ୍ଦ୍ର ପତି, ନାତୁଣୀ: ଅନୁଷ୍କା, ଆଦ୍ରିକା ବାବୁ।
ଧ-୧୫୧୪୧

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




ସ୍ୱର୍ଗତା ଶଶୀକଳା ଶତପଥୀ
ଲଡୁଗାଁ, କଳାହାଣ୍ଡି
ତିରୋଧାନ: ୨୯।୧୦।୨୦୧୯
(କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା)
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମର ଚିରସ୍ମରଣୀୟ। ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ସୁବାସ,ସୁରେଶ, ବୋହୂମାନେ, ଝିଅ: ସବିତା ଜ୍ୱାଇଁ: ହରିହର, ଭାଇ ଓ ଭାଉଜ, ପୁତୁରା ଓ ଝିଆରୀ, ନାତି ଓ ନାତୁଣୀମାନେ ଅଣନାତି ଓ ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୬୮୫୦୬

**୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




ସ୍ୱର୍ଗତା ଆଶା ପଟ୍ଟନାୟକ
ଦାଣ୍ଡିମାଳ ସାହି, ବଡ଼ଦାଣ୍ଡ, ପୁରୀ
ତିରୋଧାନ: କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ
ଚାହୁଁ ଚାହୁଁ ୬ବର୍ଷ ବିତିଗଲା, ମା' ଡ଼ାକ ଆମର ଲୁଚିଗଲା। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମର ପାଥେୟ ହୋଇ ରହିଛି। ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ।
ଧ-୬୩୮୦୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




ସ୍ୱର୍ଗତା ମନୋରମା ଦାଶ
ସାରଙ୍ଗଯୋଡ଼ି, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୨୧।୦୩।୧୯୪୧
ତିରୋଧାନ: ୦୧।୧୧।୨୦୧୭
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମା' କ୍ଷେତ୍ରପାଳୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା। ଆପଣଙ୍କ ଆଶୀର୍ବାଦ ଦାଶଘର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ ଓ ଅନ୍ୟ ସମସ୍ତଙ୍କ ପାଇଁ ସଦା ଶୁଭମୟ ହୋଇଥାଉ।
ଧ-୬୪୦୯୯

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଅନନ୍ତ ଚରଣ ରଥ
ଆବିର୍ଭାବ: ୧୭।୦୨।୧୯୩୪
ତିରୋଧାନ: ୨୯।୧୦।୨୦୧୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ରଥ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୫୧୪୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରହ୍ଲାଦ ସେଠୀ
ଉତ୍ତର ଶାସନ (ପଥରତୁଠ), ବିରିଡ଼ି
ଆବିର୍ଭାବ: ୦୪।୦୩।୧୯୨୭
ତିରୋଧାନ: ୩୦।୧୦।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ। ଆପଣଙ୍କର ଅମରଆତ୍ମା ବିଭୁଙ୍କ ପାଦପଦ୍ମରେ ଲୀନ ହେଉ। ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ପୁତ୍ର: ରାହୁଲ, ପୁତ୍ରବଧୂ: ପୁଷ୍ପାଞ୍ଜଳି, ଝିଅ; ଭାଲେଣ୍ଟିନା, ଜ୍ୱାଇଁ: ଭାସ୍କର ନାରାୟଣ, ଝିଅ: ରେଜିୟା, ଜ୍ୱାଇଁ: ନବକିଶୋର, ଝିଅ: ଲୋପା, ଜ୍ୱାଇଁ: ଅଯୋଧ୍ୟାନାଥ, ନାତୁଣୀ, ନାତି,: ଶୁଭଶ୍ରୀ, ନିର୍ଲିପ୍ତା, ବିଦ୍ୟୋତ୍ତମା, ଜାବାଳିକୁମାର, ଜ୍ୟୋତିପ୍ରକାଶ, ସୋୟମ୍ ସାଧନା
ବନ୍ଧୁ ଓ ପରିବାରବର୍ଗ।
ଧ-୧୫୧୪୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ବାଉରୀ ସାହୁ
ନୂଆଗାଁ ଭୁବନେଶ୍ୱର-୨
ଆବିର୍ଭାବ: ୧୯୩୪
ତିରୋଧାନ: ୩୦।୧୦।୨୦୧୯
ବୋଉ, ତୋର ସ୍ନେହ, ତ୍ୟାଗ, ଉପଦେଶ ଆମ ପାଇଁ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ, ଆମ ପାଇଁ ସଦାସର୍ବଦା ଆଶୀର୍ବାଦ ଥାଉ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୯୯୯

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ନଭେମ୍ବର ୯/୨୦୧୯ Balasore, Saturday, November 9/2019

# ୯୭ ଖଣିରେ ୧୪୪ ଧାରା

ଖଇରା, ୮।୧୧(ଡି.ଏନ.ଏ.)

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ନାଲି ଆଖି ପରେ ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶରୀଶୁଆ ପାହାଡରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ୯୭ଟି ଖଣି ବ୍ୟବହାର ଉପରେ ଅଙ୍କୁଶ ଲଗାଇବାକୁ ୧୪୪ ଧାରା ଜାରି କରାଯାଇଛି। ବାଲେଶ୍ୱର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ, ଅତିରିକ୍ତ ତହସିଲଦାର ବିଭାସ ପାଣିଗ୍ରାହୀ ଖଣି ଅଞ୍ଚଳକୁ ଗସ୍ତ କରି ୧୪୪ ଧାରା ଜାରି ସମ୍ପର୍କରେ ମାଇକ ଯୋଗେ ପ୍ରଚାର କରିଛନ୍ତି। ଏଥିରେ ରାଜସ୍ୱ ବିଭାଗକୁ ଖଇରା ଥାନା ଏସ୍‌ଆଇ ଅଶ୍ୱିନୀ ବେହେରା, ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତି ସହାୟତା କରିଥିଲେ।



୧୪୪ଧାରା ଲାଗୁ ସମ୍ପର୍କରେ ମାଇକରେ ପ୍ରଚାର କରାଯାଉଛି।

ଏହା ପୂର୍ବରୁ ଅକ୍ଟୋବର ୨୩ତାରିଖରେ ତହସିଲ ପକ୍ଷରୁ ଖଣି ଖୋଲା ବନ୍ଦ ରଖିବା ସମ୍ପର୍କରେ ମାଇକ ଯୋଗେ ପ୍ରଚାର କରାଯାଇଥିଲା। ହେଲେ ୩୦ରୁ ଅଧିକ ଖଣି ନିଲାମଧାରୀମାନେ ଏହାକୁ ଖାତିର ନ କରି ରାତିଦିନ ବ୍ଲାଷ୍ଟିଂ କରି ଖଣିରୁ ପଥର ଉତ୍ତୋଳନ କରିବା ନେଇ ଅଭିଯୋଗ ହୋଇଥିଲା। ପ୍ରକାଶ ଥାଉ କି, ୯୭ ଖଣି ନିଲାମ ବେଳେ ରାଜସ୍ୱ ବିଭାଗ ଖଣି ଆଇନର ଖୁଲମଖୁଲା ଉଲ୍ଲଘଂନ କରିବା ନେଇ ୨ ସ୍ୱେଚ୍ଛାସେବୀ ସଙ୍ଗଠନ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ୧୬ ଅକ୍ଟୋବରରେ ଦେଇଥିବା ରାୟରେ ଖଣି ଜୈବ ସମ୍ବେଦନଶୀଳ କ୍ଷେତ୍ର ମଧ୍ୟରେ ଆସୁଥିବାରୁ ପରିବେଶ ସଂକ୍ରାନ୍ତୀୟ ସମସ୍ତ ବିଷୟ ଉପରେ ଡିସେମ୍ବର ୪ ତାରିଖ ସୁଦ୍ଧା ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦେବା ପରେ ବେଆଇନ ଖଣି କାରବାର ଉପରେ ଆଖି ବନ୍ଦ କରିଦେଇଥିବା ରାଜସ୍ୱ ବିଭାଗ ତତ୍ପରତା ପ୍ରକାଶ କରିଛି।

## ଗଡ଼ସାହିରେ ବ୍ୟାପିଲା ଝାଡ଼ାବାନ୍ତି
# ୧୫ ଆକ୍ରାନ୍ତ, ୫ ଗୁରୁତର

ଔପଦା, ୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକର ଆଦିବାସୀ ଅଧ୍ୟୁଷିତ ଗଡ଼ସାହି ପଞ୍ଚାୟତ ଗଡ଼ସାହି ଗ୍ରାମରେ ଝାଡ଼ାବାନ୍ତିର ପ୍ରାଦୁର୍ଭାବ ଦେଖାଦେଇଛି। ଏଥିରେ ୧୫ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ପାହାଡ଼ ତଳି କୁନ୍ଦବାଡ଼ି ଚୁଆର ଦୂଷିତ ପାଣି ବ୍ୟବହାର ଝାଡ଼ାବାନ୍ତିର ମୁଖ୍ୟ କାରଣ ବୋଲି କୁହାଯାଉଛି।

ଅନ୍ୟପକ୍ଷେ ଗଡ଼ସାହି ଗ୍ରାମରେ ଥିବା ନଳକୂପ ଖରାପ ହେବା ପରେ ଗାଁ ଲୋକେ ନିକଟ ଗ୍ରାମର ନଳକୂପ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ପୋଖରୀ ପାଣିରେ ସ୍ନାନ, ଶୌଚ ଆଦି କରୁଥିଲେ। ପାନୀୟଜଳ ଅଭାବରୁ ପାହାଡ଼ ତଳି ଚୁଆପାଣିକୁ ମଧ୍ୟ କେତେକ ଲୋକ ପାନୀୟ ଜଳ ଭାବେ ବ୍ୟବହାର କରିବାକୁ ବାଧ ହୋଇଥିଲେ। ଗତ ୭ ତାରିଖରେ ଜଣକ ପରେ ଜଣେ ୧୫ଜଣ ଝାଡ଼ାବାନ୍ତିରେ ଶିକାର ହେବା ସହ ୫ଜଣଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଡାକ୍ତରୀ ଦଳ ସେଠାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଓ ପୂର୍ଣ୍ଣଚନ୍ଦ୍ର ଦାସ, ସ୍ୱାସ୍ଥ୍ୟକର୍ମୀ ମନୋଜ ମହାପାତ୍ର, ସ୍ୱାସ୍ଥ୍ୟ ପରିଦର୍ଶିକା କନକଲତା ପାଲ ପ୍ରମୁଖ ଉପସ୍ଥିତ ରହି ଆକ୍ରାନ୍ତମାନଙ୍କ ଚିକିତ୍ସା କରୁଛନ୍ତି। ଆକ୍ରାନ୍ତମାନଙ୍କ ମଧ୍ୟରେ କୁନି ଖଟୁଆ (୧୯), ଦୀପକ ଖଣ୍ଡେ (୮), ନିନି ଖଣ୍ଡେଇ(୪୫), ଦୀପା ଖଣ୍ଡେ(୨୭), ସାଇବାଣୀ ସେନାପତି(୫୬)ଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି। ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ଭୁଶୁଡ଼ିଲା ପୋଲ: ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

ଆନନ୍ଦପୁର,୮।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ମହାପାତ୍ର ସାହିରୁ ପଇତାପାଣିକୁ ସଂଯୋଗ କରୁଥିବା ସଡ଼କର ପୋଲଟି ଗୁରୁବାର ରାତିରେ ଭୁଶୁଡି ପଡିଛି। ଫଳରେ ଉଭୟ ସାହି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ୬ ବର୍ଷ ପୂର୍ବେ ଘାଗରା ନଦୀ ଉପରେ ହୋମପାଇପ୍ ପକାଯାଇ ପୋଲ ନିର୍ମାଣ କରାଯାଇଥିଲା। ସେତେବେଳେ ନିମ୍ନମାନର କାର୍ଯ୍ୟ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାସକ ତଳେ ସଂପୃକ୍ତ ପୋଲରେ ସୃଷ୍ଟି ହୋଇଥିବା ଫାଟକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେ ସମୟରେ ଗ୍ରାମବାସୀ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏହାର ମରାମତି କରା ନ ଯିବାରୁ ସଂପୃକ୍ତ ପୋଲ ଏବେ ଭୁଶୁଡି ପଡ଼ିଛି। ଏହି ରାସ୍ତା କେବଳ ଦୁଇ ଗାଁ ନୁହେଁ ଆଖପାଖ ଅଞ୍ଚଳ ସମେତ ପଡ଼ୋଶୀ ମୟୂରଭଞ୍ଜ ଜିଲାର ମଧ୍ୟ କେତେକ ଗ୍ରାମବାସୀ ଯାତାୟାତ କରିଥାନ୍ତି। ପୋଲ ଭୁଶୁଡିବା ଦ୍ୱାରା ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବାରେ ମଧ ହଇରାଣ ହେଉଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ଏହାର ମରାମତି କରା ନ ଗଲେ ସ୍ଥାନୀୟ ଲୋକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

ସଜନାଗଡ଼, ୮।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ସଜନାଗଡ଼ ବଜାରରେ ଥିବା ଏକ ହୋଟେଲ ମାଲିକ ରଣଜିତ୍ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ରଣଜିତ୍ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ. ୨୮୩/୧୯) ରୁଜୁ ହୋଇଛି। ପୋଲିସ ୩ଜଣ ଯୁବକ ସଜନାଗଡ଼ ପାଣବନ୍ଧ ଗ୍ରାମର ରାଜୁ ମାଝି , ଭରତ ହେମ୍ବ୍ରମ୍ ଏବଂ ମଙ୍ଗଲ ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଗୁରୁବାର ରାତି ପ୍ରାୟ ୧୦ଟାରେ ୩ଜଣ ଯୁବକ ମଦ୍ୟପାନ କରି ସଜାନଗଡ଼ ବଜାରରେ ଥିବା ତାରିଣୀ ହୋଟେଲରେ ପହଞ୍ଚି ଖାଇବାକୁ ମାଗିଥିଲେ। ମାତ୍ର ହୋଟେଲ ବନ୍ଦ ହୋଇଗଲାଣି ବୋଲି ମାଲିକ ରଣଜିତ୍ ବେହେରା କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଉକ୍ତ ୩ ଯୁବକ ଏକ କାଠଫାଳିଆରେ ପିଟିବା ସହ ଭୁଜାଲିରେ ମାରିବାକୁ ଯାଉଥିବା ବେଳେ ରଣଜିତ୍ ଜୀବନ ବିକଳରେ ନିଜର ମୁଣ୍ଡକୁ ଆଡ଼େଇ ଦେଇଥିଲେ। ଫଳରେ ହାତରେ ଶକ୍ତ ଆଘାତ ଲାଗିବାରୁ ରକ୍ତସ୍ରାବ ହୋଇଥିଲା। ନୀଳଗିରି ଥାନାର ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ, ହାବିଲଦାର ଅଭୟ ଦଳାଇ ପହଞ୍ଚି ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଏକ ଭୁଜାଲି, କାଠଫାଳିଆ ଓ ନଗଦ ୭୫୦୦ ଟଙ୍କା ଜବତ କରି ଥାନାକୁ ଆଣିଥିଲେ।

### ୩ ଗାଡ଼ି ଜବତ

ବସ୍ତା, ୮।୧୧(ସ୍ୱ.ପ୍ର.): ବେଆଇନ ଭାବେ ସାମଗ୍ରୀ ବହନ କରୁଥିବା ବେଳେ ବସ୍ତା ତହସିଲଦାର ଚଢାଉ କରି ଦୁଇଟି ଟ୍ରାକ୍ଟର ଓ ଗୋଟିଏ ଡମ୍ଫର ଜବତ କରିଛନ୍ତି। ଗୁରୁବାର ରଣାମୁଣ୍ଡଳୀଠାରେ ଏକ ମୋରମ ବୋଝେଇ ଟ୍ରାକ୍ଟର, ମଥାନୀ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଏବଂ ଜାତୀୟ ରାଜପଥ ମଥାନୀ ବାଇପାସ ନିକଟରେ ଗୋଟିଏ ମେଟାଲ ବୋଝେଇ ଡମ୍ଫରକୁ ଜବତ କରି ଗାଡିମାଲିକଙ୍କ ବିରୋଧରେ ଜରିମାନା ଧାର୍ଯ୍ୟ କରାଯାଇଛି।

# ଜୁଆଖେଳ ଚାଲୁଥିବା ବେଳେ ଚଢ଼ାଉ, ୨ ଅଟକ

ଖଇରା, ୮।୧୧(ଡି.ଏନ,ଏ)

ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଶୁକ୍ରବାର ବାଲେଶ୍ୱର ଜିଲା

**ଧରିତ୍ରୀ ପ୍ରଭାବ**

ଖଇରା ଥାନା ଅଧୀନ ଦୋମୁହାଁଣି ସାପ୍ତାହିକ ହାଟରେ ଜୁଆଖେଳ ଚାଲୁଥିବା ବେଳେ ଚଡାଉ କରିଥିଲେ। ଜୁଆ ଖେଳୁଥିବା ୨ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି। ପୋଲିସ ପହଞ୍ଚିବା ପୂର୍ବରୁ ଖେଳୁଥିବା ଅନେକ ଯୁବକ ଦୌଡି ପଳାଇଥିଲେ।

ଏହି ଗ୍ରାମ ନିକଟରେ ଚାଲୁଥିବା ସାପ୍ତାହିକ ହାଟରେ ଜୁଆ ଖେଳରେ ଲକ୍ଷ ଲକ୍ଷ ଟଙ୍କା ଉଡୁଥିବା ଏବଂ ଘରୋଇ ହିଂସା ତଥା ଚୋରି ଡକାୟତି ବଢୁଥିବା ଶୁକ୍ରବାର ଦୈନିକ ଧରିତ୍ରୀରେ ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।



ଜୁଆ ଆଡ୍ଡା ଚାଲୁଥିବା ଅସ୍ଥାୟୀ ଘରଗୁଡିକୁ ଖୋଲାଯାଉଛି।

## ବାତ୍ୟା ଲାଗି ସ୍କୁଲ ଛୁଟି

ବାରିପଦା ଅଫିସ,୮।୧୧: ମୟୂରଭଞ୍ଜ ଜିଲାରେ ବାତ୍ୟା ବୁଲବୁଲ୍‌ର ପ୍ରଭାବ ଆଶଙ୍କାରେ ଏହାର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତି ଜୋରଦାର କରିଛି। ଏଥିପାଇଁ ଜିଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଶନିବାର ବନ୍ଦ ରଖିବା ପାଇଁ ଜିଲାପାଳ ବିନୀତ ଭରଦ୍ୱାଜ ଚିଠି ନମ୍ବର ୨୩୩୧ ତା।୮।୧୧।୨୦୧୯ରିଖରେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସମସ୍ତ ଶିକ୍ଷକ ଓ ଅଧ୍ୟାପକମାନେ ନିଜ ନିଜ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଦର୍ଶାଇଛନ୍ତି। ବାତ୍ୟା ମୁକାବିଲା ପାଇଁ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହିତ ଶନିବାର ଓ ରବିବାର ସମସ୍ତେ ମୁଖ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଚିଠି ନଂ.୨୩୩୨ ତା ୮।୧୧।୨୦୧୯ରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତିଙ୍କ କହିବା ମୁତାବକ ଜିଲା ପ୍ରଶାସନ ବାତ୍ୟାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛି। ଶୁଖିଲା ଖାଦ୍ୟ ସହିତ ବାତ୍ୟା ଆଶ୍ରୟସ୍ଥଳଗୁଡିକରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ସ୍ଥଳେ ଶନିବାର ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ।



ଉଦ୍ଧାର ଗୋରୁ।

# ଗୋରୁ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ଭଦ୍ରକ ଅଫିସ, ୮।୧୧

୧୬ ନମ୍ବର ଜାତୀୟ ରାଜପଥର ଚିଙ୍ଗୁଡ଼ିପୁର ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଗୋରୁ ବୋଝେଇ ଏକ ପିକ୍‌ଅପ୍ ଗାଡ଼ି ଡିଭାଇଡର୍ ଉପରକୁ ଚଢ଼ିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଗୋରୁ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଗାଡ଼ିରୁ ଗୋରୁଙ୍କୁ ଉଦ୍ଧାର କରିଥିଲେ। ତେବେ ଏହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଉକ୍ତ ଗାଡ଼ିରେ ୩୫ରୁ ଊର୍ଦ୍ଧ୍ୱ ଗୋରୁ ବେଆଇନ ଭାବେ କଟକରୁ ବାଲେଶ୍ୱର ଅଭିମୁଖେ ନିଆଯାଉଥିଲା ବୋଲି ତଦନ୍ତ ବେଳେ ଧାମନଗର ପୋଲିସ ଜାଣିବାକୁ ପାଇଛି। ଡ୍ରାଇଭର ଫେରାର ଥିବାବେଳେ ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ନେଇ ତଦନ୍ତ ଜାରି ରଖିଛି।



ବନ୍ତ ଛକ ବସ୍‌ଷ୍ଟାଣ୍ଡରେ ପୋଲିସର ଚଢ଼ାଉ।

# ବସ୍‌ରୁ ୧୪ ପେଟି ନକଲି ଜର୍ଦ୍ଦା ଜବତ

ଭଦ୍ରକ ଅଫିସ, ୮।୧୧

ଭଦ୍ରକ ଜିଲା ବନ୍ତ ଛକ ବସ୍‌ଷ୍ଟାଣ୍ଡରୁ ଏକ ବସ୍‌ରୁ ଶୁକ୍ରବାର ୧୪ ପେଟି ନକଲି ଜର୍ଦ୍ଦା ଜବତ କରିଛି ଟାଉନ ଥାନା ପୋଲିସ। ବସ୍‌ର ହେଲ୍‌ପର୍ ଓ କଣ୍ଡକ୍ଟରଙ୍କୁ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି। ଉକ୍ତ ଘରୋଇ ବସ୍ ଭଦ୍ରକରୁ କଟକ ଯାଉଥିଲା ବୋଲି ଜଣାପଡ଼ିଛି। ପୋଲିସ କୌଣସି ସୂତ୍ରରୁ ଖବର ପାଇ ମଧ୍ୟାହ୍ନରେ ଚଢ଼ାଉ କରି ନକଲି ଜର୍ଦ୍ଦା ଥିବା ପେଟି ଜବତ କରିଥିଲା। ସୂଚନାଥାଉ କି, ଭଦ୍ରକର ପୁରୁଣାବଜାର ଅଞ୍ଚଳରେ ନକଲି ଜର୍ଦ୍ଦା କାରଖାନା କରାଯାଇ ରାଜ୍ୟର ବିଭିନ୍ନ କୋଣାନୁକୋଣକୁ ଯୋଗାଣ କରାଯାଉଛି। ପୋଲିସ ଦ୍ୱାରା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ କାରଖାନା ଠାବ କରାଯାଇ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପୂର୍ବରୁ ଗିରଫ କରାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଏହି କାରବାର ନିୟନ୍ତ୍ରଣ ହୋଇପାରି ନାହିଁ।

## ପୋଖରୀରୁ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

ପାଟଣା,୮।୧୧(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ସରସକୋଲା ପଞ୍ଚାୟତ ଝିଞ୍ଜିରିନାଳି ଗ୍ରାମର ଏକ ପୋଖରୀରୁ ଶୁକ୍ରବାର ଜଣେ ୪୫ ବର୍ଷର ବିଧବାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ବଡ଼ପାଟଣା ପଞ୍ଚାୟତ ସଅଁରାପଶି ଗ୍ରାମର ମଲ୍ଲି ମୁଣ୍ଡା। ସେ ଝିଞ୍ଜିରିନାଳି ଗ୍ରାମର ଜଣେ ବ୍ୟକ୍ତି ଘରକୁ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଗୁରୁବାର ଆସିଥିଲେ। ଶୁକ୍ରବାର ସକାଳୁ ଗ୍ରାମର କେତେକ ପିଲା ପୋଖରୀ ପାଖକୁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖିଥିଲେ। ପାଟଣା ପୋଲିସ ଓ ପାଟଣା ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ମୃତକଙ୍କ ମୁଣ୍ଡ, ଆଖି ଓ ଦୁଇ ହାତରେ ଗଭୀର କ୍ଷତ ଥିବାରୁ ତାଙ୍କ ମୃତ୍ୟୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୭/୧୯) ରୁଜୁ ହୋଇଛି।

# ଉପନିର୍ବାଚନ: ୬ ପ୍ରାର୍ଥୀପତ୍ର କାଏମ

ଭୋଗରାଇ, ୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବିଧାନସଭା କ୍ଷେତ୍ର କସବାକମର୍ଦ୍ଦା ଓ ଶ୍ରଦ୍ଧାପୁର ପଞ୍ଚାୟତରେ ଆସନ୍ତା ୨୭ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଦୁଇ ପଞ୍ଚାୟତ ଲାଗି ୬ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଗୁରୁବାର ବ୍ଲକ ନିର୍ବାଚନ ଅଧିକାରୀ ୬ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ୍ ରଖିଛନ୍ତି। କସବା କମର୍ଦ୍ଦା ପଞ୍ଚାୟତର ବିଜେଡି ସମର୍ଥିତ ପ୍ରାର୍ଥୀ ଉମାକାନ୍ତ ପ୍ରଧାନ, କଂଗ୍ରେସ ସମର୍ଥିତ ପ୍ରାର୍ଥୀ କାର୍ତ୍ତିକ ଚନ୍ଦ୍ର ସାହୁ, ଭାଜପା ସମର୍ଥିତ ପ୍ରାର୍ଥୀ ପ୍ରଦୀପ ଜେନା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଶ୍ରଦ୍ଧାପୁର ପଞ୍ଚାୟତର ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମୀକାନ୍ତ ପାତ୍ର, ବିଜେଡି ସମର୍ଥିତ ପ୍ରାର୍ଥୀ ପଞ୍ଚାନନ କୁଣ୍ଡୁ, କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବିଷ୍ଣୁପଦ ସୁର ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶ୍ରଦ୍ଧାପୁର ପଞ୍ଚାୟତରେ ଭାଜପା ସମର୍ଥିତ ପ୍ରାର୍ଥୀ ଅନୀଲ ମହାନ୍ତି ପ୍ରାର୍ଥୀ ପ୍ରତ୍ୟାହାର କରିନେବାରୁ ଦଳର ସାଙ୍ଗଠନିକ ଶକ୍ତିକୁ ଧକ୍କା ଲାଗିଛି। ଅପରପକ୍ଷରେ ଏହି ପଞ୍ଚାୟତର ସ୍ୱାଧୀନ ପ୍ରାର୍ଥୀକୁ ଭାଜପା ସମର୍ଥନ କରିବା ଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ରାଜନୀତି ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, କସବାକମର୍ଦ୍ଦା ଓ ଶ୍ରଦ୍ଧାପୁର ପଞ୍ଚାୟତରେ ଦୁଇଜଣ ସରପଞ୍ଚଙ୍କ ଦେହାନ୍ତ ପରେ ସରପଞ୍ଚ ପଦବୀ ଖାଲି ପଡ଼ିବାରୁ ଏହି ଦୁଇ ପଞ୍ଚାୟତରେ ଉପନିର୍ବାଚନ ହେଉଛି।

## ୫ ବାତ୍ୟା ଆଶ୍ରୟସ୍ଥଳ ଅନୁଧ୍ୟାନ କଲେ ଜିଲାପାଳ

ବସ୍ତା, ୮।୧୧(ସ୍ୱ.ପ୍ର.)

ସମ୍ଭାବ୍ୟ ବାତ୍ୟା 'ବୁଲବୁଲ' ର ସୂଚନା ପରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ବିପର୍ଯ୍ୟୟ ପାଇଁ ସମ୍ଭାବ୍ୟ ବିପନ୍ନଙ୍କୁ ଉଦ୍ଧାର, ଥଇଥାନ, ରିଲିଫ ପ୍ରଦାନ ସକାଶେ ବ୍ୟାପକ ପ୍ରସ୍ତୁତି ସରିଛି ବୋଲି ଶୁକ୍ରବାର ବସ୍ତା ତହସିଲଦାର ନରେନ୍ଦ୍ର ଖମାରୀ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବସ୍ତା ବ୍ଲକ ପକ୍ଷରୁ କଇନଗରୀ, ଜୁଣବଳଦା, ଚୋରମରା, ପାଉଁଶକୁଲିର ରତନକୁଲି ଓ ଆମ୍ବକୁଟୁଚି ଆଦି ବାତ୍ୟା ଆଶ୍ରୟସ୍ଥଳରେ ବିପନ୍ନଙ୍କ ପାଇଁ ସବୁପ୍ରକାର ବନ୍ଦୋବସ୍ତ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରତି ପଞ୍ଚାୟତରେ ନୋଡାଲ ଅଧିକାରୀ ନିଯୁକ୍ତ ହୋଇଥିବା ବେଳେ ବିପନ୍ନଙ୍କ ଥଇଥାନ ପାଇଁ ସମସ୍ତ ସ୍କୁଲ ଖୋଲା ରଖାଯିବ। ବିପନ୍ନଙ୍କୁ ସ୍ଥାନାନ୍ତର ପାଇଁ ଆବଶ୍ୟକ ଗାଡି ବନ୍ଦୋବସ୍ତ ହୋଇଛି। ଗଛ ଭାଙ୍ଗିପଡିଲେ ସେସବୁକୁ ହଟାଇ ରାସ୍ତା ସୁଗମ ପାଇଁ ମଧ ଯୋଜନା ହୋଇଛି ବୋଲି ତହସିଲଦାର ଖମାରୀ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଶୁଖିଲା ଓ ରନ୍ଧାଖାଦ୍ୟ ମଧ ଦରକାର ମୁତାବକ ବ୍ୟବସ୍ଥା ହୋଇଛି ବୋଲି ସରକାରୀ ଭାବେ ଜଣାପଡିଛି। ଅପରାହ୍ନରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ବସ୍ତା ଗସ୍ତରେ ଏସବୁ ପ୍ରସ୍ତୁତି ସମ୍ପର୍କରେ ତଦାରଖ କରି ଉଭୟ ତହସିଲଦାର ଓ ବିଡ଼ିଓଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

# ରାଇବଣିଆରେ ହାତୀ ଉପଦ୍ରବ



ହାତୀ ଉପଦ୍ରବରେ ଭାଙ୍ଗି ଥିବା ଘର।

**ଭାଙ୍ଗିଲେ ବହୁ ଘର**

ବାଲେଶ୍ୱର ଅଫିସ, ୮।୧୧

ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ଚଳିତବର୍ଷ ବାରମ୍ବାର ହାତୀ ପ୍ରବେଶ କରି ବହୁ ଧନଜୀବନ ନଷ୍ଟ ହୋଇଛି। ସ୍ଥାନୀୟ ବାସିନ୍ଦା ଏକପ୍ରକାର ଭୟ ଓ ଆତଙ୍କ ମଧ୍ୟରେ କାଳାତିପାତ କରୁଛନ୍ତି। ଜଙ୍ଗଲ କର୍ମଚାରୀମାନେ ହାତୀ ଘଉଡ଼ାଇ ନାକେଦମ୍ ହେଉଥିବା ବେଳେ ସଫଳ ହେଉନାହାନ୍ତି। ହାତୀପଲ କେତେକ ଘର ଭାଙ୍ଗି ଦେବା ସହ ବ୍ୟାପକ ପାଚିଲା ଧାନ ନଷ୍ଟ କରୁଛନ୍ତି। ଏ ସମ୍ପର୍କରେ ବହୁ ବ୍ୟକ୍ତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଚଳିତବର୍ଷ ଶିମିଳିପାଳ, ପଶ୍ଚିମବଙ୍ଗର ଦଲମା ଓ ଝାଡ଼ଖଣ୍ଡ ହାତୀ ରାଇବଣିଆ ଅଞ୍ଚଳରେ ୫ ଥର ପ୍ରବେଶ କରି ବ୍ୟାପକ କ୍ଷତି ଘଟାଇ ଚାଲିଛନ୍ତି। ୧୫ଦିନ ଧରି ରାଇବଣିଆ ଅଞ୍ଚଳରେ ରହୁଥିବା ପ୍ରାୟ ୧୨ଟି ହାତୀ ଶ୍ୟାମନଗର, ରାଇବଣିଆ, କାଳିକ, ବରଡ଼ିହା, କଳମା, ଖୁଆଡ଼ ଆଦି ପଞ୍ଚାୟତରେ ଉପଦ୍ରବ ଚଳାଇଛନ୍ତି। ଅନ୍ୟପକ୍ଷରେ ପଶ୍ଚିମମେଦନୀପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବନବିଭାଗ କର୍ମକର୍ତ୍ତାଙ୍କ ମଧ୍ୟରେ ସହମତି ଅଭାବରୁ ହାତୀ ଘଉଡ଼ାଇବା ସଫଳ ହେଉନାହିଁ। ୨ଦିନ ତଳେ କାଳିକ ପଞ୍ଚାୟତର ୪ଟି ଘର ଭାଙ୍ଗିଥିବାବେଳେ ବ୍ୟାପକ ଫସଲ ନଷ୍ଟ ହେଉଛି। ଚାଙ୍ଗୁ ମୁର୍ମୁ, ବୁହିଆ ସୋରେନ୍, କର ସୋରେନ୍ ଓ ବୋକାଇ ସରେନ୍‌ଙ୍କ ଘର ମାଟି ମିଶିଯାଇଛି। ଏବେ ହାତୀଗୁଡିକ ପାଚିଲା ଧାନ ଆଡ଼େ ମୁହାଁଇଛନ୍ତି। ପ୍ରତିଦିନ ହାତୀପଲ ଦିନରେ ରଙ୍ଗାମାଟିଆ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟାରେ ଚାକୁଆପାଳ, ଧରମପୁର, ରଙ୍ଗାମାଟିଆ ଓ ଦୁଧିଆଶୋଳ ଗାଁ ଓ ପାଖ ଅଞ୍ଚଳରେ କ୍ଷତି ଘଟାଇ ଚାଲିଛନ୍ତି। ଗତ ରାତିରେ ଏକ ମାଈ ହାତୀର ଆକ୍ରମଣରେ ଜଣେ ସବୁଜ ବାହିନୀର ଯୁବକ ଆହତ ହୋଇଛନ୍ତି। ଏବେ ଆଦିବାସୀ ମାନଙ୍କର ଭୁଲୁଟ୍ ପର୍ବ ଚାଲିଥିବାରୁ ବହୁ ଆଦିବାସୀଙ୍କ ଘରେ ହାଣ୍ଡିଆ ଓ ମଦ ମହଜୁଦ୍ ରହୁଛି। ହାତୀମାନେ ଗ୍ରାମ ଅଭିମୁଖେ ମୁହାଁଉଥିବାରୁ ପ୍ରତିଦିନ ରେଞ୍ଜର ଦେବେନ୍ଦ୍ର ପାତ୍ର ସଦଳବଳେ ସ୍ଥାନୀୟ ଅଞ୍ଚଳରେ ଜଗି ରହିଛନ୍ତି।

# ଫେରାର ଅଭିଯୁକ୍ତ ମୁଜାଫର ଗିରଫ

ଝୁମ୍ପୁରା, ୮।୧୧ (ଡି.ଏନ.ଏ.)– ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ କେନ୍ଦୁଝର ଜିଲା ଝୁମ୍ପୁରାଠାରୁ ୧କି.ମି.ଦୂର ଅର୍ଶଳା ଗ୍ରାମର ଏମଡି ମୁଜାଫରଙ୍କୁ ପୋଲିସ ଗିରଫ କରିଛି। ୨ଦିନ ପୂର୍ବରୁ ରାତି ସମୟରେ ଝୁମ୍ପୁରା ବଜାରରୁ ପୋଲିସ ତାଙ୍କୁ ଧରିଥିଲା। ତାଙ୍କ ନାମରେ ଏ ୩୯୫, ୨୫, ୨୭ ଆଇପିସି ଧାରାରେ ମାମଲା (ନଂ. ୪୨/୧୯)ରୁଜୁ କରି ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବିରଞ୍ଚି ବାଗ ସୂଚନା ଦେଇଛନ୍ତି। ତାଙ୍କ ନାମରେ ବାମେବାରୀ, ସଦର ଓ ବଡ଼ବିଲ ଥାନାରେ ଚୋରି, ଡକାୟତି ଓ ବନ୍ଧୁକ ଦେଖାଇ ବଟି ଆଦାୟ ଭଳି ମାମଲା ରହିଛି। ବାମେବାରୀ ଥାନାରେ ରୁଜୁ ଏକ ମାମଲା (ନଂ ୧୧୪/୨୦୧୬) ରେ ମୁଜାଫରଙ୍କ ନାମରେ ଗିରଫ ପରୱାନା ଜାରି ହୋଇଥିଲା। ତାଙ୍କ ଘର ଝୁମ୍ପୁରା ଥାନା ଅଞ୍ଚଳରେ। ମୁଜାଫରଙ୍କୁ ଧରିବା ପାଇଁ ବାମେବାରୀ ପୋଲିସ ଝୁମ୍ପୁରା ପୋଲିସର ସାହାଯ୍ୟ ନେଇଥିଲା। ଗତ କିଛି ମାସ ଧରି ଚକମା ଦେଖାଇ ମୁଜାଫର ଖସି ଯାଉଥିଲେ ବୋଲି ଥାନାଧିକାରୀ ବାଗ କହିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବାଇକ ଧକ୍କାରେ ଜଣେ ମହିଳା ମୃତ, ୩ଗୁରୁତର

ଘସିପୁରା, ୮।୧୧(ଡି.ଏନ.ଏ.): ପୃଥକ ପୃଥକ ବାଇକ ଦୁର୍ଘଟଣାରେ ଶୁକ୍ରବାର ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାଟସୁରା ଗ୍ରାମର ଜଣେ ମହିଳା ରାସ୍ତା ପାରି ହେଉଥିବା ସମୟରେ ଏକ ମୋଟରସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ରାମଚନ୍ଦ୍ରପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତଦନ୍ତ ଜାରି ରଖିଛି। ସେହିପରି ଭୋଗପୁର ନିକଟରେ ଦୁଇଟି ମୋଟରସାଇକେଲ ମଧରେ ଧକ୍କା ହେବାରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି।

### ଅକ୍ଟୋବର ବିପ୍ଳବ ପାଳିତ

ବନ୍ତ,୮।୧୧(ଡି.ଏନ.ଏ.) : ସିପିଆଇ ବନ୍ତ ଜୋନ୍ କମିଟି ପକ୍ଷରୁ ଆନ୍ତର୍ଜାତିକ ଅକ୍ଟୋବର ବିପ୍ଳବ ପାଳିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଶତାଧିକ ସାଥୀ ସମର୍ଥକ ବାଜା ବଜାଇ ବାଣ ଫୁଟାଇ ଶୋଭାଯାତ୍ରାରେ ଆସି ବନ୍ତଠାରେ ଏକତ୍ର ହେବା ପରେ ବଜାର ପରିକ୍ରମା କରିଥିଲେ। ପରେ ବରିଷ୍ଠ ସାଥୀ ଗୋପବନ୍ଧୁ ସେଠୀଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସିପିଆଇ ରାଜ୍ୟ ସହସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ଆଇନଜୀବୀ ପରମେଶ୍ୱର ବାରିକ, କୃଷକନେତା ଫକୀର ଚରଣ ବିଶ୍ୱାଳ, ଆନନ୍ଦ ଜେନା, ନିରଞ୍ଜନ ନାୟକ, ଅବସରପ୍ରାପ୍ତ କାରା ଅଧିକାରୀ ବାବାଜୀ ଚରଣ ଜେନା ଯୋଗଦେଇ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ପୁଞ୍ଜିବାଦ ଆର୍ଥକ ସଙ୍କଟରୁ ମାନବ ସମାଜକୁ ମୁକ୍ତ କରିବା ପାଇଁ ସମାଜବାଦ ହିଁ ଏକମାତ୍ର ବିକଳ୍ପ ବୋଲି ସେମାନେ କହିଥିଲେ। ଦେଶର ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସମ୍ବିଧାନ ସୁରକ୍ଷା ପାଇଁ ଜନସାଧାରଣ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ନାରାୟଣ ସ୍ୱାଇଁ, ପବିତ୍ର ସେଠୀ, ରବୀନ୍ଦ୍ର ଜେନା, ରବୀନ୍ଦ୍ର ତରେଇ, ଅବଦୁଲ୍ଲା ଖାଁ, ପର୍ଶୁରାମ ସ୍ୱାଇଁ, ରତିକାନ୍ତ ଜେନା, ଅଭିମନ୍ୟୁ ଜେନା, ସୁବାସ ବେହେରା, ଭରତ ଚନ୍ଦ୍ର ସେନାପତି, କିଶୋର ବେହେରା, ଜୟନ୍ତ ଜେନା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# ପଞ୍ଚାୟତ ସମିତି ବୈଠକ ଆରମ୍ଭରୁ ହୋହଲ୍ଲା

ବନ୍ତ,୮।୧୧(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଜନପ୍ରତିନିଧି, ଅଧିକାରୀ।

ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ସମିତିର ୭ମ ବୈଠକ ଶୁକ୍ରବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରୁ ଖବର ସଂଗ୍ରହ ଉପରେ ପ୍ରଶାସନ ପ୍ରତିବନ୍ଧକ ଲଗାଇଥିଲା। କେବଳ ଫଟୋ ସଂଗ୍ରହ କରି ବୈଠକ ବାହାରକୁ ଚାଲିଯିବାକୁ ଖବରଦାତାମାନଙ୍କୁ କୁହାଯିବାରୁ ହୋହଲ୍ଲା ହୋଇଥିଲା। ଫଳରେ ଖବରଦାତାମାନେ କ୍ଷୋଭ ପ୍ରକାଶ କରିବା ସହ ଏହାର କାରଣ ପଚାରିବାରୁ ଜିଲା ପ୍ରଶାସନ ବାରଣ କରିଥିବା ନେଇ ବ୍ଲକ ପ୍ରଶାସନ ଏପରି କହିଥିବା ସୂଚନା ଦିଆଯାଇଥିଲା। ପରେ ବିଧାୟକଙ୍କ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷଙ୍କ ଅନୁରୋଧ କ୍ରମେ ଖବରଦାତାମାନେ ବୈଠକରେ ରହିଥିଲେ। ଦୀର୍ଘ ୧୬ ମାସ ହେବ କାହିଁକି ବୈଠକ ହେଉ ନ ଥିବା ସମ୍ପର୍କରେ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ଦାଶ ପ୍ରଶ୍ନ କରିଥିଲେ। ବୈଠକ ହେବା ନେଇ ୪ ଥର ଚିଠି କରିଥିବା ସମ୍ପର୍କରେ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ଉତ୍ତର ରଖିଥିଲେ। ଏହାକୁ ନେଇ ବୈଠକରେ ଝଡ଼ ଲାଗି ରହିଥିଲା। ପରେ ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ ଏହାର ପୁନରାବୃତ୍ତି ନ ହେବା, ପ୍ରତି ୨ ମାସରେ ନିୟମିତ ବୈଠକ କରାଇବା ସହ ପରବର୍ତ୍ତୀ ବୈଠକରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଓ ସମସ୍ୟା ଉପରେ ଆଲୋଚନା କରାଯିବାକୁ ମତ ରଖିଥିଲେ। ବିଡିଓ ରେବେକା ବିଲୁଙ୍ଗ ଅତୀତର ତ୍ରୁଟିକୁ ନ ଧରି ଆଗାମୀ ଦିନରେ ନିୟମିତ ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବନ୍ତ ବ୍ଲକ ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଆବାସ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଭଳି ବିଭିନ୍ନ ଯୋଜନାରେ ଜିଲାରେ ଅଗ୍ରଣୀ ଥିବା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ବିଡିଓ ବିଲୁଙ୍ଗ, ବିଧାୟକ ପ୍ରତିନିଧି ସାମଲ, ଏମ୍‌ପିଙ୍କ ପ୍ରତିନିଧି ଶ୍ରୀନାଥ ମହାନ୍ତି, ଉପାଧ୍ୟକ୍ଷ ମଞ୍ଜୁଲତା ଜେନା, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ସଭ୍ୟ ପ୍ରଶାନ୍ତ ଦାଶ, ରବୀନ୍ଦ୍ର ଦାସ, ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ, ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି, ଥାନାଧିକାରୀ ମିନା ବିଶ୍ୱାଳ, ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ଓ ସିଡିପିଓ ରେଣୁବାଳା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

■ ଖବର ସଂଗ୍ରହ କରିବାକୁ ବାରଣ
■ ଦୀର୍ଘମାସ ଧରି ବୈଠକ ନ ହେବାର କାରଣ ଖୋଜିଲେ
■ ପରବର୍ତ୍ତୀ ବୈଠକ ନିୟମିତ ହେବାକୁ ପ୍ରତିଶ୍ରୁତି

# ଚାଷୀଙ୍କ ମନରେ ବଢୁଛି ଛନକା



ଭଣ୍ଡାରିପୋଖରୀ ଅଞ୍ଚଳର ଏକ ଜମିରେ ଧାନଗଛ ଶୋଇପଡିଛି।

ଭଣ୍ଡାରିପୋଖରୀ, ୮।୧୧ (ଡି.ଏନ.ଏ.)

## ପ୍ରଶାସନ ସଜାଗ

ସମ୍ଭାବ୍ୟ ବାତ୍ୟା 'ବୁଲ୍‌ବୁଲ୍'ର ମୁକାବିଲା ପାଇଁ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପ୍ରସ୍ତୁତ ରହିଛି। ପ୍ରଶାସନ ପକ୍ଷରୁ ଶୁକ୍ରବାର ଭଣ୍ଡାରିପୋଖରୀ ବ୍ଲକ ଅଫିସ୍‌ଠାରେ ବିଡିଓ ବନମାଳି ତରାଇଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ପ୍ରସ୍ତୁତ ରହିବାକୁ ବିଡିଓ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷାକୁ ଆଖି ଆଗରେ ରଖି ଶନିବାର ସ୍କୁଲଗୁଡ଼ିକ ବନ୍ଦ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଆବଶ୍ୟକ ପଡ଼ିଲେ ପ୍ରତ୍ୟେକ ପଞ୍ଚାୟତରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲରେ ଲୋକଙ୍କୁ ରଖାଯିବାକୁ ସ୍ଥିର ହୋଇଛି। ବୁକରେ ଥିବା ବାତ୍ୟା ଆଶ୍ରୟ ସ୍ଥଳ ବଦାଳୋ, ମଣିନାଥପୁର, ଜଳହରୀରେ ଆବଶ୍ୟକ ପଡ଼ିଲେ ଲୋକଙ୍କୁ ରଖାଯିବ ବୋଲି ବିଡିଓ ତରାଇ ସୂଚନା ଦେଇଛନ୍ତି। ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚଙ୍କୁ ଏ ନେଇ ସଚେତନ କରାଯାଇଛି। ଅନ୍ୟପକ୍ଷେ ଲଘୁଚାପଜନିତ ବର୍ଷାକୁ ଦେଖି ଚାଷୀଙ୍କ ମନରେ ଛନକା ବଢୁଛି। ଚାଷଜମିରେ କେତେକ ଝାଡ଼ିରେ ପାଚି ଯାଇଥିବା ଓ ଥୋଡ଼ ଧାନ ନଷ୍ଟ ହେବାର ଆଶଙ୍କା ରହିଛି। ଏହାସାଙ୍ଗକୁ ରୋଗପୋକ ଉପଦ୍ରବ ଚାଷୀଙ୍କୁ ଯନ୍ତ୍ରଣା ଦେଇଛି। ଚଳିତବର୍ଷ ଚାଷୀ ବେଉସଣ କରି ଭଲ ଚାଷ କରିଥିବାବେଳେ ଧାନ ଅମଳ ସମୟକୁ ଲଘୁଚାପ ବର୍ଷା ଚାଷୀଙ୍କୁକୁ ଚିନ୍ତାରେ ପକାଇଛି। ଏଥର ବ୍ଲକରେ ୧୭ ହଜାର ହେକ୍ଟର ଚାଷଜମିରେ ଖରିଫ ଧାନଚାଷ ହୋଇଛି। ବିଭିନ୍ନ ସମୟରେ ଜଳାଭାବ, ପୋକ ଉପଦ୍ରବରୁ ଚାଷ ରକ୍ଷା ପାଇଥିବାବେଳେ ଏଥର ଧାନ ଭଲ ଅମଳ ହେବ ବୋଲି ଆଶା ରଖିଥିଲେ। ବାତ୍ୟା ଓ ବର୍ଷା ଆଶଙ୍କା ଚାଷୀଙ୍କ ଆଶାକୁ ଭୁଡ଼ମାର କରିଛି। ଧାନକ୍ଷେତରେ ପାଣି ଜମିରହିଲେ କେମିତି ଅମଳ କରିବେ ସେ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ପରିବା ଚାଷୀ କିଛିଦିନ ତଳେ ଲଗାଣ ବର୍ଷାରେ କ୍ଷତି ସହିଥିବା ବେଳେ ଲଘୁଚାପ ବର୍ଷା ଯୋଗୁ ପୁଣି ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି।

## ବିଦ୍ୟାଳୟରେ ଜେଜେ ମା'ବାପା ସମ୍ମିଳନୀ

ଭଦ୍ରକ ଅଫିସ, ୮।୧୧: ଭଦ୍ରକ ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେମା' ଜେଜେବାପା ସମ୍ମିଳନୀ ସଭାପତି ଡ. ହୃଷୀକେଶ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ପ୍ରତାପ ଦାଶ ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟ ଅଭୟ ଦାଶ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ରବିନାରାୟଣ ଦାଶ ଜାତୀୟ ସ୍ୱୟଂସେବକ ସଂଘର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ ସାମ୍ପ୍ରତିକ ଯୁଗରେ ଜେଜେମା' ଜେଜେବାପାଙ୍କ ପାରିପାର୍ଶ୍ୱିକ ଅବସ୍ଥା ଓ ସେମାନଙ୍କ ସୁରକ୍ଷା, ସମାଜ ଗଠନରେ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଭାଗବତ ମହାଳିକ ସମ୍ମିଳନୀର ଅଭିପ୍ରାୟ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ଉପସଭାପତି ଅଭୟ ସ୍ୱତାର ଓ ସଭାପତି ଡ. ହୃଷୀକେଶ ପଣ୍ଡା ସମାଜର ଅବକ୍ଷୟକୁ ସୁଧାରିବାରେ ଜେଜେମା' ବାପାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ବନ୍ଧୁସ୍ୱୟଂରେ ଜେଜେ, ଜେଜେମା', ଅଜା, ଆଈ ଯୋଗଦେଇ ଜୀବନର ବିଭିନ୍ନ ଅନୁଭୂତି କହିଥିଲେ।

## ଫସଲ ଉଜୁଡ଼ିବା ଆଶଙ୍କାରେ ଚାଷୀ

ଆରଡ଼ି, ୮।୧୧ (ଡି.ଏନ.ଏ.)

ସମ୍ଭାବ୍ୟ ବାତ୍ୟା ବୁଲ୍‌ବୁଲ ପ୍ରଭାବରେ ଶୁକ୍ରବାର ସକାଳଠାରୁ ଆରଡ଼ି ଅଞ୍ଚଳରେ ବର୍ଷା ଲାଗିରହିଛି। ଅପରାହ୍ନରେ ପବନ ଅଧିକ ବେଗରେ ବହିବା ଆରମ୍ଭ କରିଛି। ଫଳରେ ଚାଷୀମାନେ ଖରିଫ ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ କରିଛନ୍ତି। ବେଉସଣ ପୂର୍ବରୁ ଚାଷ ଉଜୁଡିବା ଆଶଙ୍କାରେ ସେମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଠିକ୍ ଭାବେ ବର୍ଷା ନ ହେବାରୁ ବିଳମ୍ବରେ ଏଥର ଚାଷ ଆରମ୍ଭ ହୋଇଥିଲା। କିଛି ଧାନ ମଧା ନଇଁ ଥିବାବେଳେ ଅଧିକାଂଶ ଧାନ ଏବେ ଫୁଲୁଛି। ବର୍ଷା ଲାଗି ରହିଲେ ଏହି ଫୁଲିଲା ଧାନ ସମ୍ପୂର୍ଣ୍ଣ ଅଗାଡ଼ି ହୋଇପାରେ ବୋଲି କେତେକ ଚାଷୀ ପ୍ରକାଶ କରିଛନ୍ତି। ଦୁଇ ସପ୍ତାହ ପୂର୍ବରୁ ଲଗାଣ ବର୍ଷାରେ ଚାଷୀଙ୍କ ଧାନ କ୍ଷେତରେ ଏବେ ବି ପାଣି ଜମି ରହିଛି। କେତେକ ସ୍ଥାନରେ ଧାନ କିଆରିରେ ଶୋଇଯାଇଥିବା ଦେଖିବାକୁ ମିଳିଛି।

## ମଧ୍ୟାହ୍ନଭୋଜନରେ ସିଝା ଅଣ୍ଡା ବଦଳରେ ଭୁଜିଆ

ଆନନ୍ଦପୁର, ୮।୧୧(ସ୍ୱ.ପ୍ର.)



ପିଲାମାନେ ମଧ୍ୟାହ୍ନଭୋଜନ ଖାଉଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଶିକ୍ଷା ସର୍କଲର ପଟାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବେଳେ ଛାତ୍ରଛାତ୍ରୀଙ୍କୁ ସିଝା ଅଣ୍ଡା ବଦଳରେ ଭୁଜିଆ ଦିଆଯିବା ଘଟଣା ନେଇ ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଅନୁସାରେ ଅଣ୍ଡାର ପରିମାଣ କମ୍ ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଥିବା ଅଭିଭାବକମାନେ ଦର୍ଶାଇଛନ୍ତି। ଏପରି କି ଦୁଇଟି ଅଣ୍ଡାରେ ଭୁଜିଆ କରାଯାଇ ୪ ଜଣ ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦିଆଯାଉଛି। ଏ ସମ୍ପର୍କରେ ଭାଜପା ଯୁବ ନେତା ଯୁଗଳ ମହାନ୍ତ ପ୍ରତିକ୍ରିୟା ବ୍ୟକ୍ତ କରି ସବୁ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଲାଗି ସରକାର ୫-ଟି କାର୍ଯ୍ୟକାରୀ କରୁଥିବା ବେଳେ ଶିକ୍ଷାନୁଷ୍ଠାନରେ ଏଭଳି ସମସ୍ୟା ଲାଗି ରହିବା କ୍ଷୋଭର ବିଷୟ ବୋଲି କହିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ ରାଉତଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଘଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଘଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ ବିଲେଇ କାମୁଡ଼େ ପଣତକାନି।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ବୁଦ୍ଧିହୀନ, ନିର୍ବୋଧ, ଅଚତୁର ଲୋକଙ୍କୁ ଓଲୁ କୁହାଯାଏ। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଚେର୍ ପାଇପାରି ନ ଥାନ୍ତି। ଅତି ଓଲୁ। ଏପରି ଓଲୁ ଯେ ନିଜ ପିନ୍ଧାଲୁଗାର ପଣତକାନି କିଏ କାଟିଦେଲା ତାହା ସେ ଜାଣି ନ ପାରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଲେଇ ମାଇକିନାର ଓଷା ଉଖୁଣି ମୁଣ୍ଡରେ ଖୋଷା।**

ଓଷା, ବାର ବ୍ରତରେ ଉପବାସ ରଖିବାକୁ ପଡ଼ିଥାଏ। ଏହାକୁ ତ୍ୟାଗ ଓ ନିଷ୍ଠାର ସମୟ ବୋଲି ନ ଭାବି ଖାଦ୍ୟଗ୍ରହଣ କରିବା ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଯିଏ ଲୋଖେଇଖାଳରେ ରହି ପାଚିରେ ପର୍ବଦା କିଛି କିଛି ଖାଇ ଚାଲିଥାଏ ତା'ପାଇଁ ଉପବାସ ରଖିବାର ମୂଲ୍ୟ କିଛି ରହି ନ ଥାଏ। ସେହିପରି ମୁଣ୍ଡରେ ଉଖୁଣି ଥିଲେ ଖିର ଖୋଷା ପାରି ହେବ ନ ଥାଏ। ପ୍ରକାରାନ୍ତରେ ଏସବୁ ବୃଥା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଘଗଡମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ବ୍ରାହ୍ମଣୀଦେବୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଘସିପୁରା, ୮।୧୧(ଡି.ଏନ.ଏ.)



ଆନନ୍ଦପୁର ପୌର ପରିଷଦ ୧୫ନମ୍ବର ୱାର୍ଡ ପୋଡ଼ାଖାମଣରେ ମା' ବ୍ରାହ୍ମଣୀଦେବୀ ପାଖର କ୍ଲବ ଆନୁକୂଲ୍ୟରେ ସପ୍ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ କାଉନ୍‌ସିଲର ପତିତପାବନ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ପ୍ରେସକ୍ଲବ ପୂର୍ବତନ ସଭାପତି ଶତ୍ରୁଘ୍ନ ସାହୁ ମୁଖ୍ୟଅତିଥି, ଶିକ୍ଷକ ଆର୍ତ୍ତତ୍ରାଣ ଖଟୁଆ, ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି। ସମାଜସେବୀ ରବିନାରାୟଣ ଖଟୁଆ, ଯୁବକ୍ରୀଡ଼ାବିତ୍ ପ୍ରଭାତ କୁମାର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଜଗନ୍ନାଥପୁର ଟିମ୍ ୨-୧ଗୋଲରେ ଜଙ୍ଗାର ଟିମ୍‌କୁ ପରାସ୍ତ କରିଛି। ରେଫରୀ ବସନ୍ତ କୁମାର ସୋରେନ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସଦସ୍ୟ ନୀଳମାଧବ ଖଟୁଆ, ପ୍ରଦୀପ ଖଟୁଆ, ଦେବେନ୍ଦ୍ର ଜେନା ଦୀପକ ଦେହୁରୀ, ସରୋଜ ଖଟୁଆ, ଚନ୍ଦନ ଦେହୁରୀ, ବିଶ୍ୱଜିତ୍ ଖଟୁଆ, ନିରଞ୍ଜନ ଖଟୁଆ, ମନୋଜ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲାଙ୍ଗୁଡ଼ିରେ ସତ୍‌ସଙ୍ଗ

ଭଦ୍ରକ ଅଫିସ, ୮।୧୧: ଭଦ୍ରକ ବ୍ଲକ ଲାଙ୍ଗୁଡ଼ି ଗ୍ରାମରେ ନିତ୍ୟଙ୍କ ବିହାରୀ ଟ୍ରଷ୍ଟ ପକ୍ଷରୁ ସ୍ୱାମୀ ଶିବାନନ୍ଦଙ୍କ ବିଶେଷ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସ୍ୱାମୀ ଦିବ୍ୟଜୀବନାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ଭଜନ କୀର୍ତ୍ତନ ଓ ଗୀତା ପାଠ ହୋଇଥିଲା। ସ୍ୱାମିଜୀ ଆଶୀର୍ବଚନ ପ୍ରଦାନ କରିଥିଲେ। ଚୌଦ୍ୱାର ଦିବ୍ୟଜୀବନ ସଂଘର ସଭ୍ୟ ଧରଣୀଧର ବାରିକ, ମାନସ ରଞ୍ଜନ ଗିଁ, ସୁରେଶ ଚନ୍ଦ୍ର ମିଶ୍ର, ବିଚିତ୍ରାନନ୍ଦ ପରିଡ଼ା ଓ ଜୟକୃଷ୍ଣ ପରିଡ଼ା ଏବଂ ଆନନ୍ଦପୁର ଶାଖାର ରବୀନ୍ଦ୍ର ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।


## CLASSIFIED DISPLAY

ALL EDITION - B/W (Everyday)
For Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS
BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଦ୍ୱାରା ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now 07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

FINANCE

ଭାରତର ନଂ. 1 କମ୍ପାନୀ Hindusthan Tower Group ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ DIGITAL ମୋବାଇଲ ଟାୱାର ଲଗାନ୍ତୁ
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କେଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଆଗେ ଆସନ୍ତୁ, ଆଗେ ପାଆନ୍ତୁ ଭାରତର Govt. Regd. ନଂ.1 କମ୍ପାନୀ 1982ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କେଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି। ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

DHARITRI Career appointment Every Wednesday and Saturday

ନବବର୍ଷର ଶୁଭ ଅବସରରେ
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ASTROLOGY
ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
9911786155
9911786154


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଡାକ୍ତରଖାନା ଗୃହ ଏବେ ଭୂତକୋଠି

ରାଇସୁଆଁ, ୮।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ଖଣି କ୍ଷତିଗ୍ରସ୍ତ ଲୋକଙ୍କୁ ଚିକିତ୍ସାସେବା ଯୋଗାଇବା ଲାଗି ସରକାର ୧୫ ଲକ୍ଷ ଟଙ୍କାରେ କୁମୁଣ୍ଡି ପଞ୍ଚାୟତର ତଳଜାଗର ଗାଁରେ ୫ବର୍ଷ ହେବ ନିର୍ମାଣ କରିଥିବା ଡାକ୍ତରଖାନା ଗୃହ ଏବେ ଭୂତକୋଠି ପାଲଟିଛି। ସେଠାରେ ଡାକ୍ତରଙ୍କ ରହିବା ପାଇଁକ୍ୱାର୍ଟର୍ସ ନିର୍ମାଣ କରାଯାଇଛି। ହେଲେ ଏହି ଡାକ୍ତରଖାନା ଉଦ୍‌ଘାଟିତ ହୋଇ ପାରୁ ନ ଥିବାରୁ ଆଜିଯାଏ ଲୋକଙ୍କ ସେବାରେ ଲାଗି ପାରୁନି । ସ୍ଥାନୀୟ ଅଞ୍ଚଳବାସୀ ଏ ନେଇ ଉଦ୍‌ବେଗ ପ୍ରକାଶ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

### କାରଖାନା ଭାଟିରେ ବିସ୍ଫୋରଣ, ୨ ଆହତ

ରାଇସୁଆଁ, ୮।୧୧ (ଡି.ଏନ.ଏ)- କେନ୍ଦୁଝର ସଦର ବ୍ଲକ ଅଧୀନରେ ଥିବା ଏକ କାରଖାନାର ଲୁହା ତରଳା ଭାଟିରେ ଭାଟିରେ ଶୁକ୍ରବାର ମଧାହ୍ନରେ ବିସ୍ଫୋରଣ ଘଟି ୨ଜଣ କ୍ରେନ ଅପରେଟର ଆହତ ହୋଇଥିବା କୁହାଯାଉଛି। ସେମାନଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ କର୍ମଚାରୀ ସୁରକ୍ଷିତ ଥିବା ଜଣାପଡିଛି। ଏ ସମ୍ପର୍କରେ ସଦର ଥାନା ଆଇଆଇସି ଜୟ ନାରାୟଣ ଖଣ୍ଡେଇଙ୍କୁ ପଚାରିବାରୁ ଦୁର୍ଘଟଣା ସମ୍ପର୍କରେ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି।

### ଡାକ୍ତର-ରୋଗୀଙ୍କ ମଧରେ ଦୂରତା କମାଅ

ଚମ୍ପୁଆ, ୮।୧୧(ଡି.ଏନ.ଏ.)- ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଷ୍ଟାଣ୍ଡିଂ କମିଟି ସଦସ୍ୟାସଦସ୍ୟ ଶୁକ୍ରବାର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସେମାନେ ରୋଗୀଙ୍କୁ ଭେଟି ଚିକିତ୍ସାସେବା ନେଇ ପଚାରି ବୁଝିଥିଲେ। ଏହି ଅବସରରେହସ୍‌ପିଟାଲ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଚମ୍ପୁଆ ବିକାଶ ପରିଷଦର ସଦସ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ରୋଗୀ ଓ ସମ୍ପର୍କୀୟଙ୍କ ସମସ୍ୟା ସମ୍ପର୍କରେ ଷ୍ଟାଣ୍ଡିଂ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ଭିତ୍ତିଭୂମି ବିକାଶ ସମେତ ରୋଗୀ କଲ୍ୟାଣ ସମିତିର ପୁର୍ନଗଠନ, ଅତ୍ୟାଧୁନିକ ଯନ୍ତ୍ରପାତି, ଶିଶୁ ବିଭାଗ, ପ୍ରସୂତି ବିଭାଗକୁ ଅଧିକ ଡାକ୍ତର ଯୋଗାଇବା ଏବଂ ନୂତନ ଭାବେ ନିର୍ମିତ ହେଉଥିବା କୋଠା କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ଏହି ବୈଠକରେ ଡାକ୍ତର ଓ ରୋଗୀଙ୍କ ମଧରେ ଥିବା ଦୂରତା ହ୍ରାସ କରିବାକୁ ଡାକ୍ତରମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ସିଡିଏମ୍‌ଓ ଅଶୋକ କୁମାର ଦାଶ, ଏସ୍‌ଡିଏମ୍‌ଓ କର୍ଣ୍ଣରାମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆସିଥିବା ଟିମ୍ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଆଶୁ ଚିକିତ୍ସା କେନ୍ଦ୍ର, ସଂକ୍ରମିତ ୱାର୍ଡ, ଅନ୍ତଃବିଭାଗ, ପୁରୁଷ ଶଲ୍ୟ ବିଭାଗ, ଭେଷଜ ୱାର୍ଡ, ମହିଳା ଶଲ୍ୟକକ୍ଷ, ପୁଷ୍ଟି ସାଧନ କେନ୍ଦ୍ର, ବ୍ଲଡ୍ ବ୍ୟାଙ୍କ, ଶିଶୁ ୱାର୍ଡ ପ୍ରମୁଖ ବୁଲି ଦେଖିଥିଲେ। ଏଥିପୂର୍ବରୁ ସେମାନେ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ର, ଚିମିଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚମ୍ପୁଆ ଉପଖଣ୍ଡ ହସ୍‌ପିଟାଲ ଏବଂ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

# ଟ୍ରାଫିକ୍ ଜାମ୍‌ରେ ଆମ୍ବୁଲାନ୍ସ ଫସିବା ଦେଖିଲେ

ଯୋଡ଼ା, ୮।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟାସଦସ୍ୟ ଶୁକ୍ରବାର ଯୋଡା ବ୍ଲକ ବାସୁଦେବପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ। ସେମାନେ କେନ୍ଦୁଝରରୁ ବାସୁଦେବପୁର ଆସିବା ବେଳେ ଟ୍ରାଫିକ ଜାମ୍ ଯୋଗୁ ରାସ୍ତାରେ ୩ଟି ଆମ୍ବୁଲାନ୍ସ ଫସିଥିବା ଦେଖିବାକୁ ପାଇଥିଲେ । ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସେମାନେ ଡାକ୍ତରଖାନାରେ ପହଞ୍ଚି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ସମେତ କମିଟି ସଦସ୍ୟା ବିଧାୟିକା ମୀନାକ୍ଷୀ ମହାନ୍ତ, କୁସୁମ ଟେଟେ, ବିଧାୟକ ସୁଧାଂଶୁ ଶେଖର ପରିଡା ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। ସ୍ୱାସ୍ଥ୍ୟ ସଚିବ ହରପ୍ରସାଦ ପଟ୍ଟନାୟକ, ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଦିଲୀପ ଷଡଙ୍ଗୀ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧିକାରୀ ସଂଗ୍ରାମ ସାମଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ଦାଶ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜଗଦୀଶ ପ୍ରସାଦ ସାହୁ , ଜିଲା ସହରୀ ଯୋଜନା ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

କମିଟି ସଦସ୍ୟାସଦସ୍ୟ କେନ୍ଦୁଝରରୁ ବାସୁଦେବପୁର ଆସିବା ବେଳେ ଟ୍ରାଫିକ ଜାମ୍ ଯୋଗୁ ରାସ୍ତାରେ ଆମ୍ବୁଲାନ୍ସ ଫସିଥିବା ଦେଖି ଉଦ୍‌ବେଗ ପ୍ରକାଶ କରିଥିବା ନେଇ କମିଟି ସଦସ୍ୟା ବିଧାୟିକା ଟେଟେ ଖବରଦାତାଙ୍କୁ ସୂଚନା ଦେଇଥିଲେ। ପରେ ଡାକ୍ତରଖାନାରେ ଜଣେ ପ୍ରସୂତିଙ୍କୁ ସ୍ୱାସ୍ଥ୍ୟସେବା ନେଇ ପଚାରିବାରୁ ସେ ୨୦୦ଟଙ୍କା ଦେଇ ଚିକିତ୍ସିତ ହେଉଥିବା ଅଭିଯୋଗ କରିବାରୁ ବିଧାୟିକା ଉଦ୍‌ବେଗ ପ୍ରକାଶ କରି ୫-ଟି କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠାଇଥିଲେ। ଅନ୍ୟ କେତେକ ରୋଗୀ ମଧ୍ୟ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳୁ ନ ଥିବା କହିଥିଲେ। ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ରାସ୍ତା ଅବସ୍ଥା ଓ ଟ୍ରାଫିକ ଜାମ୍‌ରେ ଆମ୍ବୁଲାନ୍ସ ଫସିବା ଘଟଣା ନେଇ ସେ ବିଧାନସଭାରେ ପ୍ରଶ୍ନ ଆଗତ କରିବେ ବୋଲି ଖବରଦାତାଙ୍କୁ ସୂଚନା ଦେଇଥିଲେ।

କମିଟିର ଅଧ୍ୟକ୍ଷ ବିଧାୟକ ପାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁମାନଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ । ଶିଶୁଙ୍କୁ ଦିଆଯାଉଥିବା ସେବା ଉପରେ ସେ ଅସନ୍ତୋଷ ପ୍ରକାଶ କରି ସରକାରଙ୍କ ରାଷ୍ଟ୍ରୀୟ ବାଲ୍ ସଂସ୍ଥାନ କାର୍ଯ୍ୟକ୍ରମ ଯୋଜନାର ସୁବିଧା ଏଠାରେ ଯୋଗାଇ ଦେବା ସକାଶେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସେ ଆଲୋଚନା କରିଥିଲେ। ଡିଏମଏଫ ଅର୍ଥରେ ଡାକ୍ତର ନିଯୁକ୍ତି ଦିଆଯାଉଥିବା ବେଳେ ପାରା ମେଡିକାଲ କର୍ମଚାରୀଙ୍କୁ କାହିଁକି ନିଯୁକ୍ତି ଦିଆଯାଉ ନାହିଁ। ଯୋଡା ପୌରପାଳିକା ସମେତ ଏହି ବ୍ଲକର ୧୯ପଞ୍ଚାୟତବାସୀ ଯୋଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ଏହାକୁ କାହିଁକି ସରକାରୀ ମାନ୍ୟତା ମିଳି ନାହିଁ ଓ ରୋଗୀଙ୍କୁ ସମସ୍ତ ସୁବିଧା ସୁଯୋଗ ମିଳୁନାହିଁ ଖବରଦାତାମାନେ ପ୍ରଶ୍ନ କରିବାରୁ ଅଧ୍ୟକ୍ଷ ଡିଏମଏଫ ଅର୍ଥରେ ପାରା ମେଡିକାଲ କର୍ମଚାରୀ ନିଯୁକ୍ତି ଦେବା ପ୍ରସଙ୍ଗ ନେଇ କେନ୍ଦୁଝର ଜିଲାପାଳଙ୍କ ସହିତ କମିଟି ପକ୍ଷରୁ ଆଲୋଚନା କରାଯିବ ବୋଲି କହିଥିଲେ। ଯୋଡା ଡାକ୍ତରଖାନା ସମସ୍ୟା ସମ୍ପର୍କରେ ବିଧାନସଭାରେ ପ୍ରସ୍ତାବ ଆଗତ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ଉଲ୍ଲେଖନୀୟ ଯେ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜମିଜମା ବିବାଦ ଲାଗି ରହିଛି। ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ପରିଦର୍ଶନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ଜମି ହରାଇଥିବା ଲୋକେ ବିବାଦର ତୁରନ୍ତ ସମାଧାନ ନ କଲେ ଆଗାମୀ ୧୫ ଦିନ ଭିତରେ ଡାକ୍ତରଖାନାରେ ତାଲା ପକାଇବେ ବୋଲି ଚେତାବନୀ ଦେଇଥିଲେ । ଡାକ୍ତରଖାନା ଦଖଲରେ ଥିବା ଜମି ସେମାନଙ୍କୁ ହସ୍ତାନ୍ତର କରାଯାଉ ବୋଲି କମିଟି ପାଖରେ ଜମିହରା କାଣ୍ଡେ ମୁଣ୍ଡା, ଦାଶରଥି ଡିଉ, ରମେଶ ଡିଉ ଓ ମନୋଜ ଡିଉ ପ୍ରମୁଖ ଦାବି କରିଥିଲେ। ବଡବିଲ ସିଭିଲ ସୋସାଇଟି ପକ୍ଷରୁ ବସନ୍ତ କୁମାର ମହାନ୍ତ ବଡବିଲ୍‌କୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ସାଙ୍ଗକୁ ବାଇପାସ ନିର୍ମାଣ ନିମନ୍ତେ ଏକ ଦାବିପତ୍ର ଷ୍ଟାଣ୍ଡିଂ କମିଟିକୁ ପ୍ରଦାନ କରିଥିଲେ । ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଶିଳ୍ପ ସଂସ୍ଥା ପକ୍ଷରୁ ବାସୁଦେବପୁରଠାରେ ନିର୍ମାଣ ହେଉଥିବା ଏକ ୨୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସ୍ଥାନ ବୁଲି ଦେଖିଥିଲେ ।

**ଷ୍ଟାଣ୍ଡିଂ କମିଟିର ଯୋଡ଼ା ଗସ୍ତ**



ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତ ଅବସରରେ ଷ୍ଟାଣ୍ଡିଂ କମିଟି ସଦସ୍ୟାସଦସ୍ୟ।

- ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ରୋଗୀଙ୍କୁ ଭେଟିଲେ
- ପଇସା ନେଇ ଚିକିତ୍ସା କରାଯାଇଥିବା ପ୍ରସୂତି ଅଭିଯୋଗ ଆଣିଲେ

## ଟ୍ରାକ୍ଟର ଜବତ ଘଟଣା ନେଇ ବିବାଦୀୟ ସ୍ଥିତି

ଆନନ୍ଦପୁର,୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ତହସିଲ ଅଧୀନରେ ଏକ ଟ୍ରାକ୍ଟର ଜବତ ଘଟଣାକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ରାଜସ୍ୱ ବିଭାଗର ୨ ଜଣ କର୍ମଚାରୀ ଟ୍ରାକ୍ଟରକୁ କାବୁ କରିବା ସହିତ ଚାଳକଙ୍କୁ ମାଡ ମାରିବାରୁ ତାଙ୍କ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଟ୍ରାକ୍ଟରରେ ପଥର ଚୋରା ଚାଲାଣ ଘଟଣା ନେଇ ଘସିପୁରା ପୋଲିସ ଏକ ମାମଲା (ନଂ. ୨୧୭/୧୯ ) ରୁଜୁ କରି ଟ୍ରାକ୍ଟର ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ ୨୦ ନଂ. ଜାତୀୟ ରାଜପଥର ଶୈଳଙ୍ଗ ଛକ ନିକଟରେ ଗତ ୩ ତାରିଖରେ ରାଜସ୍ୱ ବିଭାଗ ଦୁଇ କର୍ମଚାରୀ ଏହି ପଥର ବୋଝେଇ ଟ୍ରାକ୍ଟରକୁ ଅଟକାଇବେଳେ ଚାଳକ ଟ୍ରାକ୍ଟର ନେଇ ଘଟଣାସ୍ଥଳରୁ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲା। ଫଳରେ ଏହି କର୍ମଚାରୀ ଦ୍ୱୟ ଏହାକୁ ପିଛା କରିଥିଲେ। ଟ୍ରାକ୍ଟର ଚାଳକ ବୋଝେଇ ହୋଇଥିବା ପଥରକୁ ରାସ୍ତାରେ ଢାଳିଦେଇ ଫେରାର ହୋଇଯାଇଥିଲେ। ପରେ ରାଜସ୍ୱ ବିଭାଗର କର୍ମଚାରୀ ଟ୍ରାକ୍ଟର ଚାଳକଙ୍କୁ ଧରି ଏ ନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟ୍ରାକ୍ଟର ଚାଳକଙ୍କ ପାଲଟା ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି।

# ବିଧାୟକଙ୍କୁ ଭେଟି ଦାବି ଜଣାଇଲେ ବସ୍ତିବାସିନ୍ଦା

ଘସିପୁରା, ୮।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଘସିପୁରା ତହସିଲ ଅନ୍ତର୍ଗତ ଆନନ୍ଦପୁର ପୌରପରିଷଦ ୧୪ନଂ ୱାର୍ଡ଼ର ଖପରାଖାଇ ମୌଜାର ବସଷ୍ଟାଣ୍ଡ ନିକଟରେ ବସବାସ କରୁଥିବା ବସ୍ତି ବାସିନ୍ଦାଙ୍କୁ ଭୂମିହୀନ ଭାବେ ଚିହ୍ନଟ କରାଯିବାରେ ଅନିୟମିତତା କରାଯାଇଥିବା ନେଇ ସେମାନେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କୁ ଭେଟି ନ୍ୟାୟ ପ୍ରଦାନ ପାଇଁ ଦାବି ଜଣାଇଛନ୍ତି। ଆମ ସହର ଆମ ଉନ୍ନତି ଯୋଜନାରେ ସରକାର ପୌରାଞ୍ଚଳର ସାହିବସ୍ତିରେ ବସବାସ କରୁଥିବା ଭୂମିହୀନଙ୍କୁ ପଟ୍ଟା ଯୋଗାଇ ଦେବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ଆନନ୍ଦପୁର ପୌରାଞ୍ଚଳରେ ପୂର୍ବରୁ ସର୍ଭେ କରାଯାଇ ଭୂମିହୀନଙ୍କ ଚିହ୍ନଟକରି ତାଲିକା ପ୍ରକାଶ କରାଯାଇଛି। କିନ୍ତୁ ଖପରାଖାଇ ମୌଜାର କେତେକ ସ୍ଥାନରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବସବାସ କରୁଥିବା ବହୁ ବସ୍ତି ପରିବାରଙ୍କ ନାମ ଉକ୍ତ ତାଲିକାରେ ସ୍ଥାନ ପାଇନାହିଁ। ଏହାର ବିରୋଧରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ଏବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶତାଧିକ ଲୋକେ ଏନେଇ ପୌର କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏହି ଅଞ୍ଚଳରେ ବହୁ ମୂଲ୍ୟବାନ ଜମିକୁ ତହସିଲର କେତେକ ଅସାଧୁ କର୍ମଚାରୀଙ୍କୁ ହାତ କରି ଜିଲା ବାହାର ଲୋକେ ହାତେଇ ନେଉଥିବା ବେଳେ ବସ୍ତି ବାସିନ୍ଦାଙ୍କୁ ଉପେକ୍ଷା କରାଯିବା ନେଇ ରଙ୍କନାଥ ସାମଲ, ସୁଦର୍ଶନ ସାମଲ, ସୁକାନ୍ତି କୈବର୍ତ୍ତ, କେତକି ସାହୁ, ବାସନ୍ତି ନାଥ, ଅଶାନ୍ତି ପାତ୍ର, ସ୍ୱର୍ଣ୍ଣପ୍ରଭା ପାତ୍ର, ଗୁରୁବାରୀ ପାତ୍ର, ପୂଜା ବିନ୍ଧାଣୀ, ହେମଲତା ପାତ୍ର, ଅଖିଳ ସାହୁ, କୃଷ୍ଣଚନ୍ଦ୍ର ବାହାଦୁର, ତ୍ରିଲୋଚନ ସାହୁ, ସୁଜିତ ସାହୁ, ରଥିଆ ପାତ୍ର ପ୍ରମୁଖ ଆନନ୍ଦପୁର ବିଧାୟକଙ୍କୁ ଭେଟି ଦାବିପତ୍ର ଦେବା ବେଳେ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ବସ୍ତିବାସିନ୍ଦା।

## ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ

ରାଇସୁଆଁ, ୮।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନଠାରେ ରାଇସୁଆଁ ପ୍ରାଣୀ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ୨ଦିନିଆ ଗୋସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନରେ କେନ୍ଦୁଝର ଏମପି ଚନ୍ଦ୍ରାଣୀ ମୁର୍ମୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଜିଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚରଣ ମାଝି, ଡାକ୍ତର ରାମଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଜଳଧର ମଲ୍ଲିକ ସଭାପତିତ୍ୱ କରିଥିଲେ। ରାଇସୁଆଁ ପ୍ରାଣୀଚିକିତ୍ସକ ଡାକ୍ତର ଶକ୍ତି ପ୍ରସାଦ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ପାଟଣା ବ୍ଲକ ସମିତି ବୈଠକରେ ହଟ୍ଟଗୋଳ



ପାଟଣା ବ୍ଲକ ସମିତି ବୈଠକରେ ବିଧାୟକ ଜଗନ୍ନାଥ ନାଏକ ଓ ଏମପି ଚନ୍ଦ୍ରାଣୀ ମୁର୍ମୁ ।

ପାଟଣା, ୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ହଟଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ,ଶିକ୍ଷା, ବିଦ୍ୟୁତ୍, କୃଷି ,ଜଳସମ୍ପଦ, ପୂର୍ତ୍ତ ବିଭାଗ ଓ ମତ୍ସ୍ୟ ଚାଷ ଉପରେ ବୈଠକରେ ସରଗରମ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରସଙ୍ଗରେ ପଞ୍ଚାୟତ ପ୍ରତିନିଧିମାନେ ଅଧିକାରୀମାନଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରସଙ୍ଗରେ କେନ୍ଦେଇପଶି ସମିତି ସଭ୍ୟ ମିତ୍ରଭାନୁ ମହାନ୍ତ, ଯମୁନା ପଶି, ସମିତି ସଭ୍ୟ ଗୋକୁଳ ନାଏକ, ସରପଞ୍ଚ ଭାମାମଣି ଦାସ ଓ କନକଲତା ନାଏକ ପ୍ରମୁଖ ଅଧିକାରୀଙ୍କୁ ନାନା ପ୍ରଶ୍ନ ପଚାରିଥିଲେ। ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ପୌରୋହିତ୍ୟ କରିଥିଲେ। ପାଟଣା ବିଧାୟକ ଜଗନ୍ନାଥ ନାଏକ,ଏମପି ଚନ୍ଦ୍ରାଣୀ ମୁର୍ମୁ, ଜିଲାପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ, ସୁରୁମାଲ ବେହେରା ,ଡଲି ପାତ୍ର, ବିଡିଓ ଈଶ୍ୱର ଚନ୍ଦ୍ର ନାଏକ, ଏବିଡିଓ ପ୍ରଫୁଲ ନାଏକ,ରେଞ୍ଜର ପବିତ୍ର ମୋହନ ନାଏକ ଓ ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୨୦ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ବ୍ଲକସ୍ତରୀୟ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ମହିଳା ଶିଶୁ ବିକାଶ ଅଧିକାରୀ ଓ ଶିଳ୍ପ ଅଧିକାରୀ ବୈଠକକୁ ଆସି ନ ଥିବାରୁ ସଭ୍ୟମାନେ ଉଦ୍‌ବେଗ କରିଥିଲେ।

### ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ଦୁରବସ୍ଥା

## ମରାମତି ଲାଗି ଚିଠି ଲେଖିଲେ ସରପଞ୍ଚ

ଆନନ୍ଦପୁର, ୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ତରତରା ପଞ୍ଚାୟତରେ ଦୀର୍ଘ ୬ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟରେ ନିର୍ମିତ ହୋଇଥିବା ଏହି କେନ୍ଦ୍ର ବ୍ୟବହାର ଅନୁପଯୋଗୀ ହୋଇପଡିଥିବାରୁ ତୁରନ୍ତ ଏହାର ମରାମତି କରିବା ଲାଗି ସରପଞ୍ଚ ଜିତେନ୍ଦ୍ର ସାମଲ ଆନନ୍ଦପୁର ବିଡିଓଙ୍କୁ ଚିଠି ଲେଖି ଜଣାଇଛନ୍ତି। ଉଲ୍ଲେଖନୀୟ ଯେ, ଏହି ସେବାକେନ୍ଦ୍ର ନିର୍ମାଣ ସରିବା ପରେ ଦୀର୍ଘ ୬ ବର୍ଷ ଧରି ତାଲା ପଡ଼ିରହିଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ତଦନୁଯାୟୀ ଗତ ୬ ତାରିଖରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ଆନନ୍ଦପୁର ବ୍ଲକ ଜିପିଓ ମାୟାଧର ନାୟକ, ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ, ଯନ୍ତ୍ରୀ ଉତ୍କଳେଶ୍ୱରୀ ବେହେରା ଉପସ୍ଥିତ ରହି ସରପଞ୍ଚ ସାମଲଙ୍କୁ ଏହି କେନ୍ଦ୍ର ହସ୍ତାନ୍ତର କରିଥିଲେ।

# ଜିଲା ଇପିଏଫ୍ ପେନସନର୍ସ କମିଟି ଗଠିତ

କେନ୍ଦୁଝର, ୮।୧୧(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଇପିଏଫ୍ ପେନସନ ଭୋଗୀମାନଙ୍କର ଏକ ବୈଠକ ନଗର ଭବନଠାରେ ଶୁକ୍ରବାର ମକରଧ୍ୱଜ ନାୟକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରମେଶ ଚନ୍ଦ୍ର ଘଡେଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଅଲ୍ ଓଡିଶା ଇପିଏଫ୍ ଆସୋସିଏଶନ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଯୋଗଦେଇ ଓଡିଶାର ୧ଲକ୍ଷ ୬୨ହଜାର ପେନସନ ଭୋଗୀଙ୍କ ସମସ୍ୟା ପ୍ରତି କେନ୍ଦ୍ର ସରକାର ତଥା କର୍ତ୍ତୃପକ୍ଷ ଉଦାସୀନ ରହୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଆସନ୍ତା ଡିସେମ୍ବର ୧ ତାରିଖରେ ଦିଲ୍ଲୀର ଜନ୍ତରମନ୍ତରଠାରେ ସର୍ବଭାରତୀୟସ୍ତରରେ ଆୟୋଜିତ ହେଥବବା ପେନସନଧାରୀଙ୍କ ଆନ୍ଦୋଳନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଓଡିଶାର ବିଭିନ୍ନ ଜିଲାରୁ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଯୋଗ ଦେବେ ବୋଲି ସ୍ଥିର ହୋଇଥିଲା। ଏହି ଅବସରରେ ଏହି ଅବସରରେ ସର୍ବସମ୍ମତିକ୍ରମେ କେନ୍ଦୁଝର ଜିଲା ଇପିଏଫ୍ ପେନସନରର୍ସ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ମକରଧ୍ୱଜ ନାୟକ, ଉପସଭାପତି ଭାବେ ଶ୍ୟାମସୁନ୍ଦର ନାୟକ ଓ ମହମ୍ମଦ ଅଜହର ଆନସାରୀ, ସାଧାରଣ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ଘଡେଇ, ଯୁଗ୍ମ ସମ୍ପାଦକ ଭାବେ ଭାବଗ୍ରାହୀ ରାଉତ, ବିଧୂଭୂଷଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ମାନଗୋବିନ୍ଦ ମଲ୍ଲିକଙ୍କ ସମେତ ପ୍ରତ୍ୟେକ ଅନୁଷ୍ଠାନରୁ ୧୭ଜଣ କର୍ମକର୍ତ୍ତା କମିଟିକୁ ନିର୍ବାଚିତ ହୋଇଥିଲେ।

ପେନସନ ଭୋଗୀଙ୍କ ସମସ୍ୟା ନେଇ ଆହୂତ ଏହି ବୈଠକରେ ଉଠାଜଳସେଚନ ବିଭାଗ, କୋ ଅପରେଟିଭ୍ ବ୍ୟାଙ୍କ, କ୍ଷୁଦ୍ର ଶିଳ୍ପ ନିଗମ, ଓଡିଶା ଖଣି ନିଗମ, ଓଡିଶା ଜଙ୍ଗଲ ଉନ୍ନୟନ ନିଗମ, ଆଗ୍ରୋ ଇଣ୍ଡଷ୍ଟ୍ରିଜ, ବଲାଣି ଓର୍ ମାଇନ୍ସ, କଳିଙ୍ଗ ଆଇରନ ୱାର୍କସ, ଓଏସ୍ଆର୍‌ଟିସି, ଓମ୍‌ଫେଡ,ଜଳସେଚନ ବିଭାଗର ବହୁ କର୍ମକର୍ତ୍ତା ଓ ସଦସ୍ୟା,ସଦସ୍ୟ ଯୋଗ ଦେଇଥିଲେ। ଆସୋସିଏଶନ୍‌ର ବରିଷ୍ଠ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ମହାନ୍ତି, ମାନଗୋବିନ୍ଦ ମହାନ୍ତି ଓ ସଚ୍ଚିଦାନନ୍ଦ ସାମନ୍ତରାୟଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀଙ୍କ ମଧ୍ୟରୁ ପ୍ରମୋଦ କୁମାର ସ୍ୱାଇଁ, ମହମ୍ମଦ ଆଝହର ଆନସାରୀ, ବିଭୂତି ଭୂଷଣ ପଟ୍ଟନାୟକ, ଶ୍ୟାମସୁନ୍ଦର ନାୟକ,ଅଳକା ବାରିକ, ସମୀର ସିଂହ, ଭାବଗ୍ରାହୀ ରାଉତ, ବ୍ରହ୍ମାନନ୍ଦ ରାଉତ, କୈଳାସ ଚନ୍ଦ୍ର ରାଉତ,କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଓଡିଶାରେ ପେନସନଭୋଗୀଙ୍କ ଦାବି ପ୍ରତି ସରକାର ଅବହେଳା ଜାରି ରଖିଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ଅବସରରେ ପେନସନଧାରୀମାନେ ଏକ ବିରାଟ ପଟୁଆରରେ ଯାଇ ସ୍ଥାନୀୟ ରିଜିଓନାଲ ପ୍ରୋଭିଡେଣ୍ଟ ଫଣ୍ଡ କମିଶନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆସୋସିଏଶନ୍‌ର ଦାବି ମଧ୍ୟରେ ସର୍ବନିମ୍ନ ମାସିକ ପେନସନ୍ ୯ହଜାର ଟଙ୍କା ସହ ମହଙ୍ଗାଭତ୍ତା ପ୍ରଦାନ, ସୁପ୍ରିମକୋର୍ଟ ଏବଂ କେରଳ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ ଏବଂ ସମସ୍ତ ଇପିଏଫ୍ ପେନସନଭୋଗୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସା ସୁବିଧା ଦେବା ଆଦି ଦାବି ରହିଛି।

# ବାଲିଘାଟ ରାସ୍ତାକୁ ବାଡ଼ ବୁଜି ଅବରୋଧ, ଉତ୍ତେଜନା

ହାଟଡିହୀ, ୮।୧୧ (ଡ଼ି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ତହସିଲ ତରଫରୁ ଲିଜ୍ ସୂତ୍ରରେ ଦିଆଯାଇଥିବା ଆମ୍ବ -କରଗୋଳା ବୈତରଣୀ ନଦୀ ବାଲିଘାଟ ରାସ୍ତାକୁ କେତେକ ଲୋକ ବାଡ ବୁଜି ଅବରୋଧ କରିବା ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଆମ୍ବୋ ଓ କରଗୋଳା ଗ୍ରାମ ମଧ୍ୟରେ ଛକାପଞ୍ଝା ପରିସ୍ଥିତି ଯୋଗୁ ଉତ୍ତେଜନା ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆରଆଇ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ପ୍ରଶାସନ ପକ୍ଷରୁ ବିବାଦର ସମାଧାନ ଲାଗି ଉଚିତ ପଦକ୍ଷେପ ଏ ଯାଏ ନିଆଯାଇ ନ ଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଉଲ୍ଲେଖନୀୟ ଯେ, ଏହି ରାସ୍ତାକୁ ବାଡ ବୁଜି ଅବରୋଧ କରାଯିବା ପରଠାରୁ ବାଲିଘାଟକୁ ଯିବା ରାସ୍ତା ବନ୍ଦ ହୋଇଯାଇଛି। ଫଳରେ ବାଲିଘାଟ ଲିଜ୍‌ଧାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କରଗୋଳାର କେତେକ ଲୋକ ବାଡବୁଜି ରାସ୍ତା ଅବରୋଧ କରିବା ପରେ ସୁରକ୍ଷା ଦୃଷ୍ଟିକୋଣରୁ ସେହି ଗ୍ରାମର କେତେକ ମହିଳା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ ବାଲିଘାଟକୁ ନେଇ କରଗୋଳାର କେତେକ ମହିଳା ଆନନ୍ଦପୁର ଉପଜିଲାପାଳଙ୍କ ନିକଟରେ ମଧ୍ୟ ଏ ନେଇ ଅଭିଯୋଗ ଆଣିଛନ୍ତି। ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ସମସ୍ତ ଘଟଣା ଅନୁଧ୍ୟାନ କରିବେ ବୋଲି କହିଛନ୍ତି।



ରାସ୍ତାରେ ବୁଜାଯାଇଛି ବାଡ଼।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କେନ୍ଦୁଝର, ୮।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୧୯ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭକ୍ତଚରଣ ପ୍ରଧାନ,ସମ୍ମାନନୀୟ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତୃପ୍ତିମୟୀ ପାତ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଲେଖ ଚରଣ ନାଏକ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଜିଲାର ସମସ୍ତ ବ୍ଲକରେ ହୋଇଥିବା ପ୍ରବନ୍ଧ, ବକ୍ତୃତା, ତର୍କ, ରଚନା, ସୃଜନାତ୍ମକ ଲିଖନ, ହସ୍ତାକ୍ଷର, କୁଇଜ୍, ସାଧାରଣଜ୍ଞାନ, ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଭାଗ ନେଇଥିଲେ। ୧୩ ବ୍ଲକରୁ ଆସିଥିବା ଚତୁର୍ଥରୁ ଦଶମ ଶ୍ରେଣୀର ପ୍ରାୟ ୬ଶହ ଛାତ୍ରୀଛାତ୍ର ଏଥିରେ ସମାଲ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଡିଏନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ନଭେମ୍ବର ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବେ ।



ଶିଶୁ ମହୋତ୍ସବରେ ଉପସ୍ଥିତ ଅତିଥି।